ଧରିତ୍ରୀ 52 Years
ପୃଷ୍ଠା–୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ (୧୨+୮=୨୦ ପୃଷ୍ଠା) | Bhubaneswar, Friday, March 6/2026 | Page 20 | ₹ 7.00
୫୨ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 100 | ମୂଲ୍ୟ₹୭/-

DADLS-85





## କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ୍‌ଙ୍କ କରକମଳରେ

# ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦ୍‌ଘାଟନ ତଥା ୩,୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

## ପ୍ରକଳ୍ପ ଲୋକାର୍ପଣ

- ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି - ୨୦୨୬ କାର୍ଯ୍ୟକାରୀ
- ୧,୫୬୭ ଟି PACS ପରିଚାଳିତ ଜନ ସେବା କେନ୍ଦ୍ର (CSC)ର ଲୋକାର୍ପଣ
- ସମବାୟ ନିବନ୍ଧକ (RCS) କାର୍ଯ୍ୟାଳୟ କମ୍ପ୍ୟୁଟରୀକରଣ ପୋର୍ଟାଲ୍‌ର ଶୁଭାରମ୍ଭ
- ୧୪୧ PACS ପରିଚାଳିତ ଧାନମଣ୍ଡିର ଭିତ୍ତିଭୂମି ବିକାଶ
- ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀଠାରେ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟ
- ୨୦ଟି ସାଇବର ଥାନା (CC & EO) ଏବଂ ୨୪ଟି ପୁଲିସ ଷ୍ଟେସନ
- ୧୯ଟି ଅଟଳ ବସଷ୍ଟାଣ୍ଡ
- ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ବିବିଧ ପ୍ରକଳ୍ପ
- NFSU ଟ୍ରାଞ୍ଜିଟ୍ କ୍ୟାମ୍ପସ
- IFFCO, ପାରାଦୀପଠାରେ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟ

## ଶିଳାନ୍ୟାସ ଓ ଶୁଭାରମ୍ଭ

- ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର (CFSL)
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ଗୋ-ସମ୍ପଦ ସବସିଡି ପ୍ରଦାନ
- ନ୍ୟାସନାଲ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍(NCOL)ର ନୂତନ ୱେବସାଇଟ୍
- ନ୍ୟାସନାଲ କୋଅପରେଟିଭ୍ ଏକ୍ସପୋର୍ଟ ଲିମିଟେଡ(NCEL)ର "COOP MARQUE" ବ୍ରାଣ୍ଡ ଏବଂ ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ

## ବୁଝାମଣାପତ୍ର ସ୍ୱାକ୍ଷର

- ବଡ଼ମ୍ବା ସମବାୟ ଚିନି କଳର ପୁନରୁଦ୍ଧାର
- OUAT କ୍ୟାମ୍ପସରେ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ (TSU)ର ସ୍କୁଲ୍ ପ୍ରତିଷ୍ଠା
- ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସ୍ଥାପନ
- କଟକର କେନ୍ଦୁପାଟଣାଠାରେ ଆଇସ୍‌କ୍ରିମ ପ୍ଲାଣ୍ଟ
- ଗୃହ ବିଭାଗରେ ପ୍ରଯୁକ୍ତିବିଦ୍ୟାର ସଫଳ ଉପଯୋଗ ପାଇଁ IIT ଭୁବନେଶ୍ୱର ସହ MoU
- ପ୍ରଶିକ୍ଷଣ ଓ ପ୍ରଦର୍ଶନ କେନ୍ଦ୍ରର ଉନ୍ନତିକରଣ ପାଇଁ OMFED ଓ NDDB ମଧ୍ୟରେ MoU

## ଗରିମାମୟ ଉପସ୍ଥିତି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା ମନ୍ତ୍ରୀ, ଭାରତ ସରକାର

**ଶ୍ରୀ ଜୁଏଲ ଓରାମ**
ଆଦିବାସୀ ବ୍ୟାପାର ମନ୍ତ୍ରୀ, ଭାରତ ସରକାର

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ, ଓଡ଼ିଶା

**ଶ୍ରୀ ପ୍ରଦିପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା

୬ ମାର୍ଚ୍ଚ ୨୦୨୬ | ଅପରାହ୍ନ ୪.୩୦ | IDCO ପ୍ରଦର୍ଶନୀ ପଡିଆ, ୟୁନିଟ-୩, ଭୁବନେଶ୍ୱର

OIPR-

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର



ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହେବା ପରେ ଇଟାଲୀର ରୋମ୍‌ସ୍ଥିତ ଆମେରିକୀୟ ଦୂତାବାସ ନିକଟରେ ପୂର୍ବତନ ଶାସକଙ୍କ ପୁଅ ରେଜା ପହଲଭିଙ୍କ ସମର୍ଥକମାନେ ଶୋଭାଯାତ୍ରା କରି ଉତ୍ସବ ପାଳୁଛନ୍ତି। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ଟ୍ରମ୍ପ୍ ପ୍ରଶାସନ ଫେରାଇବ ୧୩୦ ବିଲିୟନ ଡଲାର

**ୱାଶିଂଟନ୍,୫।୩**

### ବେଆଇନ୍ ଟାରିଫ ଫେରସ୍ତ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍ ବେଆଇନ ବୋଲି ଗତ ମାସରେ ସେଠାର ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଉକ୍ତ ଟାରିଫ୍‌ରୁ ସରକାର ସଂଗ୍ରହ କରିଥିବା ୧୩୦ ବିଲିୟନ ଡଲାର ଏବେ ଆମଦାନିକାରୀମାନଙ୍କୁ ଫେରାଇବା ଆରମ୍ଭ କରନ୍ତୁ ବୋଲି ଆମେରିକା ଟ୍ରେଡ୍ କୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ବିନା ଶୁଳ୍କରେ ଅନେକ ଲକ୍ଷ୍ୟ ଶିପ୍‌ମେଣ୍ଟକୁ ଆମେରିକା ଆଣିବାରେ ହୋଇଥିବା ଖର୍ଚ୍ଚ ଚୂଡ଼ାନ୍ତ କରିବା ପାଇଁ ମାନ୍‌ହାଟନସ୍ଥିତ ଆମେରିକା କୋର୍ଟ ଅଫ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍‌ର ବିଚାରପତି ରିଚାର୍ଡ ଏଟନ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା କୋର୍ଟ ଫାଇଲିଂରୁ ଜଣାପଡ଼ିଛି। ଟାରିଫ୍ ଅର୍ଥ ସୁଧ ସହ ଫେରାଇବାକୁ ବିଚାରପତି କହିଛନ୍ତି।

ଆମେରିକାକୁ ଯେତେବେଳେ ପଣ୍ୟ ଅଣାଯାଏ, ପ୍ରବେଶ ସମୟରେ ଆମଦାନିକାରୀ ପୈଠ କରୁଥିବା ଦେୟ ୩୧୪ ଦିନ ପରେ ଚୂଡ଼ାନ୍ତ ହୋଇଥାଏ, ଯେଉଁ ପ୍ରକ୍ରିୟା ନଗଦୀକରଣ ଭାବେ ଜଣାଶୁଣା। ଶୁଳ୍କ ନିର୍ଦ୍ଧାରଣ ନ କରି ପଠାଯାଇଥିବା ସାମଗ୍ରୀର ପ୍ରବେଶ ମୂଲ୍ୟ ଚୂଡ଼ାନ୍ତ କରିବା ପାଇଁ ବିଚାରପତି ସୀମା ଶୁଳ୍କ ଓ ସୀମା ସୁରକ୍ଷା ବିଭାଗ (ସିବିପି)କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଫଳରେ ତାହା ଫେରସ୍ତ ମିଳିବ। ବିଚାରପତି ମାମଲାର ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରିଥିବାବେଳେ ସିବିପିକୁ ଫେରସ୍ତ ଯୋଜନା ସମ୍ପର୍କରେ ଜଣାଇବା ପାଇଁ କହିଛନ୍ତି। ଅନ୍ୟପକ୍ଷରେ ସିବିପି କହିଛି, ଟାରିଫ୍ ଆକଳନ ନ କରି ପ୍ରବେଶ ମୂଲ୍ୟ ଚୂଡ଼ାନ୍ତ କରିବା କାର୍ଯ୍ୟ ଅଭୂତପୂର୍ବ। ଏଥିପାଇଁ ୭୦ ନିୟୁତରୁ ଊର୍ଦ୍ଧ୍ୱ ଏଣ୍ଟ୍ରିଗୁଡ଼ିକର ମାନୁଆଲ ରିଭ୍ୟୁ (ବିନା ଡିଜିଟାଲରେ ସମୀକ୍ଷା) କରିବାକୁ ପଡ଼ିପାରେ। ଏଥିପାଇଁ ୪ ମାସ ସମୟ ଲାଗିବ ବୋଲି ଏଜେନ୍ସି ଅନ୍ୟ ଏକ କୋର୍ଟ ଫାଇଲିଂରେ ଜଣାଇଛି।

## ୧୬ ଲକ୍ଷର ଇରାନୀୟ ଡ୍ରୋନ୍ ବନାମ ୩୬ କୋଟିର ଆମେରିକୀୟ କ୍ଷେପଣାସ୍ତ୍ର

**ୱାଶିଂଟନ୍,୫।୩**

ନିମ୍ନ ପ୍ରଯୁକ୍ତିରେ ପ୍ରସ୍ତୁତ ଇରାନର ଅପେକ୍ଷାକୃତ ଶସ୍ତା ଡ୍ରୋନ୍ ଓ କ୍ଷେପଣାସ୍ତ୍ର ପାଇଁ ଆମେରିକାର ଅତ୍ୟାଧୁନିକ ଏବଂ ଉଚ୍ଚ ପ୍ରଯୁକ୍ତି ଯୁକ୍ତ କ୍ଷେପଣାସ୍ତ୍ର ମହଙ୍ଗା ପଡ଼ିଛି। ଇରାନ ବର୍ତ୍ତମାନ ସୁଦ୍ଧା ଆମେରିକାର ଯେଉଁସବୁ ଠିକଣାରେ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ମାଡ଼ କରିଛି ସେହି ଗୋଟିଏ ଡ୍ରୋନ୍‌ର ମୂଲ୍ୟ ୧୬ ରୁ ୩୦ ଲକ୍ଷ ଟଙ୍କା ହେବ। କିନ୍ତୁ ଇରାନର ଏହି ଡ୍ରୋନ୍ ଓ କ୍ଷେପଣାସ୍ତ୍ରକୁ ଉଡ଼ାଇବାକୁ ଆମେରିକା ଯେଉଁ କ୍ଷେପଣାସ୍ତ୍ର ପ୍ରୟୋଗ କରୁଛି ତାହାର ଗୋଟିକର ମୂଲ୍ୟ ୩୬ରୁ ୪୦କୋଟି ଟଙ୍କା। ବର୍ତ୍ତମାନ ସୁଦ୍ଧା ଇରାନ ୨୫୦ରୁ ଅଧିକ ଡ୍ରୋନ୍ ପ୍ରୟୋଗ କରିସାରିଥିଲାବେଳେ ଏହାକୁ ପ୍ରତିହତ କରିବାକୁ ଆମେରିକା ୨ରୁ ୨.୫ ବିଲିୟନ ଡଲାରର କ୍ଷେପଣାସ୍ତ୍ର ଉପଯୋଗ କରିସାରିଛି। ଏଭଳି ସ୍ଥିତିରେ ଆମେରିକାର ଯୁଦ୍ଧ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଏବେ ଆମେରିକାର ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

# ବଢ଼ୁଛି ଯୁଦ୍ଧ ପରିସୀମା, ପ୍ରଭାବ

**ୱାଶିଂଟନ୍,୫।୩**

### ଆଣବିକ କ୍ଷେପଣାସ୍ତ୍ର 'ମିନିଟ୍‌ମ୍ୟାନ୍ ୩' ପରୀକ୍ଷା କଲା ଆମେରିକା




ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ଅଚାନକ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ମିନିଟ୍‌ମ୍ୟାନ୍ ୩(ଡୁମସ୍ ଡେ) ପରୀକ୍ଷଣ କରିବା ଘଟଣା ସାରା ବିଶ୍ୱକୁ ଚିନ୍ତିତ କରିଛି। ଇରାନ ବିରୋଧରେ ଆମେରିକା ଏହି ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ପ୍ରୟୋଗ କରିବାର ଆଶଙ୍କାକୁ ନେଇ ଏବେ ସାମରିକ ବିଶେଷଜ୍ଞମାନେ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ଆମେରିକାର ମିନିଟ୍‌ମ୍ୟାନ୍ ୩ କ୍ଷେପଣାସ୍ତ୍ର ଏକ ଆନ୍ତଃ ମହାଦେଶୀୟ ଆଣବିକ ଅସ୍ତ୍ର ସଂଯୁକ୍ତ ବାଲିଷ୍ଟିକ୍(ଆଇସିବିଏମ୍) କ୍ଷେପଣାସ୍ତ୍ର। ଏହା ୧୩,୦୦୦ କି.ମି. ଦୂରରେ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଥିଲାବେଳେ ବିଶ୍ୱର ଯେକୌଣସି ଭାଗରେ ଲକ୍ଷ୍ୟସାଧନ କରିପାରିବ। କିନ୍ତୁ ଏହା ଆଣବିକ ଶକ୍ତି ସମ୍ପନ୍ନ ହୋଇଥିବାରୁ ଏହାପ୍ରଭାବରେ ପୃଥିବୀ ବିଧ୍ୱଂସ ଆଡକୁ ଠେଲି ହୋଇଯିବ। କାରଣ ଏହି କ୍ଷେପଣାସ୍ତ୍ର ଯେଉଁଠି ମାଡ଼ ହେବ ସେଠାରେ ଏତେ ପରିମାଣରେ ଘାତକ ରଶ୍ମି ବିକିରଣ ହେବ ଯେ, ତାହା ମାନବସମାଜର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ। ଏପରିକି ଏହି କ୍ଷେପଣାସ୍ତ୍ର ଗୋଟିଏ ସ୍ଥାନରେ ମାଡ଼ ହେବା ପରେ ଏଥିରୁ ଅନ୍ୟ ୩ଟି କ୍ଷେପଣାସ୍ତ୍ର ବାହାରି ୩ ଦିଗରେ ଗତି କରି ରଶ୍ମି ବିକିରଣ କରିବା କ୍ଷମତା ମଧ୍ୟ ରହିଛି। ଏଥିପାଇଁ ଏହି ମାରାତ୍ମକ କ୍ଷେପଣାସ୍ତ୍ର ନାମ 'ଡୁମସ୍ ଡେ' ଅର୍ଥାତ୍ ପ୍ରଳୟର ଦିନ ବୋଲି ରଖାଯାଇଛି। ଆମେରିକା ଏହି ଅସ୍ତ୍ର ଇରାନ ବିପକ୍ଷରେ ପ୍ରୟୋଗ କରିବ କି ନାହିଁ ତାହା ତ' ଭିନ୍ନ କଥା, କିନ୍ତୁ ସାମ୍ପ୍ରତିକ ସମୟରେ ଏହାର ପରୀକ୍ଷଣ ସାମରିକ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଛି। ଗୋଟିଏ ପଟେ ଇରାନ-ଆମେରିକା ଯୁଦ୍ଧ କାୟା ବେଳକୁ ବେଳ ବଢ଼ିବା ସହିତ ସାରା ବିଶ୍ୱ ପାଇଁ ଭୟାବହତା ମଧ୍ୟ ବଢ଼ିବାରେ ଲାଗିଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କୁ ହଟାଇ ସେଠାରେ ନୂଆ ସରକାର ଗଠନ କରିବା ସହ ଇରାନର ଆଣବିକ ଓ କ୍ଷେପଣାସ୍ତ୍ର ଭିତ୍ତିଭୂମିକୁ ନଷ୍ଟ କରିବା ଲକ୍ଷ୍ୟରେ ଆମେରିକା ଯୁଦ୍ଧ ଆରମ୍ଭ କରିଥିଲା। ଆମେରିକା ସହ ଇସ୍ରାଏଲ ସାମିଲ ହୋଇ ଇରାନ ବିପକ୍ଷରେ ଆକ୍ରମଣ ଆରମ୍ଭ କରିଥିଲେ। ଅତିବେଶିରେ ସପ୍ତାହକ ମଧ୍ୟରେ ଯୁଦ୍ଧ ଶେଷକରି ଆମେରିକା ନିଜ ଲକ୍ଷ୍ୟସାଧନ କରିବ ବୋଲି ଚିନ୍ତା କରିନେଇଥିଲା। କିନ୍ତୁ ଇରାନର ଜବାବ ଏବେ ଆମେରିକାକୁ ଚିନ୍ତାରେ ପକାଇଛି। ଇରାନ ଇସ୍ରାଏଲ ସମେତ ଉପସାଗରୀୟ ଅଞ୍ଚଳର ୮ରୁ ଅଧିକ ଇସ୍‌ଲାମିକ୍ ରାଷ୍ଟ୍ରରେ ରହିଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ ଜାରି ରଖିଛି। ଏହାଛଡ଼ା ସାଇପ୍ରସ୍, ବ୍ରିଟେନ୍ ଏବଂ ଫ୍ରାନ୍ସସ୍ଥିତ ଆମେରିକୀୟ ଘାଟି ଉପରେ ମଧ୍ୟ ଆକ୍ରମଣ କରିଛି। ଏହି କ୍ରମରେ ସାଉଦି ଆରବ,ୟୁଏଇ, କାତାର,ବାହାରିନ୍, ଓମାନ, କୁଏତ୍ ଆଦି ରାଷ୍ଟ୍ର ଉପରେ ଇରାନର ଆକ୍ରମଣ ମଧ୍ୟପ୍ରାଚ୍ୟରେ ଗମ୍ଭୀର ସ୍ଥିତି ସୃଷ୍ଟି କରିଥିଲାବେଳେ ତୈଳ ଯୋଗାଣ ସମସ୍ୟାକୁ ନେଇ ମଧ୍ୟ ବୈଶ୍ୱିକ ଅର୍ଥନୈତିକ ସ୍ଥିତି ଚିନ୍ତାର କାରଣ ହୋଇପଡ଼ିଛି। ସବୁଠାରୁ ବଡ଼ କଥା ହେଲା ଇରାନର ଡ୍ରୋନ୍ ଏବଂ ଅପେକ୍ଷାକୃତ ଶସ୍ତା କ୍ଷେପଣାସ୍ତ୍ର ଲଗାତର ଭାବେ ଆମେରିକା ଆକ୍ରମଣକୁ ପ୍ରତିହତ କରିଚାଲିଥିଲାବେଳେ ଆମେରିକା ଏବେ ଚିନ୍ତାରେ ପଡ଼ିଛି।

## ଚାଇନା ପ୍ରତିରକ୍ଷା ବଜେଟ ୭% ବଢ଼ିଲା

**ବେଜିଂ,୫।୩**

ଚାଇନା ଏହାର ପ୍ରତିରକ୍ଷା ବଜେଟକୁ ୧.୯୧ ଟ୍ରିଲିୟନ ୟୁଆନ୍ (୨୭୭ ବିଲିୟନ ଡଲାର)କୁ ବୃଦ୍ଧି କରିଛି, ଯାହାକି ପୂର୍ବବର୍ଷ ତୁଳନାରେ ୭ ପ୍ରତିଶତ ଅଧିକ। ଆମେରିକା ସେନା ସମକକ୍ଷ ହେବା ପାଇଁ ଚାଇନା ଏହାର ସଶସ୍ତ୍ର ବଳର ଦ୍ରୁତ ଆଧୁନିକୀକରଣ ଲାଗି ଉଦ୍ୟମ ଚଳାଇଥିବାବେଳେ ପ୍ରତିରକ୍ଷା ବଜେଟ ବୃଦ୍ଧି ତାହାର ଏକ ଅଂଶବିଶେଷ। ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ଅଧିବେଶନ ଆରମ୍ଭରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ବାର୍ଷିକ ବଜେଟ ଉପସ୍ଥାପନ କରିଛନ୍ତି। ୨୦୨୬ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା ବଜେଟ ପ୍ରାୟ ୧.୯୧ ଟ୍ରିଲିୟନ ୟୁଆନ୍ ରଖାଯାଇଥିବା ସରକାରୀ ଗଣମାଧ୍ୟମ ଚାଇନା ଡେଲି ରିପୋର୍ଟ କହିଛି।୨୦୧୬ରୁ କ୍ରମାଗତ ୧୧ ବର୍ଷ ହେଲା ପ୍ରତିରକ୍ଷା ବ୍ୟୟ ଏକଅଙ୍କ ବିଶିଷ୍ଟ ହାରରେ ବୃଦ୍ଧି କରାଯାଉଥିବାବେଳେ ୨୦୨୬ ଆର୍ଥିକ ବର୍ଷର ପ୍ରତିରକ୍ଷା ବଜେଟ ୨୦୨୧ ବର୍ଷଠାରୁ ଏପର୍ଯ୍ୟନ୍ତ ସବୁଠୁ କମ୍ ହେବାକୁ ଯାଉଛି। ୨୦୨୬ରେ ଆମେରିକା ପ୍ରତିରକ୍ଷା ବଜେଟ ୧ ଟ୍ରିଲିୟନ ଡଲାରକୁ ବୃଦ୍ଧି କରାଯାଇଛି। ଏହା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଚାଇନା ପ୍ରତିରକ୍ଷା ବଜେଟ, ଯାହା ଭାରତ ଓ ଅନ୍ୟ ପଡୋଶୀ ଦେଶକୁ ଆର୍ଥିକ ଚ୍ୟାଲେଞ୍ଜ ସତ୍ତ୍ୱେ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ବଢ଼ାଇବା ଲାଗି ଅତ୍ୟଧିକ ଚାପ ପକାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୁଦ୍ଧ, ଆମେରିକା-ଇରାନ ଯୁଦ୍ଧକୁ ନେଇ ଦେଖାଦେଇଥିବା ଉତ୍କଟ ବୈଶ୍ୱିକ ସଙ୍କଟ ଏବଂ ଘରୋଇ ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ, ବେରୋଜଗାରୀ ଆଦି ସମସ୍ୟାକୁ ଦୃଷ୍ଟିରେ ରଖି ଚାଇନା ଏହାର ଜିଡିପି ଲକ୍ଷ୍ୟକୁ ୪.୫ରୁ ୫ ପ୍ରତିଶତ ମଧ୍ୟରେ ରଖିଛି। ପୂର୍ବରୁ ଚାଇନାର ଅଭିବୃଦ୍ଧି ୨ ଅଙ୍କ ବିଶିଷ୍ଟ ଥିବାବେଳେ ଗତ ୩ ବର୍ଷ ହେଲା ୫ ପ୍ରତିଶତ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ ଏହାକୁ କମାଇ ୪.୫ରୁ ୫ ପ୍ରତିଶତ ମଧ୍ୟରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

## ୬ ରାଜ୍ୟ ସଭା ପ୍ରାର୍ଥୀ ଘୋଷଣାକଲା କଂଗ୍ରେସ

**ନୂଆଦିଲ୍ଲୀ,୫।୩(ପି.ଟି.)**

ଆଗାମୀ ରାଜ୍ୟ ସଭା ନିର୍ବାଚନ ପାଇଁ କଂଗ୍ରେସ ୬ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେଲଙ୍ଗାନାରୁ ଅଭିଷେକ ସିଂଘଭିଙ୍କୁ ଏବଂ ଫୁଲୋ ଦେବୀ ନେତମ୍‌ଙ୍କୁ ଛତିଶଗଡ଼ରୁ ପୁନର୍ବାର ରାଜ୍ୟ ସଭାକୁ ପଠାଇବା ନିମନ୍ତେ ମନୋନୀତ କରାଯାଇଛି। ଆସନ୍ତା ୧୬ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ କଂଗ୍ରେସ ହରିୟାଣାରୁ କରମବୀର ସିଂ ବୌଧ ଏବଂ ହିମାଚଳପ୍ରଦେଶରୁ ଅନୁରାଗ ଶର୍ମାଙ୍କୁ ପ୍ରାର୍ଥୀ କରିଛି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ଘନିଷ୍ଠ କୁହାଯାଉଥିବା ଶର୍ମା ଏବେ କାଙ୍ଗ୍ରା ଜିଲା କଂଗ୍ରେସ କମିଟି ସଭାପତି ଅଛନ୍ତି। ତାମିଲନାଡୁରେ କଂଗ୍ରେସ ଏମ୍. କ୍ରିଷ୍ଟୋଫର ତିଲକଙ୍କୁ ପ୍ରାର୍ଥୀ କରିଥିବାବେଳେ ତେଲଙ୍ଗାନାର ଦ୍ୱିତୀୟ ଆସନ ପାଇଁ କଂଗ୍ରେସ ଭେମ୍ ନାରାୟଣ ରେଡ୍ଡୀଙ୍କୁ ପ୍ରାର୍ଥୀ ମନୋନୀତ କରିଛି।

# ଭାରତ ପାଇଁ ବନ୍ଦ ହେବନି ହୋର୍ମୁଜ୍ ଷ୍ଟ୍ରେଟ୍

**ତେହରାନ୍,୫।୩**

### ୯.୫ ନିୟୁତ ବ୍ୟାରେଲ୍ ତୈଳ ଯୋଗାଇବ ରୁଷିଆ

ଇରାନ-ଆମେରିକା ଯୁଦ୍ଧ ଗୁରୁବାରକୁ ୬ ଦିନ ପୂରିଛି। ଯୁଦ୍ଧର ପ୍ରଭାବ ବେଳକୁ ବେଳ ବିଭିନ୍ନ ଦେଶକୁ ବ୍ୟାପିବା ସହ ତୀବ୍ର ହେବାରେ ଲାଗିଛି। ଏହାମଧ୍ୟରେ ଇରାନ ବିଶ୍ୱର ସର୍ବବୃହତ୍ ଏନର୍ଜି କରିଡର ରୂପେ ପରିଚିତ ହୋର୍ମୁଜ୍ ଷ୍ଟ୍ରେଟ୍ ସାମୁଦ୍ରିକ ପଥକୁ ଆମେରିକା ,ଇସ୍ରାଏଲ,ୟୁରୋପ ଏବଂ ଆମେରିକାର ୟୁରୋପୀୟ ସମର୍ଥନକାରୀ ରାଷ୍ଟ୍ରଙ୍କ ଲାଗି ବନ୍ଦ କରିଦେଇଛି। ଏହି ବାଟ ଦେଇ ଏହିସବୁ ଦେଶକୁ ଯାଉଥିବା କୌଣସି ତୈଳ ପରିବହନକାରୀ ଜାହାଜକୁ ଯିବାକୁ ଦିଆଯିବ ନାହିଁ ବୋଲି ଇରାନର ଆଇଆର୍‌ଜିସି ଗୁରୁବାର ସ୍ପଷ୍ଟ କରିଛି। ଯଦି ଏହିସବୁ ଦେଶର କୌଣସି ଜାହାଜ ହୋର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାତାୟାତ କରେ, ତେବେ ଇରାନ ତାହା ଉପରେ ଆକ୍ରମଣ କରିବ। ଯୁଦ୍ଧ ସମୟରେ ଅନ୍ତର୍ଜାତୀୟ ଆଇନକୁ ନେଇ ପାରିତ ପ୍ରସ୍ତାବ ଅନୁସାରେ ଇରାନ ଏଭଳି ପଦକ୍ଷେପ ନେବା ଅଧିକାର ରହିଛି ବୋଲି ଇରାନର ସରକାରୀ ଗଣମାଧ୍ୟମ ସଂସ୍ଥା ଆଇଆର୍‌ଆଇବି କହିଛି। ତେବେ ହୋର୍ମୁଜ୍ ଷ୍ଟ୍ରେଟ୍ ଦେଇ ଭାରତକୁ ତୈଳ ପରିବହନ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି। ପୂର୍ବରୁ ଚାଇନା ପାଇଁ ଇରାନ କୌଣସି ପ୍ରତିବନ୍ଧକ ଲଗାଇ ନ ଥିଲାବେଳେ ଏବେ ଭାରତ ପାଇଁ ମଧ୍ୟ ସମାନ ନୀତି ଆପଣାଇଛି। ଫଳରେ ଉପସାଗରୀୟ ଦେଶଗୁଡିକରୁ ଭାରତକୁ ତୈଳ ଯୋଗାଣ ନେଇ ଯେଉଁ ଆଶଙ୍କା ରହିଥିଲା, ତାହା ଦୂର ହୋଇଛି।

ସେପଟେ ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ତୈଳ ଯୋଗାଣ କ୍ଷେତ୍ର ପ୍ରଭାବିତ ହେବା ଆଶଙ୍କାରେ ରୁଷ ଭାରତକୁ ପର୍ଯ୍ୟାପ୍ତ ତୈଳ ଯୋଗାଇବାକୁ କହିଛି। ଭାରତକୁ ପ୍ରାୟ ୯.୫ ନିୟୁତ ବ୍ୟାରେଲ୍ ତୈଳ ଯୋଗାଇଦେବାକୁ ରୁଷିଆ କହିଥିଲାବେଳେ ସପ୍ତାହକ ମଧ୍ୟରେ ଏହା ଭାରତରେ ପହଞ୍ଚିବା ନେଇ ସୂଚନା ଦେଇଛି।

# ଖାମେନେଇଙ୍କ ମୃତ୍ୟୁରେ ଭାରତର ଶୋକ

**ନୂଆଦିଲ୍ଲୀ,୫।୩**



ଇସ୍ରାଏଲ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁକୁ ନେଇ ଭାରତ କିଛି ଦିନ ନୀରବ ରହିବା ପରେ ଗୁରୁବାର ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ର ନୂଆଦିଲ୍ଲୀସ୍ଥିତ ଇରାନୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟକୁ ଯାଇ ଶୋକ ପୁସ୍ତିକାରେ ଦସ୍ତଖତ କରିବା ସହ ଖାମେନେଇଙ୍କ ମୃତ୍ୟୁରେ ଭାରତ ଦୁଃଖିତ ବୋଲି ଉଲ୍ଲେଖ କରିଛନ୍ତି। ଫେବୃଆରୀ ୨୮ରେ ଇସ୍ରାଏଲର ବୋମାମାଡ଼ରେ ଖାମେନେଇଙ୍କ ସମେତ ତାଙ୍କର କେତେକ ପରିବାର ସଦସ୍ୟ ଏବଂ ଇରାନର ୪୦ରୁ ଅଧିକ ବରିଷ୍ଠ ସାମରିକ ଅଧିକାରୀ ପ୍ରାଣ ହରାଇଥିଲେ। ଏହାଛଡ଼ା ଦକ୍ଷିଣ ଇରାନର ମିନାବ ସହରସ୍ଥିତ ଏକ ସ୍କୁଲରେ ଇସ୍ରାଏଲ-ଆମେରିକା ବୋମାମାଡ଼ରେ ୧୬୦ରୁ ଅଧିକ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ଅନେକ ରାଷ୍ଟ୍ର ସେତେବେଳେ ନିନ୍ଦା କରିଥିଲେ ହେଁ ଭାରତ ପକ୍ଷରୁ କୌଣସି ମନ୍ତବ୍ୟ ଜାରି କରାଯାଇ ନ ଥିଲା। କଂଗ୍ରେସ କେନ୍ଦ୍ରର ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିବା ସହ ମୋଦି ସରକାର ଭାରତର ବହିର୍ବ୍ୟାପାର ନୀତିକୁ ସମାଲୋଚନା କରିଥିଲା।

## ନୂଆ ପ୍ରଧାନମନ୍ତ୍ରୀ ବାଛିଲା ନେପାଳ

**କାଠମାଣ୍ଡୁ,୫।୩(ପି.ଟି.)**

ଗତବର୍ଷ ସେପ୍ଟେମ୍ବରରେ ନେପାଳରେ ଜେନ୍ ଜି ଆନ୍ଦୋଳନ ହିଂସାତ୍ମକ ରୂପ ନେବା ସହ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକରର ପତନ ଘଟିଥିଲା। ୬ ମାସ ପରେ ସେଠାରେ ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚନ ଲାଗି ଗୁରୁବାର ମତଦାନ ହୋଇଛି। ପୂର୍ବତନ ର୍‌ୟାପର ବଲେନ୍ଦ୍ର ଶାହଙ୍କ ନେତୃତ୍ୱରେ ନବଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ୨ ପାରମ୍ପରିକ ଦଳ ନେପାଳୀ କଂଗ୍ରେସ ପାର୍ଟି ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ମିଳିତ ମାର୍କ୍ସବାଦ-ଲେନିନ୍‌ବାଦ) ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ନେପାଳୀ କଂଗ୍ରେସ ଅଧ୍ୟକ୍ଷ ଗଗନ ଥାପା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇଥିବାବେଳେ ସିପିଏନ୍(ୟୁଏମ୍‌ଏଲ୍) ଓଲିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିଛି।

# ଖୋଲିବ ଆଉ ୫୦ ହଜାର ଏପ୍‌ଷ୍ଟିନ୍ ଫାଇଲ୍

**ୱାଶିଂଟନ୍,୫।୩**


ଜେଫ୍ରି ଏପ୍‌ଷ୍ଟିନ୍

ଆମେରିକା ନ୍ୟାୟ ବିଭାଗ ଚଳିତ ସପ୍ତାହ ଶେଷ ଭାଗରେ ଏପ୍‌ଷ୍ଟିନ୍ ଫାଇଲ୍‌ର ପରବର୍ତ୍ତୀ ପର୍ଯ୍ୟାୟ ଦସ୍ତାବିଜ୍ ପ୍ରକାଶ କରିବା ଆଶା ଯାଉଛି, ଯେଉଁଥିରେ ଏଫ୍‌ବିଆଇ ରେକର୍ଡ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୌନ ବ୍ୟଭିଚାରରେ ସମ୍ପୃକ୍ତ ଥିବା ଜଣେ ମହିଳା କରିଥିବା ଅଭିଯୋଗ ଉକ୍ତ ଏଫ୍‌ବିଆଇ ରେକର୍ଡରେ ରହିଥିବା ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ କୁହାଯାଇଛି। ନ୍ୟାୟ ବିଭାଗ ୱେବ୍‌ସାଇଟ୍‌ରେ ୪୦,୦୦୦ରୁ ଊର୍ଦ୍ଧ୍ୱ ଫାଇଲ୍ ନିଖୋଜ ଜଣାପଡୁଥିବା ଉକ୍ତ ଖବରକାଗଜ ରିପୋର୍ଟ କରିଛି। ଏହା ଜଣାପଡ଼ିବା ପରେ ଅଧିକ ସମୀକ୍ଷା ପାଇଁ ୪୭,୬୩୫ ଫାଇଲ୍ ୱେବ୍‌ସାଇଟ୍‌ରେ ଛଡ଼ାଯାଇ ନ ଥିବା ନ୍ୟାୟ ବିଭାଗ ମୁଖପାତ୍ର କହିବା ସହ ଏହା ପ୍ରକାଶିତ ହେବ ବୋଲି କହିଥିଲେ। ସ୍ଥଗିତ ଥିବା ଦସ୍ତାବିଜ୍‌ରେ ଏଫ୍‌ବିଆଇ ସାକ୍ଷାତ୍‌କାରର ସାରାଂଶ ରହିଛି, ଯେଉଁଥିରେ ୨୦୧୯ରେ ଜଣେ ମହିଳାଙ୍କୁ ଭେଟିଥିବା ଉଲ୍ଲେଖ ରହିଛି। ୮୦ ଦଶକରେ ଉକ୍ତ ମହିଳା ନାବାଳିକା ଥିବାବେଳେ ଟ୍ରମ୍ପ୍ ଏବଂ ଜେଫ୍ରି ଏପ୍‌ଷ୍ଟିନ୍ ଯୌନ ବ୍ୟଭିଚାରରେ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଥିଲେ। ତେବେ ଦସ୍ତାବିଜ୍‌ରେ ଉକ୍ତ ଅଭିଯୋଗ ରହିଛି କି ନାହିଁ ଯାଞ୍ଚ ହୋଇନାହିଁ। ଟ୍ରମ୍ପ୍ କିଛି ଭୁଲ୍ କରି ନ ଥିବା ପୂର୍ବରୁ କହିଥିବାବେଳେ ଏପ୍‌ଷ୍ଟିନ୍ ସହ ସମ୍ପୃକ୍ତ ଫାଇଲ୍‌ଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିବ ବୋଲି କହିଥିଲେ। ଗତ ଜାନୁଆରୀ ୩୦ରେ ନ୍ୟାୟ ବିଭାଗ ପ୍ରଥମ ଦଫାରେ ଅନେକ ଲକ୍ଷ ପୃଷ୍ଠାର ଫାଇଲ୍ ପ୍ରକାଶ କରିଥିଲା। ଏପ୍‌ଷ୍ଟିନ୍ ଏବଂ ଘିସ୍‌ଲିନ୍ ମ୍ୟାକ୍ସୱେଲ ସମ୍ପର୍କିତ ଅଧିକାଂଶ ସରକାରୀ ରେକର୍ଡ ସର୍ବସାଧାରଣରେ ପ୍ରକାଶ ପାଇବା ଆବଶ୍ୟକ ଥିଲା। ପୂର୍ବରୁ ପ୍ରକାଶିତ ଫାଇଲ୍‌ରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ନାମ ପଦାକୁ ଆସିବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ବ୍ରିଟେନ୍ ପୂର୍ବତନ ଯୁବରାଜ ଆଣ୍ଡ୍ର୍ୟୁ ମାଉଣ୍ଟବ୍ୟାଟେନ୍-ୱିଣ୍ଡସର ଜଣେ ମହିଳାଙ୍କ ଉପରେ ଆଣ୍ଠେଇଥିବାର ଫଟୋ ପ୍ରକାଶ ପାଇବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଫାଇଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ବିଲ୍ ଗେଟ୍ସ ଏବଂ ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ନାମ ରହିଥିଲା।

# ହୃଦୟ ଜିତିଲେ ଭିରୋଶ୍


ବିଜୟ ଦେବରକୋଣ୍ଡା
ରଶ୍ମିକା ମନ୍ଦାନା

**ମୁମ୍ବାଇ:** ନବବିବାହିତ ଦମ୍ପତି ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା ଆଜିକାଲି ଭିରୋଶ୍ ନାମରେ ପରିଚିତ। ନିକଟରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହ ପରେ ଏହି ଦମ୍ପତି ତେଲଙ୍ଗାନାରେ ଗୋଟିଏ ପରେ ଗୋଟିଏ ସାମାଜିକ ସେବା କାମ କରି ଲୋକଙ୍କ ହୃଦୟ ଜିତୁଛନ୍ତି। ଏବେ ଦୁହେଁ ତେଲଙ୍ଗାନାର ୪୪ଟି ସରକାରୀ ସ୍କୁଲ ପାଇଁ ଛାତ୍ରବୃତ୍ତି ଘୋଷଣା କରିଛନ୍ତି।

ଉଦୟପୁରରେ ବିବାହ ପରେ ନବଦମ୍ପତି ନାଗରକୁର୍ଣ୍ଣୁଲ ଜିଲାର ଆଚମ୍ପେଟ ଡିଭିଜନରେ ଥିବା ବିଜୟଙ୍କ ପୈତୃକ ଗ୍ରାମ ପରିଦର୍ଶନ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସମୟରେ ଦୁହେଁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ତାଙ୍କ ଏନ୍‌ଜିଓ ଦେବରକୋଣ୍ଡା ଚାରିଟେବଲ ଟ୍ରଷ୍ଟ ମାଧ୍ୟମରେ ବିଜୟ ଅଞ୍ଚଳର ୪୪ଟି ସରକାରୀ ସ୍କୁଲରେ ୯ମ ଏବଂ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି ଘୋଷଣା କରିଥିଲେ। ଏହି ପଦକ୍ଷେପର ଲକ୍ଷ୍ୟ ଅଭାବୀ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରିବା ଏବଂ ଆର୍ଥିକ ପ୍ରତିବନ୍ଧକ ବିନା ସେମାନଙ୍କର ଶିକ୍ଷା ଜାରି ରଖିବା ପାଇଁ ଉତ୍ସାହିତ କରିବା।

ବିଜୟ ତାଙ୍କ ସହରର ଛାତ୍ରମାନଙ୍କ ପ୍ରତି ତାଙ୍କର ପ୍ରତିବଦ୍ଧତା ପ୍ରକାଶକରି ତେଲୁଗୁ ଭାଷାରେ ଗାଁ ଲୋକଙ୍କ ସହ କଥା ହେଉଥିବା ଦେଖାଯାଉଛି। ଏହି ଛାତ୍ରବୃତ୍ତି ସିଧାସଳଖ ଗୁରୁତ୍ୱପୂର୍ଣ୍ଣ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା କିଶୋରମାନଙ୍କୁ ଲାଭ ଦେବ। ବିଜୟ ତାଙ୍କର ସମ୍ପର୍କକୁ ଆହୁରି ଦୃଢ଼ କରିବା ପାଇଁ ତାଙ୍କ ଗାଁକୁ ଅଧିକ ଥର ଗସ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ | Bhubaneswar, Friday, March 6/2026 | ପୃଷ୍ଠା-୧

# ଭାରତ ମହାସାଗରକୁ ଛୁଇଁଲା ମଧ୍ୟପ୍ରାଚ୍ୟ ଯୁଦ୍ଧ

## ଇରାନ୍ ଜାହାଜକୁ ଧ୍ୱଂସକଲା ଆମେରିକା



ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବେ ଭାରତ ମହାସାଗରକୁ ଛୁଇଁଛି। ବୁଧବାର ଭୋର ସମୟରେ ଶ୍ରୀଲଙ୍କାର ଗାଲେ ଉପକୂଳରୁ ପ୍ରାୟ ୪୦ ନଟିକାଲ ମାଇଲ ଦୂରରେ ଆମେରିକାର ଏକ ପରମାଣୁ ସବ୍‌ମେରାଇନ୍‌ରୁ ନିକ୍ଷେପ କରାଯାଇଥିବା ଟର୍ପିଡୋ ମାଡ଼ରେ ଇରାନର ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଆଇଆର୍‌ଆଇଏସ୍ ଡେନା' ସମ୍ପୂର୍ଣ୍ଣ ଭାବେ ଜଳସମାଧି ନେଇଛି। ଏହି ଭୟଙ୍କର ଆକ୍ରମଣରେ ଏପର୍ଯ୍ୟନ୍ତ ୮୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୬୧ ଜଣ ନିଖୋଜ ଅଛନ୍ତି। ଆକ୍ରମଣକୁ ଆମେରିକା 'ନୀରବ ମୃତ୍ୟୁ' ବୋଲି ବର୍ଣ୍ଣନା କରିଥିବାବେଳେ ଇରାନ ଏହାକୁ ବଡ଼ ଅପରାଧ ଦର୍ଶାଇ ଆମେରିକା ଏଥିପାଇଁ 'କଠୋର ଅନୁତାପ କରିବ' ବୋଲି ଚେତାବନୀ ଦେଇଛି। ଏହି ଜାହାଜଟି ଫେବୃଆରୀ ୧୫ରୁ ୨୫ ମଧ୍ୟରେ ଭାରତୀୟ ନୌସେନା ପକ୍ଷରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଆୟୋଜିତ ସମରାଭ୍ୟାସରେ 'ଅତିଥି' ଭାବେ ସାମିଲ ହୋଇଥିଲା। ଏଥିରେ ଆମେରିକା, ରୁଷିଆ, ଜାପାନ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଆଦି ୭୪ଟି ଦେଶ ଭାଗ ନେଇଥିବାବେଳେ ୬୦ ଯୁଦ୍ଧଜାହାଜ ସାମିଲ ହୋଇଥିଲା। ସମରାଭ୍ୟାସକୁ ଫେରୁଥିବାବେଳେ ଇରାନ୍‌ର ଯୁଦ୍ଧଜାହାଜକୁ ଆମେରିକା ଟାର୍ଗେଟ କରିଛି। ଭାରତର ରଣନୈତିକ ପରିସର ମଧ୍ୟରେ ଏଭଳି ଆକ୍ରମଣ ଏବେ ଏକ ବଡ଼ କୂଟନୈତିକ ଏବଂ ସାମରିକ ଉତ୍ତେଜନା ସୃଷ୍ଟି କରିଛି।

କଲମ୍ବୋ/ନୂଆଦିଲ୍ଲୀ/ୱାଶିଂଟନ୍,୫।୩ (ରଏଟର୍ସ/ଅଲ୍‌ଜଜିରା/ପିଟି)

ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ୍‌ର ଘମାଘୋଟ ଯୁଦ୍ଧ ଜାରି ରହିଛି। ତେବେ ବର୍ତ୍ତମାନ ଏହା ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ଅନ୍ୟ ଭୂଖଣ୍ଡକୁ ବ୍ୟାପିବା ଆରମ୍ଭ ହୋଇଛି। ବୁଧବାର ଭାରତୀୟମାନେ ହୋଲି ଖେଳିବାରେ ବ୍ୟସ୍ତ ଥିବାବେଳେ ଭାରତ ମହାସାଗରରେ ଆମେରିକା ନୌସେନା ପକ୍ଷରୁ ଇରାନ୍‌ର ଏକ ଯୁଦ୍ଧଜାହାଜକୁ ଆକ୍ରମଣ କରାଯାଇଛି। ଆମେରିକାର ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନୀୟ ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନାକୁ ଟାର୍ଗେଟକରି ବୁଡ଼ାଇଦେବାରେ ସକ୍ଷମ ହୋଇଛି। ଏହି ଘଟଣାକ୍ରମ ପରେ ଯୁଦ୍ଧର କ୍ରମବର୍ଦ୍ଧିଷ୍ଣୁ ପରିସୀମା ଓ ପ୍ରଭାବ ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଏହାକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି। ଭାରତ ନିଜ ପଡ଼ୋଶୀ ଦେଶଗୁଡ଼ିକ ଉପରେ ନିୟନ୍ତ୍ରଣ ହରାଇଥିବା ବିରୋଧୀ ଦଳ କହିଛି। ମାର୍ଚ୍ଚ ୪ ଭୋର ସମୟ ୫ଟା ୮ ମିନିଟ୍। ଭାରତୀୟ ନୌସେନା ପକ୍ଷରୁ ଆୟୋଜିତ ୨ଟି ସମରାଭ୍ୟାସରେ ଯୋଗଦେଇ ଫେରୁଥିବାବେଳେ ଶ୍ରୀଲଙ୍କାର ଗାଲେ ଜିଲାରୁ ୭୫ କି.ମି. (୪୦ ନଟିକାଲ୍ ମାଇଲ୍) ଦୂର ଭାରତ ମହାସାଗରରେ ଇରାନ୍‌ର ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନା ଉପରେ ଅତର୍କିତ ଆକ୍ରମଣ ହୋଇଥିଲା। ଶ୍ରୀଲଙ୍କାର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ (ଇଇଜେଡ୍) ଅଧୀନରେ ଆସୁଥିବା ଏହି ଜଳରାଶି ଉପରୁ ଚାହୁଁଚାହୁଁ ଅଦୃଶ୍ୟ ହୋଇଯାଇଥିଲା ବିଧ୍ୱଂସକ ଡେନା। ଉକ୍ତ ଯୁଦ୍ଧଜାହାଜରେ ପ୍ରାୟ ୧୮୦ ଜଣ ଥିବାବେଳେ ସମୁଦ୍ରରେ ବୁଡ଼ିଯାଇ ୮୭ ନାବିକ ପ୍ରାଣ ହରାଇଛନ୍ତି। ଅନ୍ୟ ୩୧ ଜଣ ନିଖୋଜ ହୋଇଯାଇଥିବାବେଳେ ୩୨ ଜଣଙ୍କୁ ଉଦ୍ଧାର କରାଯାଇଛି।

ଆମେରିକା ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଠ ବୁଧବାର ଏନେଇ ପେଣ୍ଟାଗନ୍ ପ୍ରେସ୍ ବିବୃତିରେ ସୂଚନା ଦେଇ କହିଥିଲେ, ଏକ ଆମେରିକୀୟ ସବ୍‌ମେରାଇନ୍ ଅନ୍ତର୍ଜାତୀୟ ଜଳରାଶିକୁ ସୁରକ୍ଷିତ ☞ପୃଷ୍ଠା–୨

### ଆଜିର ସମ୍ପାଦକୀୟ

**ଦୁଇ ବିପଜ୍ଜନକ ନିଷ୍ପତ୍ତି**

# ଆର୍.ଏନ୍. ରବି ପଶ୍ଚିମବଙ୍ଗ ରାଜ୍ୟପାଳ

ନୂଆଦିଲ୍ଲୀ/କୋଲକାତା,୫।୩(ପି.ଟି.)

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟପାଳ ସ୍ତରରେ ବଡ଼ ଅଦଳବଦଳ କରିଛନ୍ତି। ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଗୁରୁବାର ରାତିରେ ଏକ ନାଟକୀୟ ଘଟଣାକ୍ରମେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ପ୍ରକାଶ। ☞ପୃଷ୍ଠା–୨

SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2026
Empowering students for a brighter future
B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2025
- 15th Best in University Category
- 22nd Best in Engineering Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

KHIMJI TRUST SINCE 1936
KHIMJI® JEWELLERS SINCE 1936
Woman
You are perfect.
You are the nurturer.
You are the beginning and the end.
Celebrating You
the most precious
#naturaldiamond
in the world.
A never before offer for 3 days!
FLAT 100% off* on M/C of Diamonds specially for Women
Offer valid across all stores from 6th to 8th March 2026
A day full of fun filled activities at all our stores.
Plus a chance to became the Women of the day!
Be there, be yourself and enjoy your day.
*T&C Apply
90 YEARS TRUST IS TIMELESS
BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)
100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme
Khimjijewellers.com 1800 3131 777 FOLLOW US ON:
SCAN TO KNOW MORE

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସନ୍ଥ ବାଲକାନନ୍ଦ ବାବାଙ୍କ ଦିବ୍ୟଧାମ ଯାତ୍ରା ମହୋତ୍ସବ, ସ୍ଥାନ: ଏକାମ୍ର ସତ୍ୟସେବାଶ୍ରମ, ୟୁନିଟ୍ ୯, ସମୟ: ସକାଳ ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଜାତୀୟ ଚିତ୍ରକଳା ସମ୍ମିଳନୀ, ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରି, ସମୟ: ସକାଳ ୯ଟା ୩୦।
- ୨ଦିନିଆ ରାଜ୍ୟସ୍ତରୀୟ ଓଡ଼ିଶା କୃଷକ ସମ୍ମିଳନୀ, ସ୍ଥାନ: ଅଡିଟୋରିୟମ୍ ଅଫ୍ ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ୍ ଡେଭଲପ୍‌ମେଣ୍ଟ, (ସିୱାଇଏସ୍‌ଡି), ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଧାରଣା ପ୍ରଦର୍ଶନ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ବିଦ୍ୟୁତ୍ ଘରୋଇକରଣ ଓ ଫି. ତାରିଫ ହାଇକ୍ ବିରୋଧରେ ଓଡ଼ିଶା ବିଦ୍ୟୁତ୍ ନିୟନ୍ତ୍ରଣ କମିଶନ୍ (ଓଇଆର୍ ସି)କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଚୁନୁକୋଳି, ଶୈଳଶ୍ରୀ ବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପରିଚୟ ଫାଉଣ୍ଡେଶନ୍ ପକ୍ଷରୁ ଆର୍ଯ୍ୟ ଆୱାର୍ଡ, ସ୍ଥାନ: ହୋଟେଲ ମେ ଫେୟାର, ସମୟ: ଅପରାହ୍ନ ୫ଟା।
- କେତକୀ ଫାଉଣ୍ଡେଶନ୍ ଓ ସୂତ୍ର ଫାଉଣ୍ଡେଶନ୍ ପକ୍ଷରୁ ଡ. ଦିନନାଥ ପାଠୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ୍ ସେଣ୍ଟର ଗ୍ୟାଲେରି, ଖାରବେଳ ନଗର, ସମୟ: ସନ୍ଧ୍ୟା ୫ଟା ୩୦।
- ରୋଟାରୀ କ୍ଲବ୍ ନଳାଦ୍ରି ଆଣ୍ଡ ଟିମ୍ ପକ୍ଷରୁ ଖବରଦାତା ସମ୍ମିଳନୀ ଏବଂ ଏଏଏଫ୍ଏଏ ଫିଲ୍ମ ତାରିଖ ଘୋଷଣା, ସ୍ଥାନ: ପ୍ରେସ କ୍ଲବ୍ ମାଷ୍ଟରକ୍ୟାଣ୍ଟିନ୍, ସମୟ: ଅପରାହ୍ନ ୫ଟା ୪୫।
- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, କେଶରୀ ସିନେମା ହଲ୍ ପଛପଟ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**

- ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମେଳନ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍ଦ୍ରଦ୍ୟୁମ୍ନ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମାଟିଆପଡ଼ା ଛକ, ସମୟ: ଅପରାହ୍ନ ୫ଟା।

**ଖୋର୍ଦ୍ଧା**

- ନୂତନ ସାଇବର ଥାନା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ ନିକଟ, ସମୟ: ଅପରାହ୍ନ ୫ଟା ୩୦।

**ବାଲେଶ୍ୱର**

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**

- ଗିଲୋ କପ୍-୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ଗିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ୍, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦୁଝର**

- ସତ୍ୟସାଇ ମନ୍ଦିରରେ ବାର୍ଷିକ ଉତ୍ସବ, ସ୍ଥାନ: ହାଟଡ଼ିହୀ, ସମୟ : ସକାଳ ୬ ଟା।
- ହରିହର ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ବଡ଼ବିଲ, ସମୟ: ସକାଳ ୬ ଟା।
- ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଯୋଗ, ନୃତ୍ୟ, ଫିଟ୍‌ନେସ୍ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝର ହ୍ୟାଣ୍ଡବଲ ପଡ଼ିଆ, ସମୟ: ସକାଳ ୬ଟା ୩୦।
- କଂଗ୍ରେସ ପକ୍ଷରୁ ଜନ ଅଧିକାର ସମାବେଶ, ସ୍ଥାନ:ବନେଇକଳା ପଡ଼ିଆ, ଯୋଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ୱାନ୍ ଡେ ନାଇଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ନାହା, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।
- ଭଜନ ସମାରୋହ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**

- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଭୂତଳ ଜଳର ବ୍ୟବହାର ଓ ପରିଚାଳନା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୩ଟା।

**ବ୍ରହ୍ମପୁର**

- ବିଶାଳ ହିନ୍ଦୁ ସମ୍ମିଳନୀ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ,ସମୟ: ପୂର୍ବାହ୍ନ ୧୦ଟା।
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**ଗଞ୍ଜାମ**

- ଗଞ୍ଜାମ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୁଗୁଡ଼ା ବ୍ଲକ୍, ଷୋହଳମାଇଲ, ସମୟ: ପୂର୍ବାହ୍ନ ୧୧ ଟା।

**କନ୍ଧମାଳ**

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଜୁମ୍ବା, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୬ ଟା ୩୦।
- ମା' ପାଟଖଣ୍ଡା କାନ୍ଦୁଲ ଯାତ୍ରା ଭେଟଘାଟ, ସ୍ଥାନ : ମା'ପାଟଖଣ୍ଡା ମନ୍ଦିର ପରିସର, ବାଲିଗୁଡ଼ା, ସମୟ: ଅପରାହ୍ନ ୨ ଟା।

**ଢେଙ୍କାନାଳ**

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ପୌରପାଳିକା କଲ୍ୟାଣ ମଣ୍ଡପ, ମହିଷାପାଟ, ସମୟ: ସକାଳ ୬ଟା।
- ହାତୀ-ମଣିଷ ବିବାଦ ସମ୍ପର୍କିତ କର୍ମଶାଳା, ସ୍ଥାନ: ହୋଟେଲ ନିରୁପମା, କପିଳାସ, ସମୟ: ସକାଳ ୯ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗଁଦିଆ, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**

- ନୂତନ ସଲ୍‌ଫୁରିକ ଏସିଡ୍ ପ୍ଲାଣ୍ଟ ୩ର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଇଫ୍‌କୋ କାରଖାନା ପରିସର, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ଦୋଳ ମେଲଣ କମିଟିର ଫଗୁ ଦୋଳ ମେଲଣ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**

- ମାଇଁ ଭାରତ ପକ୍ଷରୁ ଅସ୍ମିତା ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ:ଇନ୍‌ଡୋର ଷ୍ଟାଡିୟମ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା।
- ଶ୍ରୀ ଦଧିବାମନଜୀଉ ଦେବଯଜ୍ଞ, ସ୍ଥାନ: ବସନ୍ତ ବଗିଚା, ଦେସାହି, ଆଳି, ସମୟ: ସକାଳ ୭ଟା।
- ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ପକ୍ଷରୁ ଜନ ଔଷଧି ଦିବସ ପାଇଁ ପଦଯାତ୍ରା, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡିଆ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ଛବିଶତମ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିରା, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମା' ବଜ୍ରକାଳି ନାଟ୍ୟ ସଂସଦ ପକ୍ଷରୁ ନାଟକ ଆଖିର ଜନମ କାନ୍ଦିବା ପାଇଁ, ସ୍ଥାନ: ଏଣ୍ଡର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୮ଟା।

**ଯାଜପୁର**

- ୮୯ତମ ଅଷ୍ଟପ୍ରହରୀ ନାମଯଜ୍ଞ ସଂକୀର୍ତ୍ତନ, ସ୍ଥାନ : ବ୍ୟାସନଗର ପୌର ପରିଷଦ ଚୋରଦା ଗ୍ରାମ, ସମୟ: ପ୍ରାତଃ ୫ଟା।

- ସୂଚନା ଅଧିକାର ଆଇନ ସଚେତନତା ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଭିନ୍ନ ପ୍ରକଳ୍ପର ଜମି ଅଧିଗ୍ରହଣ ସମ୍ବନ୍ଧୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦।

**ନୟାଗଡ଼**

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ତୃତୀୟ ଦିନ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ଆନ୍ତର୍ଜାତିକ ମହିଳା ଦିବସର ଉଦ୍‌ଘାଟନ ଦିବସ, ସ୍ଥାନ: ନୟାଗଡ଼ ଇନ୍‌ଡୋର ଷ୍ଟାଡିୟମ, ସମୟ:ସକାଳ ୬ଟା ୩୦ରୁ ୯ଟା ୩୦।
- ତିନି ଦୋଳର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବସନ୍ତପୁର ଶିବ ମନ୍ଦିର , ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**

- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଜିସିଡି ହାଇସ୍କୁଲ, ରାୟଗଡା, ସମୟ: ସକାଳ ୯ଟା।
- ଜଙ୍ଗଲ ନିଆଁ ନିବାରଣ ସଚେତନତା ଶୋଭାଯାତ୍ରା, ସ୍ଥାନ: ମୁନିଗୁଡା ବନ ବିଭାଗ କାର୍ଯ୍ୟାଳୟ ପରିସରରୁ ଫରେଷ୍ଟ ବଙ୍ଗଳା,ସମୟ: ପୂର୍ବାହ୍ନ୧୦ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍ ଓ ଏମ୍‌ଏଏସ୍ ସମ୍ମିଳନୀ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁନିଗୁଡା ପ୍ରେସ କ୍ଲବର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ସୌଣ୍ଡିକ ମଙ୍ଗଳ ଭବନ ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ମୁନିଗୁଡା ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ମୁନିଗୁଡା, ସମୟ: ଅପରାହ୍ନ ୨ଟା ୩୦।

**ନବରଙ୍ଗପୁର**

- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିରରୁ ପଞ୍ଚାୟତ ସମିତି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ଏମ୍‌ଏଏସ ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା ମଙ୍ଗଳା ଏସ୍‌ଏଚ୍‌ଜି ପକ୍ଷରୁ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ମିଲେଟ୍ସ ଟିଫିନ୍ ସେଣ୍ଟର୍ ଉଦ୍‌ଘାଟନ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା, ସମୟ: ପୂର୍ବାହ୍ନ ୧୦ଟା ୩୦।

**କୋରାପୁଟ**

- ବିବେକାନନ୍ଦ ଇଂଲିଶ ମିଡିୟମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, କୁନ୍ଦୁରା, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ୍ କମ୍ପ୍ଲେକ୍ସ, ମାଲକାନଗିରି, ସମୟ: ପୂର୍ବାହ୍ନ୧୦ଟା।

**ସମ୍ବଲପୁର**

- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ଶ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ସ୍ଥିତ ଲଳିତ କଳା ଏକାଡେମୀ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ଗୀତା ଜ୍ଞାନ ଯଜ୍ଞ ଉପଲକ୍ଷେ ପ୍ରବଚନ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା ୩୦ରୁ ୮ଟା ୩୦।

**ରାଉରକେଲା**

- ଜାତୀୟସ୍ତରୀୟ କ୍ରେ ତାଲିମ ଶିବିର, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସରସ ସ୍ୱଦେଶୀ ମେଳାରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର--୧୩ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ପୁଷ୍ପାଞ୍ଜଳି ସେବା ସମିତି ଆନୁକୂଲ୍ୟରେ ଦୋଳ ମେଳଣ, ସ୍ଥାନ: ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାବା ଆଖଣ୍ଡଳମଣି ଟ୍ରଷ୍ଟ, କୋଏଲନଗର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସାମୂହିକ ସୁସ୍ଥ ଶରୀର ପାଇଁ ଯୋଗ ଭ୍ୟାସ ଓ ସଚେତନତା କାର୍ଯ୍ୟକ୍ରମ,ସମୟ:ସକାଳ୬ଟା୩୦, ସ୍ଥାନ:ଭବାନୀଭବନ ସ୍ପୋର୍ସ କମ୍ପ୍ଲେକ୍ସ।

**ବରଗଡ଼**

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଯୋଗ ଶିବିର, ସ୍ଥାନ:ମିନି ଷ୍ଟାଡିୟମ, ବରଗଡ଼, ସମୟ:ସକାଳ ୬ଟା ୩୦।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବେନିଆଚାଲ, ବିଜେପୁର, ସମୟ:ସକାଳ ୮ଟା।
- ତୁଳସୀ ଦାସ, ରାମାୟଣ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଗାଇସୀମା, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଡ. ରମେଶ ଚନ୍ଦ୍ର ମାଝୀଙ୍କ ସପ୍ତମ ସ୍ମୃତି ସଭା, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ସକାଳ ୯ଟା।

- ଭିବି ଜି ରାମ ଜି ଲୋକାର୍ପଣ ଉତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

- ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ଅପରାହ୍ନ ୫ଟା।

**ଦେବଗଡ଼**

- ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୫ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୫ଟା ୩୦।
- ମା'କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**

- ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଘାଟନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୭ଟା।
- ଟାଙ୍ଗରସାହି ରାମାୟଣ ନବାହ ପାରାୟଣ ପାଇଁ କଳସ ଶୋଭା ଯାତ୍ରା, ସ୍ଥାନ: ରଜାବନ୍ଧ, ସମୟ: ସକାଳ ୯ଟା।
- ସମବାୟ ବିଭାଗର ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ବ୍ଲକ କଳାପଥର ସ୍ଥିତ ମାର୍କେଟ୍ ୟାର୍ଡ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

**ନୂଆପଡ଼ା**

- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଲାଞ୍ଜି ଗାଁ, ସମୟ: ଅପରାହ୍ନ ୩ଟା।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱମୟୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଦିଆମୁଣ୍ଡା ଗାଁ ଉପରପଡ଼ା, ସମୟ: ପ୍ରାତଃ ୫ଟା ୪୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କେରମେଲି ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପ୍ରାତଃ ୫ଟା।

**ଝାରସୁଗୁଡ଼ା**

- ରୁଦ୍ରାଭିଷେକ ପୂଜା, ସ୍ଥାନ: ମହାକାଳ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନେଇ ଦେଲା**
**ଦନେଇ ଦିହରୁ ପୁଳାଏ ନେଲା ।**

ଏପରି କିଛି ବ୍ୟକ୍ତି ଅଛନ୍ତି ଯାହାଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଅନ୍ୟର ସ୍ୱାସ୍ଥ୍ୟ ଖରାପ ହେବା ସହ ଦେହ ଶୁଖିଯାଉଥିବାର ଦେଖିବାକୁ ମିଳିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଲୋକଙ୍କ ମନରେ ଏଭଳି ଭ୍ରାନ୍ତ ଧାରଣା ଯୁଗ ଯୁଗରୁ ଘର କରି ରହିଆସିଛି। ଜଣଙ୍କର ନଜର ଲାଗି ଅନ୍ୟର ଦେହ ଶୁଖିଯିବା ବା ଅସୁସ୍ଥ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅନାଇ ଦେଲାରୁ ଆକୃତି ଦେଖିଲୁ**
**ପ୍ରକୃତି ଦେଖିଲୁ କେଣେ?**
**ବାହା ହେବା ପାଇଁ ସକେଇ ସକେଇ**
**କାନ୍ଧୁକୁ କବାଟ କଣେ।**

ଆକୃତି ଦେଖି ପ୍ରକୃତି ଚିହ୍ନିବା କଷ୍ଟକର। ବ୍ୟକ୍ତିର ବାହାର ସ୍ୱରୂପ ଦେଖି ତା'ର ଭିତରର ଗୁଣ ଓ ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା ସେତେଟା ସହଜ ହୋଇ ନ ଥାଏ। ବ୍ୟକ୍ତି ରୂପ ପାଇଁ ନୁହେଁ ଗୁଣ ପାଇଁ ହିଁ ଆଦୃତ ହୋଇଥାଏ। ରୂପ ଦେଖି ସ୍ୱଭାବ ପ୍ରକୃତି ଠଉରେଇ ନ ପାରି ଆପଣାର କରିବସିଲେ ଅବଶେଷରେ ଠକିଯିବାକୁ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

### ଆର୍.ଏନ୍. ରବି...

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ କରାଯାଇଥିବାବେଳେ ଲଦାଖ ଉପରାଜ୍ୟପାଳ (ଏଲ୍‌ଜି) କବିନ୍ଦର ଗୁପ୍ତାଙ୍କୁ ହିମାଚଳ ପ୍ରଦେଶ ରାଜ୍ୟପାଳ ଭାବେ ପଦୋନ୍ନତି ମିଳିଛି। ଭାରତୀୟ ସେନାର ପୂର୍ବତନ ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସୟଦ ଆତା ହୁସେନଙ୍କୁ ବିହାରର ନୂଆ ରାଜ୍ୟପାଳ କରାଯାଇଛି। କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ତାମିଲନାଡୁର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଦିଲ୍ଲୀ ଏଲ୍‌ଜି ବିନଇ କୁମାର ସକ୍ସେନାଙ୍କୁ କବିନ୍ଦରଙ୍କ ସ୍ଥାନରେ ଲଦାଖ ଉପରାଜ୍ୟପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ତରନଜିତ୍ ସିଂ ସାନ୍ଧୁ ଦିଲ୍ଲୀର ନୂଆ ଉପରାଜ୍ୟପାଳ ହେବେ। ହିମାଚଳ ପ୍ରଦେଶ ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଲା ତେଲଙ୍ଗାନା ରାଜ୍ୟପାଳ ରୂପେ ନିଯୁକ୍ତି ପାଇଛନ୍ତି। ସେହିପରି ତେଲଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ମହାରାଷ୍ଟ୍ରର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ନନ୍ଦ କିଶୋର ଯାଦବଙ୍କୁ ନାଗାଲାଣ୍ଡ ରାଜ୍ୟପାଳ କରାଯାଇଥିବା ରାଷ୍ଟ୍ରପତି ଭବନରୁ ଜାରି ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପଶ୍ଚିମବଙ୍ଗ ରାଜ୍ୟପାଳ ବୋଷଙ୍କ ଇସ୍ତଫାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ କିଛିମାସ ଥିବାବେଳେ କ'ଣ ପାଇଁ ବୋଷଙ୍କୁ ହଟାଗଲା ? ଗତବର୍ଷ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ବିଦା କରିବା ଭଳି ତାଙ୍କ ସ୍ଥାନରେ ପଶ୍ଚିମବଙ୍ଗ ରାଜଭବନରେ ଅବସ୍ଥାପିତ ବୋଷଙ୍କ ସହ ସମାନ ବ୍ୟବହାର କରାଗଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ସମାଲୋଚନା କରଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ପଛରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଚାପ କାମ କରିଥିବା ସଙ୍କେତ ଦେଇଛନ୍ତି। ମମତା କହିଛନ୍ତି, ବୋଷଙ୍କ ସ୍ଥାନରେ ରବିଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବ ବୋଲି ଶାହା ତାଙ୍କୁ ସୂଚନା ଦେଇଥିଲେ।

### ଭାରତ ମହାସାଗରକୁ...

ମଣିଥିବା ଶତ୍ରୁପକ୍ଷର ଏକ ଯୁଦ୍ଧଜାହାଜକୁ ବୁଡ଼ାଇ ଦେଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏକ ଆମେରିକୀୟ ଟର୍ପିଡୋ ପ୍ରଥମ ଥର ପାଇଁ ଏଭଳି ସଫଳତା ହାସଲ କରିଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍‌ବାସ୍ ଅରାଘଚି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଉକ୍ତ ଫ୍ରିଗେଟ୍ ଭାରତୀୟ ନୌସେନାର ଏକ ଅତିଥି ଥିଲା। ଏହି ଘଟଣା ପାଇଁ ଆମେରିକା ପଶ୍ଚାତାପ କରିବ। ଫ୍ରିଗେଟ୍ ଡେନାରେ ୧୩୦ ନାବିକ ଥିଲେ। ପୂର୍ବରୁ ସତର୍କ ନ କରାଇ ଏଭଳି ଢଙ୍ଗରେ ଆକ୍ରମଣ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରୀ ଭିଜିଆ ହେରାଥ୍ ସଂସଦରେ କହିଛନ୍ତି, ୧୮୦ ଜଣଙ୍କୁ ନେଇ ଯାଉଥିବା ଆଇଆର୍‌ଆଇଏସ୍ ଭାରତ ମହାସାଗରରେ ବୁଡ଼ିଯାଇଥିବା ଖବର ଶ୍ରୀଲଙ୍କା ନୌସେନାକୁ ମିଳିଛି। ଦ୍ୱୀପରାଷ୍ଟ୍ର ନିଜ ଜାହାଜ ଓ ବାୟୁସେନା ବିମାନଗୁଡ଼ିକୁ ଉଦ୍ଧାର ପାଇଁ ପଠାଇଛି। ଶ୍ରୀଲଙ୍କା ନୌସେନା ମୁଖପାତ୍ର ବୁଦ୍ଧିକା ସମ୍ପଥ କହିଛନ୍ତି, ନୌସେନା ଜାହାଜ ଉକ୍ତ ସ୍ଥାନରେ ପହଞ୍ଚିବାବେଳକୁ ଇରାନୀୟ ଜାହାଜର ଚିହ୍ନବର୍ଣ୍ଣ ନ ଥିଲା। ସମୁଦ୍ରରେ କେବଳ ତୈଳ ଆସ୍ତରଣ ଦେଖିବାକୁ ମିଳିଥିଲା। କେତେଜଣ ଲୋକ ପାଣିରେ ପହଁରୁଥିଲେ। ତେବେ ୩୨ ଜଣଙ୍କୁ ଉଦ୍ଧାର କରି ଦକ୍ଷିଣ ଉପକୂଳ ସହର ଗାଲେସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହଗୁଡ଼ିକୁ ପାଣି ଭିତରୁ କଢ଼ାଯାଇଛି। ଉଲ୍ଲେଖଯୋଗ୍ୟ, ଯୁଦ୍ଧ ଆରମ୍ଭ ହେବା ପରଠୁ ଅଦ୍ୟାବଧି ଅନ୍ୟୂନ ୧୭ ଇରାନୀୟ ଜାହାଜକୁ ଆମେରିକା ବୁଡ଼ାଇସାରିଥିବା ଆମେରିକୀୟ ସେନା ସେଣ୍ଟ୍ରାଲ କମାଣ୍ଡର ନେତୃତ୍ୱ ନେଉଥିବା ଆଡ୍‌ମିରାଲ ବ୍ରାଡ୍ କୁପର ସୂଚନା ଦେଇଛନ୍ତି। ଆମେ ସମ୍ପୂର୍ଣ୍ଣ ଇରାନୀୟ ନୌସେନାକୁ ବୁଡ଼ାଇଦେବାକୁ ଯାଉଛୁ ବୋଲି ସେ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି। ଏହି କ୍ରମେ ଇରାନ୍‌ର ଏକ ଆଉ ଏକ ଯୁଦ୍ଧଜାହାଜ ଶତାଧିକ ନାବିକଙ୍କୁ ନେଇ ଶ୍ରୀଲଙ୍କା ଉପକୂଳ ଦେଇ ଯାଉଥିବାବେଳେ ତାକୁ ମଧ୍ୟ ଟାର୍ଗେଟ କରାଯାଇଥିବା ଜଣାପଡ଼ିଛି।

### ଭାରତରୁ ଫେରୁଥିଲା ଇରାନୀୟ ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନା

ଆଇଆର୍‌ଆଇଏସ୍ ଡେନା ହେଉଛି ଇରାନୀୟ ନୌସେନା ସଦର୍ନ ଫ୍ଲିଟ୍ ଅଧୀନ ଏକ ଯୁଦ୍ଧଜାହାଜ। ବିଶାଖାପାଟଣାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିବା ଇଣ୍ଟରନ୍ୟାଶନାଲ ଫ୍ଲିଟ୍ ରିଭ୍ୟୁ (ଆଇଏଫ୍‌ଆର୍) ଏବଂ ବହୁପାକ୍ଷିକ ସମରାଭ୍ୟାସ ମିଲନ୍-୨୦୨୬ରେ ଫେବୃଆରୀ ୧୬ରେ ଏହା ଯୋଗଦେଇଥିଲା। ଇରାନୀୟ ଯୁଦ୍ଧଜାହାଜକୁ ଭାରତର ଇଷ୍ଟର୍ନ ନାଭାଲ କମାଣ୍ଡ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଉକ୍ତ ଯୁଦ୍ଧାଭ୍ୟାସରେ ଆମେରିକା ଯୋଗଦେଇ ନ ଥିବାବେଳେ ପ୍ରାୟ ୭୪ଟି ଦେଶର ଯୁଦ୍ଧଜାହାଜ ସାମିଲ ହୋଇଥିଲା। ଆମେରିକା ନୌସେନାର ଗାଇଡେଡ୍-ମିଶାଇଲ ଡେଷ୍ଟ୍ରୟର ୟୁଏସ୍‌ଏସ୍ ପିଙ୍କନେ ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ୱାଶିଂଟନ୍ ଶେଷ ମୁହୂର୍ତ୍ତରେ ବାତିଲ କରିଦେଇଥିଲା। ସମରାଭ୍ୟାସ ଫେବୃଆରୀ ୨୫ରେ ଶେଷ ହୋଇଥିଲା। ଏହାର ୩ ଦିନ ପରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଆକ୍ରମଣ କରାଯାଇଥିଲା। ଏହି ଯୁଦ୍ଧ ପରବର୍ତ୍ତୀ ସମୟରେ ସମଗ୍ର ମଧ୍ୟପ୍ରାଚ୍ୟକୁ ଗ୍ରାସକରି ଅନ୍ୟ ଦେଶକୁ ବ୍ୟାପିବା ଆରମ୍ଭ କରିଛି।

### ମୋଦି ସରକାର ଦାୟିତ୍ୱହୀନ: କଂଗ୍ରେସ

ଶ୍ରୀଲଙ୍କା ଉପକୂଳରେ ଆମେରିକା ଆକ୍ରମଣରେ ଇରାନୀୟ ଯୁଦ୍ଧଜାହାଜ ଜଳସମାଧି ନେବା ପ୍ରସଙ୍ଗକୁ ନେଇ ଭାରତରେ ରାଜନୀତି ସରଗରମ ହୋଇଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଯୁଦ୍ଧ ଭାରତର ଦ୍ୱାରଦେଶକୁ ଆସିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ କମ୍ପ୍ରୋମାଇଜ୍‌ଡ ପିଏମ୍, ଯିଏକି ଭାରତର ରଣନୈତିକ ସ୍ୱାୟତ୍ତତାକୁ ସମର୍ପଣ କରିଦେଇଛନ୍ତି। ମୋଦିଙ୍କ ପରିକଳ୍ପିତ ମହାସାଗର ଭିଜନ୍‌ର ଏକ ଅଂଶବିଶେଷ ଅଞ୍ଚଳକୁ ଆସିଥିବା ଇରାନୀୟ ଜାହାଜକୁ ଆମେରିକା ବୁଡାଇଦେବା କେତେ ଯଥାର୍ଥ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଭାରତର ଶକ୍ତି ସୁରକ୍ଷା ବିପଦରେ ପଡ଼ିଛି। ଭାରତ ଆମଦାନୀ କରୁଥିବା ୪୦%ରୁ ଅଧିକ ତୈଳ ଏବଂ ଏଲ୍‌ପିଜି/ଏଲ୍‌ଏନ୍‌ଜିର ବଡ଼ଭାଗ ହୋର୍ମୁଜ ପ୍ରଣାଳୀ ଦେଇ ଆସିଥାଏ ବୋଲି ରାହୁଲ ସତର୍କ କରାଇଛନ୍ତି। ସେହିପରି ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଜାତୀୟ ସ୍ୱାର୍ଥ କ୍ଷେତ୍ରରେ ମୋଦି ସରକାରଙ୍କ ଦାୟିତ୍ୱହୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ମିଲନ୍-୨୦୨୬ ସମରାଭ୍ୟାସରୁ ଫେରୁଥିବା ଏକ 'ନିରସ୍ତ୍ର ଅତିଥି' ବୁଡ଼ିଗଲା। ସେଥିରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ସରକାର ସମବେଦନା ନ ଜଣାଇବା ଦୁର୍ଭାଗ୍ୟଜନକ। ୧,୧୦୦ ଭାରତୀୟ ନାବିକ ଓ ୩୮ ଭାରତୀୟ ଜାହାଜ ଗଲ୍ଫ ରିଜିଅନ୍‌ରେ ଫସିରହିଛନ୍ତି। ସରକାର କ'ଣ କରୁଛନ୍ତି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶ୍ୟାଧିପତିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ ଏବଂ ଅଭିଳାଷ ମଧ୍ୟ ପୂର୍ଣ୍ଣ ହୋଇଯିବ। ପାରିବାରିକ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହି ନ ପାରେ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଏବଂ ବନ୍ଧୁଙ୍କ ପରାମର୍ଶ ପାଇବାରୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ , ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ଭୁଲ୍‌ବୁଝାମଣାରୁ ଭ୍ରାତୃ ବିବାଦଜନିତ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେବ। ପ୍ରିୟଜନଙ୍କ ସହାୟତାରେ ଆଶା କରୁଥିବା ଦିଗରୁ ଅର୍ଥ ଓ ସୁଖବର ପାଇ ଖୁସି ହେବେ। ଚେଷ୍ଟା କରୁଥିବା କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ସଭାସମିତି ଅଥବା ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

**ମିଥୁନ**
ପରିବାରର ସହାନୁଭୂତି ଓ ଅନୁରୋଧକ୍ରମେ କୌଣସି କାମରେ ତତ୍ପରତା ପ୍ରକାଶ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ପୂର୍ବ ରାଗକୁ ଶୁଝାଇବାକୁ ଯାଇ ନିଜଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିବେ।

**କର୍କଟ**
ବହୁତ ଝିନ୍‌ଝଟ୍ ମଧ୍ୟରେ କର୍ମକ୍ଷେତ୍ରରେ ମାନସିକ ଉଦାସୀନତା କାମରେ ନିରୁତ୍ସାହିତ ଭାବ ସୃଷ୍ଟିକରିବ। ଅବଶ୍ୟ ଆର୍ଥିକ ସ୍ଥିତି ବହୁତ ଭଲ ରହିବା ସହ ଅର୍ଥ ସମ୍ପର୍କିତ ସମସ୍ୟା ସୁଧୁରି ଯାଇପାରେ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟକୁ ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରେ ସାଧନ କରିପାରିବେ। ମନ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବାରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ବହୁତ ଅନୁସନ୍ଧାନ ପରେ ଅପରାହ୍ନରେ ପାଉ ନ ଥିବା ଜିନିଷଟି ହଠାତ୍ ପାଇଯିବେ। ବ୍ୟବସାୟ ଓ ପରିବହନରେ ହଠାତ୍ କ୍ଷତି ସହିବାକୁ ପଡ଼ିପାରେ।

**କନ୍ୟା**
ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା ଦିନଚର୍ଯ୍ୟାକୁ ସନ୍ତୋଷ ପ୍ରଦାନ କରିବ। ଚେଷ୍ଟାକରୁଥିବା କାମରେ ସଫଳତା ପାଇବାରେ ବନ୍ଧୁଙ୍କ ସହଯୋଗ ସ୍ମରଣୀୟ ରହିବ। ପାରିବାରିକ କିମ୍ବା ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ବ୍ୟୟାଧିକ୍ୟଜନିତ ଅର୍ଥାଭାବରୁ କାମ କରିବାରେ ପଛେଇ ଯାଇ ପାରନ୍ତି।

**ତୁଳା**
ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି, ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ଅଥବା ଶୁଭକାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଆବଶ୍ୟକ ସହଯୋଗ ଲାଭକରି ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ଉପରିସ୍ଥ କର୍ମଚାରୀଙ୍କ ସମ୍ମୁଖରେ ମନକଥା କହିବାକୁ ପଛେଇ ଯାଇ ମନସ୍ତାପ କରିପାରନ୍ତି।

**ବିଛା**
ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍ ରହିବା ସାଙ୍ଗକୁ କୌଣସି ଆଗାମୀ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଏହା ସାଙ୍ଗକୁ ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ବଳହୀନ ବୁଧ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିବା ସହ ବୃହସ୍ପତିଙ୍କ ପ୍ରଭାବରେ ପରିସ୍ଥିତି ସହ ନିଜକୁ ଆଡଜଷ୍ଟ କରାଇନେବାରେ ସାହାଯ୍ୟ କରିବ।

**ଧନୁ**
ଆପଣଙ୍କ ମାନସିକ ସ୍ଥିତି ସୁସ୍ଥ ରହିବା ସହ କୌଣସି ନୂତନ କର୍ମାରମ୍ଭ ପାଇଁ ନିୟୋଜିତ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ, ପ୍ରଶାସନିକ ଅବା ରାଜନୈତିକ କ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିବେ। ପାରିବାରିକ, ପ୍ରକାଶନ, ଯାନବାହନ, ନିର୍ମାଣ, ନୂତନ ସ୍ଥାନ ପରିଦର୍ଶନରୁ ସୁଫଳ ମିଳିବ।

**ମକର**
ଆଜି ବନ୍ଧୁସମ୍ପର୍କ, ନୂତନ କାର୍ଯ୍ୟାରମ୍ଭ, ବାଣିଜ୍ୟ, ବ୍ୟବସାୟ, ମନୋରଞ୍ଜନାଦି କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ଅଥବା ଆନୁଷ୍ଠାନିକ କାମ, କଳା, କାରିଗରିରେ ପ୍ରଶଂସିତ ହେବେ। ପରିବାରର ଆବଶ୍ୟକତାକୁ ନେଇ ବିଳାସ ଉପକରଣ ଏବଂ ଯାନ୍ତ୍ରିକ ଜିନିଷ କ୍ରୟ କରିବେ।

**କୁମ୍ଭ**
ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ କୌଣସି ସମ୍ପର୍କୀୟ ଆପଣଙ୍କ ପାଇଁ ବିରୋଧୀ ଭୂମିକା ଗ୍ରହଣ କରିପାରନ୍ତି। ଶତ୍ରୁତା ଓ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ତାହା ଆପଣଙ୍କ କାର୍ଯ୍ୟ ହାସଲ ସକାଶେ ଅନ୍ତରାୟ ନ ହୋଇପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବେ।

**ମୀନ**
ବନ୍ଧୁଙ୍କ ସହ ଆଲୋଚନାନ୍ତେ ପୂର୍ବ ସ୍ଥିରୀକୃତ ଯୋଜନାରେ ପରିବର୍ତ୍ତନ ଅଥବା ଗସ୍ତକାର୍ଯ୍ୟକ୍ରମ ବାତିଲ ହୋଇଯାଇପାରେ। ପୂର୍ବଶତ୍ରୁତା କାରଣରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ଏପରି କି ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିପାରନ୍ତି।

ଆଜି ମାର୍ଚ୍ଚ ୬ ତାରିଖ, ଚୈତ୍ର କୃଷ୍ଣ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୦୯।୩୦ମି. ଗତେ ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬।୦୬ମି. ଗତେ ଘ.୦୬।୫୩ ମି. ମଧ୍ୟେ, ଘ. ୦୭।୪୦ମି. ଗତେ ଘ.୦୯।୦୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୩୦ମି. ଗତେ ଘ.୧୧।୫୮ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ | Bhubaneswar, Friday, March 6/2026


**୨୦୨୪-୨୫: ଏଡିଆର୍ ରିପୋର୍ଟ**

# ଭାଜପାର ଆୟ ୬୭୬୯.୧୪ କୋଟି

## ଜାତୀୟ ଦଳଗୁଡ଼ିକର ମୋଟ ଆୟର ୮୫% ଏକାକୀ ଭାଜପା ପାଖରେ

**କେନ୍ଦ୍ରର ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୬୭୬୯.୧୪ କୋଟି ଟଙ୍କାର ଆୟ ଘୋଷଣା କରିଛି, ଯାହା ସମସ୍ତ ଜାତୀୟ ଦଳ ମଧ୍ୟରେ ସର୍ବାଧିକ। ଏହି ସମୟରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିଲେ ମଧ୍ୟ ଏହା ଭାଜପା ତୁଳନାରେ ବହୁ ପଛରେ ରହିଛି। ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍)ର ସଦ୍ୟତମ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି।**

ନୂଆଦିଲ୍ଲୀ, ୫।୩ (ପି.ଟି.)

ଦେଶର ୬ ଜାତୀୟ ଦଳ ଭାଜପା, କଂଗ୍ରେସ, ସିପିଆଇ-ଏମ୍, ଆମ୍ ଆଦ୍‌ମୀ ପାର୍ଟି (ଆପ୍), ବିଏସ୍‌ପି ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ମୋଟ ୭୯୬୦.୦୯ କୋଟି ଟଙ୍କାର ଆୟ ଘୋଷଣା କରିଛନ୍ତି। ଏଥିମଧ୍ୟରୁ କେବଳ ଭାଜପାର ଅଂଶ ୮୫.୦୩ ପ୍ରତିଶତ ରହିଛି। ଭାଜପା ନିଜ ଆୟର ୫୫.୭୬% (୩୭୭୪.୫୮ କୋଟି ଟଙ୍କା) ଖର୍ଚ୍ଚ କରିଛି। କଂଗ୍ରେସର ମୋଟ ଆୟ ୯୧୮.୨୮ କୋଟି ଟଙ୍କା ଥିବାବେଳେ ଦଳ ୧୧୧୧.୯୪ କୋଟି ଟଙ୍କା ଖର୍ଚ୍ଚ କରିଛି, ଯାହା ମୋଟ ଆୟଠାରୁ ୨୧.୦୯% (୧୯୩.୬୬ କୋଟି ଟଙ୍କା)। ମାୟାବତୀଙ୍କ ନେତୃତ୍ୱାଧୀନ ବିଏସ୍‌ପି ନିଜ ଆୟ (୫୮.୫୮ କୋଟି)ଠାରୁ ୮୧.୪୫% ଅଧିକ (୧୦୬.୩୦ କୋଟି ଟଙ୍କା) ଖର୍ଚ୍ଚ କରିଥିବା ଜଣାପଡ଼ିଛି।

୨୦୨୩-୨୪ ତୁଳନାରେ ଭାଜପାର ଆୟରେ ୫୫.୯୫% ବୃଦ୍ଧି ଘଟିଛି। ଅପରପକ୍ଷରେ, କଂଗ୍ରେସର ଆୟ ପ୍ରାୟ ୨୫% ହ୍ରାସ ପାଇଛି। ଆପ୍‌ର ଆୟରେ ଉଲ୍ଲେଖନୀୟ ୭୩.୨୦% ବୃଦ୍ଧି ଦେଖିବାକୁ ମିଳିଛି। ଆୟର ଉତ୍ସକୁ ନେଇ ଏଡିଆର୍ ରିପୋର୍ଟରେ କୁହାଯାଇଛି, ଜାତୀୟ ଦଳଗୁଡ଼ିକର ମୋଟ ଆୟର ପ୍ରାୟ ୮୫.୦୮% ଅଂଶ ଦାନ ବା ଅନୁଦାନରୁ ଆସିଛି। ଭାଜପା ନିଜ ଆୟର ୯୦.୪୮% ଭାଗ ଅନୁଦାନରୁ ପାଇଛି। କଂଗ୍ରେସ ନିଜ ଆୟର ୩୮.୧୨% ଭାଗ (୩୫୦.୧୨ କୋଟି ଟଙ୍କା) 'କୁପନ' ବିକ୍ରି ମାଧ୍ୟମରେ ସଂଗ୍ରହ କରିଛି। ବିଏସ୍‌ପି ଦର୍ଶାଇଛି ଯେ ଦଳ କୌଣସି ଅନୁଦାନ ପାଇନାହିଁ ଏବଂ ଏହାର ୧୦୦% ଆୟ ଅନ୍ୟାନ୍ୟ ଉତ୍ସରୁ ଆସିଛି। ଜାତୀୟ ଦଳଗୁଡ଼ିକର ଖର୍ଚ୍ଚର ସବୁଠାରୁ ବଡ଼ ମାଧ୍ୟମ ହେଉଛି ନିର୍ବାଚନ ପ୍ରଚାର। ଭାଜପା ନିର୍ବାଚନ ପ୍ରଚାର ପାଇଁ ସର୍ବାଧିକ ୩୩୩୫.୩୬ କୋଟି ଟଙ୍କା ଖର୍ଚ୍ଚ କରିଛି। କଂଗ୍ରେସ ଏ ବାବଦରେ ୮୯୬.୨୨ କୋଟି ଟଙ୍କା ବ୍ୟୟ କରିଛି। ସିପିଆଇ(ଏମ୍) ପ୍ରଶାସନିକ ଏବଂ କର୍ମଚାରୀଙ୍କ ଦରମା ବାବଦରେ ଅଧିକ ଖର୍ଚ୍ଚ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।





ରାଜ୍ୟ ସଭାର ୪ ଆସନ ନିମନ୍ତେ ଗୁରୁବାର ଭାଜପା ପକ୍ଷରୁ ମନମୋହନ ସାମଲ, ସୁଜିତ କୁମାର ଏବଂ ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ନାମାଙ୍କନପତ୍ର ଦାଖଲ କରିବା ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ।


ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଜେଡି-କଂଗ୍ରେସ-ସିପିଆଇ(ଏମ୍)ର କମନ୍ ପ୍ରାର୍ଥୀ ଭାବେ ସ୍ୱାଧୀନରେ ଡାକ୍ତର ଦତ୍ତେଶ୍ୱର ହୋତା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ୪ ଆସନ, ୫ ପୁରୁଷ

- ବିଜେଡିରୁ ସଂତୃପ୍ତ, ଦତ୍ତେଶ୍ୱର ସ୍ୱାଧୀନ ଭାବେ ୩ ଦଳର ସମର୍ଥିତ ପ୍ରାର୍ଥୀ
- ଭାଜପାରୁ ମନମୋହନ, ସୁଜିତ, ଦିଲୀପ ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ
- କଂଗ୍ରେସ ସହ ମେଣ୍ଟ ନେଇ ନବୀନ କହିଲେ 'ସମୟ କହିବ ଭବିଷ୍ୟତ'
- ୨୦୦୨ ଭଳି ଜିତିବେ କହିଲେ ଦିଲୀପ ରାୟ

ଭୁବନେଶ୍ୱର,୫।୩(ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନ ଲାଗି ଗୁରୁବାର ଶେଷଦିନରେ ୫ଜଣ ପୁରୁଷ ନାମାଙ୍କନ କରିଛନ୍ତି। ଗତ ୨୬ ତାରିଖରେ ହାଇଦ୍ରାବାଦର କାନ୍ତେ ସାୟନା ନାମାଙ୍କନପତ୍ର ଭରିଥିଲେ। କିନ୍ତୁ କେହି ପ୍ରସ୍ତାବକ ନ ଥିବାରୁ ତାଙ୍କ ନାମାଙ୍କନପତ୍ର ଖାରଜ ହେବା ପ୍ରାୟ ନିଶ୍ଚିତ। ଫଳରେ ୪ ରାଜ୍ୟ ସଭା ଆସନ ପାଇଁ ୫ ପୁରୁଷ ପ୍ରାର୍ଥୀ ରହିବେ। ଗୁରୁବାର ନାମାଙ୍କନପତ୍ର ଦାଖଲ ଆରମ୍ଭର କିଛି ସମୟ ମଧ୍ୟରେ ବିଜେଡି ଓ କଂଗ୍ରେସ ନେତାମାନେ ବିଧାନସଭା କନ୍‌ଭେନସନ ସେଣ୍ଟରଠାରେ ପହଞ୍ଚିଥିଲେ। ଏହାପରେ ବିଜେଡି ପକ୍ଷରୁ ଘୋଷଣା କରାଯାଇଥିବା କମନ୍ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ଏବଂ ବିରୋଧୀ ଦଳ ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ନାମାଙ୍କନପତ୍ର ଦାଖଲ ପାଇଁ ପହଞ୍ଚିଥିଲେ। ଏହି ୨ ଜଣଙ୍କ ସାଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତଚରଣ ଦାସ, ପୂର୍ବତନ ବିରୋଧୀ ଦଳ ନେତା ନରସିଂହ ମିଶ୍ର, କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଜେଡି ଏବଂ କଂଗ୍ରେସର ବହୁ ବିଧାୟକ ଉପସ୍ଥିତ ଥିଲେ। ମାତ୍ର କଂଗ୍ରେସର ଅନୁପସ୍ଥିତ ବିଧାୟକମାନଙ୍କୁ ନେଇ ସେଠାରେ ଚର୍ଚ୍ଚା ଚାଲିଥିଲା। ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ଦାଶରଥୀ ଗମାଙ୍ଗ, ସୋଫିଆ ଫିର୍‌ଦୋସ୍, ରମେଶ ଜେନା, ସତ୍ୟଜିତ ଗମାଙ୍ଗ, ମଙ୍ଗୁ ଖିଲ, ଆପାଲସ୍ୱାମୀ କାଡ୍ରାକା ଏବଂ ନୀଳମାଧବ ହିକ୍କା ଆସି ନ ଥିଲେ। କୋରାପୁଟ ଅଞ୍ଚଳରେ ହୋଲି ପାଳନ ଲାଗି ଯାଇଥିବା ବିଧାୟକମାନେ ଦୂରତା କାରଣରୁ ପହଞ୍ଚିପାରି ନ ଥିବା ଦଳର ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର କହିଛନ୍ତି। ତେବେ ତାରା, ସୋଫିଆ, ରମେଶ, ଦାଶରଥୀଙ୍କ କଥାକୁ ନେଇ ଚର୍ଚ୍ଚା ଅଧିକ ଥିଲା। ସେହିପରି ସିପିଆଇ(ଏମ୍)ର ଜଣେ ବିଧାୟକ ଭାବେ ଲକ୍ଷ୍ମଣ ମୁଣ୍ଡା ରହିଛନ୍ତି। ସେ ମଧ ନାମାଙ୍କନ ସମୟରେ ଉପସ୍ଥିତ ନ ଥିଲେ। ତେବେ ଦତ୍ତେଶ୍ୱରଙ୍କୁ ସମର୍ଥନ ସମ୍ପର୍କରେ ଲକ୍ଷ୍ମଣଙ୍କ ମୁହଁରୁ ଏଯାଏ କିଛି ଶୁଣିବାକୁ ମିଳିନାହିଁ। ଅନ୍ୟପଟେ ରାଜ୍ୟ ସଭା ନିର୍ବାଚନର ୩ୟ ଆସନ ଲାଗି ସଂତୃପ୍ତ ମିଶ୍ର ୨ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ଉଭୟ ସେଟ୍‌ରେ ବିଜେଡିର ୧୦ ଜଣ ଲେଖା ବିଧାୟକ ପ୍ରସ୍ତାବକ ରହିଥିଲେ। ସେହିପରି ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦତ୍ତେଶ୍ୱର ହୋତା ୩ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ୨ଟି ସେଟ୍‌ରେ ୧୦ ଜଣ ଲେଖା ବିଜେଡି ଏବଂ ଗୋଟିଏ ସେଟ୍‌ରେ ୧୦ ଜଣ କଂଗ୍ରେସ ବିଧାୟକ ପ୍ରସ୍ତାବକ ଭାବେ ଦସ୍ତଖତ କରିଥିଲେ। ନାମାଙ୍କନପତ୍ର ଦାଖଲ ପରେ ଗଣମାଧ୍ୟମକୁ ନବୀନ କହିଥିଲେ, ୨ ପ୍ରାର୍ଥୀଙ୍କୁ ସ୍ୱାଗତ ଜଣାଉଛି। କଂଗ୍ରେସ ସହ ବିଜେଡିର ମେଣ୍ଟ ନେଇ ନବୀନ କହିଥିଲେ, ସମୟ ଭବିଷ୍ୟତ କହିବ।

ଅପରାହ୍ନ ୨ଟା ସମୟରେ ଭାଜପା ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ଏବଂ ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ନାମାଙ୍କନ କରିବାକୁ ପହଞ୍ଚିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଏବଂ ଦଳର ବହୁ ବିଧାୟକ ସେଠାରେ ଉପସ୍ଥିତ ଥିଲେ। ଭାଜପାର ବହୁ ନେତା ମଧ ସେଠାରେ ପହଞ୍ଚିଥିଲେ। ମନମୋହନ, ସୁଜିତ ଏବଂ ଦିଲୀପ ନିଜର ୨ ସେଟ୍ ଲେଖା ନାମାଙ୍କନପତ୍ର ଦାଖଲ କରିଥିଲେ। ୪ ରାଜ୍ୟ ସଭା ଆସନ ମଧ୍ୟରୁ ୩ଟି ପାଇଁ ଜଣେ ଲେଖାଏ ପ୍ରାର୍ଥୀ ହୋଇଥିଲେ। ପ୍ରଥମ ଆସନ ଲାଗି ମନମୋହନ ସାମଲ, ଦ୍ୱିତୀୟ ଆସନ ପାଇଁ ସୁଜିତ କୁମାର ଏବଂ ତୃତୀୟ ଆସନ ଲାଗି ସଂତୃପ୍ତ ମିଶ୍ର ନାମାଙ୍କନ ଦାଖଲକଲେ। ତେଣୁ ଏହି ୩ ଆସନରେ ସବୁ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ। ୪ର୍ଥ ଆସନ ଲାଗି ୨ ଜଣ ପ୍ରାର୍ଥୀ ସ୍ୱାଧୀନ ଭାବେ ଦତ୍ତେଶ୍ୱର ଏବଂ ଦିଲୀପ ନାମାଙ୍କନ କଲେ। ଏହି ଆସନରେ ଉଭୟଙ୍କ ମଧ୍ୟରେ ଭୋଟ୍‌ରେ ଲଢ଼େଇ ହେବ। ନାମାଙ୍କନ କରିସାରିବା ପରେ ଦିଲୀପ ଗଣମାଧ୍ୟମକୁ କହିଛନ୍ତି, ୨୦୦୨ ରାଜ୍ୟ ସଭା ନିର୍ବାଚନ ଭଳି ସେ ବିଜୟୀ ହେବେ। ଅର୍ଥାତ୍ ସେ କଂଗ୍ରେସ ଏବଂ ବିଜେଡିର କେତେଜଣ ସଦସ୍ୟଙ୍କ ସମର୍ଥନ ପାଇବେ ବୋଲି ଆଶା ରଖିଛନ୍ତି। ବିଜେଡି ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ସମୟରେ ଏକ ଦୃଶ୍ୟ ନଜରକୁ ଆସିଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ନାମାଙ୍କନପତ୍ର ଯାଞ୍ଚ ହେବ। ୯ ତାରିଖରେ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ଓ ଚୂଡ଼ାନ୍ତ ତାଲିକା ପ୍ରକାଶ। ମାର୍ଚ୍ଚ ୧୬ରେ ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବ।

# ରାଜ୍ୟ ସଭା ଯିବେ ନୀତୀଶ

## ବିହାରଃ ଭାଜପାରୁ ହୋଇପାରନ୍ତି ନୂଆ ମୁଖ୍ୟମନ୍ତ୍ରୀ


ପାଟନାସ୍ଥିତ ବିଧାନସଭା ପରିସରରେ ରାଜ୍ୟ ସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ନିକଟରେ ଉପସ୍ଥିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।

ପାଟନା,୫।୩(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୁଖ୍ୟ ନୀତୀଶ କୁମାର ଗୁରୁବାର ରାଜ୍ୟ ସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ୧୦ ଥର ଶପଥ ନେଇଥିବା ସୁଶାସନ ବାବୁ ଏହି ପଦ ଛାଡ଼ିବାକୁ Xରେ ଇଚ୍ଛା ପ୍ରକାଶ କରିବା ସହ ସଂସଦୀୟ ରାଜନୀତିକୁ ଫେରିବାକୁ ଚାହୁଁଥିବା କହିଛନ୍ତି। ଭାଜପାର ଜଣେ ନେତାଙ୍କୁ ରାଜ୍ୟରେ ନୂଆ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏଥିସହ ହିନ୍ଦୀଭାଷୀ ବିହାର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି।

ଗତ ସପ୍ତାହରେ ୭୫ ବର୍ଷରେ ପଦାର୍ପଣ କରିଥିବା ନୀତୀଶ କୁମାର ୨୦୦୫ରୁ ଅଦ୍ୟାବଧି ୧୦ ଥର ବିହାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିସାରିଲେଣି। ଜେଡିୟୁ କୌଣସି ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିଲେ ମଧ୍ୟ ସର୍ବାଧିକ ସମୟ ଶାସନ କରି ରେକର୍ଡ କରିଥିବା ନୀତୀଶଙ୍କୁ ଇତିହାସ ଜଣେ ଚତୁର ରାଜନେତା ଭାବେ ମନେରଖିବ। ଗତ ବିଧାନସଭା ନିର୍ବାଚନରେ ଭାଜପା ସର୍ବାଧିକ ଆସନ ଲାଭ କରିବା ପରେ ଗୃହ ବିଭାଗ ନୀତୀଶଙ୍କ ହାତରୁ ଛଡ଼ାଇ ନେଇ ଭାଜପାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କୁ ଦିଆଯାଇଥିଲା। ସେବେଠୁ ରାଜ୍ୟ ରାଜନୀତିରେ ନୀତୀଶଙ୍କ ପକ୍ଷ ଛେଦନ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଗୁରୁବାର ନୀତୀଶ ନିଜେ ସୋସିଆଲ ମିଡିଆରେ ଏନେଇ ପୋଷ୍ଟ କରିବା ପରେ ଜେଡିୟୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୀତୀଶଙ୍କୁ ହଟାଇବା ପାଇଁ ଭାଜପା ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ଆଣି ଜେଡିୟୁ ନେତା ଓ କର୍ମୀମାନେ ଦଳୀୟ ଅଫିସରେ ଭଙ୍ଗାରୁଜା କରିଛନ୍ତି।

ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇ ନୀତୀଶ କହିଛନ୍ତି, ବିହାରବାସୀଙ୍କ ଆସ୍ଥା ଓ ସମର୍ଥନ ଯୋଗୁ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେବା କରିବା ସୁଯୋଗ ମିଳିଛି। ସେହି ବିଶ୍ୱାସ ଓ ସମର୍ଥନକୁ ନେଇ ରାଜ୍ୟ ବିକାଶର ନୂଆ ଦିଗରେ ଅଗ୍ରସର ହେଉଛି। ପୂର୍ବରୁ କେନ୍ଦ୍ରରେ ରେଳମନ୍ତ୍ରୀ ଥିବା ନୀତୀଶ ନିଜ ପୋଷ୍ଟରେ ଆହୁରି ଲେଖିଛନ୍ତି, ସେ ରାଜନୈତିକ କ୍ୟାରିୟର ସଂସଦୀୟ ଯାତ୍ରାରୁ ଆରମ୍ଭ କରିଥିଲେ। ସେ ବିହାରର ଉଭୟ ସଦନର ସଦସ୍ୟ ହେବାକୁ ଚାହିଁଥିଲେ। ସେହିପରି ସେ ସଂସଦର ଉଭୟ ସଦନର ସଦସ୍ୟ ହେବାକୁ ମଧ୍ୟ ଚାହିଁଥିଲେ। ଏଥିପାଇଁ ସେ ରାଜ୍ୟ ସଭା ନିମନ୍ତେ ନାମାଙ୍କନ କରୁଛନ୍ତି। ନାମାଙ୍କନ ବେଳେ ନୀତୀଶଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ଇତିମଧ୍ୟରେ ଏନ୍‌ଡିଏ ସୂତ୍ରରୁ ଜଣାପଡ଼ିଛି ଯେ, ନୀତୀଶଙ୍କ ପୁଅ ନିଶାନ୍ତ କୁମାରଙ୍କୁ ବିହାର ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ। ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସମ୍ରାଟ ଚୌଧରୀଙ୍କ ନାମ ଚର୍ଚ୍ଚାର ସର୍ବାଗ୍ରେ ରହିଛି।

# ୩୯ ଡିଗ୍ରୀ ଟପିଲା ପାରଦ

**ଘୂର୍ଣ୍ଣିବଳୟ ପ୍ରଭାବରେ ୮ରୁ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୫।୩(ବନ୍ଦନା ସେଠୀ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ବୃଦ୍ଧି ପାଇବା ସହିତ ସକାଳେ କୁହୁଡ଼ି ଓ ଦିନରେ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ପାରଦ ୩୯ ଡିଗ୍ରୀ ଟପିଥିଲା। ଝାରସୁଗୁଡାଠାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଥିଲା। ଏହାତଳକୁ ଟିଟିଲାଗଡ଼ରେ ୩୭.୫ ଡିଗ୍ରୀ, ପାରଳାଖେମୁଣ୍ଡି ୩୭.୨ ଡିଗ୍ରୀ, ଗୋପାଳପୁର ୩୭.୧ ଡିଗ୍ରୀ, ଢେଙ୍କାନାଳ ୩୭ ଡିଗ୍ରୀ, ଅନୁଗୋଳ ୩୬.୯ ଡିଗ୍ରୀ, ହୀରାକୁଦ ୩୬.୮ ଡିଗ୍ରୀ, ବଲାଙ୍ଗୀର ୩୬.୭ ଡିଗ୍ରୀ, ସମ୍ବଲପୁର ୩୬.୬ ଡିଗ୍ରୀ, ଭବାନୀପାଟଣା ୩୬.୫ ଡିଗ୍ରୀ, ଭୁବନେଶ୍ୱର ୩୬.୪ ଡିଗ୍ରୀ, ତାଳଚେର ୩୬.୪ ଡିଗ୍ରୀ, ବରଗଡ଼ ୩୬.୨ ଡିଗ୍ରୀ, ନୂଆପଡା ୩୬ ଡିଗ୍ରୀ, ସୁନ୍ଦରଗଡ ୩୬ ଡିଗ୍ରୀ, ନବରଙ୍ଗପୁର ୩୬ ଡିଗ୍ରୀ ଏବଂ ବାରିପଦାରେ ତାପମାତ୍ରା ୩୬ ଡିଗ୍ରୀ ରହିଥିଲା।

ଅନ୍ୟପକ୍ଷରେ ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ୮ ତାରିଖ ବେଳକୁ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁରରେ ଘଡ଼ଘଡ଼ି ସହ ବର୍ଷା ହେବ। ଏଥିସହ ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ଝଡ଼୍‌କା ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି।



ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ଦୁଇ ବିପଜ୍ଜନକ ନିଷ୍ପତ୍ତି



ଡାରୋନ ଆକେମୋଗ୍ଲୁ

୨୦୦୦ ମସିହାରେ ଜିମ୍ବାୱେର ପୂର୍ବତନ ଏକଚ୍ଛତ୍ରବାଦୀ ଶାସକ ରବର୍ଟ ମୁଗାବେ ଦେଶର ଜାତୀୟ ଲଟେରିରେ ସବୁଠୁ ବଡ଼ ପୁରସ୍କାର ଜିତିଥିଲେ। ସେ ଏକ ସାଧାରଣ କାରଣ ପାଇଁ ବିଜୟୀ ହୋଇଥିଲେ। ଥରେ କ୍ଷମତାର ଶକ୍ତି ପ୍ରୟୋଗ କରି ସଂସ୍ଥାଗୁଡ଼ିକୁ ନଷ୍ଟ କରିଦେଲେ ତୁମେ ବ୍ୟକ୍ତିଗତ ସମୃଦ୍ଧି, ବ୍ୟକ୍ତିଗତ ଖ୍ୟାତି କିମ୍ବା ବ୍ୟକ୍ତିଗତ ମନୋରଞ୍ଜନ ପାଇଁ ଶାସନ କରିପାରିବ। ମୁଗାବେ ତାଙ୍କ ୩୭ ବର୍ଷ ଶାସନରେ ଏହା କରିଥିଲେ। ତେବେ ଏବେ ନୀତିନିୟମ ଓ ସଂସ୍ଥାଗୁଡ଼ିକର କ୍ଷତି କରିପାରୁଥିବା ଏଭଳି ପ୍ରବୃତ୍ତି ବ୍ୟବସ୍ଥାର ଏକ ଅଂଶ ହୋଇଗଲାଣି।

ନିକଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ନେଇଥିବା ଦୁଇଟି ନିଷ୍ପତ୍ତି ମାଧ୍ୟମରେ ମୁଗାବେଙ୍କ ଲଟେରି ପ୍ରତଫଳିତ ହୋଇଛି। ପ୍ରଥମ ନିଷ୍ପତ୍ତି ହେଉଛି ଇରାନ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଆକ୍ରମଣ କରି ସେହି ଦେଶର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟା କରିବା। ଜୀବନ ହାନି ଓ ଅରାଜକତା ବିଷୟକୁ ବିଚାରକୁ ନେଇନାହାନ୍ତି। ଏହା ସ୍ପଷ୍ଟ ଯେ, ଏହି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଏକ ଦୀର୍ଘମିଆଦୀ ଅସ୍ଥିରତା ସୃଷ୍ଟି କରିବ। ଏହା ନିଶ୍ଚିତ ଯେ, ଇରାନର ଶାସନ ଦମନକାରୀ ଏବଂ ହତ୍ୟାକାରୀ ଥିଲା, ଯାହା ଇରାନୀୟଙ୍କ ଆର୍ଥିକ ଓ ସାମାଜିକ କଲ୍ୟାଣ ପାଇଁ ଖରାପ। ଖାମେନେଇ ପ୍ରତିଷ୍ଠିତ ବର୍ଗଙ୍କ ନେତା ଥିଲେ ଏବଂ ଇସ୍‌ଲାମିକ ରିଭୋଲ୍ୟୁଶନାରୀ ଗାର୍ଡ କ୍ରପ୍ସ ସିଧାସଳଖ ଲୋକଙ୍କୁ ହତ୍ୟା କରିଥିଲା। ଏପରିକି ଚଳିତ ବର୍ଷ ପ୍ରାରମ୍ଭରୁ ଅନେକ ହଜାର ଆନ୍ଦୋଳନକାରୀଙ୍କୁ ଗିରଫ କରାଯିବା ସହ ହତ୍ୟା କରାଯାଇଛି। କିନ୍ତୁ ଏସବୁ ଯୁକ୍ତି ମଧ୍ୟରୁ କୌଣସିଟି ମଧ୍ୟପ୍ରାଚ୍ୟରେ ଏକ ନୂଆ ଯୁଦ୍ଧ ଆରମ୍ଭକୁ ନ୍ୟାୟସଙ୍ଗତ ବୋଲି ସାବ୍ୟସ୍ତ କରେ ନାହିଁ। ଲୋକଙ୍କ ମତକୁ ଗୁରୁତ୍ୱ ଦେଉଥିବା ଏକ ଗଣତନ୍ତ୍ର କଥା ଆମେରିକା କହୁଛି, କିନ୍ତୁ ତାହାକୁ ଟ୍ରମ୍ପ ବ୍ୟାପକ କ୍ଷତି ଘଟାଇବା ଯୋଗୁ ଗଣତାନ୍ତ୍ରିକ ସୁରକ୍ଷା କବଚ ଦିନକୁ ଦିନ ଦୁର୍ବଳ ହୋଇଚାଲିଛି।

ଖାମେନେଇଙ୍କ ଶାସନର ରେକର୍ଡ ଯାହା ଥାଉ ନା କାହିଁକି, ସେ ନିକୋଲାସ ମାଦୁରୋଙ୍କ ଭଳି ନ ଥିଲେ। ଜାନୁଆରୀରେ ଭେନେଜୁଏଲା ଶାସନରେ ହସ୍ତକ୍ଷେପ କରି ମାଦୁରୋଙ୍କୁ ଆୟତ୍ତ କରିବା ସମୟରେ ଭେନେଜୁଏଲାର ସେନାରେ ତାଙ୍କର ଖୁବ୍‌କମ୍ ବିଶ୍ୱସ୍ତ ସମର୍ଥକ ଥିବା ଦେଖାଯାଇଥିଲା। କିନ୍ତୁ ବ୍ୟବସ୍ଥାଗତ ସଂସ୍ଥା ଓ ଦୃଢ଼ ଜାତୀୟତାବାଦୀ ଭାବନା ଥିବା ଦେଶ ଇରାନରେ କର୍ଣ୍ଣେଇର ଶାସନ ହେବ ନାହିଁ। ୧୯୭୯ରେ ଯେତେବେଳେ ଇରାନୀୟଙ୍କ ବିଦ୍ରୋହ ଯୋଗୁ ଶାହାଙ୍କ ଶାସନ ପତନ ଘଟିଥିଲା, ସେତେବେଳେ ସରକାରୀ ବ୍ୟବସ୍ଥା ଖୁବ୍ ମଜଭୁତ ଥିଲା ଏବଂ ନୂଆ ଇସ୍‌ଲାମିକ ରିପବ୍ଲିକକୁ ତାହାର ରାଷ୍ଟ୍ରଭକ୍ତି ଭାବନା ଯାଇଥିଲା। ଦେଶର ଶାସନଗତ ବ୍ୟବସ୍ଥା ଇରାନର ସ୍ୱାର୍ଥ ରକ୍ଷା କରିବ ଏବଂ ଅନ୍ୟ ଦେଶଗୁଡ଼ିକୁ ଅସ୍ଥିର କରିବା ପାଇଁ ଦେଶର ଏଜେଣ୍ଟଗୁଡ଼ିକୁ ବ୍ୟବହାର କରିବ। ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିବା ପରଠାରୁ ଦୁର୍ବଳ ହୋଇଯାଇଥିବା ଉଭୟ ହେଜବୁଲ୍ଲା ଓ ହମାସ ଭଳି ଉଗ୍ରବାଦୀ ଗୋଷ୍ଠୀକୁ ନୂଆ ଜୀବନ ଦେବ। ତେବେ ଖାମେନେଇ ତାଙ୍କ ଧର୍ମୀୟ ଭୂମିକାକୁ ନେଇ ସମ୍ମାନ ପାଉଥିଲେ ଏବଂ ଦେଶ ତଥା ବାହାରେ ବ୍ୟାପକ ସଂଖ୍ୟାରେ ଥିବା ଶିୟା ମୁସଲମାନଙ୍କ ମଧ୍ୟରେ ସେ କ୍ଷମତା ଉପଭୋଗ କରୁଥିଲେ। ଅନେକଙ୍କ ମତରେ ତାଙ୍କର ମୃତ୍ୟୁ ତାଙ୍କୁ ଶହୀଦ କରିଦେଇଛି।



ଟ୍ରମ୍ପଙ୍କ ଅନ୍ୟ ବିପଜ୍ଜନକ ତଥା ଅସ୍ଥିରତା ସୃଷ୍ଟିକାରୀ ନିଷ୍ପତ୍ତି ପ୍ରଥମ ନିଷ୍ପତ୍ତିର ଠିକ୍ ପୂର୍ବରୁ ନେଇଥିଲେ। ଯୋଗାଣ ଶୃଙ୍ଖଳ ବିପଦ ଭାବେ ଏଆଇ କମ୍ପାନୀ ଆନ୍ଥ୍ରୋପିକ୍‌କୁ ନାମିତ କରିଥିଲେ। ଏଭଳି ନାମକରଣ ଚାଇନାର ହୁଆୱାଇ ଭଳି ଶତ୍ରୁ ଦେଶର କମ୍ପାନୀଗୁଡ଼ିକ ପାଇଁ ରହିଛି। ଏଥିରେ ଆମେରିକାର କଣ୍ଟ୍ରାକ୍ଟରମାନେ ଆନ୍ଥ୍ରୋପିକର ମଡେଲ ବ୍ୟବହାର କରିବା ମନା , ଯାହା କମ୍ପାନୀର ଭବିଷ୍ୟତ କାର୍ଯ୍ୟ ଉପରେ ବଡ଼ ପ୍ରତିବନ୍ଧକର ସଙ୍କେତ ଦିଏ। ଏଭଳି କଟକଣା ଲାଗୁ କରି ପ୍ରତିରକ୍ଷା ସଚିବ ପିଟେ ହେଗସେଥ ଘୋଷଣା କରିଥିଲେ ଯେ, ଆମେରିକା ସେନା ସହ ଯେଉଁ କଣ୍ଟ୍ରାକ୍ଟର, ଯୋଗାଣକାରୀ କିମ୍ବା ଅଂଶୀଦାର କାରବାର କରୁଛନ୍ତି ସେମାନେ ଆନ୍ଥ୍ରୋପିକ ସହ କୌଣସି ବାଣିଜ୍ୟିକ କାର୍ଯ୍ୟକଳାପରେ ଜଡ଼ିତ ହୋଇପାରିବେ ନାହିଁ। ତେବେ ଏହାର କାରଣ କ'ଣ ? ଆନ୍ଥ୍ରୋପିକ ଆମେରିକୀୟଙ୍କ ମାସ୍ ସର୍ଭିଲାନ୍ସ ଓ ଅଟୋନୋମସ ୱେପନ ସିଷ୍ଟମ ( ଏଡବ୍ଲ୍ୟୁଏସ)ବା ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ବ୍ୟବହାର ବ୍ୟବସ୍ଥାରେ ବ୍ୟବହାର ହେଉଥିବା ଏହାର ମଡେଲର ସୁରକ୍ଷା ଚାହୁଁଥିଲା। ଦୁଇଟି ମଧ୍ୟରୁ କୌଣସିଟି ପ୍ରତିରକ୍ଷା ବିଭାଗ ଉପରେ ବଡ଼ ବାଧା ଆଣି ନାହିଁ। କିନ୍ତୁ ଟ୍ରମ୍ପ୍ ଓ ହେଗସେଥ୍‌ଙ୍କ ମତରେ, ଏହା ହେଉଛି ଆନ୍ଥ୍ରୋପିକର ମୁକାବିଲା ମନୋଭବ ଓ ଧମକ। ତେବେ ମୁଗାବେଙ୍କ ଭଳି ସେମାନେ ଯେଉଁଥିରେ ଖୁସି ହୋଇପାରିବେ ସେହିଭଳି ପ୍ରଦର୍ଶନ କରିବା ଉଚିତ। ଜିମ୍ବାୱେର ଲଟେରି ତୁଳନାରେ ଆନ୍ଥ୍ରୋପିକ ନିଷ୍ପତ୍ତିର ବଡ଼ ପରିଣାମ ରହିଛି। ଇରାନ ଉପରେ ଆକ୍ରମଣଠାରୁ ଏହା ଏକ ପ୍ରଭାବୀ ଆକ୍ରମଣ। ଏବକାର ଏଆଇ କ୍ଷମତାକୁ ନେଇ ଯିଏ ଯାହା ଭାବନ୍ତୁ ନା କାହିଁକି, ଭିବଷ୍ୟତରେ ଗଣତନ୍ତ୍ର, ବିଜନେସ, ଯୋଗାଯୋଗ ଏବଂ ବ୍ୟକ୍ତିଗତ ଗୋପନୀୟତା ଉପରେ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିବ। ଶିଳ୍ପ କ୍ଷେତ୍ରରେ ଜଡ଼ିତ ଅନେକ ବ୍ୟକ୍ତି ଆନ୍ଥ୍ରୋପିକ ଉପରେ ଲଗାଯାଇଥିବା କଟକଣା ସମ୍ପର୍କରେ ମତ ରଖନ୍ତି ଯେ, ଘରୋଇ କ୍ଷେତ୍ର ନୁହେଁ, ଆମେରିକା ସରକାର ଏଆଇକୁ ନିୟନ୍ତ୍ରଣ କରିବେ।

ଓପନ ଏଆଇ, ଆନ୍ଥ୍ରୋପିକ ଓ ଗୁଗଲ ମଧ୍ୟରେ ଦେଖାଦେଇଥିବା ପ୍ରତିଦ୍ୱନ୍ଦ୍ୱିତା ଭିତରେ ଯିଏ ଆଗରେ ରହିବ ସିଏ ଜିତିବ। ଏହି କ୍ରମରେ ଆନ୍ଥ୍ରୋପିକ ଘୋଷଣାର କିଛି ଘଣ୍ଟା ପରେ ଓପନ ଏଆଇର ମୁଖ୍ୟ ପ୍ରତିରକ୍ଷା ବିଭାଗ ସହ ଚୁକ୍ତି କରିବା ଲାଗି ସାମ୍ନାକୁ ଆସିଗଲେ। ଏହି ଚୁକ୍ତି ସଙ୍କେତ ଦେଉଛି ଯେ, ଏହି ପ୍ରତିଦ୍ୱନ୍ଦ୍ୱିତା ଏକ ନୂତନ ବିପଜ୍ଜନକ ସ୍ତରରେ ପହଞ୍ଚିବାକୁ ଯାଉଛି। ଆନ୍ଥ୍ରୋପିକ ଯାହା ମନା କରିଦେଇଥିଲା ତାହା ହେଗସେଥଙ୍କୁ ସବୁ ଦେବାକୁ ଏପରିକି ଅଟୋନୋମସ ୱେପନ ସିଷ୍ଟମ ଉପରେ କାମ କରିବାକୁ ଅଲ୍ଟମ୍ୟାନ ରାଜି ହେଉଛନ୍ତି।

ଆନ୍ଥ୍ରୋପିକ ଉପରେ ନିଆଯାଇଥିବା ପଦକ୍ଷେପର ପରିଣାମ ବ୍ୟାପକ ହୋଇପାରେ। ଯେଉଁ କଣ୍ଟ୍ରାକ୍ଟର ଏହାକୁ ଅବମାନନା କରିବେ ତାଙ୍କ ଉପରେ ଏବକାର ପ୍ରଶାସନ ଏବଂ ସମ୍ଭବତଃ ଭବିଷ୍ୟତର ପ୍ରଶାସନ ଅତ୍ୟଧିକ ଜରିମାନା ଲାଗୁ କରିପାରନ୍ତି। ଘରୋଇ ସମ୍ପତ୍ତି ଅଧିକାରର ସୁରକ୍ଷା ଏବେ ଦୁର୍ବଳ ହୋଇଯିବା ଭଳି ମନେହେଉଛି। ଏହି ସମୟରେ ପେଣ୍ଟାଗନ ବିଶ୍ୱକୁ ସଙ୍କେତ ଦେଇଛି ଯେ, ଏହା ମାସ୍ ସର୍ଭିଲାନ୍ସ ଏବଂ ଏଡବ୍ଲ୍ୟୁଏସର ବିକାଶ ପାଇଁ ଦୃଢ଼ ସଙ୍କଳ୍ପବଦ୍ଧ। ଇରାନ ଉପରେ ସେନା ଆକ୍ରମଣ ଏବଂ ଆନ୍ଥ୍ରୋପିକ ଉପରେ ଆଇନଗତ ଆକ୍ରମଣ କରି ଟ୍ରମ୍ପ ସମ୍ଭବତଃ ମୁଗାବେ ସ୍ତରର ମୂର୍ଖତା ଦେଖାଇଛନ୍ତି। କୌଣସି ବୈଦେଶିକ ବିଶେଷକରି ମଧ୍ୟପ୍ରାଚ୍ୟରେ ଜଟିଳତାରେ ଜଡ଼ିତ ନ ହେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଟ୍ରମ୍ପ୍ ଦୁଇ ଦଶନ୍ଧି ପୂର୍ବର ଇରାକ ଯୁଦ୍ଧ ବେଳେ ଯେଉଁଭଳି ବିପଦ ଦେଖାଯାଇଥିଲା ତାହାଠାରୁ ଅଧିକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛନ୍ତି। ସମାଜବାଦ ତଥା ବାମପନ୍ଥୀ ଡେମୋକ୍ରାଟଙ୍କ ବିରୋଧରେ ରହିଆସିଥିବା ଟ୍ରମ୍ପ ଘରୋଇ କମ୍ପାନୀଗୁଡ଼ିକୁ ଧ୍ୱଂସ କରିଦେବା ପାଇଁ ପ୍ରଶାସନକୁ ବ୍ୟବହାର କରୁଛନ୍ତି। କିନ୍ତୁ ଉଭୟ ବିଷୟର ମୁଖ୍ୟ ବିନ୍ଦୁ ହେଉଛି ମୂର୍ଖତା, ଯାହା ମୁଗାବେଙ୍କ କ୍ଷେତ୍ରରେ ଦେଖାଯାଇଥିଲା। ତେବେ ନୀତିନିୟମ ଉଲ୍ଲଂଘନ ପ୍ରଚ୍ଛଦରେ ରହିଛି ଟ୍ରମ୍ପଙ୍କ ବ୍ୟକ୍ତିଗତ ଓ ରାଜନୈତିକ ସିଦ୍ଧାନ୍ତ ଏବଂ ତାହା ହେଉଛି– 'ନିୟମ ବୋକାଙ୍କ ପାଇଁ ହୁଏ '

**ପ୍ରାଧ୍ୟାପକ (ଅର୍ଥନୀତି), ମାସାଚ୍ୟୁସେଟସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି**

## ଏଇ ଭାରତରେ

ଜୀବନର ପଥ ପରିବର୍ତ୍ତନଶୀଳ। ଏହା ମହାରାଷ୍ଟ୍ରର ବୈଶାଳୀ ପାଟିଲଙ୍କ ଜୀବନରେ ଘଟିଛି। ଗୃହିଣୀରୁ ଜଣେ ସଫଳ କୃଷକ ହୋଇପାରିଛନ୍ତି। ଜଲଗାଁଓ ଜିଲାର ରଭେର ତହସିଲରେ ସେ ଏବେ ଜଣେ ସଫଳ ମହିଳା ଚାଷୀ ଭାବେ ପରିଚିତ। ସବୁଠୁ ବଡ଼କଥା ହେଉଛି, ବୈଶାଳୀ ପୁରାତନ କିସମର ଖପ୍‌ଲି ଗହମ ଚାଷକରି ରୋଜଗାରକ୍ଷମ ହେବା ସହ ଏହି ଚାଷକୁ ବ୍ୟାପକ କରି ଅନେକ କୃଷକଙ୍କୁ ସଶକ୍ତ କରିଛନ୍ତି। ସେ ଖପ୍‌ଲି ଗହମ ବିହନ ପାଇଁ ପ୍ରଥମ ସିଡ୍ ଡିଲର ଲାଇସେନ୍ସଧାରୀ ହୋଇପାରିଛନ୍ତି। ଖପ୍‌ଲି ଗହମ ବିଶେଷକରି ଫାଇବର(ତନ୍ତୁ) ଓ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର। ବୈଶାଳୀଙ୍କ ପରିବାର କଦଳୀ, ବାଦାମ, ନଡ଼ିଆ ଓ ଡାଲିଜାତୀୟ ଚାଷ କରୁଥିଲେ ମଧ୍ୟ ସେ ୨୦୧୮ରେ ୨ ଏକରରେ ଏହି ଖପ୍‌ଲି ଗହମ ଚାଷ ଆରମ୍ଭ କରି ଅଧିକ ଅମଳ କରିପାରିଥିଲେ। ଅଧିକ ଅମଳ ଓ ଏହାର ପୌଷ୍ଟିକ ଗୁଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କୃଷକମାନେ ଜାଣିବା ପରେ ସେମାନେ ଏହି ଚାଷ ପ୍ରତି ଆଗ୍ରହୀ ହୋଇଥିଲେ। ବୈଶାଳୀ ସେମାନଙ୍କୁ ବିହନ ଯୋଗାଇଦେବା ଯୋଗୁ ଏବେ ୧,୫୦୦ ଏକରରେ ଏହି ଗହମ ଚାଷ ହୋଇପାରିଛି।

## ଚିରନ୍ତନୀ

ଉଚ୍ଛୁଳିଲା ଗୀତ ବରଷା ବାଆର ପୁଲକେ
ଥରି ଥରି
ବଜ୍ର ବିଜୁଳି ଦୂର ଗଗନର ମୁଲକେ
ଗଲା ମରି ।

–(ମନେ ନାହିଁ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | 9 | |
| 4 | 9 | | | | | 7 | 3 | |
| | | | 6 | | 4 | | | |
| | | | | 1 | 2 | 5 | | |
| | 5 | 6 | | | | | 1 | |
| | 7 | | | | | | | |
| | | | 8 | | | | | |
| 3 | | 2 | | | 6 | | | |
| | | 8 | | 2 | 7 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 1 | 2 | 4 | 6 | 9 | 8 | 3 |
| 3 | 4 | 9 | 1 | 8 | 5 | 2 | 7 | 6 |
| 8 | 6 | 2 | 9 | 7 | 3 | 1 | 5 | 4 |
| 4 | 8 | 5 | 6 | 2 | 1 | 7 | 3 | 9 |
| 2 | 7 | 3 | 4 | 5 | 9 | 6 | 1 | 8 |
| 9 | 1 | 6 | 7 | 3 | 8 | 4 | 2 | 5 |
| 5 | 9 | 4 | 8 | 1 | 7 | 3 | 6 | 2 |
| 6 | 3 | 7 | 5 | 9 | 2 | 8 | 4 | 1 |
| 1 | 2 | 8 | 3 | 6 | 4 | 5 | 9 | 7 |

ଗତ ସଂସ୍କରଣର ଉତ୍ତର

# ଧାନ ଭଗ୍ନକାରୀ ନୀତି ବନାମ ଉତ୍ତରଦାୟିତ୍ୱ



ଡ.ବିମଳ ଷଡ଼ଙ୍ଗୀ

ନିଜର ଦୋଷଦୁର୍ବଳତା ତଥା ଅପାରଗତା ଲୁଚାଇବାକୁ ଚେଷ୍ଟା କରି ଅନେକ ବ୍ୟକ୍ତି ଅନ୍ୟ ଉପରେ ଦୋଷ ଲଦିଦେଇ ଅନ୍ୟର ଉପକାର ନିମିତ୍ତ କୃତଜ୍ଞତା ବଦଳରେ କୃତଘ୍ନ ରୂପେ କୁତ୍ସାରଚନା କରି କେବଳ ନିଜର ଶ୍ରେଷ୍ଠ ଜାହିରକରି ଆତ୍ମସନ୍ତୋଷ ଲାଭ କରନ୍ତି। ଏହିପରି ଅବସ୍ଥା ଆଜି ଅନେକ ବ୍ୟକ୍ତିଙ୍କ ଚରିତ୍ରରେ ପ୍ରସ୍ଫୁଟିତ ହେଉଛି। ଠିକ ସେହିପରି ଅବସ୍ଥା ଆମ ଦେଶର ଶାସନତନ୍ତ୍ରରେ ଦେଖିବାକୁ ମିଳୁଛି। ଦୀର୍ଘ ଏକହଜାର ବର୍ଷଧରି ଭାରତ ମୋଗଲ ଓ ଇଂରେଜ ଆଦି ବିଦେଶୀଙ୍କ ଦାରା ଶାସିତ ଓ ଶୋଷିତ ହେବାପରେ ସାଧୀନତା ଲାଭ କରିଥିଲା। ସେହି ସମୟରେ ଦେଶର ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ଥିତି ନୈରାଶ୍ୟଜନକ ଥିଲା। ଗୋଟେ ପଟେ ପାକିସ୍ତାନ,ଚାଇନା ମିଳିମିଶି ବିଭିନ୍ନ ରୂପରେ ଭାରତ ସହ ଶତ୍ରୁତା ଆଚରଣ କରୁଥିଲେ, ଅନ୍ୟପଟେ ଭାରତ ନିଜର ଅବିକଶିତ ପ୍ରାଥମିକ ସଂରଚନା ଓ ସାମାଜିକ ବିଭେଦ ସହିତ, ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଭିତ୍ତିଭୂମି ନିର୍ମାଣ ଆଦିର ଆବଶ୍ୟକତାକୁ ନେଇ ବିଭିନ୍ନ ଦେଶୀୟ ରାଜନୈତିକ ସଙ୍କଟ ଓ ସମସ୍ୟା ଭିତରେ ସଂଘର୍ଷ କରୁଥିଲା।

ସେହି ସମୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଜାତିକୁ ନୂଆ ପଥରେ ଆଗେଇ ନେଇଥିଲେ ; ଯେଉଁଥିପାଇଁ ତାଙ୍କୁ ଆଧୁନିକ ଭାରତର ନିର୍ମାତା ଭାବେ ଚିହ୍ନିତ କରାଯାଏ। ତାଙ୍କର ଅନେକ ନୀତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ପ୍ରତିଷ୍ଠାନ ଗୁଡ଼ିକ ଆଜି ମଧ୍ୟ ଭାରତୀୟ ରାଜନୀତି ଓ ବିକାଶର ମୂଳଦୁଆ ଭାବେ ରହିଛି। ଜାତୀୟ ଉନ୍ନତି କ୍ଷେତ୍ରରେ ନେହେରୁଙ୍କ ସର୍ବୋତ୍ତମ ଅବଦାନ ହେଉଛି, ଭାରତର ଯୋଜନାମୂଳକ ଅର୍ଥନୀତିର ଶୁଭାରମ୍ଭ 'ପଞ୍ଚବାର୍ଷିକ ଯୋଜନା'। ବିଶେଷତଃ ଭାରି ଶିଳ୍ପ, ଇସ୍ପାତ କାରଖାନା, ଡ୍ୟାମ୍, କୃଷି ଗବେଷଣାକୁ ନେଇ ନେହେରୁଙ୍କ ଦୃଷ୍ଟିକୋଣ ଭାରତକୁ ବିଶ୍ୱର 'ଟେମ୍ପଲ୍ସ ଅଫ ମଡର୍ନ ଇଣ୍ଡିଆ' ଭାବେ ପରିଚିତ କରିଥିଲା। ଭିଲାଇ, ରାଉରକେଲା, ଦୁର୍ଗାପୁର ଇସ୍ପାତ କାରଖାନା, ପରମାଣୁ ଉର୍ଜା ଆୟୋଗ, ଡିଆରଡିଓ , ଆଇଆଇଟି ଆଦି ପ୍ରତିଷ୍ଠାନ ସ୍ଥାପନ ଓ କୃଷି କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିର ଆବଶ୍ୟକତାକୁ ଉପଲବ୍ଧି ଆଧୁନିକ ଭାରତୀୟ କୃଷିର ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ। ଶିକ୍ଷାରେ ବିଶେଷ ଗୁରୁତ୍ୱ ଦେଇ ନୂତନ ବୈଜ୍ଞାନିକ ଚିନ୍ତାଧାରାମୂଳକ ଦୃଷ୍ଟିକୋଣ, ରାଜନୀତିରେ ଧର୍ମନିରପେକ୍ଷତା, ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ୱାଧୀନତା ଓ ଲୋକତାନ୍ତ୍ରିକ ଆଦର୍ଶକୁ ଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଅନ୍ତର୍ଜାତୀୟ ମଞ୍ଚରେ ନେହେରୁଙ୍କ ଭୂମିକା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଶୀତଳଯୁଦ୍ଧର ଦୁଇ ପ୍ରମୁଖ ଗୋଷ୍ଠୀ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏଟ୍ ୟୁନିୟନ ମଧ୍ୟରେ ଥିବା ତିକ୍ତତା ଭିତରେ ଭାରତକୁ ସ୍ୱାଧୀନ ଓ ନିରପେକ୍ଷ ରଖି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ରୂପ ଦେଇଥିଲେ। ମିଶର (ଇଜିପ୍ଟ)ର ପ୍ରସିଦ୍ଧ ନେତା ଗାମାଲ ଅବଦେଲ ନାସେର, ଯୁଗୋସ୍ଲାଭିଆର ତତ୍କାଳୀନ ରାଷ୍ଟ୍ରପତି ଜୋସିପ ବ୍ରଜ ଟିଟୋଓ, ଜବାହରଲାଲ ନେହେରୁ ଏହି ତିନିଜଣଙ୍କର ଐତିହାସିକ ଯୋଗସୂତ୍ରର ସମନ୍ୱୟରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଗଢ଼ି ଉଠିଥିଲା। ବିନା ଭୟରେ ବା ଚାପରେ ଏହା ତାଙ୍କର ଉପନିବେଶବାଦ ବିରୋଧରେ ଦୃଢ଼ ମତ ଏବଂ ଏସିଆ ଓ ଆଫ୍ରିକା ଏକତାର ପ୍ରଚେଷ୍ଟା ତଥା ବିଶ୍ୱଶାନ୍ତି ପାଇଁ ଦୃଢ ସଂକଳ୍ପ ଭାରତକୁ ବିଶ୍ୱ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚାଇଥିଲା। ନେହେରୁଙ୍କ ରାଷ୍ଟ୍ର ପ୍ରଗତିଭିତ୍ତିକ ଦୃଷ୍ଟିକୋଣ ଓ ଅବଦାନ ଭାରତୀୟ ରାଷ୍ଟ୍ର ଗଠନରେ ଅସାଧାରଣ। ତାଙ୍କ ସ୍ୱପ୍ନର 'ବୈଜ୍ଞାନିକ ମନୋଭାବ' ଆଜି ମଧ୍ୟ ଭାରତର ବୈଜ୍ଞାନିକ, ଅର୍ଥନୈତିକ ଓ ରାଜନୈତିକ ଅଗ୍ରଗତିର ମୂଳ ସ୍ତମ୍ଭ ଭାବରେ ରହି ଆସିଛି।



ପ୍ରତ୍ୟେକ ମଣିଷର କିଛି ଭଲ ଓ କିଛି ମନ୍ଦ ଗୁଣ ରହିବା ସ୍ୱାଭାବିକ। ନେହେରୁଙ୍କର ବି ଥାଇପାରେ, ମାତ୍ର ସେ ତ ଅତୀତ। କୌଣସି ବ୍ୟକ୍ତିଙ୍କ ଅତୀତର ଭୁଲ୍ କାର୍ଯ୍ୟରୁ ଭବିଷ୍ୟତ ପିଢ଼ି ସୁଧାରକରି ସ୍ୱୟଂ ନୂଆ ଏବଂ ଦେଶହିତକର କାର୍ଯ୍ୟ କରିବାର ପ୍ରେରଣା ପାଏ, ମାତ୍ର ଅତୀତର ଭୁଲ୍ କାର୍ଯ୍ୟକୁ ସମାଲୋଚନା କରି ବର୍ତ୍ତମାନର କର୍ମରୁ ନିବୃତ୍ତ ରହିବା ଅତ୍ୟନ୍ତ ନିନ୍ଦନୀୟ। ପ୍ରାୟ ପଚାଶ ବର୍ଷ ତଳର ପ୍ରଧାନମନ୍ତ୍ରୀ ନେହେରୁଙ୍କ କାର୍ଯ୍ୟନେଇ ଦେଶରେ ଏବେ ଅନେକ ବିବାଦ ଦେଖିବାକୁ ମିଳୁଛି। ଆଜିର ଦେଶର ପରିସ୍ଥିତି ପାଇଁ ତାଙ୍କର କାର୍ଯ୍ୟକୁ ଦାୟୀ କରାଯାଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଛି। ଯଦି ବର୍ତ୍ତମାନର ଦୃଷ୍ଟିକୋଣରୁ ବିଚାର କରିବା ତେବେ ଦେଖିବା ଯେ, ନେହେରୁ କାର୍ଯ୍ୟ ଭାର ନେବାପରେ ଯଦି ତାଙ୍କ ପୂର୍ବପୁରୁଷଙ୍କ ଦସ୍ତାବିଜ ଉନ୍ମୋଚନକରି, ସେତେବେଳର ରାଜା ମହାରାଜାଙ୍କ ଅତ୍ୟାଚାର, ମୋଗଲଙ୍କ କ୍ରୁରଶାସନ ହେଉ ବା ଇଂରେଜଙ୍କ ଅପକର୍ମକୁ ତର୍ଜମା କରିଥାଆନ୍ତେ,ତେବେ ନିଜର ଦେଶ ପାଇଁ କରିଥିବା କୌଣସି କାର୍ଯ୍ୟ ଆଜି ହୁଏତ ଦୃଶ୍ୟମାନ ହୋଇ ନ ଥାନ୍ତା। ତେଣୁ ଆଜିର ସମୟ ଦେଶର ସଦ୍ୟତମ ସମସ୍ୟାକୁ ଚିହ୍ନଟ କରି ତା'ର ସମାଧାନ ବାଟ ପ୍ରସ୍ତୁତ କରିବା ସର୍ବାଦୌ ଗ୍ରହଣୀୟ ହେବା ଉଚିତ। ବର୍ତ୍ତମାନ ଦେଶର ସମ୍ବେଦନଶୀଳ ସମସ୍ୟାଗୁଡ଼ିକ ମଧ୍ୟରେ ବେକାରି ସମସ୍ୟା, ମୂଲ୍ୟବୃଦ୍ଧି, କୃଷି ଓ କୃଷକ ସମସ୍ୟା, ପୋଷଣଯୁକ୍ତ ଖାଦ୍ୟର ସୁଲଭତା, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ରାଷ୍ଟ୍ରୀୟକରଣ, ପରିବେଶ ଆଦି ସମସ୍ୟା ଅତ୍ୟନ୍ତ ଗମ୍ଭୀର ରହିଥିଲେ ମଧ୍ୟ ନେହେରୁ ଓ ରାଜନୈତିକ ଧ୍ରୁବୀକରଣ ବା ବିଭେଦକରଣ ରାଜନୀତି ଆଦି ଉପରେ ଅଧିକ ଆଲୋଚନା ଅତ୍ୟନ୍ତ ପରିତାପର ବିଷୟ। ଆଜିର ଅନେକ ସମସ୍ୟାକୁ ନେହେରୁଙ୍କ 'ନୀତିଗତ ଭୁଲ୍'ବୋଲି ଦେଖାଇ ତାଙ୍କ ଉପରେ ଆଲୋଚନା କରି ଲୋକମାନଙ୍କ ବର୍ତ୍ତମାନର ସମସ୍ୟା ଲାଘବର ଦାୟିତ୍ୱକୁ ଅତୀତ ଉପରେ ଚାପିଦେବା ସହଜ ହୁଏ। ନେହେରୁ, ମନ୍ଦିର ଓ ଧର୍ମ ସମ୍ବନ୍ଧୀୟ ଚର୍ଚ୍ଚା ଲୋକଙ୍କ ଭାବପ୍ରବଣତା ସହିତ ଜଡ଼ିତ ହୋଇଥିବାରୁ ସେମାନଙ୍କୁ ଆକର୍ଷଣ କରିବା ସହଜହେବା ସହିତ ଭୋଟ ଧ୍ରୁବୀକରଣ ରାଜନୀତିକୁ ସହଜ କରିଥାଏ। ଏପରି ଭାବନାତ୍ମକ ବିଷୟକୁ ଗୁରୁତ୍ୱ ଦେଇ ଜନତାଙ୍କୁ ସେମାନଙ୍କ ଦୈନନ୍ଦିନ ଜଟିଳ ସମସ୍ୟା କିମ୍ବା ସ୍ୱାସ୍ଥ୍ୟ, ଶିକ୍ଷା ସମସ୍ୟା ପରି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ଏଡାଇବାର ପ୍ରୟାସ ସହଜ ହୋଇଥାଏ ; ଯାହା ଅତ୍ୟନ୍ତ ମନ୍ଦ ପ୍ରୟାସ। ସମସ୍ୟାଗୁଡ଼ିକ ସମାଧାନ ପାଇଁ ସ୍ଥିରନୀତି, ତଥ୍ୟଭିତ୍ତିକ ଯୋଜନା ଓ ଦୀର୍ଘମିଆଦୀ ପ୍ରୟାସ ଆବଶ୍ୟକ। ନେହେରୁ କିମ୍ବା ସାମ୍ପ୍ରଦାୟିକ ଅପ୍ରାସଙ୍ଗିକ ଚର୍ଚ୍ଚାର ଭାଷଣ ଦ୍ୱାରା ଲୋକଙ୍କୁ ଭ୍ରମିତ କରିବା ଅତି ସହଜ ; ଯାହାକୁ କୁହାଯାଏ ଧାନ ଭଗ୍ନକାରୀ ନୀତି ଏବଂ ଯାହା ମାଧ୍ୟମରେ ବର୍ତ୍ତମାନର ସମସ୍ୟା ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ ଏଡ଼ାଇ ଲୋକଙ୍କ ବିଦ୍ରୋହର ଧ୍ୟାନକୁ ଏଡ଼ାଇଦେବା ସହଜ ହୋଇଥାଏ। ତେବେ ଏକ ସୁସ୍ଥ ଲୋକତନ୍ତ୍ରରେ ଅତୀତର ଆଲୋଚନା ସହିତ ବର୍ତ୍ତମାନର ଉତ୍ତରଦାୟିତ୍ୱ ଓ ଭବିଷ୍ୟତର ଦୃଷ୍ଟିସମାନ ଗୁରୁତ୍ୱ ପାଇବା ଆବଶ୍ୟକ।

**ମୋ:୯୪୩୭୧୨୩୮୯୨**

# ଘଣ୍ଟା ଅଛି, ସମୟ କାହିଁ



ଡ. ସାରଦା ପ୍ରସାଦ କର

ଆଜିକୁ ପ୍ରାୟ ପଚାଶ ବର୍ଷତଳେ ବାହାଘରରେ ଜ୍ୱାଇଁଙ୍କୁ ଉପହାର ଦିଆଯାଉଥିଲା ଘଣ୍ଟା, ସାଇକେଲ ଓ ରେଡିଓ। ସମୟର ଦୌଡ଼ରେ ଧୀରେ ଧୀରେ ସାଇକେଲ୍‌ର ଚାହିଦା କମି କମି ଆସିଲା ; ରେଡିଓର ସ୍ୱର ନରମି ଗଲା କିନ୍ତୁ ଆଶ୍ଚର୍ଯ୍ୟର କଥା ଘଣ୍ଟା ତା'ର ଅସ୍ତିତ୍ୱ ବଜାୟ ରଖିଲା । ଏବେ ପ୍ରାୟ ଭଳିକି ଭଳି ଘଣ୍ଟା ସବୁଠାରେ ଦେଖିବାକୁ ମିଳୁଛି। ହାତରେ ଘଣ୍ଟା, କାନ୍ଥରେ ଘଣ୍ଟା, ବାଇକ୍‌ରେ ଘଣ୍ଟା, ମୋବାଇଲ୍‌ରେ ଘଣ୍ଟା ଏମିତି କି ବଡ଼ ବଡ଼ ଛକଜାଗାରେ ବି ଘଣ୍ଟା । ହେଲେ ଲାଜର କଥା ଘଣ୍ଟା ସିନା ସମସ୍ତଙ୍କ ହାତରେ କିନ୍ତୁ ସମୟ ବାବଦରେ ପ୍ରାୟ କେହି ସଚେତନ ନୁହନ୍ତି। ଯାହାକୁ ପଚାରିବେ ଉତ୍ତର ମିଳୁଛି ଭାଇ ଟାଇମ୍ କାହିଁ ? ଏପରି ଶସ୍ତା ଓ ଦାୟିତ୍ୱହୀନ ଉତ୍ତର ଏବେ ପ୍ରାୟ ସମସ୍ତଙ୍କର ମଜ୍ଜାଗତ ହୋଇଗଲାଣି। କିନ୍ତୁ ଏହାଦ୍ୱାରା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସମାଜର ଚିତ୍ର ବିକୃତ ହେଉନି କି? ପାଖରେ ପ୍ରଚୁର ଧନ ଥାଇ ଦାନ ନ ଦେଲେ ଯେପରି ଧନର ଗୁରୁତ୍ୱ କମିଯାଏ, ବୁଦ୍ଧି ଥାଇ ତାକୁ ଉଚିତ ସ୍ଥାନରେ ପ୍ରୟୋଗ ନ କଲେ ଯେପରି ତାହା ମୂଲ୍ୟହୀନ ହୋଇଯାଏ, ଠିକ୍ ସେହିପରି ହାତରେ ଘଣ୍ଟା ବାନ୍ଧି ସମୟର ମୂଲ୍ୟକୁ ନ ବୁଝିଲେ ଏହା କେବଳ ଫ୍ୟାଶନ ଓ ପ୍ରହସନ ନୁହେଁ କି ? ସୁବର୍ଣ୍ଣପୁରୀ ମାଲିକ ରାବଣ ପାଖରେ ସୁନାର ଅଭାବ ନ ଥିଲା କିନ୍ତୁ କାହାକୁ ହାତଟେକି ତୋଳାଏ ସୁନା ଦେବା କଥା ରାମାୟଣରେ ଉଲ୍ଲେଖ ନାହିଁ। ଧୃତରାଷ୍ଟ୍ରଙ୍କ ପାଖରେ ଶାସ୍ତ୍ର ଜ୍ଞାନ ଓ ବୁଦ୍ଧି କିଛି କମ୍ ନ ଥିଲା କିନ୍ତୁ ବୁଦ୍ଧିକୁ ଉଚିତ ସ୍ଥାନରେ ପ୍ରୟୋଗ କରିବା କଥା ମହାଭାରତରେ ଦେଖିବାକୁ ମିଳେ ନାହିଁ। ଅନୁରୂପ ଭାବରେ ମଣିଷ ପାଖରେ ଘଣ୍ଟା ଥିଲେ ବି ସମୟର ସଦୁପଯୋଗ କରିବାରେ ସେ ବିଫଳ। କହିବା କାହାକୁ? ଅତୀତରେ ଘଣ୍ଟାର ଏତେ ପ୍ରଚଳନ ନ ଥିଲା କିନ୍ତୁ ମଣିଷ ସମୟ ବିଷୟରେ ବେଶ୍ ସଜାଗ ଥିଲା। କୁଆ, କୁକୁଡ଼ାଙ୍କ ଡାକରେ ସେ ନିଦରୁ ଉଠିଯାଉଥିଲା। ମୁଣ୍ଡ ଉପରକୁ ଖରା ଆସିଲେ ହଳ ଫିଟାଇ ଘରମୁହାଁ ହେଉଥିଲା, ପଶ୍ଚିମ ଆକାଶରେ ସୂର୍ଯ୍ୟ ଲୁଚିଲେ ଗାଁ ଦାଣ୍ଡରେ ସଞ୍ଜବତି ଜଳୁଥିଲା। ଦେଉଳରେ ଘଣ୍ଟି ବାଜିଲେ ଲୋକେ ଭାଗବତ ଟୁଙ୍ଗିରେ ରୁଣ୍ଡ ହେଉଥିଲେ। କେବଳ ସେତିକି ନୁହେଁ; ରାମାୟଣରେ ପ୍ରଭୁ ରାମଚନ୍ଦ୍ର ମଧ୍ୟ ସମୟକୁ ସମ୍ମାନ ଦେବାରେ ଥିଲେ ସଚେଷ୍ଟ। ରାଣୀ କୈକେୟୀ ବର ମାଗିବାର ଠିକ୍ ପରଦିନ ତତ୍ପରତା ପୂର୍ବକ ବନବାସକୁ ବାହାରିବା, ଚଉଦବର୍ଷକୁ ସତ୍‌ସଙ୍ଗରେ ଲଗାଇବା ଓ ଭରତଙ୍କ ଅନୁରୋଧ ରକ୍ଷାକରି ଠିକ୍ ସମୟରେ ଘରବାହୁଡ଼ିବା ଆଦି ପ୍ରଭୁଙ୍କର ସମୟ ସଚେତନତାକୁ ପ୍ରମାଣ କରେ। ସେହିପରି ଗୀତାରେ ଶ୍ରୀକୃଷ୍ଣ କହିଲେ ଯେ ସମୟ ବା କାଳ ହିଁ ଭଗବାନ ଯାହାକୁ ଧରି ରଖିବା ଅସାଧ। ତେଣୁ ସମୟକୁ ସମ୍ମାନ ଦେଇ ତା'ର ସଦୁପଯୋଗ କଲେ ସଫଳତା ନିଶ୍ଚିତ। ପ୍ରଭୁଙ୍କର ଏହି ଦିବ୍ୟ ଚେତନା ଅର୍ଜୁନଙ୍କୁ କଲା ବିଶ୍ୱବିଜୟୀ। କିନ୍ତୁ ସମ୍ପ୍ରତି ସମୟାନୁବର୍ତ୍ତିତା ଠପ୍ ହୋଇଗଲା ପରି ମନେହେଉଛି। ସଭାକୁ ମନ୍ତ୍ରୀ, ନେତା, ଅତିଥି ଆସୁନାହାନ୍ତି ଠିକ୍ ସମୟରେ। ପରୀକ୍ଷାକୁ ଛାତ୍ର ମଧ୍ୟ ଆସୁନାହାନ୍ତି ନିର୍ଦ୍ଧାରିତ ସମୟରେ। ବର ବାହାରିବା ବେଳ ଠିକ୍ ରହୁନି କି ହାତଗଣ୍ଠି ଆଉ ନିର୍ଦ୍ଧାରିତ ଅମୃତ ବେଳାରେ ପଡୁନି ଫଳତଃ ବିଶୃଙ୍ଖଳା ଚାରିଆଡ଼େ। ପିଲାଦିନେ ପଢିଥିବା ଗୀତ 'ଘଣ୍ଟା ଚାଲେ ଟିକ୍ ଟିକ୍, କଣ୍ଟା ତା'ର କହୁଛି/କାମ କର ଠିକ୍ ଠିକ୍ ବେଳ ଗଡ଼ି ଯାଉଛି' ଆଜି ସାତସପନ ହୋଇଯାଇଛି। ଉଦ୍‌ଯୋଗୀ ହେବାର ଆଶା ଆଉ କାହାର ନାହିଁ କେବଳ ଭୋଗୀ ହେବାର ଲାଳସା ସମସ୍ତଙ୍କୁ ଘାରିଛି।

ପାଠକେ! ପ୍ରତ୍ୟେକ ଗ୍ରହ, ଉପଗ୍ରହ ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେମାନଙ୍କର ନିର୍ଦ୍ଧାରିତ କକ୍ଷକୁ ପରିକ୍ରମା କରିପାରୁଛନ୍ତି, କୁଆ, କୁକୁଡ଼ା, କୋଇଲି, ପିମ୍ପୁଡ଼ି ଆଦି ଯଦି ସମୟର ମହତ୍ତ୍ୱକୁ ବୁଝିପାରୁଛନ୍ତି, ତେବେ ଆଜିର ଯନ୍ତ୍ର ମଣିଷ ସମୟର ମନ୍ତ୍ରକୁ ମାନିବାକୁ ବୀତସ୍ପୃହ କାହିଁକି? ସେ ସୂର୍ଯ୍ୟୋଦୟ ଦେଖିପାରୁନି କି ସନ୍ଧ୍ୟାରେ ପ୍ରାର୍ଥନା କରିପାରୁନି। କେବଳ ପର ଆଲୋଚନାରେ ନ ହେଲେ ମୋବାଇଲରେ ରିଲ୍ସ ଦେଖିବାରେ ସମୟ ଯାଉଛି। ସଫଳତା ଆସିବ କୁଆଡ଼ୁ? ରାବଣ ଆଉ କ'ଣ କଲାକି? ସ୍ୱର୍ଗକୁ ନିଶୁଣି ବାନ୍ଧିବାର କଳା ତାକୁ ଜଣାଥିଲେ ମଧ୍ୟ କାଳକ୍ଷେପଣ ନୀତି ଯୋଗୁ କାର୍ଯ୍ୟ ହାସଲ କରିବା ବଦଳରେ କାଳ ହାତରେ ଧରାପଡ଼ିଲା। କିନ୍ତୁ ଅନ୍ୟପଟେ ସମୟାନୁବର୍ତ୍ତିତାର ଜାଗ୍ରତ ପ୍ରହରୀ ଗାନ୍ଧିଜୀଙ୍କର ନାମ କାଳକାଳକୁ ରହିଗଲା। ଏହା ସତ୍ୟ ଯେ, ସମୟକୁ ସତ୍ ବିନିଯୋଗ କରୁଥିବା ମଣିଷ କେବେହେଲେ ଶ୍ରୀହୀନ ହୁଏନା।

ମନେପଡ଼େ କାହାଣୀଟିଏ – ଗୋଟିଏ ପୋଖରୀରେ ତିନୋଟି ବଡ଼ ମାଛ ଥିଲେ। ଗୋଟିଏ ଅନାଗତବିଧାତା ଅର୍ଥାତ୍ ଆଗୁଆ ହୁସିଆର, ଦ୍ୱତୀୟଟି ପ୍ରତ୍ୟୁତ୍ପନ୍ନମତି ଅର୍ଥାତ୍ ଉପସ୍ଥିତ ବୁଦ୍ଧିସମ୍ପନ୍ନ ଓ ତୃତୀୟଟି ଦୀର୍ଘସୂତ୍ରୀ ଅର୍ଥାତ୍ ଅଳସୁଆ। ଲୋକମାନେ ପୋଖରୀରୁ ମାଛଧରିବେ ବୋଲି ଜାଣି ଅନାଗତବିଧାତା ଗଳାବାଟ ଦେଇ ଖସିଗଲା, ପ୍ରତ୍ୟୁତ୍ପନ୍ନମତି ମଧ୍ୟ ବୁଦ୍ଧିବଳରେ ଖସିଗଲା କିନ୍ତୁ ବିଚରା ଦୀର୍ଘସୂତ୍ରୀ ସମୟର ଅପବ୍ୟବହାର ଯୋଗୁ ଜାଲରେ ପଡ଼ିଲା। ଏହି କାହାଣୀ ଆମ ଜୀବନକୁ ଟିକେ ବଦଳାଇ ପାରନ୍ତାନି?

**ଅଧ୍ୟାପକ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ: ୯୪୩୭୧୧୩୧୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ହେଉ

ମହାଶୟ,

ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ରାଜ୍ୟରେ ବୃଦ୍ଧାବୃଦ୍ଧ ଏବଂ ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ମାସିକ ଭତ୍ତା ଯୋଗାଇ ଦେଉଛନ୍ତି। ଏବେ ଅଶୀବର୍ଷ ପରେ ସାଢେ ତିନି ହଜାର ଟଙ୍କା ପାଉଛନ୍ତି। ଅତ୍ୟାବଶକୀୟ ସାମଗ୍ରୀ ଓ ଔଷଧର ମୂଲ୍ୟ ଯାହା ହେଲାଣି ସେଥିରେ ଜଣେ ବୃଦ୍ଧା କିମ୍ବା ବୃଦ୍ଧ ଚଳିବା କଷ୍ଟକର। ଏବେ ଅଶୀବର୍ଷ ବୟସ ସୀମା ତଳେ ଲୋକେ କମ୍ ଭତ୍ତା ପାଉଛନ୍ତି। ଏହା ସମୁଦ୍ରକୁ ଶଙ୍ଖେ ପରି। ଏହି ଭତ୍ତାରେ ଜଣେ ଚଳିବା କଷ୍ଟକର । ମହଙ୍ଗା ଦୃଷ୍ଟିରୁ ଭତ୍ତା ମଧ୍ୟ ବୃଦ୍ଧି ହେବାର ଆବଶ୍ୟକତା ରହିଛି। ସମସ୍ତଙ୍କୁ ସମାନ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉ। ଏହା ହେଲେ କାହା ପ୍ରତି ପାତରଅନ୍ତର ହେବ ନାହିଁ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବିକା ପାଇଁ ସୁଯୋଗ ଆଣିବ 'ହୋମ୍ ଷ୍ଟେ': ଉପମୁଖ୍ୟମନ୍ତ୍ରୀ

## 'ଗୋ-ହୋମ୍‌ଷ୍ଟେ' ପୋର୍ଟାଲର ଶୁଭାରମ୍ଭ

ଭୁବନେଶ୍ୱର,୫।୩ (ସୌମ୍ୟ ରଞ୍ଜନ ରାଉତ)



ଗୋ-ହୋମଷ୍ଟେ ପୋର୍ଟାଲର ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀମାନେ।

ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ 'ଗୋ-ହୋମଷ୍ଟେ(Go-Homestay)' ପୋର୍ଟାଲ ଖୋଲାଯାଇଛି। ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ଥାନୀୟ ଏକ ହୋଟେଲରେ ଏହି ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମ୍‌ଷ୍ଟେ ସ୍କିମ ୨୦୨୫'କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମ୍ ଷ୍ଟେ କର୍ମଶାଳା' ସହିତ ଏହି ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ହୋମ୍-ଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟର ଏକ ଦ୍ୱାର। 'ଗୋ-ହୋମ୍ ଷ୍ଟେ' ପୋର୍ଟାଲ ଆଶାୟୀ ହୋମ୍‌ଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ। ଏହି ପଦକ୍ଷେପ ପର୍ଯ୍ୟଟନଭିତ୍ତିକ ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ସହ ରାଜ୍ୟ ସରକାରଙ୍କ ଅନ୍ତର୍ଭୁକ୍ତ ବିକାଶରେ ସହଭାଗୀ ହେବ ବୋଲି ସେ ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ଯୋଜନାର କାର୍ଯ୍ୟକାରିତା ପାଇଁ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମ୍‌ଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ୱାଇଲ୍ଡରନେସ ହୋମ୍‌ଷ୍ଟେ'ର ପ୍ରତିନିଧିଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିସହ ଅଭିଜ୍ଞ ହୋମ୍ ଷ୍ଟେ ମାଲିକଙ୍କ ସହ ପ୍ୟାନେଲ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏଲଏମ୍‌ର ନିର୍ଦ୍ଦେଶିକା ତଥା ସିଇଓ ମୋନିକା ପ୍ରିୟଦର୍ଶିନୀ, ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ, ଆର୍ଥିକ ଅନୁଷ୍ଠାନର ପ୍ରତିନିଧି, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହୋମ୍‌ଷ୍ଟେ ମାଲିକ, ହୋମଷ୍ଟେଜ୍ ଅଫ ଇଣ୍ଡିଆର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

# 'ପ୍ରତି ଘରୁ ପରିବେଶ ସୁରକ୍ଷା ଅଭିଯାନ ଆରମ୍ଭ ହେଉ'




ସାଇଲୋ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଭୁବନେଶ୍ୱରୀ କ୍ଲବ୍ ସଭାପତି କିଶୋର କୁମାର ରାଉତରାୟ ଓ ଅନ୍ୟମାନେ।

କଟକ,୫।୩(କାର୍ତ୍ତିକ ସାହୁ)

## ସାଇଲୋ ମହୋତ୍ସବ ଉଦ୍‌ଯାପିତ

ପରିବେଶ ସୁରକ୍ଷିତ ରହିଲେ ମାନବ ସମାଜ ବଞ୍ଚିପାରିବ। ସହରମୁଖୀ ମଣିଷ ଦିନେ ଗାଁକୁ ଫେରିବ। ଚାଷ ଜମି ନ ବିକିବାକୁ ଏବଂ ପରିବେଶ ସୁରକ୍ଷା କରି ଗ୍ଲୋବାଲ ୱାର୍ମିଂରୁ ସମାଜକୁ ବଞ୍ଚାଇବାକୁ ଗୁରୁବାର ଚତୁର୍ଥ ସାଇଲୋ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଆଦ୍ୟାଶା ସତପଥୀ ଆହ୍ୱାନ ଦେଇଛନ୍ତି। କଟକ ଜିଲା କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣ ସାଇଲୋଠାରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ପ୍ରତ୍ୟେକ ପରିବାରରୁ ପରିବେଶ ସୁରକ୍ଷା ଅଭିଯାନ ଆରମ୍ଭ ହେଉ ବୋଲି ସମସ୍ତଙ୍କୁ ପ୍ରେରିତ କରିଥିଲେ। ଗାଁ, ମା', ମାଟିକୁ ନ ଭୁଲି ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିଥିବା ଭୁବନେଶ୍ୱରୀ କ୍ଲବକୁ ସେ ସାଧୁବାଦ ପ୍ରଦାନ କରିବା ସହ କ୍ଲବ ଦ୍ୱାରା ପରିବେଷିତ ନାଟକ 'ବାଡିରେ ହାଟ ବସେଇବା'କୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ବରିଷ୍ଠ ପରିବେଶବିତ୍ ଝୁଲ ନାୟକଙ୍କୁ 'ସାଇଲୋ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ରାଜେନ୍ଦ୍ର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଭାପତି କିଶୋର କୁମାର ରାଉତରାୟ, ସମ୍ପାଦକ ଅଭିଜିତ ପଟ୍ଟନାୟକ, ନାରାୟଣ ପଣ୍ଡା, ପତିତପାବନ ମହାପାତ୍ର, ସୌମ୍ୟରଞ୍ଜନ ରାଉତରାୟ, ବିକାଶ ରଞ୍ଜନ ମହାନ୍ତି, ପ୍ରଫୁଲ୍ଲ କୁମାର ମହାନ୍ତି, ଚିନ୍ମୟ ପଣ୍ଡା, ଦିନେଶ ମହାପାତ୍ର, ଶ୍ରାବଣୀ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରାହୁଲ କାଣ୍ଡିଙ୍କ ନେତୃତ୍ୱରେ ରେଡ୍‌ରୋଜ ଗ୍ରୁପ ଓ ଅନ୍ୟ କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ।

# ମହାନଦୀରେ ବୁଡ଼ି ୨ କଲେଜ ଛାତ୍ର ମୃତ, ୨ ଗୁରୁତର

ଆଠଗଡ଼,୫।୩(ସତ୍ୟ ପ୍ରସାଦ ରଥ)



ଚିନ୍ମୟ ଦାସ



ସଂକଳ୍ପ ମିଶ୍ର

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଅମଙ୍ଗେଇପୀଠସ୍ଥିତ ମହାନଦୀ କୂଳରେ ଗୁରୁବାର ପାଣିରେ ବୁଡ଼ି ୨ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଆଠଗଡ ଶାସନ ଅଞ୍ଚଳ ସୁଶାନ୍ତ କୁମାର ମିଶ୍ରଙ୍କ କନିଷ୍ଠ ପୁତ୍ର ସଂକଳ୍ପ ମିଶ୍ର (୧୯) ଓ କନ୍ଦରପୁର ଗ୍ରାମର ବସନ୍ତ କୁମାର ଦାସଙ୍କ ବଡ଼ ପୁଅ ଚିନ୍ମୟ ଦାସ(୧୯)। ଗୁରୁତର ଦ୍ୱୟ ହେଲେ ଆଠଗଡ଼ରେ ମାମୁ ଘରେ ରହି ପାଠ ପଢୁଥିବା ମାଣିଆବନ୍ଧ ଅଞ୍ଚଳର ମନ୍ମଥ ଦାସ ଓ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାରମଣପୁର ଗ୍ରାମର ସୌଭାଗ୍ୟ ସାହୁ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସଭିଏଁ ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ରସାୟନ ବିଜ୍ଞାନର ଛାତ୍ର। ଗୁରୁବାର କଲେଜ ଛୁଟିଥିବାରୁ ସଂକଳ୍ପ, ଚିନ୍ମୟ, ମନ୍ମଥ, ସୌଭାଗ୍ୟଙ୍କ ସମେତ ରାଧାରମଣପୁର ଗ୍ରାମର ଆଉ ୨ ସାଙ୍ଗ ଅମ୍ଲାନ ଓ ସୌରଭ ପଟ୍ଟନାୟକ ମା'ଅମଙ୍ଗେଇଙ୍କ ପୀଠ ବୁଲିବାକୁ ଯାଇଥିଲେ। ଏହାପରେ ସେମାନେ ପୀଠ ନିକଟ ନଦୀ କୂଳରେ ଗାଧୋଉଥିଲେ। ଏହି ସମୟରେ ସଂକଳ୍ପଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ମନ୍ମଥ ଓ ସୌଭାଗ୍ୟ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ଚିନ୍ମୟ ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପ୍ରଥମେ ମନ୍ମଥ ଓ ପରେ ସୌଭାଗ୍ୟଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ସଭିଏଁ ହାତ ଧରାଧରି ହୋଇ ସଂକଳ୍ପଙ୍କୁ ପାଣିରୁ କାଢ଼ିବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ପୁନର୍ବାର ସମସ୍ତେ ଖସିପଡ଼ିବାରୁ ପାଣିରେ ବୁଡ଼ିଯାଇଥିଲେ। କୂଳରେ ଅନ୍ୟ ସାଙ୍ଗ ଦ୍ୱୟଙ୍କ ମୋବାଇଲ ଫୋନରେ ଏବିଷୟରେ ଅନ୍ୟ ସାଙ୍ଗମାନଙ୍କୁ ଅବଗତ କରିବା ପରେ କନ୍ଦରପୁର ନଦୀକୂଳେ ବସିଥିବା କୈବର୍ତ୍ତ ସାହିର ଛାତ୍ର, ଯୁବକ ଓ ମତ୍ସ୍ୟଜୀବୀମାନେ ଡ଼ଙ୍ଗାରେ ଓ ଆଉ କେତେଜଣ ଯୁବକ ପାଣିରେ ପହଁରି ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ବୁଡା ଜାଲ ସାହାଯ୍ୟରେ ଚିନ୍ମୟ ଓ ସଂକଳ୍ପଙ୍କୁ ଉଦ୍ଧାର କରିଥିଲେ। ପରେ ମନ୍ମଥ ଓ ସୌଭାଗ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

କନ୍ଦରପୁର ସରପଞ୍ଚ କଲ୍ୟାଣୀ ଖଟୁଆଙ୍କ ପ୍ରତିନିଧି ପବିତ୍ର ମୋହନ ଖଟୁଆ ଆଠଗଡ଼ ଥାନା ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ଆଠଗଡ଼ ଅଗ୍ନିଶମ ବିଭାଗ, ଆଠଗଡ଼ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି ସେଠାରେ ପହଞ୍ଚି ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଚିନ୍ମୟ ଓ ସଂକଳ୍ପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ସଂକଳ୍ପଙ୍କ ଶେଷକୃତ୍ୟ ଆଠଗଡ଼ ଶ୍ମଶାନରେ ଓ ଚିନ୍ମୟଙ୍କ କନ୍ଦରପୁର ଗ୍ରାମ ଶ୍ମଶାନରେ ସମ୍ପନ୍ନ ହୋଇଛି। ଏହି ଖବର ପ୍ରସାରିତ ହେବାପରେ ଆଠଗଡ ଉପଖଣ୍ଡରେ ଶୋକରଛାୟା ଖେଳିଯାଇଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଝାଁଳା,୫।୩(ବୁଲା ବାରିକ)

ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଖେଳପଡ଼ିଆ ନିକଟରେ ଥିବା ଏକ ଗଛରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପାତ୍ରପଡ଼ା ଭଗବାନପୁର ଗ୍ରାମର ତପନ ଭୋଇ(୩୦)। ଅପରାହ୍ନରେ ତପନ ଘରୁ ବାହାରକୁ ଆସିଥିଲେ। ପରବର୍ତ୍ତୀ ସମୟରେ ପାତ୍ରପଡ଼ା ଖେଳପଡିଆ ନିକଟ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଖଣ୍ଡଗିରି ଥାନା ଓ ତପନଙ୍କ ପରିବାରକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ପଠାଇଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ହୃଷୀକେଶ



@ ଲକ୍ଷ୍ମୀଧର



@ ନିଗମ



@ ସୁରେନ୍ଦ୍ର



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀ ସମୁଦ୍ରରେ ବିପଦପୂର୍ଣ୍ଣ ଷ୍ଟଣ୍ଟ

## ଜିଲାପାଳ କହିଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)



ବିନା ଲାଇଫ୍ ସର୍ପୋଟରେ ମୋଟର ଡଙ୍ଗାରେ ଯୁବକମାନେ ବିପଦପୂର୍ଣ୍ଣ ଷ୍ଟଣ୍ଟ ଦେଖାଉଛନ୍ତି।

ପୁରୀ ସମୁଦ୍ରରେ ବିପଦପୂର୍ଣ୍ଣ ଷ୍ଟଣ୍ଟ ଦେଖିବାକୁ ମିଳିଛି, ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ସାଧରଣରେ ଦାବି କରାଯାଉଛି। ଗଭୀର ସମୁଦ୍ରରେ ପର୍ଯ୍ୟଟକଙ୍କୁ ବୋଟିଂର ମଜା ଦେବା ବଦଳରେ ସେମାନଙ୍କୁ ମରଣମୁହଁକୁ ଠେଲି ଦିଆଯାଉଥିବା ଅଭିଯୋଗ ହେଉଛି। ବୁଧବାର ହୋଲିରେ ସମୁଦ୍ରଠାରୁ ୨୦୦ ମିଟର ଦୂରରେ ତିନୋଟି ଡଙ୍ଗା ବିପଦପୂର୍ଣ୍ଣ ଭାବେ ଲୋକଙ୍କୁ ଜଳକ୍ରୀଡ଼ାର ମଜା ଦେବାସହ ବିନା ଲାଇଫ୍ ସର୍ପୋଟରେ କ୍ଷମତା ଠାରୁ ଅଧିକ ଲୋକଙ୍କୁ ବସାଇଥିବା ଭିଡିଓ ଭାଇରାଲ ହେଉଛି। ଗଭୀର ସମୁଦ୍ର ଭିତରେ ଗୋଟିଏ ମୋଟରଚାଳିତ ଡଙ୍ଗା ରାଉଣ୍ଡ ହୋଇ ବୁଲିବୁଲି ଷ୍ଟଣ୍ଟ କରୁଥିଲା। ଆଉ ଗୋଟିଏ ଡଙ୍ଗାରେ କେତେଜଣ ଯୁବକ ନାଚିନାଚି ସମୁଦ୍ରକୁ ଡେଇଁଥିଲେ। ଆଉ ଗୋଟିଏ ଡଙ୍ଗାରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିଲେ। ତେବେ ସମ୍ବେଦନଶୀଳ ଘଟଣା ହେଉଛି ଗୋଟିଏ ଡଙ୍ଗାରେ କ୍ଷମତାଠାରୁ ଅଧିକ ସଂଖ୍ୟକ ମହିଳା ବିପଦପୂର୍ଣ୍ଣ ଭାବେ ବସିଥିଲେ। ମୋଟର ଚାଳିତ ଡଙ୍ଗାରେ ବିପଦପୂର୍ଣ୍ଣ ଭାବେ ଲୋକଙ୍କୁ ଜଳକ୍ରୀଡ଼ାର ମଜା ଦେବା ଅନୁମତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ପ୍ରସଙ୍ଗରେ ବେଳାଭୂମିର ଲାଇଫଗାର୍ଡ ଏମ୍. ଜଗନ୍ନାଥ କହିଛନ୍ତି, ଡଙ୍ଗାରେ ଥିବା ଲୋକେ ହେଉଛନ୍ତି ପେଣ୍ଠକଟା ମତ୍ସ୍ୟଜୀବୀ ସମ୍ପ୍ରଦାୟର ନୋଳିଆ ଲୋକ। ପୋଙ୍ଗଲ ଆଉ ହୋଲି ସମୟରେ ସେମାନେ ସମୁଦ୍ର ଭିତରକୁ ମଜା କରିବାକୁ ଯାଆନ୍ତି। ସେପଟେ ଏଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟକୁ ବେଆଇନ୍ କହିବା ସହ ଘଟଣାର ତଦନ୍ତ କରାଯାଉଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଗୁରୁବାର ପ୍ରଶାସନ ପକ୍ଷରୁ ବେଳାଭୂମିରେ ତିନି ଚାରୋଟି ସଂସ୍ଥାକୁ ପର୍ଯ୍ୟଟକଙ୍କୁ ଜଳକ୍ରୀଡ଼ାର ମଜା ଦେବାକୁ ନିୟୋଜିତ କରାଯାଇଛି। ପୁରୀ ସିଫେରାର୍ସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ପକ୍ଷରୁ ସମୁଦ୍ରରେ ପର୍ଯ୍ୟଟକଙ୍କ ସୁରକ୍ଷିତ ଜଳକ୍ରୀଡା ପାଇଁ ଜେଟ୍‌ସ୍କି, ସ୍ପିଡ୍ ବୋଟ୍ ସହ ଲାଇଫ୍ ଜ୍ୟାକେଟ୍ ଓ ସମୁଦ୍ର ଭିତରେ ଲକ୍ଷ୍ୟ ରଖିବାକୁ ବ୍ୟବସ୍ଥା ହୋଇଛି। ସମ୍ପୃକ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ତେବେ ଗୁରୁବାର ଅନ୍ୟ ଏକ ଭିଡିଓ ଦେଖିବାକୁ ମିଳିଛି। କେତେଜଣ ଯୁବକ ଡଙ୍ଗାରେ ନାଚଗୀତ କରିବା ସହ ମଜା ମଜଲିସ କରୁଥିବା ଭିଡିଓ ଭାଇରାଲ ହୋଇଛି। ଯଦି କୌଣସି ଅଘଟଣ ଘଟିଥାଆନ୍ତା, ତେବେ କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ ଉଠିଛି।

# ପ୍ରଦର୍ଶନୀରେ ଅପରାଧର ତଦନ୍ତ କୌଶଳ

## ଆଜି ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)




ଡିଜି ଯୋଗେଶ ବାହାଦୁର ଖୁରାନିଆ, କ୍ରାଇମ୍‌ବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ନୂତନ ଆପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡିଆରେ ନ୍ୟାୟ ସଂହିତା ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। ଏହି ପ୍ରଦର୍ଶନୀ ଜନସାଧାରଣଙ୍କ ନିମନ୍ତେ ୭ରୁ ୧୦ମାର୍ଚ୍ଚ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଭୁବନେଶରସ୍ଥିତ ପୋଲିସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଜିପି କହିଥିଲେ, ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ(ବିଏସ୍ଏ)କୁ ୨୦୨୪ ଜୁଲାଇ ୧ରୁ ଲାଗୁ କରାଯାଇଛି। ଏହାଦ୍ୱାରା ଔପନିବେଶିକ ଯୁଗରେ ପ୍ରଚଳିତ ଥିବା ଦଣ୍ଡ ବ୍ୟବସ୍ଥା ଏବେ ନ୍ୟାୟ ବ୍ୟବସ୍ଥାକୁ ପରିବର୍ତ୍ତନ ହୋଇଛି ବୋଲି ଡିଜିପି କହିଥିଲେ। ଏହା ବ୍ୟତୀତ ଇ-ସାକ୍ଷ୍ୟ ମାଧ୍ୟମରେ ଡିଜିଟାଲ ପ୍ରମାଣ ପରିଚାଳନା, ଏନ୍ଏଏଫ୍ ଦ୍ୱାରା ବାୟୋମେଟ୍ରିକ ପରିଚୟ, ମୋବାଇଲ ଫୋରେନ୍‌ସିକ ୟୁନିଟ୍, ପ୍ରଯୁକ୍ତି ବିଦ୍ୟା ସହାୟତାରେ ତଦନ୍ତ ପ୍ରକ୍ରିୟା ଆଦି ସଂକ୍ରାନ୍ତରେ ବିଶଦ ଭାବେ ପ୍ରଦର୍ଶନୀରେ ଉପସ୍ଥାପନ କରାଯିବ। ପ୍ରଦର୍ଶନୀରେ ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶନ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲରେ ଅପରାଧ ସ୍ଥଳ, ୧୧୨ ଜରୁରିକାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ ସମନ୍ୱୟ, ଫୋରେନ୍‌ସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁଶନ, ଜିଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇପାରିବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଥିଲେ। ଖବରଦାତା ସମ୍ମିଳନୀରେ କ୍ରାଇମ୍‌ବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର, ରେଳବାଇ ଓ ଉପକୂଳ ସୁରକ୍ଷା ଏଡିଜି ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ପିଇବାକୁ ଟଙ୍କା ନ ଦେବାରୁ...

# ରାସ୍ତାରେ ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)

ରସୁଲଗଡ଼ ଜିଜିପି ହାଇସ୍କୁଲ ପଡ଼ିଆରେ ମଦ୍ୟପାନ ବେଳେ ଗଣ୍ଡଗୋଳରୁ ଜଣେ ଯୁବ୍ୟୁବରଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏବେ ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ମଦ ପାଇଁ ପୁଣି ଆଉ ଏକ ହତ୍ୟାକାଣ୍ଡ ଘଟିଛି। ମଦ ପିଇବାକୁ ଟଙ୍କା ନ ଦେବାରୁ ସ୍ତ୍ରୀ ପେଟରେ ଛୁରି ଭୁସି ହତ୍ୟା କରିଛନ୍ତି ସ୍ୱାମୀ। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ମୃତା ମହିଳା ହେଲେ ନୟାଗଡ଼ ଜିଲାର ସାବିତ୍ରୀ ମଲ୍ଲିକ। ପୋଲିସ ମୃତଦେହ ଜବତ କରିବା ପରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଭରତପୁର ଥାନା ପୋଲିସ ନଂ.୧୬୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ଗିରଫ କରିଛି।

ପୂର୍ଣ୍ଣଚନ୍ଦ୍ରଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ ଅଞ୍ଚଳରେ ହୋଇଥିବାବେଳେ ସେ କିଛିବର୍ଷ ତଳେ ସ୍ତ୍ରୀ ସାବିତ୍ରୀଙ୍କ ସହ ଭୁବନେଶ୍ୱର ଆସି ଫୁଲେଶ୍ୱରୀ ବସ୍ତିରେ ରହୁଥିଲେ। ସାବିତ୍ରୀ ପର ଘରେ ବାସନ ମାଜିବା ସହ ରେଷ୍ଟୁରାଣ୍ଟରେ କାମ କରି ପରିବାର ଚଳାଉଥିଲେ। ପୂର୍ଣ୍ଣଚନ୍ଦ୍ର କୌଣସି କାମ କରୁ ନ ଥିବା ବେଳେ ସାବିତ୍ରୀଙ୍କଠାରୁ ଟଙ୍କା ନେଇ ମଦ ପିଉଥିଲେ। ମଙ୍ଗଳବାର ଚନ୍ଦ୍ରଗ୍ରହଣ ପାଇଁ ଦିନରେ ରୋଷେଇ ବନ୍ଦ ଥିଲା। ରାତି ପ୍ରାୟ ୯ଟା ୩୦ରେ ସାବିତ୍ରୀ ଗାଧୋଇ ସାରି ରୋଷେଇ କରୁଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ର ପିଆଜ କାଟୁଥିଲେ। ଏହି ସମୟରେ ସେ ମଦ ପିଇବା ପାଇଁ ଟଙ୍କା ମାଗିବାରୁ ସାବିତ୍ରୀ ମନା କରି ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କରୁ ଝଗଡ଼ା ଭୀଷଣ ରୂପ ଧାରଣ କରିଥିଲା। ଏପରିକି

- ରୋଷେଇ ସମୟରେ ଯୁକ୍ତିତର୍କରୁ ହୋଇଥିଲା ଝଗଡ଼ା
- ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କଲା ପୋଲିସ

ଉଭୟ ଘରୁ ବାହାରି ରାସ୍ତାକୁ ଚାଲି ଆସି ପରସ୍ପରକୁ ଗାଳିଗୁଲଜ କରିବା ସହ ହାତାହାତି ହୋଇଥିଲେ। ଉତ୍ତେଜିତ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ର ଘରୁ ଏକ ଛୁରି ଆଣି ରାସ୍ତା ମଝିରେ ସାବିତ୍ରୀଙ୍କ ପେଟକୁ ଭୁସି ଦେଇଥିଲେ। ସାବିତ୍ରୀ ଚିତ୍କାର କରୁଥିଲେ ମଧ୍ୟ ସେ ତାଙ୍କ ପେଟ ଓ ଛାତିକୁ ବାରମ୍ବାର ଭୁସି ଚାଲିଥିଲେ। ଘଟଣା ସ୍ଥଳରେ ସାବିତ୍ରୀ ତଳେ ପଡିଯିବା ସହ ତାଙ୍କର ମୃତ୍ୟୁ ଘଟିଥିଲେ ବି ପୂର୍ଣ୍ଣଚନ୍ଦ୍ର ସେମିତି ଛୁରି ଭୁସି ଚାଲିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିବା ସହ ଛୁରି ଜବତ କରିଥିଲା। ଏଥିସହ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

ଭରତପୁର ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି, ଦମ୍ପତିଙ୍କ ମଧ୍ୟରେ ଟଙ୍କା ମାଗିବାକୁ କେନ୍ଦ୍ରକରି ଝଗଡ଼ା ହେବା ପରେ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରାଯିବା ସହ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରାଯାଇଛି। ଏ ଘଟଣାକୁ ନେଇ ସାବିତ୍ରୀଙ୍କ ଗାଁକୁ ଖବର ଦିଆଯିବା ପରେ ନୟାଗଡ଼ରୁ ପରିବାର ଲୋକେ ଆସି ମୃତଦେହ ନେଇଛନ୍ତି। ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଛେଳି ଚୋରିକୁ ନେଇ କଙ୍ଗାରୁ କୋର୍ଟ

# ନାବାଳକଙ୍କୁ ପିଟି ମାରିଦେଲେ

ବାରିପଦା/ରାଇରଙ୍ଗପୁର,୫।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବହଳଦା ବ୍ଲକ୍ ତଥା ତିରିଂ ଥାନା ଅଧୀନ ଇନ୍ଦଖୋଲି ହେରୋଗୋଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଛେଳି ଚୋରିକୁ ନେଇ କଙ୍ଗାରୁକୋର୍ଟରେ ୨ଜଣଙ୍କୁ ଲୋକେ ନିସ୍ଥୁକ ମାଡ଼ ମାରିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ୧୧ ଜଣଙ୍କୁ ଗିରଫ କରିଛି। ମୃତକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଭୁଟକାବାଦି ଗ୍ରାମର ରାଜ କୁମାର ବିନ୍ଧାଣିଙ୍କ ୯ମ ଶ୍ରେଣୀରେ ପଢୁଥିବା ପୁଅ ସମ୍ବିତ ବିନ୍ଧାଣି (୧୫)।

ସୂଚନା ଅନୁଯାୟୀ, ସମ୍ବିତ ତିରିଂ ଥାନା ଅଧୀନ ବାସିଙ୍ଗି ଗ୍ରାମରେ ନିଜ ମାମୁଘରେ ରହି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଥିଲେ। ସୋମବାର ଅପରାହ୍ନରେ


ଲୋକଙ୍କ ଆକ୍ରମଣର ଶିକାର ହୋଇଥିବା ୨ ନାବଳକ।

### ୧୧ ଜଣଙ୍କୁ ଗିରଫକଲା ପୋଲିସ

ହେରୋଗୋଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଛେଳି ଚୋରି ହୋଇଥିଲା। ସ୍ଥାନୀୟ ଲୋକେ ୨ ଜଣ ନାବାଳକଙ୍କୁ ଧରି କଙ୍ଗାରୁ କୋର୍ଟ ବସାଇଥିଲେ। ଉଭୟଙ୍କୁ ନିସ୍ଥୁକ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ଏହା ସହ ସେମାନଙ୍କ ବାଇକ୍‌କୁ ନିଆଁ ଲଗାଇ ଜାଳି ଦେଇଥିଲେ। ଦୁହିଁଙ୍କ ଅବସ୍ଥା ଗୁରୁତର ହେବାରୁ ପୋଲିସ ସେମାନଙ୍କୁ ଝରାଡିହି ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରୁ ରାଇରଙ୍ଗପୁର ହସ୍ପିଟାଲକୁ ସ୍ଥାନନ୍ତର କରାଯାଇଥିଲା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସମ୍ବିତଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସମ୍ବିତଙ୍କ ବାପା ତିରିଂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା (ନଂ.୩୧/୨୬) ରୁଜୁକରି ୧୧ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ସଂଖ୍ୟା ବଢ଼ିପାରେ ବୋଲି ପୋଲିସ କହିଛି।

# ଆଜି ଦେବବ୍ରତଙ୍କୁ ଫୁଲବାଣୀ ନେବ କ୍ରାଇମବ୍ରାଞ୍ଚ

## ୩ଦିନିଆ ରିମାଣ୍ଡରେ ଗିରଫ ପୂର୍ବତନ ଖଣି ଅଧିକାରୀ

କଟକ,୫।୩(କାର୍ତ୍ତିକ ସାହୁ)

କଟକ ସର୍କଲର ପୂର୍ବତନ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଏବେ ତିନିଦିନିଆ ରିମାଣ୍ଡରେ ଅଛନ୍ତି। ଓଡ଼ିଶା ଭିଜିଲାନ୍ସ ମହାନ୍ତିଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତରେ ଆବେଦନ କରିଥିଲା। ମାତ୍ର ଅଦାଲତ ତାଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ଫଳରେ ଭିଜିଲାନ୍ସ ମାମଲାର ଅଧିକ ତଦନ୍ତ ପାଇଁ ମହାନ୍ତିଙ୍କୁ ମାର୍ଚ୍ଚ ୫ରୁ ୭ ତାରିଖ ପର୍ଯ୍ୟନ୍ତ ହେପାଜତରେ ରଖିବ। ଭିଜିଲାନ୍ସ ମହାନ୍ତିଙ୍କୁ ଶୁକ୍ରବାର ଫୁଲବାଣୀ ନେଇ ସେଠାରେ ଥିବା ଭଡ଼ାଘରର ଯାଞ୍ଚ କରିବ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, କୋଲ ଡିପୋ ସୁରୁଖୁରୁରେ ଚଳାଇବା ଓ କୋଇଲା ପରିବହନ ଅନୁମତି ଦେବାକୁ ଜଣେ ଲାଇସେନ୍ସପ୍ରାପ୍ତ କୋଇଲା ବ୍ୟବସାୟୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତ ଫେବୃଆରୀ ୨୪ରେ ମହାନ୍ତି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ବଡ଼ ଧରଣର ଚଢ଼ାଉରେ ତାଙ୍କଠାରୁ ନଗଦ ୪,୨୮,୩୩,୬୦୦ ଟଙ୍କା ଜବତ ହୋଇଥିଲା। ତନ୍ମଧ୍ୟରେ ଭୁବନେଶ୍ୱରସ୍ଥିତ ତାଙ୍କ ଆବାସିକ ଫ୍ଲାଟ୍‌ରୁ ୪,୨୭,୧୩,୬୦୦ ଟଙ୍କା ଓ ଅଫିସ ଡ୍ରୟାରରୁ ୧.୨୦ ଲକ୍ଷ ଟଙ୍କା ରହିଛି। ଏ ଘଟଣା ସମଗ୍ର ଦେଶରେ ହଇଚଇ ସୃଷ୍ଟି କରିଛି। ଭୁବନେଶ୍ୱର ପଟିଆ ଶ୍ରୀବିହାର ଅଞ୍ଚଳରେ ଥିବା ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟସ୍ଥିତ ମହାନ୍ତିଙ୍କ ଭଡ଼ା ବାସଗୃହ, ଭଦ୍ରକ ମଠସାହିସ୍ଥିତ ପୈତୃକ ବାସଭବନ ଓ କଟକସ୍ଥିତ ଅଫିସ ଚ୍ୟାମ୍ବରରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱର ଭଡ଼ା ଘରୁ ଚଢ଼ାଉ ବେଳେ ଜବତ ହୋଇଥିବା ବିପୁଳ ପରିମାଣର ନଗଦ ଅର୍ଥ ଟ୍ରଲି ବ୍ୟାଗ୍ ଓ ଆଲମିରାରୁ ମିଳିଥିଲା। ସେହିପରି ୩୦୫.୪୦ ଗ୍ରାମ ସୁନା ଓ ୬୦୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଭୁବନେଶ୍ୱରର ପାହାଳ ନିକଟରେ ୨୪୦୦ ବର୍ଗଫୁଟ୍‌ର ଏକ ଦ୍ୱିମହଲା କୋଠାଘର ଠାବ ହୋଇଛି। ତେବେ ବିଭିନ୍ନ ଆର୍ଥିକ ସଂସ୍ଥାରେ ଥିବା ଜମା, ବିନିଯୋଗ, ବୀମା ରାଶି ଉପରେ ଭିଜିଲାନ୍ସ ତଦନ୍ତ କରୁଛି। ବିଶେଷ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ଭିଜିଲାନ୍ସ ଗୁରୁତ୍ୱ ଦେଉଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ମାମଲା (ନଂ.୦୧/୨୦୨୬) ରୁଜୁ ହୋଇଛି।

# ଘରୋଇ ସହାୟିକାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)

ଘରୋଇ ସହାୟିକାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଛି। ଏଭଳି ଘଟଣା ଖାରବେଳନଗର ଥାନା ମଧୁସୂଦନ ନଗର ଫ୍ଲାଟ୍ ନଂ-୧୦୫ରେ ଦେଖିବାକୁ ମିଳିଛି। ମୃତା ସହାୟିକା ହେଲେ ଫୁଲବାଣୀର ସୁମିତ୍ରା ଦିଗଲ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଥାନାରେ ମୃତା ସୁମିତ୍ରାଙ୍କ ଭାଇ ପୀତବାସ ଦିଗଲଙ୍କ ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା ୧୦୩(୧), ୨୩୮(ଏ)ରେ ଏକ ମାମଲା(ନଂ.୧୪୪/୨୬) ରୁଜୁ କରି ଘର ମାଲିକ ପ୍ରଦୀପ୍ତ କୁମାର ଦାସଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଗାଡ଼ିକୁ ଜବତ କରାଯାଇଛି।

ସୂଚନାଯୋଗ୍ୟ, ବୁଧବାର ସକାଳ ପ୍ରାୟ ୮ଟାରେ ଅଭିଯୁକ୍ତ ପ୍ରଦୀପ୍ତ ତାଙ୍କର ବ୍ୟାଟେରି କାର୍‌କୁ ସୁମିତ୍ରାଙ୍କ ଉପରେ ଚଢ଼ାଇ ମାରି ଦେଇଥିଲେ। ପ୍ରଦୀପ୍ତ ଏଥିରୁ ବର୍ତ୍ତିବା ପାଇଁ ସୁମିତ୍ରାଙ୍କ ଭାଇ ପୀତବାସଙ୍କୁ ଫୋନ୍ କରି ତୁମ ଭଉଣୀ ଶିଡ଼ିରୁ ପଡ଼ିଯିବାରୁ ମୃତ୍ୟୁ ଘଟିଥିବା କହିଥିଲେ। ସୂଚନା ପାଇ ପୀତବାସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁମିତ୍ରାଙ୍କ ଗୋଡ଼ ଏବଂ ଛାତିରେ ଟାୟାର

- ଅଭିଯୁକ୍ତ ଘର ମାଲିକ ଗିରଫ
- ପ୍ରମାଣ ଲୁଚାଇବାକୁ ଶିଡ଼ିରୁ ପଡ଼ି ମୃତ୍ୟୁ ଘଟିଥିବା କହିଥିଲେ
- ପୂର୍ବରୁ ଘରୋଇ ସହାୟିକାଙ୍କ ସହ ହୋଇଥିଲା ଝଗଡ଼ା


ଗିରଫ ଘର ମାଲିକ ପ୍ରଦୀପ୍ତ କୁମାର ଦାସ।

ଚିହ୍ନ ଏବଂ ତାଙ୍କ ମୁଣ୍ଡରୁ ରକ୍ତ ବାହାରୁଥିବା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ନିକଟରେ କାମ କରୁଥିବା ସୁମିତ୍ରାଙ୍କ ସହଯୋଗୀମାନଙ୍କୁ ପଚରାଉଚରା କରିଥିଲେ। ଘର ମାଲିକ ପ୍ରଦୀପ୍ତ ତାଙ୍କ ଉପରେ ଗାଡ଼ି ଚଢ଼ାଇ ମାରିଥିବା ସେମାନେ କହିଥିଲେ। ଏହା ଜାଣିବା ପରେ ପୀତବାସ ଖାରବେଳନଗର ଥାନାକୁ ଯାଇ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ କରିବା ପରେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ମୃତା ସୁମିତ୍ରାଙ୍କ ପେଟ, ଗୋଡ଼ରେ ଟାୟାର ଚିହ୍ନ ଥିବା ଡାକ୍ତର କହିବା ପରେ ଘର ମାଲିକଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ସୁମିତ୍ରା ଗତ ପ୍ରାୟ ଦେଢ଼ ବର୍ଷ ଧରି ଅଭିଯୁକ୍ତ ପ୍ରଦୀପ୍ତଙ୍କ ମା'ଙ୍କ ଯତ୍ନ ନେଉଥିଲେ। ପୂର୍ବରୁ ଦରମା ଦେବାକୁ ନେଇ ଘର ମାଲିକଙ୍କ ସହ ସୁମିତ୍ରାଙ୍କ ଝଗଡ଼ା ହୋଇଥିଲା। ଏପରିକି ତାଙ୍କୁ ଚାକିରିରୁ ବାହାର କରି ଦେବାକୁ ପ୍ରଦୀପ୍ତ ଧମକ ଦେଉଥିଲେ। ବୁଧବାର ସକାଳ ପ୍ରାୟ ୭.୩୦ ସମୟରେ ସୁମିତ୍ରା କାର୍‌ର କିଛି ଦୂରରେ ଛିଡ଼ା ହୋଇଥିଲେ। ଅଭିଯୁକ୍ତ ପ୍ରଦୀପ୍ତ ତାଙ୍କୁ ଦେଖିଥିଲେ ମଧ୍ୟ ଜାଣିଶୁଣି ପଛକୁ ନେଇ ତାଙ୍କ ଉପରେ ଚଢାଇ ଦେଇଥିଲେ। ଫଳରେ ସେ ଗୁରୁତର ଆଘାତ ପାଇ ଚେତାଶୂନ୍ୟ ହୋଇଯାଇଥିଲେ। ଅଭିଯୁକ୍ତଙ୍କ ପରିବାର ସଦସ୍ୟମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘର ମାଲିକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ସେ ଗାଡି ଚଢ଼ାଇ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

# ୮ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

ଫୁଲବାଣୀ, ୫।୩(ରାକେଶ କୁମାର ରାଉତ)

ଶିକ୍ଷକଙ୍କ ନାଁରେ କଳଙ୍କ । କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଗୋଛାପଡା ଥାନା ଅଞ୍ଚଳରେ ଜଣେ ଶିକ୍ଷକ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଘଟଣା ସାମ୍ନାକୁ ଆସିଛି । କଟ୍ରିଙ୍ଗିଆରେ ଥିବା ଏକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଜଣଙ୍କ ଏକାଧିକ ଥର ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ସମ୍ପୃକ୍ତ ଶିକ୍ଷକ କୁନୁ ଭୋଇଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ଉକ୍ତ ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଛାତ୍ରାବାସ ଦାୟିତ୍ୱରେ ଥିଲେ। ଶିକ୍ଷକଙ୍କ ଏଭଳି ଘୃଣ୍ୟ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଫୁଲବାଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ନଭେମ୍ବର ୨୧ ତାରିଖରେ ହୋଇଥିବା ବିଜ୍ଞାନ ମେଳାକୁ ଅଭିଯୁକ୍ତ ଶିକ୍ଷକ ଜଣଙ୍କ ଛାତ୍ରୀଙ୍କୁ ପ୍ରକଳ୍ପ ସହ ନେଇ ସେଠାକୁ ଯାଇଥିଲେ । ଫେରିବା ବେଳେ ରାତି ହୋଇ ଯାଇଥିବାରୁ ଅନ୍ଧାରର ସୁଯୋଗ ନେଇ ସେ ଛାତ୍ରୀଙ୍କୁ ଭୟ ଦେଖାଇ ବଳାତ୍କାର କରିଥିଲେ । ପରେ ତାଙ୍କୁ ନେଇ ଘର ପାଖରେ ଛାଡ଼ିବା ସହ ଏ ବିଷୟରେ କାହାକୁ କିଛି ନ କହିବାକୁ ଧମକ ଦେଇଥିଲେ। ଅଭିଯୁକ୍ତ ଶିକ୍ଷକ ଛାତ୍ରାବାସ ଦାୟିତ୍ୱରେ ଥିବାରୁ ସେ ବିଦ୍ୟାଳୟରେ ରହୁଥିଲେ । ଗତ ୧୮ ତାରିଖରେ ପୀଡ଼ିତା ଛାତ୍ରୀଙ୍କୁ ଡାକି ଏକାଧିକ ଥର ବଳାତ୍କାର କରିଥିଲେ । ଘଟଣା ସମ୍ପର୍କରେ ଛାତ୍ରୀଙ୍କ ସାଙ୍ଗମାନେ ଜାଣିବା ପରେ ପ୍ରଧାନଶିକ୍ଷକଙ୍କୁ ଅବଗତ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ । ଛାତ୍ରୀଙ୍କ ଅବସ୍ଥା ବିଗିଡିବାରୁ ଅନ୍ୟ ଜଣେ ଶିକ୍ଷକ ତାଙ୍କ


ଅଭିଯୁକ୍ତ ଶିକ୍ଷକ କୁନୁ ଭୋଇ

ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୀଡ଼ିତା ଘର ଲୋକଙ୍କ ଆଗରେ ସବୁ କଥା କହିବା ପରେ ତାଙ୍କ ମା' ଗୋଛାପଡା ଥାନାରେ ଏତଲା ଦେଇଥିଲେ ।

ଏ ନେଇ ପ୍ରଧାନଶିକ୍ଷକ ରାଜା କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, କୁନୁ ସାର୍ ଅସଦାଚରଣ କରୁଥିବା ନେଇ ବୁଧବାର ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏ ବିଷୟରେ ବିଦ୍ୟାଳୟ କମିଟି ମେମ୍ବରଙ୍କୁ ଡାକି କଥା ହେବାକୁ କହିଥିଲି । ତେବେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ପୋଲିସ ଘଟଣାର ତଦନ୍ତ କରୁଛି, ଅଧିକ କିଛି କହିବି ନାହିଁ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି । ଅନ୍ୟପକ୍ଷରେ ଥାନାଧିକାରୀ ସଞ୍ଜିତ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ପୀଡ଼ିତା ଛାତ୍ରୀଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ଘରେ ଛଡାଯାଇଥିବା ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ନଂ.୩୫/୨୬ରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ ସରପଞ୍ଚ ପ୍ରତିଭା କହଁରଙ୍କ ସମେତ ଅନ୍ୟମାନେ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବାକୁ ଦାବି କରିଛନ୍ତି।

# ଲିଫ୍ଟ ବାହାନାରେ ମହିଳାଙ୍କୁ ଗଣବଳାତ୍କାର: ୨ ଅଭିଯୁକ୍ତ ଗିରଫ

ଯୋଡ଼ା,୫।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା ଅଞ୍ଚଳରେ ମାଘେ ପର୍ବ ସମୟରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ଏଘଟଣାରେ ମଙ୍ଗଳବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବିଲେଇପଦା ଅଞ୍ଚଳର ସୁକଲାଲ ମୁଣ୍ଡା, ଶିଆଳ ଯୋଡ଼ାର ବାସୁଦେବ ଗାଗରାଇ ବୋଲି ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଫେବୃଆରୀ ୨୦ ରେ ପୀଡ଼ିତା ତାଙ୍କ ପିଲାଙ୍କ ସହ ବିଲେଇପଦା ଭାଗଲପୁର ଗ୍ରାମରେ ଚାଲିଥିବା ମାଘେ ପର୍ବ ଦେଖିବା ପାଇଁ ଯାଇଥିଲେ। ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ ବାସୁଦେବ ଘରେ ଛାଡ଼ିଦେବେ କହି ପୀଡ଼ିତା ଏବଂ ତାଙ୍କ ଝିଅଙ୍କୁ ବାଇକ୍‌ରେ ବସାଇଥିଲେ। ବାଟରେ ଗୋବର୍ଦ୍ଧନପୁର ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ଏକ ମହୁଲ ଗଛ ନିକଟରେ ବାସୁଦେବ ମହିଳାଙ୍କୁ ବଳାତ୍କାର କରିଥିଲେ। ଶୁକଲାଲ ମୁଣ୍ଡା ମଧ୍ୟ ପହଞ୍ଚି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ଫଳରେ ମହିଳା ଜଣକ ଭୟଭୀତ ହୋଇ ଘରକୁ ଫେରି ଏ ସମ୍ପର୍କରେ କାହାକୁ କିଛି କହି ନ ଥିଲେ। ଘଟଣାର କିଛିଦିନ ପରେ ପୀଡ଼ିତାଙ୍କ ସ୍ୱାମୀ ଗାଲରେ ଚିହ୍ନ ଦେଖି ଆଘାତର କାରଣ ବାରମ୍ବାର ପଚାରିବାରୁ ସେ ସବୁ କଥା କହିଥିଲେ। ପରେ ପୀଡ଼ିତା ଏବଂ ତାଙ୍କ ସ୍ୱାମୀ ଯୋଡ଼ା ଥାନାରେ ମାର୍ଚ୍ଚ ୩ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା(ନଂ. ୬୮/୨୬) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଶିଶୁଙ୍କୁ ଭିକ୍ଷା ବୃତ୍ତିରେ ନିୟୋଜନ କରୁଥିବା ଗ୍ୟାଙ୍ଗର ୫ ଗିରଫ

ବ୍ରହ୍ମପୁର, ୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରର ବିଭିନ୍ନ ଟ୍ରାଫିକ ଛକରେ ଶିଶୁମାନେ ଭିକ୍ଷାବୃତ୍ତି କରୁଛନ୍ତି। ଏମାନଙ୍କୁ ଏହି ବୃତ୍ତିରେ ନିୟୋଜିତ କରାଯାଉଥିବା ଅଭିଯୋଗ ପରେ ପୋଲିସ ତନାଘନା କରିଛି। ବିଶେଷକରି ଟାଉନ ଥାନା ଅଞ୍ଚଳରେ ଏକ ଗ୍ୟାଙ୍ଗ ଶିଶୁମାନଙ୍କୁ ଭିକ୍ଷାବୃତ୍ତିରେ ଲଗାଇ ସେମାନଙ୍କଠାରୁ ଅର୍ଥ ସଂଗ୍ରହ କରୁଥିବା ଜଣାପଡିଛି। ଉକ୍ତ ୫ଜଣିଆ ଗ୍ୟାଙ୍ଗକୁ ପୋଲିସ ଠାବ କରିବା ସହିତ ୯ ଶିଶୁଙ୍କୁ ଉଦ୍ଧାର କରିଛି। ସେମାନଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯାଇଛି। କୋମଳମତି ଶିଶୁଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରୁଥିବା ଅଭିଯୋଗରେ ୫ ଅଭିଯୁକ୍ତ ମଣି ସିନ୍ଦେ, ଅଜୟ କଜରୀ ସିନ୍ଦେ, ରାଣୀ ସିନ୍ଦେ, ପୂଜା ପାୱାର ଓ ସୀତା ପାୱାରଙ୍କୁ ଗିରଫ କରାଯାଇଛି। ଏମାନେ ବ୍ରହ୍ମପୁର ରେଳଷ୍ଟେଶନର ୪ର୍ଥ ପ୍ଲାଟଫର୍ମ ନିକଟ ଫ୍ଲାଏଓଭର ତଳେ ଅସ୍ଥାୟୀ ଟେଣ୍ଟରେ ରହୁଥିଲେ। ସେମାନଙ୍କର ପରିଚୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ମାମଲା ନଂ. ୯୨/୨୬ ରେ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।

# ମିଠା ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ

ଭୁବନେଶ୍ୱର,୫।୩
(ତ୍ରିନାଥ ମହାନ୍ତି)

ଲିଙ୍ଗରାଜପୁର ଥାନା ସାମନ୍ତରାପୁର ଛକରେ ଜଣେ ମିଠା ଦୋକାନୀଙ୍କୁ ଦୁର୍ବୃତ୍ତ ଖଣ୍ଡାରେ ହାଣିଛନ୍ତି। ଆକ୍ରମଣରେ ଦିଲୁ ବେହେରା ନାମକ ଦୋକାନୀ ଆହତ ହୋଇଛନ୍ତି। ତାଙ୍କ ବାମ ବାହୁରେ ଗଭୀର କ୍ଷତ ହୋଇଛି। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବାକୁ ଛାନ୍‌ଭିନ କରୁଛି।

ଅଭିଯୋଗ ଅନୁସାରେ, ବୁଧବାର ରାତି ସାଢେ ୯ଟା ସମୟରେ ଦିଲୁ ମିଠା ଦୋକାନରେ ବସିଥିବା ବେଳେ ଜଣେ ଯୁବକ ତାଙ୍କ ଦୋକାନକୁ ଯାଇଥିଲେ। ଖାଇବା ପାଇଁ ମିଠା ଅର୍ଡର କରିବା ପରେ ଦିଲୁ ତାଙ୍କୁ ମିଠା ସହ ଏକ ଷ୍ଟିଲ୍ ଚାମଚ ଦେଇଥିଲେ। ଷ୍ଟିଲ୍ ଚାମଚ କାହିଁ ଦେଉଛ, ପ୍ଲାଷ୍ଟିକ୍ ଚାମଚ କାହିଁକି ଦେଉନ ବୋଲି କହିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଏହାର କିଛି ସମୟ ପରେ ଯୁବକ ଜଣଙ୍କ ତାଙ୍କ ସହଯୋଗୀଙ୍କୁ ଡାକି ଆଣିବା ପରେ ଖଣ୍ଡାରେ ଦିଲୁଙ୍କୁ ହାଣିଥିଲେ।

# ପଟାଙ୍ଗୀରୁ ଆଉ ଜଣେ ଗିରଫ

## ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଜାଲିଆତି ମାମଲା

କଟକ,୫।୩(କାର୍ତ୍ତିକ ସାହୁ

ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଜାଲିଆତି ମାମଲାରେ ଲାଲବାଗ ଥାନା ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ପଟାଙ୍ଗୀ ଥାନା ଅଞ୍ଚଳର ସପନ କୁମାର ପଣ୍ଡା(୩୬)। ସେ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କ ନିକଟତମ ସହଯୋଗୀ ଭାବେ କାମ କରୁଥିଲେ। କୋରାପୁଟରେ ରହି ସପନ ପ୍ରାର୍ଥୀ ସଂଗ୍ରହ କରି ଶଙ୍କରଙ୍କ ନିକଟରେ ପହଞ୍ଚାଇବା ମୁଖ୍ୟ କାମ ଥିଲା।

ସୂଚନାନୁସାରେ, ହାଇକୋର୍ଟ ଏଏସ୍‌ଓ ମୁଖ୍ୟ ଲିଖିତ ପରୀକ୍ଷା ୨୦୨୫ ଜୁଲାଇରେ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ ଦାୟିତ୍ୱ ଭୁବନେଶ୍ୱରର ଘରୋଇ ସଂସ୍ଥା ସିଲିକନ ଟେକ୍ ପ୍ରାଇଭେଟ ଲିମିଟେଡ୍ ନେଇଥିଲା। କିନ୍ତୁ ଏହି ପ୍ରଶ୍ନପତ୍ରର ନମୁନା ଉତ୍ତର ଅଭିଯୁକ୍ତ ଶଙ୍କର ପରିଚାଳନା କରୁଥିଲେ। ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ଶଙ୍କରଙ୍କୁ ନେପାଳ ସୀମାରୁ ଗିରଫ କରିଥିଲା। ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଜାଲିଆତି ମାମଲାରେ ଲାଲବାଗ ଥାନା ପୋଲିସ ଗତ ଜାନୁଆରୀ ୩୧ରେ ୬ଜଣଙ୍କୁ ଗିରଫ କରିଥିଲା।

# ଧରାପଡ଼ିଲେ ୬ ଆନ୍ତଃ ରାଜ୍ୟ ମହିଳା ସୁନାଚେନ୍ ଲୁଟେରା

- ଧାର୍ମିକ ଉତ୍ସବଗୁଡ଼ିକୁ ଟାର୍ଗେଟ୍ କରୁଥିଲେ
- ଲୁଟ୍ ସୁନାଗହଣା ଓ ନଗଦ ରାଶି ଜବତ

ସମ୍ବଲପୁର,୫।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ ଏକ ଆନ୍ତଃ ରାଜ୍ୟ ମହିଳା ସୁନାଚେନ୍ ଲୁଟେରା ଦଳର ୬ଜଣଙ୍କୁ ଗିରଫ କରିଛି। ସମ୍ବଲପୁର ସହରର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ ମହିଳାମାନଙ୍କ ବେକରୁ ସେମାନେ ସୁନାଚେନ୍ ଲୁଟ୍ କରୁଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ମୂଳ ବାସିନ୍ଦା ତଥା ନକଲି ଠିକଣା ବାଲେଶ୍ୱର ସଦର ପାଟଣାପଡ଼ାର ଜି. ଭାନୁମତୀ ନକଲି ନାମ ଗାୟତ୍ରୀ ନାଏକ ଓରଫ କବିତା(୫୨), ନକଲି ଠିକଣା ଭଦ୍ରକ ଜିଲା ଚରମ୍ପାର ପ୍ରିୟା ଦାସ ଓରଫ ସଙ୍ଗୀତା(୪୫), ଏସ୍. ଥରା(୪୦) ଓ ପୂଜା ସିଂହ(୩୮), ଖୋର୍ଦ୍ଧା ଜିଲା ଜଟଣୀ ରେଳ ଷ୍ଟେଶନ ଅଞ୍ଚଳର ମୂଳ ବାସିନ୍ଦା ତଥା ନକଲି ଠିକଣା ଭୁବନେଶ୍ୱର ପଟିଆସାହିର ଦୀପା ଦାସ(୫୭), କଟକ ରେଳଷ୍ଟେଶନ ଝୁପୁଡ଼ିବସ୍ତିର ମୂଳ ବାସିନ୍ଦା ତଥା ନକଲି ଠିକଣା ଯାଜପୁରରୋଡ୍‌ର କଲ୍ୟାଣୀ ଦାସ(୩୯)। ସେମାନଙ୍କ ନିକଟରୁ ୫୨ ଗ୍ରାମ୍‌ର ତରଳାଯାଇଥିବା ସୁନା ପ୍ଲେଟ୍, ୬୨ ହଜାର ୪୦୦ ଟଙ୍କା, ୩ଟି ମୋବାଇଲ ଫୋନ୍, ସୁନାଚେନ୍


ଗିରଫ ମହିଳା ଲୁଟେରା ଗ୍ୟାଙ୍ଗ ସଦସ୍ୟ।

କାଟିବା ପାଇଁ ବ୍ୟବହୃତ କଟର ଏବଂ ଏକାଧିକ ନକଲି ଭୋଟର ପରିଚୟ ପତ୍ର, ପଥର ଆଦି ଜବତ କରାଯାଇଛି। ଏ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା(ନଂ.୧୬/୨୬) ରୁଜୁକରାଯାଇଛି। ୬ ଅଭିଯୁକ୍ତ ମହିଳାଙ୍କୁ ସମ୍ବଲପୁର ପୋଲିସ ମଙ୍ଗଳବାର ଭୁବନେଶ୍ୱରରୁ ଧରିଥିଲା। ଅଧିକ ତଦନ୍ତ ପାଇଁ ସମସ୍ତ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

ଜିଲା ପୋଲିସ ମୁଖ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଭାମୁ ସୂଚନା ଦେଇ କହିଛନ୍ତି, ଉକ୍ତ ମହିଳା ଗ୍ୟାଙ୍ଗ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା, ଧନୁଯାତ୍ରା, ଶୀତଳଷଷ୍ଠୀ, ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଦି ଧାର୍ମିକ ଉତ୍ସବଗୁଡ଼ିକୁ ଟାର୍ଗେଟ୍ କରୁଥିଲେ। ସେମାନେ ଉକ୍ତ ଉତ୍ସବରେ ନକଲି ପଥର ଓ ଅଳଙ୍କାର ବିକ୍ରେତା ଭାବେ ଭିଡ଼ ମଧ୍ୟରେ ମହିଳାମାନଙ୍କ ବେକରୁ ଚେନ୍ ଲୁଟ୍ କରୁଥିଲେ। ନିଜର ପରିଚୟ ଲୁଚାଇବା ପାଇଁ ନକଲି ନାମ ଓ ଠିକଣା ବ୍ୟବହାର କରୁଥିଲେ। ଗତ ଜାନୁଆରୀ ୨୨ରେ କ୍ଷେତରାଜପୁର ଥାନା ଅନ୍ତର୍ଗତ ସମଲେଶ୍ୱରୀ ମନ୍ଦିରରେ ଏକ ଧାର୍ମିକ ଉତ୍ସବ ଚାଲିଥିବା ସମୟରେ ଏହି ମହିଳା ଗ୍ୟାଙ୍ଗ୍ ପ୍ରାୟ ୮୦ ଗ୍ରାମ୍‌ର ୫ଟି ସୁନାଚେନ୍ ଲୁଟ୍ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ ପୂର୍ବକ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ଓ ବିଭିନ୍ନ ବୈଷୟିକ ପଦ୍ଧତି ଅବଲମ୍ବନକରି ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଲୁଟ ସାମଗ୍ରୀ ଉଦ୍ଧାର କରାଯାଇଛି। ଏହି ଗ୍ୟାଙ୍ଗ୍ ଦୀର୍ଘ ୧୨ବର୍ଷ ହେବ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି ବିଭିନ୍ନ ରାଜ୍ୟରେ ସକ୍ରିୟ ରହିଥିଲେ। ସେମାନେ ସ୍ଥାନୀୟ ବେଶଭୂଷାରେ ସଜ୍ଜିତ ହୋଇ ଭକ୍ତଙ୍କ ଗହଳିରେ ପଶୁଥିଲେ। ଫଳରେ


ଜବତ ଲୁଟ୍ ସାମଗ୍ରୀ।

ସେମାନଙ୍କୁ ଚିହ୍ନଟକରିବା କଷ୍ଟକର ହେଉଥିଲା। ଏପରିକି ସେମାନେ ପୋଲିସକୁ ଭ୍ରମିତ କରିବା ପାଇଁ ନକଲି ପରିଚୟପତ୍ର(ଆଇଡି) ବ୍ୟବହାର କରୁଥିଲେ। ସେମାନଙ୍କ ନିକଟରୁ ଜବତ ଏକ ଡାଏରୀରେ ଆଗାମୀ ଦିନରେ କେଉଁ ସ୍ଥାନରେ ମହିଳା ସମାଗମ ବା ଯାତ୍ରା ହେବାର ଅଛି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଲିପିବଦ୍ଧ ରହିଥିଲା। ଜେରା ବେଳେ ପୂର୍ବରୁ ଏହି ଗ୍ୟାଙ୍ଗ୍ କଟକ ବାଲିଯାତ୍ରା, ବରଗଡ଼ ଧନୁଯାତ୍ରା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ମାଘପଞ୍ଚମୀ, ଦୋଳ ପୂର୍ଣ୍ଣିମା, ଶୀତଳଷଷ୍ଠୀ ଆଦି ଧାର୍ମିକ ଉତ୍ସବରେ ଲୁଟ୍ କରିଥିବା ସ୍ୱୀକାର କରିଛନ୍ତି।



# ଭାରତୀୟ ହକିର ଭବିଷ୍ୟତ

**ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରି ଦେଶର ଯେଉଁ କେତେଜଣ ହକି ପ୍ରତିଭା ଚର୍ଚ୍ଚାକୁ ଆସିଛନ୍ତି ସେମାନଙ୍କ ମଧ୍ୟରୁ ଓଡ଼ିଶାର ଅମନଦୀପ ଲାକ୍ରା ଅନ୍ୟତମ। ଗତ ମାସରେ ପ୍ରୋ ଲିଗ୍‌ର ବେଲ୍‌ଜିୟମ ବିପକ୍ଷ ମ୍ୟାଚରେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ସୁନ୍ଦରଗଡ଼ର ଏହି ଯୁବ ଡିଫେଣ୍ଡର ନିଜର କର୍ତ୍ତବ୍ୟନିଷ୍ଠା, ପରିଶ୍ରମ ଏବଂ ସ୍ଥିର ପ୍ରଦର୍ଶନପାଇଁ ଭାରତୀୟ ହକିର ଭବିଷ୍ୟତ ଭାବେ ଉଭା ହୋଇଛନ୍ତି...**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରାଉରକେଲା ଚରଣ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମତ୍କାର ପ୍ରଦର୍ଶନ କରି ଯେଉଁ କେତେଜଣ ଓଡ଼ିଶା ହକି ପ୍ରତିଭା ଚର୍ଚ୍ଚାକୁ ଆସିଥିଲେ ସେମାନଙ୍କ ମଧ୍ୟରୁ ଅମନଦୀପ ଲାକ୍ରା ଅନ୍ୟତମ। ପ୍ରୋ ଲିଗ୍‌ର ବେଲ୍‌ଜିୟମ ବିପକ୍ଷ ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ସୁନ୍ଦରଗଡ଼ର ଅମନଦୀପ। ଏହି ପଦାର୍ପଣ ସହ ଏକ ଦଶନ୍ଧି ତଳେ ବାପାଙ୍କ ମାର୍ଗଦର୍ଶନରେ ରାଉରକେଲାର ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରୁ ଆରମ୍ଭ ହୋଇଥିବା ଯାତ୍ରାର ଏକ ନୂଆ ଆରମ୍ଭ ହୋଇଛି। ଏହି ଯୁବ ଡିଫେଣ୍ଡରଙ୍କ ଲାଗି ସିନିୟର ସ୍ତରରେ ଭାରତୀୟ ଦଳର ଜର୍ସି ପିନ୍ଧିବା ଏକ ଗୌରବାନ୍ୱିତ ମୁହୂର୍ତ୍ତ ଥିଲା। ଯାହାକି ଶୃଙ୍ଖଳା, କଠିନ ପରିଶ୍ରମ ଓ ଧୈର୍ଯ୍ୟ ଉପରେ ପର୍ଯ୍ୟବଶିତ ଥିଲା। କେବଳ ସେତିକି ନୁହେଁ ୨୦୨୬ ହକି ଇଣ୍ଡିଆ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ଏହି ପ୍ରତିଭା ଭାରତୀୟ ହକିର ଭବିଷ୍ୟତ ଭାବେ ଉଭା ହୋଇଛନ୍ତି।

ପଦାର୍ପଣ ସମ୍ପର୍କରେ ଅମନଦୀପ କହିଛନ୍ତି ଯେ, ‘‘ଏହା ମୋ ପାଇଁ ଏକ ବଡ଼ ଉପଲବ୍ଧି। ମୁଁ ଦଳ ପାଇଁ ମୋର ଶତ ପ୍ରତିଶତ ଦେବାକୁ ସବୁବେଳେ ଚେଷ୍ଟା କରିଥାଏ। କୋଚ୍‌ଙ୍କ ଯୋଜନା ଓ ରଣନୀତି ଅନୁଯାୟୀ ଖେଳିବି ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ନିଜର ଶ୍ରେଷ୍ଠ ଦେବି। ମୁଁ ମୋ ପଦାର୍ପଣ ସମ୍ପର୍କରେ ଅଧିକ କିଛି ଚିନ୍ତା କରି ନାହିଁ। ଯଦି ମୁଁ ଏ ବିଷୟରେ ଅଧିକ ଚିନ୍ତା କରିବି, ତେବେ ମୋ ଉପରେ ଅଧିକ ଚାପ ପଡ଼ିବ। ମୁଁ ଯେତେବେଳେ ବି ପଡ଼ିଆକୁ ଓହ୍ଲାଏ, ନିଜର ଶତ ପ୍ରତିଶତ ଦେବା କଥା ଚିନ୍ତା କରେ। ଭାରତ ପାଇଁ ଯେଉଁମାନେ ବି ଖେଳନ୍ତି, ସେମାନଙ୍କ ସ୍ୱପ୍ନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା। ଏହା ଖୁବ୍ କଷ୍ଟକର। କିନ୍ତୁ କଠିନ ପରିଶ୍ରମ କରିବା ଗୁରୁତ୍ୱପୂର୍ଣ୍ଣ’’।

ଅମନଦୀପଙ୍କର ହକି ଯାତ୍ରା ୨୦୧୩ରେ ଆରମ୍ଭ ହୋଇଥିଲା। ଏହି ବର୍ଷ ସେ ରାଉରକେଲାସ୍ଥିତ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗ ଦେଇଥିଲେ, ସେଠାରେ ତାଙ୍କ ବାପା ଜଣେ କୋଚ୍ ଭାବେ କାର୍ଯ୍ୟ କରନ୍ତି। ପ୍ରାରମ୍ଭିକ ଭାବେ ସେ ହକିରେ ପେସାଦାର କ୍ୟାରିୟର କରିବାକୁ ଯୋଜନା କରି ନ ଥିଲେ। କିନ୍ତୁ ତାଙ୍କ ବାପାଙ୍କ ମେଣ୍ଟରଶିପ୍ ତାଙ୍କୁ ଧୀରେ ଧୀରେ ଆଗେଇ ନେଇଥିଲା। ‘‘ମୋ ବାପା ଆରମ୍ଭରୁ ମୋତେ ସବୁ କିଛି ଶିଖାଉଥିଲେ। ସେ ଏବେ ବି ମୋ ମାର୍ଗଦର୍ଶନ କରୁଛନ୍ତି। ଯଦି ଆଜି ମୁଁ ହକି ଡ୍ରାଗ୍ ଫ୍ଲିକ କରିପାରୁଛି, ତେବେ ତାହା କେବଳ ମୋ ବାପାଙ୍କ ପାଇଁ’’ ବୋଲି ଅମନଦୀପ ପ୍ରକାଶ କରିଛନ୍ତି।

ତୃଣମୂଳ ସ୍ତରରୁ ଆଗକୁ ବଢ଼ିବା ପରେ ଅମନଦୀପ ଜାତୀୟ ଜୁନିୟର କ୍ୟାମ୍ପରେ ସାମିଲ ହୋଇଥିଲେ। ଜୁନିୟର ସ୍ତରରେ ସେ ବିଭିନ୍ନ ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ସେ ୨୦୨୨ ଓ ୨୦୨୩ ସୁଲତାନ ଅଫ୍ ଜୋହର କପ୍, ଜୁନିୟର ଏସିଆ କପ୍ ୨୦୨୩ ଓ ଜୁନିୟର ବିଶ୍ୱକପ୍ ୨୦୨୩ରେ ଭାଗ ନେଇଥିବା ଦଳର ସଦସ୍ୟ ଥିଲେ। ଜୁନିୟର ସ୍ତର ଶେଷ ହେବା ପରେ ସେ ସିନିୟର ସ୍ତରରେ ସ୍ଥାନ ପାଇବା ପାଇଁ ନିଜ ଗେମ୍ ଉପରେ ନିରନ୍ତର କାର୍ଯ୍ୟ କରିଥିଲେ। ‘‘ମୋତେ ଜଣାଥିଲା, ସିନିୟର ଦଳରେ ଯେବେ ବି ସ୍ଥାନ ମିଳିବ, ମୋତେ ନିଜକୁ ପ୍ରମାଣ କରିବାକୁ ପଡ଼ିବ। ଏଣୁ ମୁଁ ସେହି ଅନୁସାରେ ପରିଶ୍ରମ କରି ଆସୁଛି’’ ବୋଲି ସେ କହିଛନ୍ତି।

ଅମନଦୀପ ରାଇଟ୍ ହାଫ ପୋଜିଶନରେ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ତାଙ୍କର ଡ୍ରାଗ-ଫ୍ଲିକିଂ ଦକ୍ଷତାର ବିକାଶ ହେବା ପରେ ସେ ଡିଫେନ୍ସ ପୋଜିଶନରେ ଖେଳିଥିଲେ। ପୋଜିଶନରେ ଏହି ପରିବର୍ତ୍ତନ ତାଙ୍କୁ ଗେମ୍‌କୁ ଅଧିକ ଭଲ ଭାବେ ବୁଝିବାରେ ଓ ପେନାଲ୍ଟି କର୍ନର ବେଳେ ଅଧିକ ପ୍ରଭାବୀ ଭାବେ ଯୋଗଦାନ କରିବାକୁ ସୁଯୋଗ ଦେଇଥିଲା। ‘‘ଡିଫେନ୍ସରେ ଗେମ୍‌କୁ ଦେଖିବା ପାଇଁ ଅଧିକ ସମୟ ମିଳେ। ଦୌଡ଼ିବା ଗତିକୁ ନିୟନ୍ତ୍ରଣ କରିବା ସହ ଚାପରେ ପ୍ରତିପକ୍ଷ ଖେଳାଳିଙ୍କଠାରୁ ବଲ ନେବାକୁ ପଡ଼େ। ଭାରତର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀଙ୍କ ମୁଁ ଜଣେ ବଡ଼ ପ୍ରଶଂସକ। ତାଙ୍କୁ ପ୍ରଥମ ଥର ଭେଟିବା ମୋତେ ହକି ଖେଳିବାକୁ ପ୍ରେରଣା ଦେଇଥିଲା। ସେ ମୋତେ କହିଥିଲେ, ଜାତୀୟ ଦଳ ପାଇଁ ଖେଳିବା ସହଜ ନୁହେଁ। ଜାତୀୟ ଦଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ ହିଁ ଏକମାତ୍ର ମାଧ୍ୟମ। ସେବେଠାରୁ ମୁଁ କଠିନ ପରିଶ୍ରମ ଜାରି ରଖିବା ଉପରେ ଚିନ୍ତା କରିଥିଲି’’ ବୋଲି କହିଛନ୍ତି ଏହି ହକି ପ୍ରତିଭା।



ଅମନଦୀପ ଲାକ୍ରା

### ବାଟ ଖୋଲିଥିଲା ଏଚ୍‌ଆଇଏଲ୍

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୨୦୨୫-୨୬ ସିଜନରେ ଭଲ ପ୍ରଦର୍ଶନ ଯୋଗୁ ଅମନଦୀପଙ୍କୁ ଜାତୀୟ ଦଳ ଲାଗି ଚୟନ କରାଯାଇଥିଲା। ହାଇଦ୍ରାବାଦ ତୁଫାନ୍ସ ପାଇଁ ଖେଳିଥିବା ଅମନଦୀପ ପ୍ରଭାବୀ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କୁ ଏଚ୍‌ଆଇଏଲ୍ ଶ୍ରେଷ୍ଠ ପ୍ଲାଟଫର୍ମ ଯୋଗାଇଥିଲା, ଯାହାର ସେ ଭରପୂର ଫାଇଦା ଉଠାଇଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, ଏଚ୍‌ଆଇଏଲ୍ ଏକ ବହୁତ ବଡ଼ ପ୍ଲାଟଫର୍ମ। ଅନେକ ସିନିୟର ଦଳର କୋଚ୍ ଏହା ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ଏଣୁ ମୁଁ ମୋ ସୁଯୋଗ ଉପରେ ଧ୍ୟାନ ଦେଇଥିଲି। ଯଦି ମୋତେ ସୁଯୋଗ ମିଳିବ, ତେବେ ମୋତେ ଦଳ ଲାଗି ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ଲିଗ୍ ଯୋଗୁ ମୋ ଡିଫେନ୍ସିଭ ଦକ୍ଷତା ବୃଦ୍ଧି ପାଇବା ସହ ନିର୍ଦ୍ଦିଷ୍ଟ ଭାବେ ଚାପ ପରିସ୍ଥିତିରେ କେଉଁ ଭଳି ଖେଳିବାକୁ ହୁଏ, ତାହା ଶିଖା କରିଛି। ବଲ ପାସିଂରେ ସୁଧାର ଆସିବା ସହ ୱାନ୍ ଟୁ ୱାନ୍ ଡିଫେନ୍ସ ପରିସ୍ଥିତିରେ ଖେଳିବାର ଅଭିଜ୍ଞତା ହାସଲ କରିଛି। ଭାରତୀୟ ସିନିୟର ଖେଳାଳି ଓ ଅନ୍ତର୍ଜାତୀୟ ଖେଳାଳିଙ୍କ ପରାମର୍ଶ ମୋତେ ଖୁବ ଫାଇଦା ଦେଇଛି।

ବେଲଜିୟମ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନେଇ ସେ ଖୁବ୍ ଉତ୍ସାହିତ ଥିଲେ ବୋଲି ପ୍ରକାଶ କରିଛନ୍ତି। ଆଗକୁ ୨୦୨୬ ବିଶ୍ୱକପ୍ ଓ ଏସିଆନ୍ ଗେମ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଥିବାରୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌କୁ ଅମନଦୀପ ପ୍ରସ୍ତୁତି ଭଳି ଦେଖୁଛନ୍ତି। ଦଳର ସଫଳତାରେ ଯୋଗଦାନ କରିବା ଉପରେ ସେ ଫୋକସ ରଖିଥିବା କହିଛନ୍ତି। ପାନପୋଷ ହଷ୍ଟେଲର ଟ୍ରେନିଂ ଗ୍ରାଉଣ୍ଡରୁ ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ପଦାର୍ପଣ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଧୈର୍ଯ୍ୟ, ସରଳତା, ପରିଶ୍ରମ ଓ ନିଜ ଉପରେ ଥିବା ବିଶ୍ୱାସକୁ ସୂଚିତ କରୁଛି।

ବାପା ବିଜୟ ଲାକ୍ରା ଓ ପ୍ରତିଷ୍ଠିତ କୋଚ୍ ଅମୂଲ୍ୟ ବେହେରାଙ୍କଠାରୁ ପ୍ରଶିକ୍ଷଣ ନେଇ ନିଜ ପ୍ରଦର୍ଶନକୁ ମାର୍ଜିତ କରିଥିବା ଅମନଦୀପ ହକି ଗାଙ୍ଗପୁର ଓଡ଼ିଶା ପକ୍ଷରୁ ସବ୍‌ଜୁନିୟର ଓ ଜୁନିୟର ସ୍ତରରେ ପ୍ରତିନିଧିତ୍ୱ କରିବାପରେ ହକି ଇଣ୍ଡିଆ ଲିଗ୍‌ରେ ହାଇଦ୍ରାବାଦ ତୋଫାନ୍ସ ଏବଂ ଭାରତୀୟ ଜୁନିୟର ଓ ସିନିୟର ସ୍ତରରେ ଖେଳି ଆଗକୁ ବଢ଼ିଛନ୍ତି।




ହକି ଇଣ୍ଡିଆ ଲିଗ୍‌ରେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ଗ୍ରହଣ ଅବସରରେ ଅମନଦୀପ।

## ପଦକ ଓ ସଫଳତା

* ୨୦୨୧ ଅକ୍ଟୋବର ୨୨ରେ ମାଲେସିଆର ଜୋହର ବାହରୁଠାରେ ୧୦ମ ସୁଲତାନ ଅଫ୍ ଜୋହର କପ୍‌ର ଉଦ୍‌ଘାଟନୀ ମ୍ୟାଚରେ ମାଲେସିଆ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ ଜୁନିୟର ପଦାର୍ପଣ।
* ୨୦୨୬ ଫେବୃଆରୀ ୧୪ରେ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ବେଲଜିୟମ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳି ଅନ୍ତର୍ଜାତୀୟ ସିନିୟର ପଦାର୍ପଣ।
* ୨୦୨୧ରେ ସୁଲତାନ ଜୋହର କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ଗର୍ବିତ ସଦସ୍ୟ।
* ୨୦୨୩ ଜୁନ ୧ରେ ସାଲାଲାଠାରେ ଆୟୋଜିତ ୯ମ ପୁରୁଷ ଜୁନିୟର ଏସିଆ କପ୍ ହକିରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ (୨୧ ବର୍ଷରୁ କମ୍) ଦଳରେ ସାମିଲ।
* ୨୦୨୩ ଅଗଷ୍ଟ ୨୨ରେ ଜର୍ମାନୀର ଡୁସେଲଡର୍ଫଠାରେ ଆୟୋଜିତ ଚତୁଃରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ରନରଅପ୍ ଭାରତୀୟ (୨୧ ବର୍ଷରୁ କମ୍) ଦଳର ସଦସ୍ୟଭାବେ ରୌପ୍ୟ ପଦକ ବିଜୟୀ।
* ୨୦୨୩ ନଭେମ୍ବରରେ ମାଲେସିଆର ଜୋହର ବାହରୁଠାରେ ଅନୁଷ୍ଠିତ ସୁଲତାନ ଅଫ୍ ଜୋହର କପ୍ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ (୨୧ ବର୍ଷରୁ କମ୍) ଦଳର ସଦସ୍ୟଥିଲେ।
* ୨୦୨୩ ଡିସେମ୍ବର ୫ରୁ ୧୬ ପର୍ଯ୍ୟନ୍ତ ମାଲେସିଆର କୁଆଲାଲମ୍ପୁରଠାରେ ଆୟୋଜିତ ଜୁନିୟର ପୁରୁଷ ହକି ବିଶ୍ୱକପରେ ଭାରତୀୟ ଦଳର ସଦସ୍ୟ ଥିଲେ। ଏଥିରେ ଭାରତ ୪ର୍ଥ ସ୍ଥାନ ଅଧିକାର କରିଥିଲା।

### ହକି ଇଣ୍ଡିଆ ଲିଗ୍

* ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୨୦୨୪-୨୫ ହକି ଇଣ୍ଡିଆ ଲିଗ୍‌ରେ ରୌପ୍ୟ ପଦକ ବିଜୟୀ ହାଇଦ୍ରାବାଦ ତୋଫାନ୍ସ ଦଳର ସେ ସଦସ୍ୟ ଥିଲେ।
* କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ୨୦୨୬ ହକି ଇଣ୍ଡିଆ ଲିଗ୍‌ରେ ସେ ହାଇଦ୍ରାବାଦ ତୋଫାନ୍ସକୁ ବ୍ରୋଞ୍ଜ ପଦକ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିରେ ସେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ କରିଥିଲେ।

# ରେକର୍ଡ ବୁକ୍‌ରେ ଫିନ୍ ଆଲେନ

**ବ୍ଲାକ୍‌କ୍ୟାପ (ନ୍ୟୁଜିଲାଣ୍ଡ) ଦଳକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଫିନ୍ ଆଲେନ ମାତ୍ର ୩୩ ବଲ୍‌ରୁ ଶତକ ହାସଲ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି....**

କୋଲକାତାର ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପର ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ଉଇକେଟରେ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ବ୍ଲାକ୍‌କ୍ୟାପ (ନ୍ୟୁଜିଲାଣ୍ଡ) ଦଳକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଫିନ୍ ଆଲେନ ମାତ୍ର ୩୩ ବଲ୍‌ରୁ ଶତକ ହାସଲ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ୩୩ ବଲରୁ ଶତକ ହେଉଛି ଟି୨୦ ବିଶ୍ୱକପରେ ଦ୍ରୁତତମ। ଏହା ବ୍ୟତୀତ ଆଇସିସିର ପୂର୍ଣ୍ଣକାଳୀନ ସଦସ୍ୟବିଶିଷ୍ଟ ଦଳ ମଧ୍ୟରେ ଦ୍ରୁତତମ। ଓଭରଅଲ୍ ଟି୨୦ ଅନ୍ତର୍ଜାତୀୟରେ ଦେଖିବାକୁ ଗଲେ ଏହା ତୃତୀୟ ଦ୍ରୁତତମ। ଟି୨୦ ବିଶ୍ୱକପ୍‌ରେ ପୂର୍ବରୁ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ଥିଲେ କ୍ରିସ୍ ଗେଲ୍ସ। ସେ ୨୦୧୬ରେ ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷରେ ୪୭ ବଲ୍‌ରୁ ଶତକ ପୂରଣ କରିଥିଲେ। ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ପୂର୍ବରୁ ଟି୨୦ ଅନ୍ତର୍ଜାତୀୟରେ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ଥିଲେ ଗ୍ଲେନ୍ ଫିଲିପ୍ସ। ସେ ୨୦୨୦ରେ ମାଉଣ୍ଟ ମାଙ୍ଗାନୁଇଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୬ ବଲ୍‌ରୁ ତିନିଅଙ୍କ ସ୍ପର୍ଶ କରିଥିଲେ। ଟି୨୦ ଅନ୍ତର୍ଜାତୀୟରେ ଦେଖିବାକୁ ଗଲେ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ଅଛନ୍ତି ଇସ୍ତୋନିଆର ସାହିଲ ଚୌହାନ। ସେ ୨୦୨୪ରେ ଇପିସ୍କୋପିଠାରେ ସାଇପ୍ରସ ବିପକ୍ଷରେ ୨୭ ବଲ୍‌ରୁ ଶତକ ପୂରଣ କରିଥିଲେ। ଟି୨୦ ବିଶ୍ୱକପରେ ଶତକ ହାସଲ କରିବାରେ ଆଲେନ ହେଉଛନ୍ତି ତୃତୀୟ ନ୍ୟୁଜିଲାଣ୍ଡ ଖେଳାଳି। ପୂର୍ବରୁ ବ୍ରେଣ୍ଡନ ମ୍ୟାକକୁଲମ ଓ ଗ୍ଲେନ୍ ଫିଲିପ୍ସ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଆଲେନ ନିଜ ୧୦୦ ରନର ଇନିଂସ ମଧ୍ୟରେ ୮ଟି ଛକା ମାରିଥିଲେ। ଯାହାକି ଟି୨୦ କ୍ରିକେଟ ବିଶ୍ୱକପର କୌଣସି ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ପକ୍ଷରୁ ସର୍ବାଧିକ। ଟି୨୦ କ୍ରିକେଟ ବିଶ୍ୱକପର ନକ୍‌ଆଉଟରେ ଏହା ଯେ କୌଣସି ଦେଶର ଖେଳାଳିଙ୍କ ପାଇଁ ସର୍ବାଧିକ। ଆଲେନ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୮ ଛକା ମାରିଥିଲେ। ଟି୨୦ ବିଶ୍ୱକପର କୌଣସି ଏକ ଇନିଂସରେ ସର୍ବାଧିକ ବାଉଣ୍ଡାରି (୧୮) ମାରିବାରେ ଏହା ହେଉଛି ଯୁଗ୍ମ ସର୍ବାଧିକ। ୨୦୧୨ ବିଶ୍ୱକପରେ ପାଲିକେଲେଠାରେ ବାଂଲାଦେଶ ବିପକ୍ଷରେ ବ୍ରେଣ୍ଡନ ମ୍ୟାକକୁଲମ ୧୧ ଚୌକା ଓ ୭ ଛକା ଏହିପରି ୧୮ ବାଉଣ୍ଡାରୀ ମାରିଥିଲେ। ନ୍ୟୁଜିଲାଣ୍ଡ ଖେଳାଳିଭାବେ ଟି୨୦ ବିଶ୍ୱକପରେ ସର୍ବାଧିକ ଛକା (୨୬)ମାରି ଆଲେନ ନିଜ ଦେଶର ଗ୍ଲେନ ଫିଲିପ୍ସ (୨୩)ଙ୍କୁ ଅତିକ୍ରମ କରିଛନ୍ତି।






ଫିନ୍ ଆଲେନ

### ଟି୨୦ ଅନ୍ତର୍ଜାତୀୟରେ ଦ୍ରୁତତମ ଶତକ

(ବଲ୍ ଦୃଷ୍ଟିରୁ)

* ୨୭: ସାହିଲ ଚୌହାନ (ଇସ୍ତୋନିଆ) ବନାମ ସାଇପ୍ରସ, ଇପିସ୍କୋପି, ୨୦୨୪
* ୨୯: ମହମ୍ମଦ ଫହଦ (ତୁର୍କୀ) ବନାମ ବୁଲଗେରିଆ, ସୋଫିଆ, ୨୦୨୫
* ୩୩: ଫିନ୍ ଆଲେନ (ନ୍ୟୁଜିଲାଣ୍ଡ) ବନାମ ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୨୬
* ୩୩: ଜାନ ନିକୋଲ ଲୋଫଟି-ଇଟନ (ନାମ୍ବିଆ) ବନାମ ନେପାଳ, କୀର୍ତ୍ତିପୁର, ୨୦୨୪
* ୩୩: ସିକନ୍ଦର ରାଜା (ଜିମ୍ବାୱେ) ବନାମ ଗାମ୍ବିଆ, ନାଇରୋବି, ୨୦୨୪

### ଟି୨୦ ନକ୍‌ଆଉଟ୍‌ରେ ସର୍ବାଧିକ ସ୍କୋର

୧୦୦: ଫିନ୍ ଆଲେନ ବନାମ ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୨୬ ସେମିଫାଇନାଲ
୯୬*: ତିଲକରତ୍ନେ ଦିଲସାନ ବନାମ ୱେଷ୍ଟଇଣ୍ଡିଜ, ଦି ଓଭାଲ, ୨୦୦୯ ସେମିଫାଇନାଲ
୮୯*: ବିରାଟ କୋହଲି ବନାମ ୱେଷ୍ଟଇଣ୍ଡିଜ, ମୁମ୍ବାଇ, ୨୦୧୬ ସେମିଫାଇନାଲ
୮୬*: ଆଲେକ୍ସ ହେଲ୍ସ ବନାମ ଭାରତ, ଆଡିଲେଡ୍, ୨୦୨୨ ସେମିଫାଇନାଲ
୮୫*: ମାର୍ଲୋନ ସାମୁଏଲ୍ସ ବନାମ ଇଂଲଣ୍ଡ, କୋଲକାତା, ୨୦୧୬ ଫାଇନାଲ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ Bhubaneswar, Friday, March 6/ 2026



କିଟ୍‌ରେ ଆୟୋଜିତ ଏଫ୍‌ଆଇଭିବି ବିଶ୍ୱ ବିଚ୍ ଭଲିବଲ୍‌ର ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

# କିଟ୍‌ରେ ଏଫ୍‌ଆଇଭିବି ବିଶ୍ୱ ବିଚ୍ ଭଲିବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ)**

ଭାରତରେ ପ୍ରଥମ ଥର ପାଇଁ ଏଫ୍‌ଆଇଭିବି ବିଶ୍ୱ ବିଚ୍ ଭଲିବଲ୍ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଦୂତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମରେ ୮ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ମେଗା ପ୍ରତିଯୋଗିତାରେ ୫୨ ଦେଶରୁ ୮୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ସମେତ ୩୦୬ ଖେଳାଳି ଓ ଅଫିସିଆଲ୍ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଦିବସରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହା କିଟ୍ ଏବଂ ଓଡ଼ିଶା ରାଜ୍ୟ ଓ ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ସେ କହିଥିଲେ। ପ୍ରଥମ ଥର ପାଇଁ ଏକ ଭାରତୀୟ ବିଶ୍ୱବିଦ୍ୟାଳୟ ଏତେ ମର୍ଯ୍ୟାଦାଜନକ ଅନ୍ତର୍ଜାତୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତା ଆୟୋଜନ କରିବା ନିଶ୍ଚିତ ଭାବେ ଖୁସିର ବିଷୟ ବୋଲି କହିଥିଲେ ପୃଥ୍ୱୀରାଜ। ଏହି ଚାମ୍ପିଅନଶିପ୍ ଆୟୋଜନ ଦିଗରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉତ୍ସର୍ଗୀକୃତ ମନୋଭାବ ଓ ଦୃଷ୍ଟିକୋଣକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣରେ ଅଚ୍ୟୁତ କହିଥିଲେ ଯେ, ବିଶ୍ୱର ୫୨ଟି ବିଭିନ୍ନ ଦେଶରୁ ଆସିଥିବା ଖେଳାଳି ଓ କ୍ରୀଡ଼ା ପ୍ରତିନିଧିମାନେ ଭୁବନେଶ୍ୱରରେ ଏକତ୍ରିତ ହେବା କିଟ୍ ଓ ଓଡ଼ିଶା ପାଇଁ ଗର୍ବର ବିଷୟ। ଏହି ଚାମ୍ପିୟନଶିପ୍ ଆୟୋଜନ ପାଇଁ ସହଯୋଗ କରିଥିବାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଫ୍‌ଆଇଭିବି ଟେକ୍ନିକାଲ ପ୍ରତିନିଧି ବ୍ଲେୟାର ହାରିସନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ତଥା ଇଭେଣ୍ଟ ଡାଇରେକ୍ଟର ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

## ଓଡ଼ିଶାର ଦ୍ୱିତୀୟ ପରାଜୟ

**୨୩ବର୍ଷରୁ କମ୍ ମହିଳା ଏକଦିବସୀୟ**

**କଟକ,୫।୩(କୁମାରଶ୍ରୀ)**

୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ପ୍ରଥମ ଲିଗ୍‌ରେ ଉତରପ୍ରଦେଶ ଠାରୁ ପରାଜୟ ପରେ ଗୁରୁବାର ମ୍ୟାଚ୍‌ରେ ଦଳ ୫ ଉଇକେଟରେ ଉତରାଖଣ୍ଡ ଠାରୁ ହାରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ଉଇକେଟ ବିନିମୟରେ ୨୪୬ରନ ସଂଗ୍ରହ କରିଥିଲା। ଅଧିନାୟିକା ଅଲିସ୍ମା ବିଶ୍ୱାଳ ସର୍ବାଧିକ ୭୫ରନ କରିଥିଲେ। ଜିଏମ ଅଳକାନନ୍ଦ ୪୪ରନର ଅପରାଜିତ ପାଳି ଖେଳିଥିଲେ। ଉଇକେଟ କିପର ନନ୍ଦିନୀ କଶ୍ୟପଙ୍କ ଅପରାଜିତ ୧୨୦ରନର ଶତକୀୟ ପାଳି ସହାୟତାରେ ଉତରାଖଣ୍ଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ୭ ତାରିଖରେ ଗୁଜରାଟ ବିପକ୍ଷରେ ଓଡ଼ିଶା ୩ୟ ଲିଗ୍ ମ୍ୟାଚ୍ ଖେଳିବ।

## ଆଫଗାନିସ୍ତାନ ଟି୨୦ ଅଧିନାୟକ ଇବ୍ରାହିମ ଜଦ୍ରାନ

**ନୂଆଦିଲ୍ଲୀ,୫।୩**

ଓପନିଂ ବ୍ୟାଟର ଇବ୍ରାହିମ ଜଦ୍ରାନଙ୍କୁ ଆଫଗାନିସ୍ତାନ ଟି୨୦ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଆଗାମୀ ଶ୍ରୀଲଙ୍କା ବିପକ୍ଷ ସିରିଜ୍ ଲାଗି ଦଳ ଘୋଷଣା କରାଯିବା ଅବସରରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ପକ୍ଷରୁ ଏହି ଘୋଷଣା କରାଯାଇଛି। ଭାରତରେ ଚାଲିଥିବା ଟି୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ସୁପର-୮ରେ ପହଞ୍ଚିବାରେ ବିଫଳ ହେବା ପରେ ରଶିଦ ଖାନଙ୍କୁ ଦଳର ନେତୃତ୍ୱ ଦାୟିତ୍ୱରୁ ହଟାଇ ଦିଆଯାଇଛି। ନିକଟରେ ବିଶ୍ୱକପ୍ ଦଳର ସଦସ୍ୟ ଥିବା ଫାଜଲହକ ଫାରୁକି, ଗୁଲବଦିନ ନାଏବ ଓ ମହମ୍ମଦ ଇଶାକଙ୍କୁ ଉଭୟ ଦିନିକିଆ ଓ ଟି୨୦ ଦଳ ଲାଗି ଚୟନ କରାଯାଇ ନାହିଁ। ଟପ୍ ଅର୍ଡର ଉଇକେଟକିପର ବ୍ୟାଟର ନୂର ରହମାନ, ବାମହାତୀ ସ୍ପିନ ବୋଲର ଶାରାଫୁଦ୍ଦିନ ଅଶ୍ରଫ ଓ ବାମହାତୀ ପେସର ଫରିଦ ଅହମଦଙ୍କୁ ଟି୨୦ ଦଳରେ ଚୟନ କରାଯାଇଥିବା ବେଳେ ଫରିଦ ଅହମଦ ମଲିକ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ସାବାଲେଙ୍କା-ଫ୍ରାଙ୍ଗୁଲିସ୍ ନିର୍ବନ୍ଧ ସମ୍ପନ୍ନ

**ଇଣ୍ଡିଆନ ୱେଲ୍ସ, ୫।୩ (ଏପି)**

ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଟେନିସ ଖେଳାଳି ଆରିନା ସାବାଲେଙ୍କା ଘୋଷଣା କରିଛନ୍ତି ଯେ, ତାଙ୍କର ବ୍ରାଜିଲିଆନ ବିଜନେସମ୍ୟାନ ଜର୍ଜିଅସ୍ ଫ୍ରାଙ୍ଗୁଲିସ୍‌ଙ୍କ ସହ ନିର୍ବନ୍ଧ ସମ୍ପନ୍ନ ହୋଇଛି। ସାବାଲେଙ୍କା ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ପ୍ରସ୍ତାବର ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ କେତେଟି ଶବ୍ଦର ବ୍ୟବହାର କରାଯାଇଛି। "ୟୁ ଆଣ୍ଡ୍ ଏଏମ୍‌ପି; ମି, ଫର୍‌ଏଭର" ବୋଲି ଉଲ୍ଲେଖ ରହିଛି। ଏଥିସହିତ ଏକ ମୁଦି ଓ ହାର୍ଟର ଏକ ଇମୋଜି ସଂଲଗ୍ନ କରାଯାଇଛି।

## ଲକ୍ଷ୍ୟ ସେନ୍ କ୍ୱାର୍ଟରଫାଇନାଲରେ

**ବର୍ମିଂହାମ୍, ୫।୩ (ପି.ଟି.)**

ଭାରତର ଲକ୍ଷ୍ୟ ସେନ୍ ହଂକଂର ଏନ୍‌ଜି କା ଲଙ୍ଗ ଆଙ୍ଗସଙ୍କୁ ପରାସ୍ତ କରି ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଦ୍ୱାଦଶ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଏହି ଖେଳାଳି ହେଉଛନ୍ତି ଏଠାରେ ୨୦୨୨ ସଂସ୍କରଣ ଫାଇନାଲିଷ୍ଟ। ବିଶ୍ୱର ପୂର୍ବତନ ଟପ୍ ୧୦ ଖେଳାଳି ଏନ୍‌ଜି କା ଲଙ୍ଗଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରି ମ୍ୟାଚ୍‌କୁ ୨୧-୧୯, ୨୧-୨୩, ୨୧-୧୦ରେ ପରାସ୍ତ କରିଥିଲେ। ଭାରତୀୟ ଖେଳାଳି ପୂର୍ବରୁ ଏହି ଖେଳାଳିଙ୍କ ବିପକ୍ଷ ତାଙ୍କର ସମସ୍ତ ୩ ମୁକାବିଲାରେ ପରାଜିତ ହୋଇଥିଲେ। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ପରବର୍ତ୍ତୀ ରାଉଣ୍ଡରେ ୬ଷ୍ଠ ସିଡ୍ ଚାଇନାର ଲି' ଶି ଫେଙ୍ଗ୍ କିମ୍ବା ଆୟର୍ଲାଣ୍ଡର ଏନ୍‌ହାଟ୍ ଏଲନ୍‌ଗୁୟେନଙ୍କ ସହ ମୁକାବିଲା କରିବେ।

## ଘରକୁ ଫେରିବାକୁ ବ୍ୟାକୁଳ ସାମି

**କୋଲକାତା,୫।୩(ପି.ଟି.)**

ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକ୍ରମଣ ପରେ ଅନ୍ତର୍ଜାତୀୟ ଆକାଶ ମାର୍ଗ କଟକଣା କାରଣରୁ ୱେଷ୍ଟଇଣ୍ଡିଜ୍ ଦଳ ୪ରୁ ୫ ଦିନ ହେଲା ଭାରତରେ ଫସି ରହିଛି। ଏହାକୁ ନେଇ ଦଳର ମୁଖ୍ୟ କୋଚ୍ ଡାରେନ ସାମି ଗୁରୁବାର ସୋସିଆଲ ମିଡିଆ ଜରିଆରେ ଚିନ୍ତା ବ୍ୟକ୍ତ କରିଛନ୍ତି।

'ମୁଁ କେବଳ ଘରକୁ ଫେରିବାକୁ ଚାହେଁ। ଅତିକମ୍‌ରେ କିଛି ଅପଡେଟ୍ ଦିଅନ୍ତୁ କିମ୍ବା କିଛି ତ କୁହନ୍ତୁ। ଆଜି କି ଆସନ୍ତାକାଲି କିମ୍ବା ଆସନ୍ତା ସପ୍ତାହରେ ଆମେ ଘରକୁ ଯାଇପାରୁ। ୫ ଦିନ ହେଲାଣି ବୋଲି ସାମି ଏକ୍ସ'ରେ ପୋଷ୍ଟ କରିଛନ୍ତି।



ଦିଲ୍ଲୀରେ ୫ମ ଜାତୀୟ ସିନିୟର ଏବଂ ୨୧ ବର୍ଷରୁ କମ୍ କରାଟେ ଚାମ୍ପିୟନଶିପ୍ ଜିତି ଫେରିଥିବା ଓଡ଼ିଶା ଦଳକୁ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। (ଫଟୋ: ମନୋରଞ୍ଜନ)।

## ଭାରତୀୟ ଦଳରେ ପାୟଲ ନାଗ୍



ପାୟଲ ନାଗ୍

**କଟକ,୫।୩(କୁମାରଶ୍ରୀ)**

ମାର୍ଚ୍ଚ ୨୯ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌ଠାରେ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ଖେଳାଯିବ। ଏଥି ନିମନ୍ତେ ଭାରତୀୟ ତୀରନ୍ଦାଜୀ ମହାସଂଘ ପକ୍ଷରୁ ଘୋଷିତ ଜାତୀୟ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ପାୟଲ ନାଗ୍ ସ୍ଥାନ ପାଇଛନ୍ତି। କମ୍ପାଉଣ୍ଡ ମହିଳା ଓପନ୍ ବର୍ଗରେ ପାୟଲ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଦିଲ୍ଲୀର ଯମୁନା ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଟ୍ରାଏଲ୍ସରେ ପାୟଲ ଉତ୍କୃଷ୍ଟ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ପାୟଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିବାହ ବନ୍ଧନରେ ଅର୍ଜୁନ-ସାନିୟା

**ମୁମ୍ବାଇ,୫।୩(ପି.ଟି.)**

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ତଥା କ୍ରିକେଟର ଅର୍ଜୁନ ତେନ୍ଦୁଲକର ଗୁରୁବାର ଉଦ୍ୟୋଗୀ ସାନିୟା ଚାନ୍ଦୋକଙ୍କୁ ବିବାହ କରିଛନ୍ତି। ୧୯ ବର୍ଷରୁ କମ୍ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିଥିବା ଅର୍ଜୁନ ଏବେ ଗୋଆ ପାଇଁ ଘରୋଇ କ୍ରିକେଟ ଖେଳୁଛନ୍ତି। ସାନିୟା ହେଉଛନ୍ତି ଉଦ୍ୟୋଗପତି ରବି ଘାଇଙ୍କ ନାତୁଣୀ। ଦି ସେଣ୍ଟ ରେଜିସରେ ଆୟୋଜିତ ଭବ୍ୟ ବିବାହ କାର୍ଯ୍ୟକ୍ରମରେ ଦେଶର କ୍ରୀଡ଼ା, ବଲିଉଡ୍ ଓ ରାଜନୀତି ଜଗତ ସହ ଜଡ଼ିତ ଅନେକ ହାଇପ୍ରୋଫାଇଲ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ତାଲିକାରେ ଆଇସିସି ମୁଖ୍ୟ ଜୟ ଶାହା, ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ଭାରତର ପୂର୍ବତନ ଅଧିନାୟକ ତଥା କୋଚ୍ ରାହୁଲ ଦ୍ରାବିଡ୍, ରବି ଶାସ୍ତ୍ରୀ, ବ୍ୟାଟିଂ ଆଇକନ ସୁନୀଲ ଗାଭାସ୍କର, ପୂର୍ବତନ କ୍ରିକେଟର ହରଭଜନ ସିଂ, ଭେଙ୍କଟେଶ ପ୍ରସାଦ, ଯୁବରାଜ ସିଂ, ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ଭାଷ୍ୟକାର ହର୍ଷା ଭୋଗଲେ, ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର, ଚୟନକର୍ତ୍ତା ପ୍ରଜ୍ଞାନ ଓଝା, ସୁରେଶ ରାଇନା, ଜାହିର ଖାନ୍, ଆଶିଷ ନେହେରା, ମହମ୍ମଦ କୈଫ, ପୀୟୂଷ ଚାୱଲା, ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା, ପୂର୍ବତନ କ୍ରିକେଟର ତଥା ଟିଏମ୍‌ସି ଏମ୍‌ପି ୟୁସୁଫ ପଠାନ ଯୋଗ ଦେଇଥିଲେ। ସେହିଭଳି ବଲିଉଡ୍ ଲିଜେଣ୍ଡ ଅମିତାଭ ବଚ୍ଚନ, ତାଙ୍କ ପତ୍ନୀ ଜୟା, ପୁଅ ଅଭିଷେକ ଓ ପତ୍ନୀ ଐଶ୍ୱର୍ଯ୍ୟା, ଶାହାରୁଖ ଖାନ୍ ଓ ତାଙ୍କ ପରିବାର, ଆମିର ଖାନ୍, ଆଶା ଭୋଁସଲେ, ସୋନୁ ନିଗମ ପ୍ରମୁଖ ଉପସ୍ଥିତ ଥିଲେ। ମୁକେଶ ଅମ୍ବାନୀ ଓ ତାଙ୍କ ସ୍ତ୍ରୀ ନୀତା, ପୁଅ ଆକାଶ ଓ ତାଙ୍କ ସ୍ତ୍ରୀ ଶ୍ଲୋକା ଅମ୍ବାନୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ, ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେଙ୍କ ଭଳି ରାଜ୍ୟ ଓ ଜାତୀୟ ସ୍ତରର ପ୍ରମୁଖ ରାଜନେତା ଯୋଗ ଦେଇଥିଲେ।



ଅର୍ଜୁନ ତେନ୍ଦୁଲକର ଓ ସାନିୟା ଚାଣ୍ଡୋକ।

## କ୍ୱାର୍ଟର ଲାଇନଅପ୍ ଚୂଡ଼ାନ୍ତ

**କଳାହାଣ୍ଡି କପ୍**

**କଟକ,୫।୩ (କୁମାରଶ୍ରୀ)**

ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। କଟକ-ଏ, ସୁନ୍ଦରଗଡ, ଭୁବନେଶ୍ୱର-ଏ, ରାଉରକେଲା, ପୂର୍ବତଟ ରେଲୱେ, ଅନୁଗୋଳ, ଝାରସୁଗୁଡା ଓ ବଲାଙ୍ଗୀର କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି। ମାର୍ଚ୍ଚ ୮ରେ ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଡ୍ରିମ୍ସ ଗ୍ରାଉଣ୍ଡରେ ପ୍ରଥମ କ୍ୱାର୍ଟର ମୁକାବିଲାରେ କଟକ-ଏ ଏବଂ ବଲାଙ୍ଗୀର ମୁହାଁମୁହିଁ ହେବେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ସୁନ୍ଦରଗଡ ଓ ଝାରସୁଗୁଡା, ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର-ଏ ଓ ଅନୁଗୋଳ, ସନସାଇନ ଗ୍ରାଉଣ୍ଡରେ ରାଉରକେଲା ଓ ରେଳବାଇ ମଧ୍ୟରେ ଅବଶିଷ୍ଟ ୩ଟି ମ୍ୟାଚ୍ ଖେଳାଯିବ। ୯ ତାରିଖରେ ଉଭୟ ସେମିଫାଇନାଲ ଏବଂ ୧୧ ତାରିଖରେ ଫାଇନାଲ ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ଲିଗ ମ୍ୟାଚ ଗୁଡିକରେ ବାଲେଶ୍ୱର ୮ ଉଇକେଟରେ କଳାହାଣ୍ଡିକୁ, ରାଉରକେଲା ୧୧୦ରନରେ ଜଗତସିଂହପୁରକୁ, କେନ୍ଦୁଝର ୪ ଉଇକେଟରେ ନୂଆପଡାକୁ, କଟକ-ଏ ୧୩୦ରନରେ କିଟ୍‌କୁ, ପାରାଦୀପ ୪ ଉଇକେଟରେ ଗଞ୍ଜାମକୁ, ଝାରସୁଗୁଡା ୬୧ରନରେ ରାୟଗଡାକୁ ହରାଇଥିଲା।

## ମହିଳା ହୋଟେଲ ଷ୍ଟାଫ୍‌ଙ୍କ ସହ ପାକିସ୍ତାନୀ ଖେଳାଳିଙ୍କ ଦୁର୍ବ୍ୟବହାର

**କଲମ୍ବୋ,୫।୩**

ଚଳିତ ଟି୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳ ସହ ଜଡ଼ିତ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଶ୍ରୀଲଙ୍କାର କାଣ୍ଡିଠାରେ ପାକିସ୍ତାନ ଦଳ ରହୁଥିବା ବେଳେ ଜଣେ ଖେଳାଳି ହୋଟେଲର ଜଣେ ମହିଳା ଷ୍ଟାଫଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣା ଲାଗି ଉକ୍ତ ଖେଳାଳିଙ୍କୁ ଟିମ୍ ମ୍ୟାନେଜରଙ୍କ ଦ୍ୱାରା ଜରିମାନା ମଧ୍ୟ କରାଯାଇଥିଲା। ଏହି ଘଟଣା ପାକିସ୍ତାନର ଅନ୍ତିମ ସୁପର-୮ ମ୍ୟାଚ୍ ପୂର୍ବରୁ ଘଟିଥିଲା। ଏକ ରିପୋର୍ଟ ମୁତାବକ, ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନର ଅନ୍ତିମ ସୁପର-୮ ମ୍ୟାଚ୍ ପୂର୍ବରୁ ଦଳର ଜଣେ ଖେଳାଳି ମହିଳା ହାଉସ କିପିଂ ଷ୍ଟାଫ୍‌ଙ୍କ ସହ ଅଭଦ୍ରାମି କରିଥିଲେ। ଉକ୍ତ ମହିଳା ଷ୍ଟାଫ ଚିତ୍କାର କରି ସାହାଯ୍ୟ ମାଗିଥିଲେ। ତାଙ୍କ ଚିତ୍କାର ଶୁଣିବା ପରେ ଅନ୍ୟ ହୋଟେଲ ଷ୍ଟାଫ ତାଙ୍କୁ ଉଦ୍ଧାର କରିବା ପରେ ଏ ସମ୍ପର୍କରେ ପାକିସ୍ତାନ ଦଳର ମ୍ୟାନେଜର ନାଭେଦ ଚିମାଙ୍କୁ ରିପୋର୍ଟ କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୧୨+୮
ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ (୧୨+୮=୨୦ ପୃଷ୍ଠା) Bhubaneswar, Friday, March 6/2026 Page 20 ₹ 7.00
୫୨ଶ ଭାଗ ୧୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 100 ମୂଲ୍ୟ₹୭/-

# ଭାରତ–ନ୍ୟୁଜିଲାଣ୍ଡ ଫାଇନାଲ

## ଟି୨୦ ବିଶ୍ୱକପ୍

- ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ
- ବେଥେଲଙ୍କ ଶତକ ସତ୍ତ୍ୱେ ଇଂଲଣ୍ଡ ପରାସ୍ତ

ମୁମ୍ବାଇ, ୫।୩

ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ବୋଲରଙ୍କ ଉପଯୋଗୀ ଅବଦାନ ବଳରେ ଭାରତ ଗୁରୁବାର ଅନୁଷ୍ଠିତ ଟି୨୦ ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୭ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ହାଇସ୍କୋରିଂ ବିଶିଷ୍ଟ ହୋଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ରୋମାଞ୍ଚକ ରହିଥିଲା। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୩ ରନ କରିଥିଲା। ଜବାବରେ ଜ୍ୟାକବ ବେଥେଲଙ୍କ ଧୂଆଁଧାର ଶତକ ସହାୟତାରେ ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୨୪୬ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଭାରତ ଆସନ୍ତା ରବିବାର ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୯ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ୨୦୦୭ ଓ ୨୦୨୪ରେ ଚାମ୍ପିୟନ ଭାରତ ତୃତୀୟ ଟାଇଟଲ ଆଶାରେ ରହିବ। ଅନ୍ୟପକ୍ଷରେ ୨୦୨୧ରେ ରନରଅପ୍ ନ୍ୟୁଜିଲାଣ୍ଡ ଏଥର ପ୍ରଥମଥର ଟାଇଟଲ ଜିତିବାକୁ ଉଦ୍ୟମ କରିବ। ୨୦୧୦ ଓ ୨୦୨୨ ଚାମ୍ପିୟନ ଇଂଲଣ୍ଡର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି।

ନକ୍‌ଆଉଟରେ ରେକର୍ଡ ରନ୍‌ଚେଜ୍‌ର ସମ୍ମୁଖୀନ ହୋଇଥିବା ଇଂଲଣ୍ଡ ମାତ୍ର ୩୮ ରନ ମଧ୍ୟରେ ଫିଲ୍ ସଲ୍ଟ (୫) ଓ ଅଧିନାୟକ ହ୍ୟାରି ବ୍ରୁକ୍ସ (୭)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଆବଶ୍ୟକ ରନହାର ବଢ଼ି ଚାଲିଥିବାବେଳେ ପୂରା ଟୁର୍ନାମେଣ୍ଟରେ ☞ପୃଷ୍ଠା–୩



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଗୁରୁବାର ସର୍ଟ ଖେଳିବା ଅବସରରେ ସଞ୍ଜୁ ସାମ୍‌ସନ୍।

# କୋର୍ଟ ସମ୍ମୁଖରେ ଯୁବକଙ୍କୁ ହତ୍ୟା

**କୋର୍ଟରେ ମାମଲାର ତାରିଖ ଥିଲା। ହାଜର ହେବା ପାଇଁ ଯାଇଥିଲେ। ହେଲେ ଅଦାଲତ ସମ୍ମୁଖରେ ତାଙ୍କୁ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରାଗଲା। ଘଟଣାଟି ଗଞ୍ଜାମ ଜିଲା ଭଞ୍ଜନଗର ଜେଏମ୍‌ଏଫ୍‌ସି କୋର୍ଟ ସମ୍ମୁଖରେ ଗୁରୁବାର ଘଟିଛି। ମୃତକ ହେଲେ ବୁଦ୍ଧୁଲି ଗ୍ରାମର ଅଶୋକ ସ୍ୱାଇଁ(୪୫)। ଅଭିଯୁକ୍ତ ଡିହପଡ଼ାଲ ଗ୍ରମର ଦିଲୀପ ଜେନା(୫୦)ଙ୍କୁ ସ୍ଥାନୀୟ ଲୋକମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ଅଶୋକଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଭଞ୍ଜନଗର ପୋଲିସ ଏକ ହତ୍ୟା ମାମଲା (ନଂ.୧୮୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।**

ଭଞ୍ଜନଗର,୫।୩(ବାବୁଲା ପ୍ରଧାନ)

କିଛିବର୍ଷ ତଳେ ଅଶୋକ ଅଭିଯୁକ୍ତ ଦିଲୀପଙ୍କ ସ୍ତ୍ରୀ ଗାୟତ୍ରୀ ଜେନାଙ୍କ ଠାରୁ କିଛି ଅଳଙ୍କାର ଓ ଟଙ୍କା ଧାର ନେଇଥିଲେ। ଏବେ ଦିଲୀପଙ୍କ ଝିଅ ବାହାଘର। ତେଣୁ ଦିଲୀପ ଉକ୍ତ ଅଳଙ୍କାର ଓ ଟଙ୍କା ଫେରାଇବାକୁ ଅଶୋକଙ୍କୁ କହିଥିଲେ। କିନ୍ତୁ ଅଶୋକ ଫେରାଇ ନ ଥିଲେ, ଯାହାକୁ ନେଇ ଅଶୋକ ଓ ଦିଲୀପଙ୍କ ମଧ୍ୟରେ ବିଭିନ୍ନ ସମୟରେ ବିବାଦ ଦେଖା ଦେଇଥିଲା। ଆହୁରି ମଧ୍ୟ ୨୦୨୪ ଅଗଷ୍ଟରେ ଗାୟତ୍ରୀ ଭଞ୍ଜନଗର ଥାନାରେ ହାଜର ହୋଇ ଅଶୋକ ତାଙ୍କୁ ଅସଦ୍‌ବ୍ୟବହାର କରିଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୭୭୦/୨୦୨୪) ରୁଜୁ କରି ଅଶୋକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଥିଲା। ଅଶୋକ ପ୍ରାୟ ୬ ମାସ ଜେଲରେ ବନ୍ଦୀ ରହିବା ପରେ ଜାମିନରେ ଆସିଥିଲେ। ଗୁରୁବାର ଉକ୍ତ ମମାଲାର ତାରିଖ ଥିଲା। ତେଣୁ ଅଶୋକ କୋର୍ଟରେ ହାଜର ହେବାପାଇଁ ତାଙ୍କର ଜଣେ ସାଙ୍ଗର ବାଇକ୍ ଯୋଗେ ଆସିଥିଲେ। ଏହି ସମୟରେ ପୂର୍ବରୁ କୋର୍ଟ ସମ୍ମୁଖରେ ଛପି ରହିଥିବା ଦିଲୀପ ଏକ ଟାଙ୍ଗିଆରେ ଅଶୋକଙ୍କୁ ପଛ ଆଡୁ ଦୌଡ଼ି ଆସି ଗୋଟେ ଚୋଟ ପକାଇଥିଲେ। ଏହାପରେ ଅଶୋକ ବାଇକ୍‌ରୁ ଓହ୍ଲାଇ ଦୌଡ଼ି ପଳାଇବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ଦିଲୀପ ଗୋଡ଼େଇ ହାଣିଥିଲେ। ଏହାପରେ ସେଠାରେ ଉପସ୍ଥିତ ଲୋକେ ଦିଲୀପଙ୍କୁ କାବୁ କରି ପୋଲିସକୁ ଜିମା ଦେଇଥିଲେ। ଏଥିସହ ଲୋକେ ଅଶୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକ ମୃତ୍ୟୁବରଣ କରିଥିଲେ। ରାତି ପ୍ରାୟ ୭ଟା ୩୦ ମିନିଟରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଶୋକ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ଅଶୋକଙ୍କ ସ୍ତ୍ରୀ ଜ୍ୟୋତି ସ୍ୱାଇଁଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ଦିଲୀପଙ୍କୁ ପୋଲିସ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ ଅଶୋକଙ୍କ ମା' ଗଣମାଧ୍ୟମ ଆଗରେ କହିଛନ୍ତି, ତାଙ୍କ ☞ପୃଷ୍ଠା–୩



# ବିକଶିତ ଓଡ଼ିଶାର ବିକାଶ ଇଞ୍ଜିନ ହେବ ସ୍ୱାସ୍ଥ୍ୟ ବଜେଟ


ଡ. ମୁକେଶ ମହାଲିଙ୍ଗ

ରାଜ୍ୟର ସମଗ୍ର ଉନ୍ନତିର ମୂଳ ଆଧାର ହେଉଛି ଜନସାଧାରଣଙ୍କ ସୁସ୍ଥମୟ ଜୀବନ। ସୁସ୍ଥ ନାଗରିକ ହେଉଛନ୍ତି ଉତ୍ପାଦନଶୀଳ ସମାଜର ମୂଳ ଶକ୍ତି ଓ ଏହି ଶକ୍ତିକୁ ସୁନିଶ୍ଚିତ କରିବାର ପ୍ରମୁଖ ମାଧ୍ୟମ ହେଉଛି ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା। ଆଜିର ଦିନରେ କେବଳ ସାମାଜିକ ସୁରକ୍ଷା, ଶିଳ୍ପ କିମ୍ବା ପୁଞ୍ଜିନିବେଶ ମାତ୍ର ଉନ୍ନତିର ମାପଦଣ୍ଡ ନୁହେଁ; ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏକ ରାଜ୍ୟକୁ ଦୀର୍ଘକାଳୀନ ଉନ୍ନତି ଦିଗରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହି ପରିପ୍ରେକ୍ଷୀରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ସହ ସମନ୍ୱୟ ରଖି ପ୍ରସ୍ତୁତ ଚଳିତ ବର୍ଷର ବଜେଟ କେବଳ ଆୟ-ବ୍ୟୟର ହିସାବ ନୁହେଁ, ବରଂ ଏହା ରାଜ୍ୟର ଲୋକଙ୍କ ଆଶା, ଆକାଂକ୍ଷା ଓ ଭବିଷ୍ୟତ ଉନ୍ନତିର ଏକ ସ୍ପଷ୍ଟ ରୋଡ୍‌ମ୍ୟାପ। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ସ୍ୱପ୍ନକୁ ସାକାର କରିବା ତଥା ରାଜ୍ୟର ସାମଗ୍ରିକ ବିକାଶ ଓ ଲୋକ କଲ୍ୟାଣକୁ କେନ୍ଦ୍ରବିନ୍ଦୁ କରି ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିବା ସହ ସ୍ୱାସ୍ଥ୍ୟ ବିଭାଗ ପାଇଁ ଏହାର ୭.୫%ରୁ ଅଧିକ ଅର୍ଥାତ୍ ୨୩ ହଜାର ୧୮୨ କୋଟିର ବିପୁଳ ବ୍ୟୟବରାଦ କରାଯିବା ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଆମ ସରକାରର ସମ୍ବେଦନଶୀଳତାକୁ ଦର୍ଶାଉଛି।

ସମାଜର ସର୍ବନିମ୍ନ ସ୍ତରରେ ଥିବା ବ୍ୟକ୍ତି ପାଖରେ ଗୁଣାତ୍ମକ ଚିକିତ୍ସା ସୁବିଧା ପହଞ୍ଚାଇବା ଏବଂ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ଅଧୀନରେ ଭିତ୍ତିଭୂମିର ବିକାଶ ପାଇଁ ୫,୦୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯିବ। ବଢୁଥିବା ରୋଗୀଙ୍କ ସଂଖ୍ୟା ଓ ଜରୁରିକାଳୀନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସ୍ୱାସ୍ଥ୍ୟ ସେବା କ୍ଷମତାର ବଡ଼ ସମ୍ପ୍ରସାରଣ ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ (ଏସ୍‌ସିବି)ର ପୁନର୍ବିକାଶ ପାଇଁ ୧,୦୦୦ କୋଟି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁର (ଏମ୍‌କେସିଜି) ଏବଂ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା (ଭିମସାର)ର ପୁନର୍ବିକାଶ ପାଇଁ ୬୦୦ କୋଟି ଟଙ୍କା କରାଯାଇଥିବା ବେଳେ ରାଜ୍ୟର ବିଭିନ୍ନ ଭେଷଜ ମହାବିଦ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆହୁରି ୫ ହଜାର ଆଇପିଡି ଶଯ୍ୟା ବୃଦ୍ଧି କରାଯିବ। ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଭେଣ୍ଟିଲେଟର ଓ କେନ୍ଦ୍ରୀୟ ତଦାରଖ ସୁବିଧା ସହ ୧ ହଜାର ଉନ୍ନତ ଗୁରୁତର ଚିକିତ୍ସା ବିଭାଗ (ଆଇସିୟୁ) ଏବଂ ୫୦୦ ଉଚ୍ଚ ନିର୍ଭରଶୀଳ ଚିକିତ୍ସା ବିଭାଗ (ହାଇ ଡିପେଣ୍ଡେନ୍ସି ୟୁନିଟ୍/ଏଚ୍‌ଡିୟୁ) ସ୍ଥାପନ କରିବା ସହ ଏସ୍‌ସିବି, କଟକରେ ୧୮୦୦ ଆଇପିଡି ଶଯ୍ୟାବିଶିଷ୍ଟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯିବ। ଏଥିପାଇଁ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ମଧ୍ୟ ଆମ ସରକାର ପଦକ୍ଷେପ ଗ୍ରହଣ କରିବେ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଚିକିତ୍ସା ସେବାର ବିସ୍ତାର କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ୧୭୬ କୋଟି ଟଙ୍କା ବ୍ୟୟରେ ୧,୮୦୭ଟି ନୂତନ ସ୍ୱାସ୍ଥ୍ୟ ଉପ କେନ୍ଦ୍ର ନିର୍ମାଣ କରାଯିବ। ଫଳରେ ରାଜ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକର ସୁଦୃଢ଼ ନେଟୱର୍କ ସ୍ଥାପନ ହେବ।

ଗରିବ ଓ ମଧ୍ୟବିତ୍ତ ପରିବାରବର୍ଗଙ୍କୁ ଚିକିତ୍ସା ଭାରଜନିତ ଆର୍ଥିକ ସଙ୍କଟରୁ ମୁକ୍ତ କରି ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସମନ୍ୱିତ କାର୍ଯ୍ୟାନ୍ୱୟନ ପାଇଁ ୪,୨୭୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରେ ୩୨ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ ରହିଥିବା ବେଳେ ୧.୦୩ କୋଟି ପରିବାରର ପ୍ରାୟ ୩.୪ କୋଟି ବ୍ୟକ୍ତି ବିଶେଷଙ୍କୁ ନଗଦବିହୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଔଷଧ, ଟିକା ତଥା ଚିକିତ୍ସା ସମ୍ବନ୍ଧୀୟ ମାଗଣା ବିତରଣ ପାଇଁ ନିରାମୟ ଯୋଜନାକୁ ସମ୍ପ୍ରସାରିତ କରିବାକୁ ୭୮୬ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ନିଃଶୁଳ୍କ ରୋଗ ନିରୂପଣ, ସିଟି ସ୍କାନ, ଏକ୍ସ-ରେ, ଅଲ୍ଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ ତଥା ଉଚ୍ଚମାନର ଡାଏଲିସିସ୍ ପାଇଁ ନିଦାନ ଯୋଜନାରେ ୩୭୧ କୋଟି ବ୍ୟୟ କରାଯିବ। ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଓ ସଚେତନତା ପହଞ୍ଚାଇବା ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଆଶା କର୍ମୀମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ସହାୟ ଯୋଜନାରେ ୧୮୩ କୋଟି ଘୋଷଣା ହୋଇଛି। ଜରୁରିକାଳୀନ ସେବାକୁ ମଜଭୁତ କରିବା ପାଇଁ ୪୨୮ଟି ଆମ୍ବୁଲାନ୍ସ ରାଜ୍ୟବାସୀଙ୍କ ସେବାରେ ଲୋକାର୍ପଣ ହୋଇଥିଲା ବେଳେ ଏହି ସେବା ପାଇଁ ଆହୁରି ୧୯୮ କୋଟି ଟଙ୍କା ବଜେଟରେ ରହିଛି। ମାତୃ ଓ ଶିଶୁର ସ୍ୱାସ୍ଥ୍ୟରେ ସୁଧାର, ଟିକାକରଣ କାର୍ଯ୍ୟକ୍ରମ, ସଂକ୍ରାମକ ରୋଗ ନିୟନ୍ତ୍ରଣ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୧,୯୫୮ କୋଟି ଟଙ୍କା ବ୍ୟବସ୍ଥା ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ୧୪୦ କୋଟି ଟଙ୍କା ବ୍ୟୟରେ ଗଜପତି, ରାୟଗଡ଼ା ଓ ମାଲକାନଗିରିରେ ତିନୋଟି ନୂତନ ଆୟୁର୍ବେଦିକ ଭେଷଜ ମହାବିଦ୍ୟାଳୟ ଏବଂ ନୟାଗଡ଼ ଓ ନୂଆପଡ଼ାରେ ଦୁଇଟି ନୂତନ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ୫ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଶିକ୍ଷାର ସମ୍ପ୍ରସାରଣ, ଗୁଣାତ୍ମକ ଚିକିତ୍ସା ଏବଂ ଆୟୁଷ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହା ବ୍ୟତୀତ ଆୟୁଷ ଚିକିତ୍ସା କ୍ଷେତ୍ରରେ ଗବେଷଣା, ଶିକ୍ଷା ଓ ମାନବ ସମ୍ବଳର ଚାହିଦା ପୂରଣ କରିବାକୁ ୨୦୨୭ ସୁଦ୍ଧା ସ୍ନାତକ ଓ ସ୍ନାତକୋତ୍ତର ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ୧୨୪ କୋଟି ବ୍ୟୟ ଅଟକଳ କରାଯାଇଛି। ରାଜ୍ୟରେ ଆୟୁଷ ଔଷଧର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ବଜେଟର ବ୍ୟବସ୍ଥା ହୋଇଛି। ମାସକୁ ୮ଟି ଯୋଗ ଅଧିବେଶନକୁ ବୃଦ୍ଧି କରି ୨୦ଟି ଶିକ୍ଷାମୂଳକ ଯୋଗ ଅଧିବେଶନ କରାଯିବ। ଲୁପ୍ତପ୍ରାୟ ଚେରମୂଳି ଔଷଧର ରକ୍ଷଣାବେକ୍ଷଣ ଓ ମାନକୀକରଣ, କର୍କଟ ଚିକିତ୍ସା ଉପରେ ଗବେଷଣା, ବାୟୋଲୋଜିର ବିକାଶ, ଉନ୍ନତ ଥେରାପି ଉତ୍ପାଦ, ଚିକିତ୍ସା ଉପକରଣ କ୍ଷେତ୍ରରେ ନୂତନ ଉଦ୍ଭାବନ ସହ ଶିକ୍ଷା ଓ ଶିଳ୍ପାନୁଷ୍ଠାନର ସହଭାଗିତାକୁ ସହାୟତା ତଥା ଉନ୍ନତ ଗବେଷଣା ଏବଂ ଶିକ୍ଷା ଅଭିବୃଦ୍ଧିକୁ ପ୍ରୋତ୍ସାହନ ପାଇଁ ଏକ ଫାର୍ମା ବାୟୋଟେକ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର ସ୍ଥାପନ କରାଯିବ।

ସତନ୍ତ୍ର ଜରୁରିକାଳୀନ ଚିକିତ୍ସା ଏବଂ ପୁନଃ ଥଇଥାନ ସେବା ପାଇଁ ପୁରୀ, ବୁର୍ଲା, ବ୍ରହ୍ମପୁର ଓ କ୍ୟାପିଟାଲ ହସ୍ପିଟାଲରେ ୪ଟି ନୂତନ ବର୍ନ ୟୁନିଟ୍ ପାଇଁ ୨୦୦ କୋଟି ବ୍ୟତୀତ ଅଗ୍ନି ନିରାପତ୍ତା ପାଇଁ ୪୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସରକାର ବିତରଣ କରୁଥିବା ଔଷଧର ଗୁଣବତ୍ତା ସହ ଔଷଧ ଯୋଗାଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ ଲିମିଟେଡ୍‌ର ଏକ କେନ୍ଦ୍ରୀୟ ଔଷଧ ଓ ଚିକିତ୍ସା ଉପକରଣ ପଣ୍ୟାଗାର ସ୍ଥାପିତ ହେବ। ଏହା ଔଷଧ ବିତରଣ ବ୍ୟବସ୍ଥାରେ ପାରଦର୍ଶିତା ବଢ଼ାଇବ। ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଗାମୀ ଦୁଇ ବର୍ଷ ମଧ୍ୟରେ ୫୦୦ ସ୍ନାତକୋତ୍ତର ସିଟ୍ ବୃଦ୍ଧି କରିବାକୁ ଆମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଏବଂ ଯେଉଁ ଜିଲାଗୁଡ଼ିକରେ ଏଭଳି ସୁବିଧା ଉପଲବ୍ଧ ନାହିଁ ସେଠାରେ ନର୍ସିଂ, ପାରାମେଡିକାଲ ଓ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପାଠ୍ୟକ୍ରମ ଆରମ୍ଭ କରାଯିବ। ନୟାଗଡ଼ରେ ୫ ଶହ ଏକର ବିଶିଷ୍ଟ ଓଡ଼ିଶା ଫାର୍ମା ପାର୍କ ଏବଂ ଖୋର୍ଦ୍ଧାଠାରେ ୨୦୦ ଏକରବିଶିଷ୍ଟ ଓଡ଼ିଶା ମେଡ୍‌ଟେକ୍ ପାର୍କ ପ୍ରତିଷ୍ଠା ଫଳରେ ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଓଡ଼ିଶା କର୍କଟ ଚିକିତ୍ସା ଯୋଜନାକୁ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଭାବେ ରୂପାନ୍ତରିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାର ଆଗୁଆ ଚିକିତ୍ସା ପାଇଁ ଡିଜିଟାଲ ହବ୍ ଆଣ୍ଡ ସ୍ପୋକ୍ ମଡେଲ ମାଧ୍ୟମରେ ବ୍ୟାପକ ଗୋଷ୍ଠୀ ସଚେତନତା, ଗ୍ରାମାଞ୍ଚଳ ସ୍ତରରେ ପୂର୍ବ ନିର୍ଣ୍ଣୟ ପରୀକ୍ଷା (ସ୍କ୍ରିନିଂ), କର୍କଟ ପରୀକ୍ଷା ଶିବିର କରାଯିବ। ଏହି ଅଭିଯାନ ମାଧ୍ୟମରେ ଉନ୍ନତ ମାନର କର୍କଟ ଚିକିତ୍ସା ପାଇଁ ବଜେଟରେ ୩୧୧ କୋଟି ଟଙ୍କା ରଖାଯାଇଛି। ଏହି ଅଭିଯାନ ଅଧୀନରେ କିଶୋରୀମାନଙ୍କୁ ସର୍ଭାଇକାଲ କର୍କଟରୁ ରକ୍ଷା କରିବା ପାଇଁ ମାଗଣା ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ମଧ୍ୟ ସାମିଲ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶବ୍ୟାପୀ ଜାତୀୟ ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ ଗତ ଫେବୃଆରୀ ୨୮ର ହୋଇଯାଇଛି। ଓଡ଼ିଶାରେ ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩ ଲକ୍ଷ ୩୬ ହଜାର କିଶୋରୀଙ୍କୁ ଏହି ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ରକ୍ତଜନିତ, ବଂଶଗତ ହିମୋଫିଲିଆ ରୋଗର ନିରାକରଣ ଓ ଏଥିରେ ଆକ୍ରାନ୍ତ ଥିବା ବ୍ୟକ୍ତିର ରକ୍ତସ୍ରାବକୁ ବନ୍ଦ ରହିବା ପାଇଁ ଫ୍ୟାକ୍ଟର-୮ ଟିକାର ସବୁବେଳେ ଅଭାବ ପରିଲକ୍ଷିତ ହେଉଥିଲା। କିନ୍ତୁ ଆମ ସରକାର ଏହି ରୋଗର ସମୂଳ ବିନାଶ ପାଇଁ ଫ୍ୟାକ୍ଟର-୮ ଟିକାର ନିଃଶୁଳ୍କ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ରାଜ୍ୟରେ ରକ୍ତର ଅଭାବକୁ ଦୂର କରିବା ପାଇଁ ଆରମ୍ଭ ହେବ ଅଟଳ ରକ୍ତଦାନ ଅଭିଯାନ। ଏହା ସେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବ ଏବଂ ରକ୍ତଦାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ ହେବ। ଏହି ଯୋଜନା ଅନ୍ତର୍ଗତ ସମସ୍ତ ଭେଷଜ ମହାବିଦ୍ୟାଳୟରେ ରକ୍ତଭଣ୍ଡାର ପ୍ରତିଷ୍ଠା ସହ ସମସ୍ତ ରକ୍ତଭଣ୍ଡାରର ଉନ୍ନତି ତଥା ଆଧୁନିକୀକରଣ କରାଯିବା ସହିତ ରକ୍ତ ସଂଗ୍ରହ ପାଇଁ ୫୦ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ କ୍ରୟ କରାଯିବ।

ଚଳିତ ବର୍ଷର ସ୍ୱାସ୍ଥ୍ୟ ବଜେଟ କେବଳ ଖର୍ଚ୍ଚ ନୁହେଁ, ଏହା ହେଉଛି ଓଡ଼ିଶାର ଭବିଷ୍ୟତ ପାଇଁ ଏକ ଦୀର୍ଘକାଳୀନ ନିବେଶ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷାରେ 'ଆରୋଗ୍ୟଂ ପରମଂ ଧନମ୍' ଦର୍ଶନରେ ଅନୁପ୍ରାଣିତ ଆମ ସରକାରର ନୀତି ହେଉଛି ସୁସ୍ଥ ଓଡ଼ିଶା ବିକଶିତ ଓଡ଼ିଶା।

(ଲେଖକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ, ଓଡ଼ିଶା ସରକାର)

# ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଏକ


ଗୁରୁବାର ବିଧାନସଭାର ୫୫ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତଚରଣ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସହିତ ବିଜେଡି ରାଜ୍ୟସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କମନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା।

**ରାଜ୍ୟ ସଭା ନିର୍ବାଚନ**

- ଭାଜପାକୁ ଲାଭ ହେବ: ଜୟନାରାୟଣ
- ଐତିହାସିକ ନିଷ୍ପତ୍ତି: କଂଗ୍ରେସ
- ବିଚାରଧାରା ଉପରେ ବିଶ୍ୱାସ ରଖେ: ବିଜେଡି

ଭୁବନେଶ୍ୱର,୫।୩ (ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣ ଦେଖିବାକୁ ମିଳିଛି। ଗୁରୁବାର ରାଜ୍ୟ ସଭା ଲାଗି ବିଜେଡି ଓ କଂଗ୍ରେସର 'କମନ' ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କ ନାମାଙ୍କନପତ୍ର ଦାଖଲ ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ସିପିଏମ୍ ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଦଳର ନେତୃବୃନ୍ଦଙ୍କୁ ଗୋଟିଏ ପ୍ରକୋଷ୍ଠରେ ଦେଖିବାକୁ ମିଳିଛି। ବିଧାନସଭାର ୫୫ନମ୍ବର ରୁମ୍‌ରେ ବିଜେଡି, କଂଗ୍ରେସ ଓ ବାମପନ୍ଥୀ ନେତୃବୃନ୍ଦ ଏକ ହେବା ପରେ ସେଠାରୁ ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଇଥିଲେ। ତେବେ ବିଜେଡି ଓ କଂଗ୍ରେସ ଏକାଠି ହେବାକୁ ନେଇ ଭାଜପା କଟାକ୍ଷ କରିଛି। ଏହା ଫାଇଦା ହେବ ଭାଜପା କହିଥିବାବେଳେ ବିଜେଡି ଓ କଂଗ୍ରେସ ନିଜର ବିଚାରଧାରର ଏକ ସମନ୍ୱୟ ବୋଲି କହିଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡି ହେଉଛି ସୁବିଧାବାଦୀ ଦଳ। ରାଜ୍ୟରେ କଂଗ୍ରେସର ମୂଳୋତ୍ପାଟନ କରିବା ତଥା ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିବା ଲାଗି ୧୯୯୭ରେ ବିଜେଡିର ଜନ୍ମ ହୋଇଥିଲା। ଏହା ପରେ ସେ ତା'ର ଫାଇଦା ଲାଗି ଭାଜପା ସହିତ ମେଣ୍ଟ କଲା। ସେହିପରି କେନ୍ଦ୍ରରେ ୟୁପିଏ ସରକାର ଥିବାବେଳେ ବିଜେଡି ତାଙ୍କ ସହ ରହିଲା। ଏନ୍‌ଡିଏ ଆସିବା ପରେ ତା'ସହ ରହିଲା। ରାଜ୍ୟରେ ୨୪ବର୍ଷ ଶାସନ ଗାଦିରେ ରହିବା ପରେ ମଧ୍ୟ ଲୋକଙ୍କ ପାଇଁ କିଛି କଲାନାହିଁ। ତେଣୁ ଲୋକେ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଭାଜପାକୁ କ୍ଷମତାସୀନ କରିଛନ୍ତି। ସଂସଦରେ ଏବେ ଭାଜପାର ୨୦ ଏମ୍‌ପି ରହିଛନ୍ତି। ଭାଜପାକୁ ଆଉ ବିଜେଡିର ଆବଶ୍ୟକତା ନାହିଁ। ବିଜେଡି ଓ କଂଗ୍ରେସ ଆରମ୍ଭରୁ ମିଶିକି ଥିଲେ। କଂଗ୍ରେସକୁ ଲୋକେ ଏବେ ଗ୍ରହଣ କରିବା ସ୍ଥିତିରେ ନାହାନ୍ତି। ଆମେ ୩ଟି ଆସନ ଜିତିବୁ, ୪ର୍ଥ ଆସନ ଦେଇଥିଲେ ବି ଜିତିଥାନ୍ତୁ ବୋଲି ଜୟନାରାୟଣ କହିଛନ୍ତି।

ପିସିସି ସଭାପତି ଭକ୍ତ କହିଛନ୍ତି ଯେ, ନବୀନ ବାବୁଙ୍କ ପ୍ରସ୍ତାବକୁ ଏଆଇସିସି ଗ୍ରହଣ କରିଥିଲା। ରାଜ୍ୟର ହିତ ପାଇଁ ଆମେ କମନ ପ୍ରାର୍ଥୀ ଦେଇଛୁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ହୋତାଙ୍କ ଅନେକ ଅବଦାନ ରହିଛି।ସମୟର ଆହ୍ୱାନ କ୍ରମରେ ଆମେ ସମସ୍ତେ ମିଶି ଏଭଳି ନିଷ୍ପତ୍ତି ନେଇଛୁ। ଓଡ଼ିଶା ଇତିହାସରେ ଏହା ଏକ ଐତିହାସିକ ନିଷ୍ପତ୍ତି। ଆମେ ଶତପ୍ରତିଶତ ନିଶ୍ଚିତ ଅଛୁ, ଆମ ପ୍ରାର୍ଥୀ ନିଶ୍ଚିତ ବିଜୟ ଲାଭ କରିବେ। କୌଣସି କ୍ରସ୍ ଭୋଟିଂ ହେବନାହିଁ। ସେ କହିଥିଲେ ଯେ, ନବୀନ ବାବୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଭଳି ସାହସିକତାର ନିଷ୍ପତ୍ତି। ସେହିପରି ସିପିଏମ୍ ନେତା ପାଣିଗ୍ରାହୀ କହିଛନ୍ତି ଯେ, ଓଡ଼ିଶା ରାଜନୀତିରେ ଆଜିର ଦିନ ଏକ ଐତିହାସିକ ଦିନ। ଓଡ଼ିଶା ରାଜନୀତି ଏବେ ଭିନ୍ନ ଆଡ଼କୁ ଯାଉଛି। ୨୦୦୨ ମସିହାର କଥା ୨୦୨୬ରେ ପୁନରାବୃତ୍ତି ହେବନାହିଁ ବୋଲି ସେ କହିଥିଲେ।

ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ, ବିଜେଡି ହେଉଛି ଏକ ବିଚାରଧାରାର ଦଳ। ଦଳ ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସବୁ ନିଷ୍ପତ୍ତି ନେଇଛି। ଏଥର ରାଜ୍ୟ ସଭା ନିର୍ବାଚନରେ ମଧ ଡା. ହୋତାଙ୍କ ଭଳି ଜଣେ ସ୍ୱନାମଧନ୍ୟ 'ୟୁରୋଲୋଜି' ଚିକିତ୍ସକଙ୍କୁ ପ୍ରାର୍ଥୀ କରିଛି, ଯାହାଙ୍କୁ କି କଂଗ୍ରେସ ସମେତ ବାମପନ୍ଥୀ ଦଳର ସମର୍ଥନ ରହିଛି।

## ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ କେନ୍ଦ୍ରାପଡ଼ା ଗସ୍ତ ତାରିଖ ବଦଳିଲା

ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟାଙ୍କ କେନ୍ଦ୍ରାପଡା ଗସ୍ତ ତାରିଖରେ ପରିବର୍ତ୍ତନ କରାଯାଇଛି। ଶୁକ୍ରବାର ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରଖାଯାଇ ଆସନ୍ତା ୧୦ ତାରିଖ ମଙ୍ଗଳବାରକୁ ପୁନଃନିର୍ଦ୍ଧାରଣ କରାଯାଇଛି। ତେବେ ଅନ୍ୟ କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଆୟୋଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାପାଳ ଓ ଜିଲା ମ୍ୟାଜିଷ୍ଟ୍ରେଟଙ୍କୁ ଅବଗତ କରାଯାଇଛି। ସମସ୍ତ ଅଧିକାରୀ ଓ ହିତାଧିକାରୀଙ୍କୁ ନୂତନ ତାରିଖ ସମ୍ବନ୍ଧରେ ଅବଗତ କରାଇବାକୁ କୁହାଯାଇଛି।

# ଆଜି ଆସିବେ ଶାହା

ଭୁବନେଶ୍ୱର,୫।୩ (ରବିନାରାୟଣ ଜେନା)


ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ୨୫ ମିନିଟ୍‌ରେ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ଜାରି ସଂଶୋଧିତ ସୂଚୀରେ ଦର୍ଶାଯାଇଛି। ଗୁରୁବାର ଗୃହ ବିଭାଗ ଅତିରିକ୍ତ ସଚିବ ଭବେଶ କୁମାର ନାୟକ ଏ ସଂକ୍ରାନ୍ତରେ ରାଜ୍ୟ ଉନ୍ନୟନ ଆୟୁକ୍ତ, ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ସଂପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ବିଭାଗ ପକ୍ଷରୁ ଜାରି ସଂଶୋଧିତ ସୂଚୀ ଅନୁଯାୟୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ବିଏସ୍‌ଏଫ୍ ହେଲିକାପ୍ଟରରେ ଭୁବନେଶ୍ୱର ବିମାନବନ୍ଦରଠାରୁ କଟକ ମୁଣ୍ଡୁଳି ଅଭିମୁଖେ ଯିବେ। ସେଠାରେ ୧୦ଟା ୫୫ ମିନିଟରେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟ୍ ଫୋର୍ସର ରାଇଜିଂ ଡେ' ତଥା ସ୍ଥାପନ ଦିବସରେ ଯୋଗଦେବେ। ଏହାପରେ ଅପରାହ୍ନ ୧ଟା ୩୫ମିନିଟରେ ମୁଣ୍ଡୁଳିରୁ ପ୍ରତ୍ୟାବର୍ତ୍ତନ କରି ପାରାଦ୍ୱୀପ ଇଫ୍‌କୋ ୟୁନିଟ୍‌କୁ ଗସ୍ତ କରିବେ। ସେଠାରେ ସଲ୍‌ଫ୍ୟୁରିକ୍ ଏସିଡ ପ୍ଲାଣ୍ଟର ଲୋକାର୍ପଣ କରିବେ। ଏହାପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୩ଟା ୫୫ମିନିଟରେ ଏନ୍‌ଏଫ୍‌ଏସ୍‌ୟୁର ସ୍ଥାୟୀ ଏବଂ ପରେ ସିଏଫ୍‌ଏସଏଲ ଭବନର ଶିଳାନ୍ୟାସ କରିବେ। ଏହି ଅବସରରେ ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ୩ଟି ନୂତନ ଆଇନ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ସନ୍ଧ୍ୟା ୭ଟା ୩୦ମିନିଟରେ ଦିଲ୍ଲୀ ଅଭିମୁଖେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ

### କୋର୍ଟ ସମ୍ମୁଖରେ...

ପୁଅକୁ ପ୍ରଥମେ ମିଥ୍ୟା ମାମଲାରେ ଫସାଇଥିଲେ। ଏବେ ତା'ର ଜୀବନ ନେଇଗଲେ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳୁ ବୋଲି କୋହଭରା କଣ୍ଠରେ ମା' କହିଛନ୍ତି।

### ଭାରତ-ନ୍ୟୁଜିଲାଣ୍ଡ...

ଖରାପ ଖେଳିଥିବା ଜୋଶ ବଟଲର ୨୫ ଓ ଟମ୍ ବାଣ୍ଟନ ମାତ୍ର ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ଜ୍ୟାକବ ବେଥେଲ ଓ ୱିଲ ଜ୍ୟାକ୍ସ ୫ମ ଉଇକେଟରେ ଦ୍ରୁତ ୭୭ ରନର ଭାଗୀଦାରି ଗଢ଼ି ଭାରତ ପାଇଁ ବିପଦ ସୃଷ୍ଟି କରିଥିଲେ। ଜ୍ୟାକ୍ସ (୩୫)ଙ୍କୁ ଆଉଟ କରି ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଅର୍ଶଦୀପ ସିଂ। ବେଥେଲ କିନ୍ତୁ ଶେଷ ପର୍ଯ୍ୟନ୍ତ ଲଢ଼ିଥିଲେ। ସେ ୧୦୫ ରନକରି ଶେଷ ଓଭରରେ ରନ୍‌ଆଉଟ ହେବାସହ ଇଂଲଣ୍ଡ ଆଶା ଶେଷ ହୋଇ ଯାଇଥିଲା। ୪୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବେଥେଲ ୮ ଚୌକା ଓ ୭ ଛକା ମାରିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟି୨୦ କ୍ରିକେଟ ବିଶ୍ୱକପର ଗୋଟିଏ ଇନିଂସରେ ସର୍ବାଧିକ ଛକା ହେଉ କିମ୍ବା ନକ୍‌ଆଉଟରେ ସର୍ବାଧିକ ସ୍କୋର ଏହି ମ୍ୟାଚରେ ଏକାଧିକ ରେକର୍ଡ ସୃଷ୍ଟି ହୋଇଥିଲା। ପୂର୍ବରୁ ବିଶ୍ୱକପ୍‌ର ନକ୍‌ଆଉଟରେ ସର୍ବାଧିକ ସ୍କୋର ଥିଲା ୨୦୫/୪। ୨୦୧୨ ସେମିଫାଇନାଲରେ କଲମ୍ବୋଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜ ଏହି ସ୍କୋର କରିଥିଲା। ସେହିପରି ଗୋଟିଏ ଇନିଂସରେ ସର୍ବାଧିକ ୧୬ ଛକା ମାରି ଭାରତ ଅନ୍ୟ ଦୁଇ ଦଳ ନେଦରଲାଣ୍ଡ ଓ ୱେଷ୍ଟଇଣ୍ଡିଜ ସହ ମିଳିତଭାବେ ଶୀର୍ଷରେ ରହିଛି। ଗୋଟିଏ ବିଶ୍ୱକପରେ ସର୍ବାଧିକ ଛକା ମାରିବାରେ ସଞ୍ଜୁ ସାମସନ (୧୬) ଅନ୍ୟତମ ଭାରତୀୟ ଖେଳାଳି ରୋହିତ ଶର୍ମା (୧୫)ଙ୍କୁ ପଛରେ ପକାଇ ଦେଇଛନ୍ତି। ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୬୪ ରନ ବ୍ୟୟ କରି ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଥିଲେ। ଏହି ମ୍ୟାଚରେ ଇଂଲଣ୍ଡର ଜୋଫ୍ରା ଆର୍ଚର ୬୧ ରନ ବ୍ୟୟ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ବିସ୍ଫୋରକ ଓପନର ଅଭିଷେକ ଶର୍ମା ପୁଣିଥରେ ବିଫଳ ହୋଇଥିଲେ। ଦ୍ୱିତୀୟ ଓଭରର ଶେଷ ବଲ୍‌ରେ ଅଭିଷେକ (୯)ଙ୍କୁ ଆଉଟ କରି ଭାରତକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ ୱିଲ୍ ଜ୍ୟାକ୍ସ। ମାତ୍ର ପୂର୍ବ ମ୍ୟାଚରେ ଫର୍ମକୁ ଫେରିଥିବା ସଞ୍ଜୁ ସାମସନ ଓ ଇଶାନ କିଶନ ଦ୍ୱିତୀୟ ଉଇକେଟରେ ୪୫ ବଲ୍‌ରୁ ୯୭ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଟି୨୦ ବିଶ୍ୱକପର ନକ୍‌ଆଉଟରେ ଏହାଥିଲା ଭାରତର ସର୍ବାଧିକ ପାର୍ଟନରଶିପ୍। ୨୦୦୭ରେ ଡର୍ବାନଠାରେ ଅନୁଷ୍ଠିତ ସେମିଫାଇନାଲରେ ଯୁବରାଜ ସିଂ ଓ ରବିନ ଉଥପ୍ପା ୮୪ ରନର ଭାଗୀଦାରି ଗଢ଼ି ରେକର୍ଡର ଅଧିକାରୀ ଥିଲେ। ଏଠାରେ କିଶନ ୧୮ ବଲ୍‌ରୁ ୩୯ (୪ ଚୌକା, ୨ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସାମସନ ଖେଳିଥିଲେ ନିର୍ଭିକ ଇନିଂସ। ଧୂଆଁଧାର ବ୍ୟାଟିଂକରି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଉଥିବା ସାମସନ କିନ୍ତୁ ଶତକଠାରୁ ୧୧ ରନ ଦୂରରେ ଥିବାବେଳେ ଆଉଟ ହୋଇଯିବାରୁ ପୂରା ଷ୍ଟାଡିୟମରେ ନିରବତା ଛାଇ ଯାଇଥିଲା। ପୂର୍ବ ମ୍ୟାଚର ହିରୋ ସାମସନ ଏଠାରେ ୪୨ ବଲ୍‌ରୁ ୮ ଚୌକା ଓ ୭ ଛକା ସହାୟତାରେ ୮୯ ରନ କରିଥିବାବେଳେ ୱିଲ ଜ୍ୟାକ୍ସଙ୍କ ଏକ ୱାଇଡ୍ ଲେନ୍ଥ ବଲ୍‌କୁ ବଡ଼ ଶଟ୍ ଖେଳିବାକୁ ଯାଇ ସୁଇପର କଭରରେ ଫିଲ୍ ସଲ୍ଟଙ୍କୁ କ୍ୟାଚ ଦେଇଥିଲେ। ସାମସନ ୧୫ ରନ କରିଥିବାବେଳେ ତାଙ୍କର ଏକ କ୍ୟାଚ ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍ସ ଖସାଇଥିଲେ। ଏହାର ଭରପୂର ଫାଇଦା ଉଠାଇଥିଲେ ସଞ୍ଜୁ। ଏହାପରେ ସେ ୩୫ ବଲ୍‌ର ୭୪ ରନ ଯୋଗ କରିଥିଲେ। ସ୍ପିନ୍ ପ୍ଲେୟିଂ ସ୍ପେଶାଲିଷ୍ଟଭାବେ ପରିଚିତ ଶିବମ୍ ଦୁବେ ବ୍ୟାଟିଂକ୍ରମରେ ଉପରେ ୪ ନମ୍ବରରେ ଆସିଥିଲେ। ଦୁବେ ତାହାର ସଦୁପଯୋଗ ମଧ କରିଥିଲେ। ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧୧ ରନ କରିଥିବାବେଳେ ଆଡିଲ ରଶିଦଙ୍କ ବଲ୍‌ରେ ଉଇକେଟ କିପରଙ୍କଦ୍ୱାରା ଷ୍ଟମ୍ପିଂ ହେବା ଭାରତକୁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ତ୍ରୁଟି ଯୋଗୁ ଦୁବେ ବ୍ୟକ୍ତିଗତ ୪୩ ରନ କରିଥିବାବେଳେ ରନ୍‌ଆଉଟ ହୋଇ ଯାଇଥିଲେ। ସେ ୨୫ଟି ବଲ୍‌ର ସମ୍ମୁଖୀନ ହୋଇଥିବାବେଳେ ନିଜ ଇନିଂସ ମଧ୍ୟରେ ୧ ଚୌକା ଓ ୪ ଛକା ମାରିଥିଲେ। ଶେଷଭାଗରେ ହାର୍ଦ୍ଦିକଙ୍କ ୧୨ ବଲ୍‌ରୁ ୨୭ (୩ ଚୌକା, ୨ ଛକା) ଓ ୭ ନମ୍ବରରେ ଆସିଥିବା ତିଲକ ବର୍ମା ୭ ବଲ୍‌ରୁ ୨୧ (୩ ଛକା) ରନ କରିବାରୁ ଭାରତ ସ୍କୋର ୨୫୦ ଅତିକ୍ରମ କରି ଯାଇଥିଲା। ଇଂଲଣ୍ଡ ପକ୍ଷରୁ ୱିଲ୍ ଜ୍ୟାକ୍ସ ଓ ଆଡିଲ ରଶିଦ ୨ଟି ଲେଖାଏ ଏବଂ ଜୋଫ୍ରା ଆର୍ଚର ଗୋଟିଏ ଉଇକେଟ ନେଇଥିଲେ।

# ପୁଣି କୂଅରେ ପଡ଼ିଲା ହାତୀ

ଦନ୍ତା ଆକ୍ରମଣରେ ୨ ଗୁରୁତର, ଘର ଭାଙ୍ଗିଲା

କେନ୍ଦୁଝର,୫।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)


ଉଦ୍ଧାର ପରେ ହାତୀ ଜେସିବିକୁ ଆକ୍ରମଣ କରିବାକୁ ଉଦ୍ୟମ କରୁଛି।

କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ବନାଯୋଡ଼ି ଗାଁରେ ଥିବା ଏକ ପୁରୁଣା ପଥରକୂଅରେ ଏକ ଦନ୍ତାହାତୀ ବୁଧବାର ପଡ଼ିଯାଇଥିଲା। ଦୀର୍ଘ ସମୟ ପରିଶ୍ରମ ପରେ ବନ ଓ ଅଗ୍ନିଶମ ବିଭାଗ ସହାୟତାରେ ଉଦ୍ଧାର କରାଯାଇଥିଲା। ହାତୀର ବୟସ ୩୦ରୁ ୩୫ ମଧ୍ୟରେ ହେବ। ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡ଼ିଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଉଦ୍ଧାର ପରେ ହାତୀ ଗାଁ ଭିତରେ ପଶି ଘର, ବାଇକ୍ ଭାଙ୍ଗିଥିବା ବେଳେ ହାତୀ ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, ୩ଟି ହାତୀ ଖାଦ୍ୟ ଅନ୍ୱେଷଣରେ ବରଦାପାଳ, କେନ୍ଦୁପଶି, ନୂଆଗାଁ ଦେଇ ବନାଯୋଡ଼ି ଆଡ଼କୁ ଆସିଥିଲେ। ଗୋଟିଏ ଦନ୍ତା ଅଲଗା ହୋଇ ନରହରି ନାୟକଙ୍କ ବାଡ଼ିରେ ଥିବା ୩୦ ଫୁଟ୍‌ର ଖୋଲା ପଥର କୂଅରେ ପଡ଼ିଯାଇଥିଲା। ରାତି ୨ଟାରେ ଶବ୍ଦ ଶୁଣି ପରିବାର ଲୋକେ ଆସି ହାତୀଟି କୂଅରେ ପଡ଼ିଯାଇଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ଦମକଳ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି କୂଅରେ ପାଣି ଭର୍ତ୍ତିକରିବା ପରେ କୂଅକୁ ମେସିନରେ ତାଡ଼ି ହାତୀଟିକୁ ଗୁରୁବାର ଭୋର୍ ସମୟରେ ଉଦ୍ଧାର କରିଥିଲେ। ୨ ଘଣ୍ଟାର ପରିଶ୍ରମ ପରେ ହାତୀ ଉଦ୍ଧାର ହୋଇଥିଲା। ଉଦ୍ଧାର ପରେ ହାତୀଟି ଜେସିବିକୁ ଆକ୍ରମଣ କରିବା ସହ ବନାଯୋଡ଼ି ଗାଁରେ ପଶିଥିଲା। ହାତୀ ରମାକାନ୍ତ ଦେହୁରୀ(୬୫)ଙ୍କ ଘର ଭାଙ୍ଗିଥିବା ବେଳେ ହାତୀ ଆକ୍ରମଣରେ ନବେଶ୍ୱରୀ ଦେହୁରୀ(୫୫), ଚନ୍ଦ୍ରାଣି ଦେହୁରୀ(୫୮) ଗୁରୁତର ହୋଇଛନ୍ତି। ଚନ୍ଦନ ବ୍ରହ୍ମଙ୍କ ବାଇକ୍‌କୁ ହାତୀ ଶୁଣ୍ଢରେ କଚାଡ଼ିଦେବାରୁ ଭାଙ୍ଗିରୁଜି ଯାଇଛି। ଉଭୟ ଗୁରୁତରଙ୍କୁ କେନ୍ଦୁଝର ମେଡିକାଲ କଲେଜକୁ ପଠାଯାଇଛି। ଅନ୍ୟପକ୍ଷେ ହାତୀ ଡାହାଣ ଦାନ୍ତ ନ ଥିବାରୁ ଭାଙ୍ଗି କୂଅରେ ପଡ଼ିଯାଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। କିନ୍ତୁ ଉପସ୍ଥିତ ବନ କର୍ମଚାରୀ ଏହାକୁ ଅସ୍ୱୀକାର କରିଥିଲେ ଏବଂ ପୂର୍ବରୁ ଦାନ୍ତ ନ ଥିଲା ବୋଲି କହିଥିଲେ। ହାତୀ ଟିକରପଡ଼ା ଜଙ୍ଗଲକୁ ପଳାଇଥିବା ବେଳେ ସ୍ୱତନ୍ତ୍ର ଟିମ୍ ହାତୀର ଗତିବିଧି ଉପରେ ନଜର ରଖିଥିବା କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ, ଖାଦ୍ୟ ଅନ୍ୱେଷଣରେ ଆସି ଫେବୃଆରୀ ୨୭ରେ ଉକ୍ତ ରେଞ୍ଜର କାଠ ବାଉଁଶୁଳୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା କୂଅରେ ପଡ଼ି ହାତୀଛୁଆ ମୃତ୍ୟୁବରଣ କରିଥିଲା। ଫେବୃଆରୀ ୧୫ରେ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବାଉଟିଆପଦା ଗ୍ରାମରେ ପରିବା ଖାଇବାକୁ ଆସି ୨ ବାର୍ହା ଖୋଲା କୂଅରେ ପଡ଼ି ମୃତ୍ୟୁ ଘଟିଥିଲା। ପୁଣି ଏକ ଦନ୍ତାହାତୀ କୂଅରେ ପଡ଼ିବା ବନ ବିଭାଗ ପାଇଁ ଚିନ୍ତାର ବିଷୟ ହୋଇଛି। ଖାଦ୍ୟ ଅଭାବରୁ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ପରିବେଶବିତ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖୋଲା କୂଅଗୁଡ଼ିକୁ ପୋତିବା, ଚତୁଃପାର୍ଶ୍ୱରେ ଚାନ୍ଦିନୀ କରିବା, ସଚେତନତା ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଦାବି କରିଛନ୍ତି।

# ଦାନ୍ତ ସୁରକ୍ଷା ପ୍ରତି ଯତ୍ନବାନ୍ ହେବା ଜରୁରୀ

**ଆଜି ଜାତୀୟ ଦନ୍ତ ଚିକିତ୍ସକ ଦିବସ**



ଦାନ୍ତ ଆମକୁ ଖାଦ୍ୟ ଚୋବାଇବାରେ ସାହାଯ୍ୟ କରିଥାଏ। ଏହା ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହାର ଯଦି ଆମେ ଠିକ୍ ଭାବରେ ଯତ୍ନ ନ ନେବା ତେବେ ପରବର୍ତ୍ତୀ ସମୟରେ ତାହା ସମସ୍ୟା ସୃଷ୍ଟି କରିବ। ଆଉ ଠିକ୍ ସମୟରେ ତାହାର ଉପଚାର କରା ନ ଗଲେ,ଏହି ସମସ୍ୟା ଗମ୍ଭୀର ଆକାର ଧାରଣ କରିଥାଏ। ତେବେ ଦାନ୍ତକୁ ସୁସ୍ଥ ରଖିବା କ୍ଷେତ୍ରରେ ଦନ୍ତ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୬ ତାରିଖକୁ 'ଜାତୀୟ ଦନ୍ତ ଚିକିତ୍ସକ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି 'ସୁସ୍ଥ ପାଟି ଆତ୍ମବିଶ୍ୱାସ ଆଣିଥାଏ ଏବଂ ଉତ୍ତମ ଜୀବନଯାପନରେ ସହାୟକ ହୋଇଥାଏ।' ଯଦି ଆପଣଙ୍କର ଦାନ୍ତଜନିତ ସମସ୍ୟା ରହିଛି, ତେବେ ବିଳମ୍ବ ନ କରି ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଯେହେତୁ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବାରେ ଦାନ୍ତ ସାହାଯ୍ୟ କରିଥାଏ, ତେଣୁ ଦାନ୍ତ କିପରି ସୁସ୍ଥ ତଥା ଦୃଢ଼ ରହିବ ସେନେଇ ଯତ୍ନବାନ ହେବା ନିହାତି ଆବଶ୍ୟକ। କେବଳ ସକାଳେ ବିଛଣାରୁ ଉଠିବା ପରେ ନୁହେଁ, ରାତ୍ର ଭୋଜନ ପରେ ଭଲ ଭାବରେ ଦାନ୍ତ ଘଷିବା ଦରକାର। କାରଣ ଦାନ୍ତ ସନ୍ଧିରେ ଯଦି ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ରହିଗଲା, ତେବେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷିବା ସହ ଏଭଳି ସମସ୍ୟାର କୌଣସି ଲକ୍ଷଣ ଜାଣିବାକୁ ପାଇଲେ ବିଳମ୍ବ ନ କରି ତାହାର ଚିକିତ୍ସା କରାନ୍ତୁ। ଦାନ୍ତ ରୋଗ ନିରୂପଣ ସମୟରେ ଦନ୍ତ ଚିକିତ୍ସକ ପ୍ରେସ୍କ୍ରିପ୍‌ସନରେ ଉଲ୍ଲେଖ କରିଥିବା ପାଥୋଲୋଜିକାଲ ଟେଷ୍ଟ କରାଇ ନିଅନ୍ତୁ। ନିଜେ ସତର୍କ ରହିଲେ ଆମେ ଦାନ୍ତଜନିତ ସମସ୍ୟାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା।

# ଲେଣ୍ଡୋ ଫୁଲଦୋଳ, ଆଞ୍ଚଳିକ ମହୋତ୍ସବ ଆରମ୍ଭ



**ନିରାକାରପୁର,୫।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ଲେଣ୍ଡୋ ପଞ୍ଚାୟତ ଦୋଳ ପଡ଼ିଆରେ ପାରମ୍ପରିକ ଫୁଲଦୋଳ ମେଳଣ ଏବଂ ଆଞ୍ଚଳିକ ମହୋତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମଧ୍ୟରାତ୍ରିରେ ଗ୍ରାମର ଲଡୁକିଶୋର ଦେବଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇ ଦୋଳପଡ଼ିଆରେ ଥାନପତି ଭାବେ ଆସୀନ କରାଯାଇଥିଲା। ଶିବ ପାର୍ବତୀ, କେଳା କେଳୁଣୀ, ଧୋବ ଧୋବଣୀ, ଶବର ଶବରୁଣି, ଚଢ଼େୟା ଚଢ଼ଉଣି ଆଦି ପାରମ୍ପରିକ ନୃତ୍ୟ ସହ ଘଣ୍ଟ, ମର୍ଦ୍ଦଳ ଶବ୍ଦରେ ଗାଁ ଦାଣ୍ଡ ମୁଖରିତ ହୋଇଥିଲା। ଏହି ଦୋଳ ମେଳଣରେ ନିମନ୍ତ୍ରଣ ରକ୍ଷାକରି ପାଣ୍ଡବପାଟଣା, ନନପଡ଼ା, ଲଳିତା ପାଟପୁର, ଆରେଡ଼ି, ଆସେଲି, ମୈତ୍ରତ୍ରିଲୋଚନପୁର ଆଦି ଗ୍ରାମର ଦେବଦେବୀ ଦୋଳପଡ଼ିଆରେ ଆସୀନ ହୋଇଥିଲେ। ସମସ୍ତ ଦେବଦେବୀ ଦୋଳ ପଡିଆରେ ଆସୀନ ହେବାପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଅବିର ଖେଳ। ସେହିପରି ଘରକରଣା ସାମଗ୍ରୀଠାରୁ ଆରମ୍ଭକରି ଖେଳଣା, ମନୋହରି, ମାଟିପାତ୍ର ଆଦି ଷ୍ଟଲ୍ ପଡି ଅସ୍ଥାୟୀ ବଜାରରେ କିଣାବିକା ଜୋର ଧରିଛି। ଆଞ୍ଚଳିକ ଦୋଳ ମହୋତ୍ସବ କମିଟି ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ, ଉପ ସଭାପତି ଅପର୍ତ୍ତୀ ଜେନା, ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ପୀତବାସ ବାରିକ, କୋଷାଧ୍ୟକ୍ଷ ନିରଞ୍ଜନ ମହାରଣା ପ୍ରମୁଖ କମିଟିର ସଭ୍ୟ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ସରିଲା ଭୂଷଣ୍ଡପୁର ଦୋଳ ମେଳଣ

**ନିରାକାରପୁର,୫।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ଭୂଷଣ୍ଡପୁର ଦୋଳଯାତ୍ରା ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ଦୋଳପୂର୍ଣ୍ଣମୀ ବିଳମ୍ବିତ ରାତିରେ ଭୂଷଣ୍ଡପୁର ପଞ୍ଚାୟତର ଈଶାନେଶ୍ୱରଦେବ ଓ ବାଲିପାଟପୁର ପଞ୍ଚାୟତର ପତିତପାବନ ଦେବଙ୍କୁ ସୁସଜ୍ଜିତ ବିମାନରେ ବିଭିନ୍ନ ପାରମ୍ପରିକ ନୃତ୍ୟରେ ଏକ ବିରାଟ ପଟୁଆରରେ ସ୍ଥାନୀୟ ଦୋଳ ମଣ୍ଡପକୁ ଅଣାଯାଇଥିଲା। ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ହରିବୋଲ, ହୁଳହୁଳି ଓ ବିଭିନ୍ନ ବାଦ୍ୟ ସହ ଶ୍ରୀଜୀଉଙ୍କ ଶ୍ଳୋକରେ ମେଳଣ ପଡ଼ିଆରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଉଭୟ ପଞ୍ଚାୟତବାସୀଙ୍କ ପକ୍ଷରୁ ଆତସବାଜି ପ୍ରତିଯୋଗିତା ହୋଇଥିଲା। ରଙ୍ଗବେରଙ୍ଗ ଆତସବାଜିରେ ମେଳଣ ପଡ଼ିଆ ଝଲସି ଉଠିଥିଲା। ଅସ୍ଥାୟୀ ବଜାରରେ କିଣାବିକା ଜୋର ଧରିଥିଲା। ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଭବ୍ୟ ବେଶ ଦର୍ଶନ ସହ ପ୍ରଭୁକୃପା ଲାଭ କରିଥିଲେ। ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୃତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଭୂଷଣ୍ଡପୁର ମୂଳକ ସଭାପତି ନବ କିଶୋର ଦାଶ, ବାଲିପାଟପୁର ମୂଳକ ସଭାପତି ରବୀନ୍ଦ୍ର କୁମାର ସାମନ୍ତରାୟ, ପ୍ରମୁଖ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚଦୋଳ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବାଣପୁର,୫।୩(ଦିଲୀପ କୁମାର ସ୍ୱାଇଁ)**



ଐତିହାସିକ ପଞ୍ଚଦୋଳଯାତ୍ରାର ଶୁଭଖୁଣ୍ଟି ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ମଙ୍ଗଳାଚରଣରେ ଯାତ୍ରା ପଡ଼ିଆର ଯଜ୍ଞମଣ୍ଡପର ଐଶାନ୍ୟ କୋଣରେ ଗତ ବୁଧବାର ସ୍ଥାପନ କରାଯାଇଛି। ଯଜ୍ଞକମିଟିର ପଣ୍ଡିତ ନୃସିଂହ ଚରଣ ଆଚାର୍ଯ୍ୟଙ୍କ ଗଣନା ଅନୁସାରେ ପ୍ରଥମେ କମିଟି ପକ୍ଷରୁ ମା'ଭଗବତୀଙ୍କ ମନ୍ଦିରରେ ପ୍ରଥମ ନିମନ୍ତ୍ରଣ ଅର୍ପଣ କରି ମା'ଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଜ୍ଞାମାଳ କରାଯାଇ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ପୁଣି ଯାତ୍ରାର ମୁଖ୍ୟ ସ୍ଥାନାଧିପତି ଚରଣ ଚକାଦେବଙ୍କ ନିକଟରୁ ମଧ୍ୟ ତୁଳସୀ ଦୟଣାମାଳ ଆସି ପଡ଼ିଆଠାରେ ଏକତ୍ର ଶୁଭପତାକାରେ ସ୍ଥାପନ କରାଯାଇ ମା'ଭଗବତୀ ଏବଂ ଚରଣ ଚକାଦେବଙ୍କ ଜୟଜୟକାର ଧ୍ୱନୀ ମଧ୍ୟରେ ଖୁଣ୍ଟି ପୋତାଯାଇଥିଲା। ଆସନ୍ତା ରବିବାର ରାତି ୧୨ଟାରୁ ଦେବଦେବୀଙ୍କ ଜମାଣ ଆରମ୍ଭ ହେବ। ବଡ଼ହନ୍ତୁଆଡ଼ର ଆରାଧ୍ୟ ଚରଣ ଚକାଦେବଙ୍କ ନିମନ୍ତ୍ରଣକ୍ରମେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୧୬୨ ଦେବଦେବୀ ଦୋଳବିମାନ, ବୃଷଭ, ସିଂହ, ଗରୁଡ଼, ହନୁମାନ ଆଦି ବାହାନରେ ବସି ପଟୁଆରରେ ଯାତ୍ରା ପଡ଼ିଆକୁ ବିଜେ କରିବେ। ଜମାଣଦିନ ସନ୍ଧ୍ୟାରୁ ତୁଳସୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମାରୋହ ସହିତ ବିଭିନ୍ନ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ହେବ। ସୋମବାର ଅପରାହ୍ନରେ ଚନ୍ଦ୍ରଶେଖର ଦେବଙ୍କ ସହ ମା'ଭଗବତୀ କାଠି ଠାକୁରାଣୀ ସ୍ତମ୍ଭେଶ୍ୱରୀଙ୍କ ମହାମିଳନ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ପ୍ରଥମଥର ପାଇଁ ମେଳଣ ସରିବା ପରେ ସନ୍ଧ୍ୟାରେ ମେଲୋଡ଼ି କାର୍ଯ୍ୟକ୍ରମ ମଧ୍ୟ ହେବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଜଟଣୀରେ ହୋଲି ଉତ୍ସବ

ଜଟଣୀ,୫।୩(ରବୀନ୍ଦ୍ରନାଥ ମହାକୁଡ଼) ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ଉତ୍କଳ ଭାରତୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଉପଦେଷ୍ଟା ରମେଶ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ବହୁ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।ସେହିପରି ପ୍ରେସ କ୍ଲବ ଜଟଣୀ ଠାରେ ସଭାପତି ରବୀନ୍ଦ୍ରନାଥ ମହାକୁଡ଼ଙ୍କ ନେତୃତ୍ୱରେ ହୋଲି ଉତ୍ସବ ପାଳନ ହୋଇଥିଲା। ଓୟୁଜଡବ୍ଲୁଜେ ଖୋର୍ଦ୍ଧା ଜିଲା ସଭାପତି ପ୍ରକାଶ ହାତୀ ଅତିଥିଭାବେ ଯୋଗଦେଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଥାନା ଛକସ୍ଥ ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ଅନୁଷ୍ଠାନର ସଭାପତି ଅନନ୍ତ ଶତପଥୀଙ୍କ ନେତୃତ୍ୱରେ ହୋଲି ଉତ୍ସବ ପାଳନ କରାଯାଇଥିଲା। ସେହିଭଳି ଜଟଣୀ ନଗର ଭଜପା ପକ୍ଷରୁ ସ୍ଥାନୀୟ ସୀତାରାମ ଛକଠାରେ ଭଜପା ନଗର ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ହୋଲି କାର୍ଯ୍ୟକ୍ରମରେ ସ୍ଥାନୀୟ ନେତୃମଣ୍ଡଳୀଙ୍କ ସହ ବହୁ ଭାଜପା ନେତା ଯୋଗଦେଇଥିଲେ।

### ବିଜୁ ଜୟନ୍ତୀରେ ରୋଗୀଙ୍କୁ ଫଳ ବାଣ୍ଟନ

**ଟାଙ୍ଗୀ,୫।୩ (ରଘୁନାଥ ସାହୁ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ପରିସରରେ ରୋଗୀଙ୍କୁ ବିଜୁ ଜନତା ଦଳର ଯୁବ ସଙ୍ଗଠକ ତ୍ରିନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦପୁର ପୂର୍ବତନ ସରପଞ୍ଚ ଅଶୋକ ସାହୁ, ପଞ୍ଚାୟତ ସଭାପତି ବିଶ୍ୱନାଥ ସାହୁ, ନାଏବ ସରପଞ୍ଚ ବିଜୟ ନାୟକ, ନିରଞ୍ଜନ ସେନାପତି, କନ୍ଧନୟାଗଡ଼ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ଦଶଦୋଳ କମିଟି ସମ୍ପାଦକ ମନୋଜ ଦାସ ,ପୂର୍ବତନ ସରପଞ୍ଚ ଅରୁଣ ସୁବୁଦ୍ଧି, ଉପେନ୍ଦ୍ର ଖମାରୀ ପ୍ରମୁଖ ସାମିଲ ହୋଇଥିଲେ। ୬୩ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଯାଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ବସନ୍ତ ମଞ୍ଜରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଡା.ପ୍ରତାପ କୁମାର ଚିନାରାଙ୍କ ସହଯୋଗରେ ଫଳ ବଣ୍ଟନ କରାଯାଇଥିଲା।

### ୯ରୁ ପଞ୍ଚଦୋଳ ଉତ୍ସବ

**ବାଘମାରୀ,୫।୩(ମିହିର ରଞ୍ଜନ ମହାପାତ୍ର):** ବେଗୁନିଆ ବ୍ଲକ ସିମୋରରେ ୧୭୩ତମ ପଞ୍ଚଦୋଳ ଯାତ୍ରାର ଐତିହ୍ୟ ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ଆସନ୍ତା ୯ ଏବଂ ୧୦ତାରିଖ ଦୁଇଦିନ ଧରି ଐତିହାସିକ ପଞ୍ଚଦୋଳ ଉତ୍ସବ (ଏକତା) ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଉତ୍ସବରେ ଓଡ଼ିଶାର ପାରମ୍ପରିକ କଳା, ସମରକଳା ସହିତ ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ପରିବେଷଣ କରାଯିବ। ଏଥିସହ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ବଳଭଦ୍ର ପ୍ରଧାନ କହିଛନ୍ତି। ଏହି ଉତ୍ସବରେ ପୋଲିସ ପ୍ରଶାସନ, ଗ୍ରାମବାସୀ ଓ ସମସ୍ତ କ୍ରିୟାନୁଷ୍ଠାନ କମିଟିର ସହଯୋଗ କରିବାକୁ ସମ୍ପାଦକ ଅଶୋକ କୁମାର ପ୍ରଧାନ ନିବେଦନ କରିଛନ୍ତି।



ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ଶ୍ରୀଗୌର ଜୟନ୍ତୀ, ପୁସ୍ତକ ଲୋକାର୍ପିତ

**ଖୋର୍ଦ୍ଧା,୫।୩(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ଠାରେ ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁଙ୍କ ୫୪୦ତମ ବର୍ଷ ପୂର୍ତ୍ତି ଜୟନ୍ତୀ ପାଳିତ ହୋଇଯାଇଛି। ଖୋର୍ଦ୍ଧା ସମେତ ପଲ୍ଲା, ଗୁଡୁମ, ବାଜପୁର, ନିମବସନ୍ତ, ଜାଗମରା, ମେଣ୍ଢାଶାଳ ଆଦି ସ୍ଥାନରେ ଥିବା ଶ୍ରୀଚୈତନ୍ୟ ମନ୍ଦିରରେ ରାଧାକୃଷ୍ଣଙ୍କ ଦୋଳ ଉତ୍ସବ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଚୈତନ୍ୟ ବିହାରରେ ମହାପ୍ରଭୁଙ୍କ ଚଳନ୍ତି ବିଗ୍ରହଙ୍କୁ ଦୋଳବେଦିରେ ବିଜେ କରାଯାଇ ଶ୍ରୀଗୌରାଙ୍ଗ ସ୍ମରଣ ମଙ୍ଗଳ ସ୍ତୋତ୍ର, ଶ୍ରୀଚୈତନ୍ୟ ଚାଳିଶା ସାମୁହିକ ଓ ଗୌର ମହିମା କୀର୍ତ୍ତନ ହେବା ସହ ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନର ବାର୍ଷିକ ପତ୍ରିକା 'ଶ୍ରୀଗୌର ଜଗନ୍ନାଥ' ଖୋର୍ଦ୍ଧାର ପ୍ରାଚୀନ ଭକ୍ତ କବି ଭିମ ଦାସଙ୍କ ''ଶ୍ରୀହରି ଭକ୍ତି ଚନ୍ଦ୍ରୋଦୟ', ତଥା ମହାନ ସନ୍ଥ ବୈଷ୍ଣବାନନ୍ଦ ସରସ୍ୱତୀ''ଙ୍କ ଜୀବନୀ ପୁସ୍ତକ ତ୍ରୟ ଲୋକାର୍ପଣ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଗୌର ଜଗନ୍ନାଥ ପୂଜା ଅଭିଷକ, ଶ୍ରୀଚେତନ୍ୟ ଭାଗବତ ଓ ଚେତନ୍ୟ ଚରିତମୃତ ପାରାୟଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଶ୍ରୀଚୈତନ୍ୟ ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ଅଶୋକ କୁମାର ପଟ୍ଟନାୟକ, ବୋଧାୟନ ମହାରାଜ, ଅନନ୍ତ ହରି ମହାରାଜ, ସନ୍ତୋଷୀ ସାହୁ, କାଦମ୍ବିନୀ ସାମନ୍ତରାୟ, ଶିଶିର ରାଉତ, ସର୍ବେଶ୍ୱର ପଟ୍ଟନାୟକ, ପ୍ରବଚକ ଜିତେନ୍ଦ୍ରୀୟ ପ୍ରଧାନ ଯୋଗଦେଇଥିଲେ। ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

## ଶିଳାଶ୍ରୀର କବିତା ଆସର, ୯ ମହିଳା ସମ୍ମାନିତ

**ଭୁବନେଶ୍ୱର,୫।୩ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୁଲ୍ୟରେ ଶିଳାଶ୍ରୀ ପକ୍ଷରୁ ଗୁରୁବାର ବୁଦ୍ଧ ମନ୍ଦିରଠାରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ଆକାଶବାଣୀ ଗୀତିକାର ସଚି ମହାନ୍ତି, ଗୀତିକାର ବସନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ଶିଶୁ କିଶୋର କବିତା ସଂକଳନ 'ସୁରଭି'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସମ୍ପାଦିକା ବାସନ୍ତୀ ଦାସଙ୍କ ସଂଯୋଜନାରେ ମଞ୍ଜୁଳା ତ୍ରିପାଠୀ, ଶୁଭଶ୍ରୀ ପଟ୍ଟନାୟକ, ଆଶାଲତା ପଣ୍ଡା, ଧରିତ୍ରୀ ରାୟ, ଗୀତାଞ୍ଜଳି ମହାପାତ୍ର, ଗୀତାରାଣୀ କର ପ୍ରମୁଖ କବିତା ଆବୃତ୍ତି କରି ସମ୍ବର୍ଦ୍ଧିତ ହୋଇଥିଲେ। ଏଥିସହ ବିଶ୍ୱ ମହିଳା ଦିବସ ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ୯ ଜଣ ମହିଳା କଳିଙ୍ଗ ପୁସ୍ତକ ମେଳାର ଅଧ୍ୟକ୍ଷା ରେଣୁକା ମିଶ୍ର, ଅଭିନେତ୍ରୀ ବାସନ୍ତୀ ଜେନା, ସମାଜିକ କର୍ମୀ ଗୀତାଞ୍ଜଳି ମହାପାତ୍ର, ନଳିନୀପ୍ରଭା ସାମନ୍ତରାୟ, କବି ନିରୁପମା ରାୟ, ଶିକ୍ଷାବିତ ଡ. ପ୍ରମୋଦିନୀ ହୋତା,ବସୁମତୀ ଶତପଥୀ, ସରୋଜିନୀ ପଟ୍ଟନାୟକ ଏବଂ କାନ୍ତିଲତା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱମିତ୍ରା ମିଶ୍ର ସଂଯୋଜନା କରିଥିଲେ।

## ଭ୍ୟାନ୍ ଭଙ୍ଗାରୁଜା ସହ ପୋଲିସକୁ ଆକ୍ରମଣ ଘଟଣାରେ ୫ ଗିରଫ

**ଭୁବନେଶ୍ୱର/ବାରଙ୍ଗ,୫।୩ (ତ୍ରିନାଥ ମହାନ୍ତି/ଲିଙ୍ଗରାଜ ରାଉତ)**

**ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ତାତିଲେ ଲୋକେ**

ଚନ୍ଦକା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅତିଷ୍ଠ ହୋଇ କଣ୍ଟାବାଡ଼ ଏବଂ ଭଗବତୀପୁର ଗ୍ରାମବାସୀ ପିସିଆର୍ ଭ୍ୟାନ୍ ଭଙ୍ଗାରୁଜା ସହ ପୋଲିସକୁ ପିଟିବା ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟାବାଡ଼ର ଜ୍ୟୋତି ଶଙ୍କର ବିଶ୍ୱାଳ, ରବୀନ୍ଦ୍ର ଭୋଇ, ଗୋବିନ୍ଦ ବେହେରା, ବିଜୟ ପୂର୍ତ୍ତି ଏବଂ ବସନ୍ତ ଛତ୍ର।

ଗ୍ରାମଲୋକ କହିବା ଅନୁସାରେ, ବୁଧବାର ସବୁ ବର୍ଷ ପରି କଣ୍ଟାବାଡ଼ ଏବଂ ଭଗବତୀପୁର ଗ୍ରାମ ଲୋକେ ସ୍ଥାନୀୟ ନାଳରେ ଗାଧୋଉଥିଲେ। ହେଲେ ପୋଲିସ ଏହାକୁ ବିରୋଧ କରି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୋଲିସ ଜାଣିଶୁଣି ସମସ୍ତଙ୍କୁ ପାଣି ଉପରକୁ ଡାକି ବ୍ରେଥ୍ ଆନାଲାଇଜର ମାଧ୍ୟମରେ ନିଶା ମାପିଥିଲେ। ଏପରି କି ପୋଲିସ ସ୍ଥାନୀୟ ଗ୍ରାମବାସୀଙ୍କ ବାଇକ୍‌କୁ ଜବତ କରି ଥାନାକୁ ନେଇଥିଲା। ହୋଲି ଖୁସିର ପର୍ବ ହୋଇଥିବାରୁ ସ୍ଥାନୀୟ ଆଦିବାସୀ ଲୋକ ମଦ ପିଇଥିଲେ। କୌଣସି ବର୍ଷ ମଧ୍ୟ ଏଭଳି ଯାଞ୍ଚ କରାଯାଉ ନ ଥିଲା। କିନ୍ତୁ ବୁଧବାର ପୋଲିସ ଜାଣିଶୁଣି ଯାଞ୍ଚ କରି ଗ୍ରାମବାସୀଙ୍କ ବାଇକ୍‌କୁ ଜବତ କରି ନେଇଯାଇଥିଲା। ବାଇକ ଛାଡ଼ିବା ପାଇଁ ଲୋକେ ପିସିଆର ଭ୍ୟାନ୍‌କୁ ଅଟକ ରଖିଥିଲେ। ଏହାପରେ ଥାନା ଅଧିକାରୀ ଏବଂ ଅନ୍ୟ ପୋଲିସ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ଲାଠି ଚାଳନା କରିବାରୁ ଉତ୍ତେଜନା ବଢ଼ିଥିଲା। ଯେଉଁଥିପାଇଁ ଗ୍ରାମବାସୀ ଉତ୍ତେଜିତ ହୋଇ ପୋଲିସ ଗାଡ଼ି ଏବଂ ପୋଲିସକୁ ପିଟିଥିବା କହିଛନ୍ତି। ଅନ୍ୟପଟରେ ପୋଲିସ କହିଛି,ହୋଲି ପର୍ବ ଅବସରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କୌଣସି ଅପ୍ରୀତିକର ଘଟଣା ନ ଘଟିବା ପାଇଁ ଚନ୍ଦକା ଥାନାର ପୋଲିସ କର୍ମଚାରୀମାନେ ଝୁମକା ଡ୍ୟାମ ନିକଟରେ ଡ୍ୟୁଟି କରୁଥିଲେ। ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା କିଛି ଯାନବାହନକୁ ପୋଲିସ ଜବତ କରିଥିଲା। ପରବର୍ତ୍ତୀ ସମୟରେ କଣ୍ଟାବାଡ ଓ ଭଗବତୀପୁର ଗ୍ରାମର କେତେଜଣ ଗ୍ରାମବାସୀ ଘଟଣାସ୍ଥଳରେ ଏକତ୍ରିତ ହୋଇ ପୋଲିସଙ୍କ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ଆରମ୍ଭ କରିଥିଲେ। ପିସିଆର ଗାଡ଼ିକୁ ଭଙ୍ଗାରୁଜା ସହ ପଥର, ବିୟର ବୋତଲ, ଖଣ୍ଡା, ବାଉଁଶ ବାଡ଼ି ଓ ଲାଠି ଦ୍ୱାରା ପୋଲିସ ଦଳ ଉପରେ ଆକ୍ରମଣ କରିଥିଲେ। ଫଳରେ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପିସିଆର ୪୧ର ହୋମଗାର୍ଡ ସୁଜିତ ପ୍ରତାପସିଂହଙ୍କୁ ଅପହରଣକରି ନେଇ ବନ୍ଦୀ ଏବଂ ଆକ୍ରମଣ କରାଯାଇଥିଲା। ପରେ ପୋଲିସ ଦଳ ତାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଶେଷରେ ଚନ୍ଦକା ଥାନାର ଏସ୍ଆଇ ବିଜୟ କୁମାର ମାଝୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ୫ଜଣଙ୍କୁ ଗିରଫ କରିଛି।

## ଲଡୁକେଶ୍ୱରଦେବ ଆଞ୍ଚଳିକ ଦୋଳ ମହୋତ୍ସବ ଉଦ୍‌ଘାଟିତ

**ନିରାକାରପୁର,୫।୩(ମାନସ ଚନ୍ଦ୍ର ପଟ୍ଟନାୟକ)**
:



ଦୋଳ ପୂର୍ଣ୍ଣମୀ ଅବସରରେ ଲେଣ୍ଡୋ ପଞ୍ଚାୟତର ଇଷ୍ଟଦେବ ଲଡୁକେଶ୍ୱର ଦେବଙ୍କ ମେଳଣ ପଡ଼ିଆ ପ୍ରାଙ୍ଗଣରେ ଲଡୁକେଶ୍ୱର ଦେବ ଆଞ୍ଚଳିକ ଦୋଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶ୍ୟାମ ସୁନ୍ଦର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭାଜପା ନେତା ନିକୁଞ୍ଜ କିଶୋର ପଟ୍ଟନାୟକ ଓ ରଶ୍ମି ରଞ୍ଜନ ମହାପାତ୍ର, ସରପଞ୍ଚ ବିନୋଦିନୀ ଦାଶ, ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ସମେତ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଶାନ୍ତ କୁମାର ପାଢ଼ଶାଣୀ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଷ୍ଟଲ୍ ଖୋଲି କିଣାବିକା ଜୋର ଧରିଛି। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନବାହ୍ନ ପାରାୟଣ, ଜ୍ଞାନଯଜ୍ଞ

**ବେଗୁନିଆ,୫।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମ ସ୍ଥିତ ମା'ତାରିଣୀ ଆଶ୍ରମ ପରିସରରେ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଗ୍ରହ ପ୍ରତିଷ୍ଠା, କଳସ ସ୍ଥାପନ, ଅଙ୍କୁରାରୋପଣ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବକ୍ତା ପଣ୍ଡିତ ରାମ ନିରଞ୍ଜନ ଦାସ, କାଶୀନାଥ ରାଉତରାୟ ଏବଂ ହରିହର ଜେନା ଯୋଗଦେଇ ଶିବପାର୍ବତୀ ବିବାହ, ରାମଜନ୍ମ ଏବଂ ବାଲ୍ୟଲୀଳାଠାରୁ ଆରମ୍ଭ କରି କୁମ୍ଭକର୍ଣ୍ଣ ଓ ରାବଣ ବଧ, କାକଭୂଷଣ୍ଡି ଚରିତ ଆଦି ରାମ କଥା ପରିବେଷଣ କରିଥିଲେ ।

## ଚମ୍ପାଇଲୋର ରଘୁନାଥ ଦେବଙ୍କୁ ନିମନ୍ତ୍ରଣ



**ବୋଲଗଡ଼,୫।୩(ଦେବବ୍ରତ ହୋତା)**

**ପିଚୁକୁଳି ପଞ୍ଚଦୋଳ ଯାତ୍ରା ପ୍ରସ୍ତୁତି**

ପିଚୁକୁଳି ପଞ୍ଚଦୋଳ ଯାତ୍ରାରେ ଯୋଗଦେବା ପାଇଁ ଚମ୍ପାଇଲୋ ଗ୍ରାମର ରଘୁନାଥ ଦେବଙ୍କୁ ନିମନ୍ତ୍ରଣ କରାଯାଇଛି। ୭ଟି ମୌଜାର ଆରାଧ୍ୟ ତଥା ପଞ୍ଚଦୋଳ ଯାତ୍ରାର ରାଜଠାକୁର ନୀଳକଣ୍ଠେଶ୍ୱର ଦେବଙ୍କ ପକ୍ଷରୁ ପାରମ୍ପରିକ ଭାବେ ତାଳପତ୍ରରେ ଲେଖନୀଲେଖା ମାଧ୍ୟମରେ ନିମନ୍ତ୍ରଣ କରାଯାଇଛି। ପିଚୁକୁଳି ପଞ୍ଚଦୋଳ କମିଟି ପକ୍ଷରୁ ସଭାପତି ପବିତ୍ର ମୋହନ ମାଝି, ସମ୍ପାଦକ ବିରଞ୍ଚି ନାରାୟଣ ଖାଡଙ୍ଗା, ବ୍ରାହ୍ମଣ ହୃଷିକେଶ ପଟ୍ଟଯୋଶୀ, ପୂଜକ ସନ୍ତୋଷ ମହାପାତ୍ର, ସିଦ୍ଧାନ୍ତ ମହାପାତ୍ର, ପ୍ରଫୁଲ୍ଲ କରଣ, ବସନ୍ତ ନରେନ୍ଦ୍ର ପ୍ରମୁଖ ତାଳପତ୍ର ନିମନ୍ତ୍ରଣ ଧରି ଚମ୍ପାଇଲୋ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମବାସୀମାନେ ଅତିଥିଙ୍କୁ ସ୍ୱାଗତ କରି ଠାକୁର କୋଠୀକୁ ପାଛୋଟି ନେଇଥିଲେ। ସେଠାରେ ଯାତ୍ରାର ସମସ୍ତ ବିଧି ଓ ଶାନ୍ତିଶୃଙ୍ଖଳା ରକ୍ଷା ନେଇ ଆଲୋଚନା ହୋଇଥିଲା। ଆସନ୍ତା ୮ତାରିଖ ସନ୍ଧ୍ୟାରେ ରଘୁନାଥ ଦେବ ନୂତନ ନିର୍ମିତ ଦୋଳ ବିମାନରେ ବିଜେକରି ପିଚୁକୁଳି ଯାତ୍ରା ପଡ଼ିଆରେ ଉପସ୍ଥିତ ହୋଇ ସେଠାରେ ଠାକୁରଙ୍କ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ପିଣ୍ଡିରେ ଉପବିଷ୍ଟ ହେବେ ବୋଲି ସ୍ଥିର ହୋଇଛି।

## ପୋଲିସର ଥାର୍ଡ ଡିଗ୍ରୀ: ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ମଙ୍ଗୁଳି–ଜଗତପୁର,୫।୩ (ମାନସ ସାମଲ)**

**ଅଭିଯୋଗ ନ ଥାଇ ଥାନାରେ ୪ ଘଣ୍ଟା ଅଟକ ରହିଲେ ଯୁବକ**

ଚୌଦ୍ୱାର ଥାନାରେ ପୋଲିସର ମାତ୍ରାଧିକ ଥାର୍ଡ ଡିଗ୍ରୀ ବୁଧବାର ଦେଖିବାକୁ ମିଳିଛି। କୌଣସି ଏତଲା ନ ଥାଇ ଜଣେ ଯୁବକଙ୍କୁ ଚୌଦ୍ୱାର ପୋଲିସ ଘରୁ ଉଠାଇ ଆଣି ନିସ୍ତୁକ ମାଡ ମାରିଥିଲା। ନିଜ ଆତ୍ମସମ୍ମାନ ହାନି ପାଇଁ ଯୁବକ ଥାନା ପରିସରରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଘଟିଛି ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟ ପଞ୍ଚାୟତ ତାଳପଦା ଗ୍ରାମର ଅଜୟ ସାମଲ (ପବନା)ଙ୍କ କ୍ଷେତ୍ରରେ। ଅଜୟଙ୍କ ଅଭିଯୋଗ ମୁତାବକ, ଚୌଦ୍ୱାର ଅଞ୍ଚଳର ୧୦ରୁ ଅଧିକ ସେଣ୍ଟ୍ରିଂ କର୍ମଚାରୀ ହୋଲିରେ ଭୋଜି କରିବାକୁ ଡାଲିଯୋଡା ବ୍ରହ୍ମପୁର ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ନିଜ ଭିତରେ ପାଟିତୁଣ୍ଡ ହେବାରୁ ଭୋଜି ନ କରି ଘରକୁ ଫେରି ଆସିଥିଲେ। ସେହି ସମୟରେ ଗ୍ରାମର କେତେଜଣ ଯୁବକ ବାଡି ଧରି ତାଙ୍କୁ ମାରିବାକୁ ଘରକୁ ଆସିଥିଲେ। ନିଜକୁ ବଞ୍ଚାଇବାକୁ ଏକ କାଚ ବୋତଲ ଭାଙ୍ଗିବାରୁ ଜଣଙ୍କ ମୁଣ୍ଡରେ ତାହା ବାଜି ସାମାନ୍ୟ ଆହତ ହୋଇଥିଲେ। ଏହାପରେ ଘଟଣାସ୍ଥଳରେ ଚୌଦ୍ୱାର ଥାନା ଏସ୍ଆଇ ସମରଜ୍ୟୋତି ବିଶ୍ୱାଳ ଓ ୪ଜଣ କନଷ୍ଟେବଲ ପହଞ୍ଚି ଉଦ୍ଦେଶ୍ୟମୂଳକ ଭାବେ କେବଳ ମୋତେ ଉଠାଇ ଆଣିଥିଲେ। ମୁଁ ନିର୍ଦ୍ଦୋଷ ମୋତେ କାହିଁକି ଏକା ଆଣିଲ ବୋଲି କହିବାରୁ ରାସ୍ତାରେ ୩ଜଣ କନଷ୍ଟେବଲ ନିସ୍ତୁକ ମାଡ ମାରି ଦୋଷ ସ୍ୱୀକାର କରିବାକୁ ବାଧ କରିଥିଲେ। ଥାନା ଗେଟରେ ପ୍ରବେଶ କରିବା ମାତ୍ରେ ଏସ୍ଆଇ ସମରଜ୍ୟୋତି ବିଶ୍ୱାଳ ହଠାତ ପିସିଆର ଭିତରେ ମୋ ଛାତି ଉପରେ ଆଣ୍ଠୁ ମାଡ଼ି ମୋ ଗାଲ ଓ ମୁଣ୍ଡଙ୍କୁ ୧୦ରୁ ଅଧିକ ଥର ମୁଥ ମାରିଥିଲେ। ସେହି ସମୟରେ ଧରିତ୍ରୀ ପ୍ରତିନିଧି ପହଞ୍ଚି ଏସ୍ଆଇଙ୍କୁ ଯୁବକ କାହିଁକି ଅମାନୁଷିକ ଭାବେ ମାରୁଛ ବୋଲି ପଚାରିବାରୁ ସେ ମାଡ଼ ବନ୍ଦ କରିଥିଲେ। ତଥାପି ୩ଜଣ କନଷ୍ଟେବଲ ମୋ କଲରକୁ ଧରି ଟାଣି ଟାଣି ନେଇ ଯାଇଥିଲେ। ମୁଁ ମାନସିକ ଭାରସମ୍ୟା ଆତ୍ମହତ୍ୟା କରିବି ବୋଲି ଜିଦ କରିଥିଲି। ଯୁବକଙ୍କ ନାଁରେ କୌଣସି ଲିଖିତ ଅଭିଯୋଗ ହୋଇଛି କି ଏସ୍ଆଇ ସମରଜ୍ୟୋତିଙ୍କୁ ପଚାରିବାରୁ ତାଙ୍କ ପାଟି ଖେନି ମରିଯାଇଥିଲା। ଯୁବକଙ୍କ ନାଁରେ ଏତଲା କେହି ଦେଇନାହାନ୍ତି। ସ୍ଥାନୀୟ ସରପଞ୍ଚ ଫୋନ କରି ଅଭିଯୋଗ କରିବାରୁ ଯୁବକଙ୍କୁ ଥାନାକୁ ଆଣିଛୁ ବୋଲି ଏସ୍ଆଇ ବିଶ୍ୱାଳ କହିଥିଲେ। ପ୍ରାୟ ୪ ଘଣ୍ଟା ପରେ ଅପରପକ୍ଷକୁ ପୋଲିସ ଡକାଇ ଆପୋସ ସମାଧାନ କରି ଛାଡ଼ିଥିବା ଜଣାପଡ଼ିଛି। ଚୌଦ୍ୱାର ଥାନା ଅଧିକାରୀ କୁହନ୍ତି, ପୋଲିସ ଏଭଳି କାର୍ଯ୍ୟ କରିବା ମୋର ଅବଗତ ନାହିଁ। ତଥାପି ମୁଁ ପଚାରିବୁଝୁଛି ବୋଲି କହିଥିଲେ।

**ବିଶୃଙ୍ଖଳ ଆଚରଣ ପାଇଁ ୩ ସେବକଙ୍କୁ କୈଫିୟତ୍ ତଲବ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ସେବାପୂଜାରେ ବିଳମ୍ବ, କର୍ତ୍ତବ୍ୟରତ ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର ଓ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ୩ଜଣ ସେବକଙ୍କୁ ମୁଖ୍ୟ ପ୍ରଶାସକ କୈଫିୟତ୍ ତଲବ କରିଛନ୍ତି। ସେମାନେ ହେଲେ ରାମକୃଷ୍ଣ ଖୁଣ୍ଟିଆ, ମାଧବ ଖୁଣ୍ଟିଆ ଓ ମଧୁସୂଦନ ଖୁଣ୍ଟିଆ। ଉକ୍ତ ୩ଜଣଙ୍କୁ ୭ଦିନ ମଧରେ ଲିଖିତ କୈଫିୟତ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାମକୃଷ୍ଣ ଖୁଣ୍ଟିଆଙ୍କ ବିରୋଧରେ ଜାରି ହୋଇଥିବା ଶାଡ଼ିବନ୍ଧା ଆଦେଶ କାହିଁକି ପ୍ରତ୍ୟାହାର କରାଯିବ ନାହିଁ, ସେ ବିଷୟରେ ସନ୍ତୋଷଜନକ ଉତ୍ତର ଦେବା ପାଇଁ ମଧ ନୋଟିସ୍ ଜାରି କରାଯାଇଛି।

## ଶିଳାଶ୍ରୀର କବିତା ଆସର, ୯ ମହିଳା ସମ୍ମାନିତ

ଭୁବନେଶ୍ୱର,୫।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୁଲ୍ୟରେ ଶିଳାଶ୍ରୀ ପକ୍ଷରୁ ଗୁରୁବାର ବୁଦ୍ଧ ମନ୍ଦିରଠାରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ନିତିଦିନର ସମ୍ପାଦକ ମନୋଜ ମହାପାତ୍ର, ଆକାଶବାଣୀ ଗୀତିକାର ସଚି ମହାନ୍ତି, ଗୀତିକାର ବସନ୍ତ ଦାସ ଯୋଗଦେଇଥିଲେ। ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ କବିତା ସଂକଳନ 'ସୁରଭି'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସମ୍ପାଦିକା ବାସନ୍ତୀ ଦାସ ଓ ବିଶ୍ୱମିତ୍ରା ମିଶ୍ରଙ୍କ ସଂଯୋଜନାରେ ମଞ୍ଜୁଲା ତ୍ରିପାଠୀ, ଶୁଭଶ୍ରୀ ପଟ୍ଟନାୟକ, ଆଶାଲତା ପଣ୍ଡା, ଧରିତ୍ରୀ ରାୟ, ଗୀତାଞ୍ଜଳି ମହାପାତ୍ର, ଗୀତାରାଣୀ କର ପ୍ରମୁଖ କବିତା ଆବୃତ୍ତି କରି ସମ୍ବର୍ଦ୍ଧିତ ହୋଇଥିଲେ। ଏଥିସହ କଳିଙ୍ଗ ପୁସ୍ତକ ମେଳା ଅଧକ୍ଷା ରେଣୁକା ମିଶ୍ର, ଅଭିନେତ୍ରୀ ବାସନ୍ତୀ ଜେନା, ସମାଜିକ କର୍ମୀ ଗୀତାଞ୍ଜଳି ମହାପାତ୍ର, ନଳିନୀପ୍ରଭା ସାମନ୍ତରାୟ, କବି ନିରୁପମା ରାୟ, ଶିକ୍ଷାବିତ ଡ. ପ୍ରମୋଦିନୀ ହୋତା,ବସୁମତୀ ଶତପଥୀ, ସରୋଜିନୀ ପଟ୍ଟନାୟକ ଏବଂ କାନ୍ତିଲତା ଦାଶଙ୍କୁ ସମ୍ମାନିତ କରାଯାଇଥିଲା।

# ଧାରଣାରେ ବସିଲେ ବିଜେବି କଲେଜ ହଷ୍ଟେଲ ଛାତ୍ର

**ଅପରିଷ୍କାର ପାଣି, ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ**

ଭୁବନେଶ୍ୱର, ୫।୩(ସୁଚିସ୍ମିତା ସାହୁ)



ରାଜ୍ୟର ପ୍ରମୁଖ ତଥା ପୁରାତନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ହଷ୍ଟେଲରେ ଅନ୍ତେବାସୀ ଛାତ୍ରମାନଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ ଓ ଅପରିଷ୍କାର ପାଣି। ଏହାକୁ ନେଇ ଅଶୋକା ହଷ୍ଟେଲ ଅନ୍ତେବାସୀ ଗୁରୁବାର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସେମାନଙ୍କ ଅଭିଯୋଗ ହେଲା, କିଛି ମାସ ତଳେ ଆମ ଖାଦ୍ୟରେ ପୋକ, ମାଛି, ତେଲଗୁଣି ବାହାରିଥିଲା। ସେହିପରି ଦେଢ଼ମାସ ହେବ ଛାତ୍ରମାନେ ଖରାପ ପାଣି ପିଉଛନ୍ତି। ଉକ୍ତ ହଷ୍ଟେଲରେ ୩୦୦ ଶହରୁ ଅଧିକ ପିଲା ରହୁଛନ୍ତି। ବୋରିଂରୁ ବାହାରୁଥିବା ଖରାପ ପାଣି ପିଇବାକୁ ଦିଆଯାଉଛି। ହୋଲିରେ ମଧ ପିଲାମାନେ ପାଣି ପିଇବା ପାଇଁ ହଇରାଣ ହୋଇଥିଲେ। ଅନ୍ୟ ଏକ ହଷ୍ଟେଲରୁ ପାଣି ଆସିଲା ପରେ ରାତି ୧୧ଟାରେ ଦିଆଯାଇଥିଲା। ଖାଲି ପାଣି ନୁହେଁ, ବରଂ ଖାଦ୍ୟ ମଧ ଖାଇହେଉ ନାହିଁ। କେତେବେଳେ ଭାତ, ରୁଟି, ଉପମା ଓ ତରକାରିରୁ ପୋକ, ତେଲଗୁଣି ବାହାରୁଛି ତ ଆଉ କେତେବେଳେ ବାସି ମାଛ ଓ ଖରାପ ପନିପରିବାରେ ତରକାରି ରାନ୍ଧି ଦିଆଯାଉଛି। ଏନେଇ ସେମାନେ ବାରମ୍ବାର କଲେଜ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଅଭିଯୋଗ କରୁଥିଲେ ମଧ କିଛି ସୁଫଳ ମିଳୁନାହିଁ।

ଏ ସମ୍ପର୍କରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ମିଶ୍ର କହିଛନ୍ତି, ଗତ କିଛିଦିନ ହେବ ପିଲାଙ୍କୁ ତାଙ୍କ ଡିମାଣ୍ଡ ଅନୁସାରେ ଖାଦ୍ୟ ଦିଆଯାଉଛି। ଆଜିର ଏହି ଆନ୍ଦୋଳନ ଖାଦ୍ୟ ପାଇଁ ନୁହେଁ, ବରଂ ପାଣି ପାଇଁ ଥିଲା। ଗୋଟିଏ ବୋରିଂରେ ପାଣି ଆସୁ ନ ଥିଲା। ଅନ୍ୟ ଏକ ବୋରିଂରେ ଯେଉଁ ପାଣି ଆସୁଥିଲା, ସେହି ପାଣି ଭଲ ଲାଗୁ ନ ଥିଲା ବୋଲି ସେମାନେ ପିଉ ନ ଥିଲେ। ହେଲେ ପାଣି ପରୀକ୍ଷା କରିବା ପରେ ତାହା ପିଇବା ଉପଯୋଗୀ ବୋଲି ପିଲାଙ୍କୁ କୁହାଯାଇଛି। ଏମିତିକି ମଝିରେ ପିଲାଙ୍କୁ ୱାଟ୍‌କୋର ଭଲ ପାଣି ପିଇବାକୁ ଦିଆଯାଇଥିଲା। ହେଲେ ସେ ପାଣି ଭଲ ପଡ଼ି ନ ଥିଲା। ଏବେ ପିଲାଙ୍କୁ ୱାଟ୍‌କୋ ପକ୍ଷରୁ ଭଲ ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାଚସ୍ପତି ସୁରମା ପାଢ଼ୀ ଫଗୁ ଲଗାଇ ହୋଲି ଶୁଭେଚ୍ଛା ଜଣାଉଛନ୍ତି।

## ଟ୍ରେନ୍ ଲାଇନରୁ ବିଲ୍ଡରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)

ଟ୍ରେନ ଲାଇନ୍‌ରୁ ମଙ୍ଗଳବାର ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ହୋଇଛି। ମୃତଯୁବକ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୋତଣ୍ଡା ଗ୍ରାମର ମୁରଲୀଧର ବେହେରା ଓରଫ ପପୁ। ପରିବାର ଲୋକଙ୍କ କହିବା ଅନୁସାରେ ପପୁ ବିଲ୍ଡର ଭାବେ କାମ କରନ୍ତି। ସୋମବାର ରାତି ୯ଟାରେ ସେ ଘରୁ ବାହାରି ଯାଇଥିଲେ। ପରେ ତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ବହୁ ଖୋଜାଖୋଜି କରିବା ପରେ ମଙ୍ଗଳବାର ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଟ୍ରେନ ଲାଇନ୍‌ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପପୁଙ୍କ ସହ ପାର୍ଟନର ଭାବେ କାର୍ଯ୍ୟ କରୁଥିବା ଲୋକ ହିଁ ହତ୍ୟା କରି ଟ୍ରେନ୍ ଲାଇନରେ ଫୋପାଡ଼ି ଦେଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜିଆର୍‌ପି ପୋଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଜିଆର୍‌ପି ତଦନ୍ତ ଆରମ୍ଭ କରିଛି। ପପୁଙ୍କ ଫୋନ୍‌ର ସିଡିଆର୍ ପୋଲିସ ଯାଞ୍ଚ କରୁଛି। ମୃତ୍ୟୁ ପୂର୍ବରୁ ସେ କେଉଁମାନଙ୍କ ସହ କଥା ହୋଇଥିଲେ ସେମାନଙ୍କୁ ଜିଆର୍‌ପି ଚିହ୍ନଟ କରୁଛି।

# ମଧ୍ୟାହ୍ନ ଭୋଜନ ପାଇଁ କାମ କରୁଛନ୍ତି ଛାତ୍ର

**ଛାତ୍ର ଖାଦ୍ୟ ସାମଗ୍ରୀ ବୋହିବା ଫଟୋ ଭାଇରାଲ**

ବାରଙ୍ଗ,୫।୩(ଲିଙ୍ଗରାଜ ରାଉତ)



ସରକାରୀ ବିଦ୍ୟାଳୟର ପାଠ ପଢ଼ିବାକୁ ପିଲାମାନଙ୍କ ମଧରେ ଆଗ୍ରହ ବଢ଼ାଇବା ପାଇ ସରକାର ବହୁବିଧ ଯୋଜନା କରିଛନ୍ତି। ଏଥିସହ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ମଧ୍ୟାହ୍ନ ଭୋଜନର ମଧ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରୋଷେଇ ସାମଗ୍ରୀ କିଣିବା, ମଧ୍ୟାହ୍ନ ଭୋଜନ ତିଆରି କରିବା, ଠିକ ସମୟରେ ପରଷିବା, ସଫା କରିବା ଓ ଏହାକୁ ପରିଚାଳନା କରିବା ପାଇଁ ସରକାର ମହିଳାମାନଙ୍କୁ ନିୟୋଜିତ କରିଛନ୍ତି। ଆବଶ୍ୟକତାକୁ ଦେଖି ସତନ୍ତ୍ର ଭାବେ ଯୋଗାଣକାରୀ ସଂସ୍ଥାଠାରୁ ମଧ୍ୟାହ୍ନ ଭୋଜନ ଆଣିବାର ବ୍ୟବସ୍ଥା ମଧ କରାଯାଇଛି। ଏହାସତ୍ତ୍ୱେ ପିଲାମାନଙ୍କୁ କାମରେ ଲଗାଯାଉଛି। ଏହାର ଉଦାହରଣ ଗୁରୁବାର ଫୁଲପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟର ୨ଜଣ ଛାତ୍ର ବିଦ୍ୟାଳୟ ଫାଟକ ବାହାରୁ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଆଣିଥିବା ଖାଦ୍ୟକୁ ବୋହି ବିଦ୍ୟାଳୟ ପରିସରକୁ ନେଉଥିବା ଦେଖିବାକୁ ମିଳିଛି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରଲ ହୋଇଛି।

ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ରେ ବିଦ୍ୟାଳୟକୁ ଖାଦ୍ୟ ଯୋଗାଉଥିବା ଗାଡ଼ି ଖାଦ୍ୟ ଆଣି ପହଞ୍ଚିଥିଲା। ଏହି ଖାଦ୍ୟ ସାମଗ୍ରୀକୁ ବିଦ୍ୟାଳୟ ପରିସରକୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ୫ଜଣ ମହିଳା କିମ୍ବା ଖାଦ୍ୟ ଆଣିଥିବା ଗାଡ଼ିର କର୍ମଚାରୀ ଆଣିବା କଥା। ମାତ୍ର ଏପରି କରା ନ ଯାଇ ଏହି କାର୍ଯ୍ୟରେ ୨ଜଣ ଛାତ୍ରଙ୍କୁ ନିୟୋଜିତ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ଏବିଇଓ ପ୍ରଫୁଲ୍ଲ ରଥଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ସେ କହିଛନ୍ତି। ତେବେ ଏହି ଘଟଣା ଉପରେ ସେ ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି।

## ଶିବାଙ୍କ ବୟାନ ପରେ ଅଡୁଆରେ ପୋଲିସ

**ୟୁଟ୍ୟୁବର ରାହୁଲ ହତ୍ୟା ମାମଲା**

■ 'ପୁତୁରା ନୁହେଁ ଯବାନ ହିଁ କରିଥିଲେ ଛୁରାମାଡ଼'

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)

ୟୁଟ୍ୟୁବର ରାହୁଲ ମହାରଣା ହତ୍ୟା ମାମଲାରେ ଶିବା ଏବଂ ତାଙ୍କ ଦୁଇ ସାଙ୍ଗ ଗଣମାଧ୍ୟମ ଆଗରେ ସବୁ କିଛି କହିଛନ୍ତି। ପୋଲିସ ପ୍ରେସ୍‌ମିଟ୍ କରି ଯେଉଁ ଥିଓରି କହିଥିଲା ତା' ସହିତ ଶିବାଙ୍କ କଥାରେ ତାଳମେଳ ରହୁନାହିଁ। ଶିବା ସହ ତାଙ୍କ ଦୁଇ ସାଙ୍ଗ ସଚ୍ଚିନ ଓ ବବୁଲ ସେଦିନର କାଳ ରାତିର ପ୍ରତ୍ୟକ୍ଷଦର୍ଶୀ ଥିଲେ। ପୋଲିସ ଘଟଣା ପଛରେ ମଦ୍ୟପାନ ଓ ହଠାତ୍ ଛୁରାମାଡ଼ କଥା କହିଥିଲା। ଏଥିସହ ଯବାନ ନୁହେଁ, ତାଙ୍କ ପୁତୁରା ଛୁରି ମାରିଛନ୍ତି ବୋଲି କହିଥିଲା। ହେଲେ ପୁତୁରା ନୁହେଁ ବରଂ ଯବାନ ହିଁ ଛୁରାମାଡ଼ କରିଛନ୍ତି ବୋଲି ଶିବା କହିଛନ୍ତି। ଶିବାଙ୍କ ଏଭଳି ବୟାନ ପରେ ପୋଲିସ ଅଡୁଆରେ ପଡ଼ିଯାଇଛି।

ଫେବୃଆରୀ ୨୮ ତାରିଖ ରାତିରେ ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ରାହୁଲ, ଶିବା, ସଚ୍ଚିନ ଓ ବବୁଲ ଖଟି କରୁଥିଲେ। ଆଉ କିଛି ଦୂରରେ ବସି ଅନ୍ୟ ୩ ଜଣ ନିଶା ସେବନ କରୁଥିଲେ। ଏହି ସମୟରେ ରାହୁଲଙ୍କ ସାଙ୍ଗ ଫୋନ୍‌ରେ କଥା ହୋଇ କାହାକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏହାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧରେ କଥା କଟାକଟିରୁ ପାଟିତୁଣ୍ଡ ହୋଇଥିଲା। ଆଉ ହଠାତ୍ ଅପରଗୋଷ୍ଠୀର ଜଣେ ଯୁବକ ରାହୁଲଙ୍କୁ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ରାହୁଲଙ୍କୁ ମେଡିକାଲ ନେଇଥିଲେ ହେଁ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଶିବା କହିଛନ୍ତି ଯେ, ସେଦିନଦି ଝଗଡ଼ାରେ ତାଙ୍କୁ ବି ନିସ୍ଟୁକ ମାଡ଼ ହୋଇଥିଲା। ଏପରି କି ତାଙ୍କ ମୁଣ୍ଡକୁ ମଧ ଜୋରରେ ବାଡ଼େଇଥିଲେ। ଫଳରେ ସେ ବେହୋସ ହୋଇଯାଇଥିଲେ। ତାପରେ କ'ଣ ହେଲା ସେ ଜାଣି ନାହାନ୍ତି। ଚେତା ଆସିବା ବେଳକୁ ସେ ମେଡିକାଲରେ ଥିଲେ। ସେଠାରୁ ଚିକିତ୍ସା ପରେ ପରିବାର ଲୋକେ ଘରକୁ ନେଇଯାଇଥିଲେ ବୋଲି ଶିବା କହିଛନ୍ତି। ବୁଧବାର ରାତିରେ ପୋଲିସ ଶିବାଙ୍କୁ ଡାକି ବୟାନ ରେକର୍ଡ କରିଛି। ସେପଟେ ପୋଲିସର ମର୍ଡର ଥିଓରିକୁ ଗ୍ରହଣ କରିପାରୁ ନାହାନ୍ତି ରାହୁଲଙ୍କ ସ୍ତ୍ରୀ ତ୍ରିଷ୍ଣା ଓ ତାଙ୍କ ପରିବାର। ରାହୁଲ ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ପ୍ରତ୍ୟକ୍ଷଦର୍ଶୀ କିଛି ଭିନ୍ନ ଉତ୍ତର ରଖିବା ପରେ ଏବେ ପୂରା ଘଟଣା ଗୋଳମାଳିଆ ସ୍ଥିତିରେ ରହିଛି। ତ୍ରିଷ୍ଣା ପୁରୁଣା ଘଟଣାକୁ ହତ୍ୟାକାଣ୍ଡ ସହ ଯୋଡୁଥିବାବେଳେ ପୋଲିସ କାହିଁକି ସେଥିରୁ ନିଜକୁ ଦୂରେଇ ରଖୁଛି ? ଏପରିକି ତ୍ରିଷ୍ଣା ମିଡିଆରେ ମୁହଁ ଖୋଲିବା ପରେ ପୋଲିସ ଯାଇ ରାତିରେ ଶିବାଙ୍କ ବୟାନ ରେକର୍ଡ କରିଛି।

## ଝିଣ୍ଟି ମେଳଣ ଉଦ୍‌ଯାପିତ



ବାଳକାଟୀ,୫।୩(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଝିଣ୍ଟି ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣ ଆବାହମାନ କାଳରୁ କପିଳନାଥ ଦେବଙ୍କ ଥାନପତିତ୍ୱରେ ଦୋଳଯାତ୍ରା ଅନୁଷ୍ଠିତ ହୋଇଆସୁଅଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ପୂର୍ଣ୍ଣମୀ ଦିନ ଦୋଳବେଦିରେ ମେଳଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରଦିନ ଅର୍ଥାତ୍ ହୋଲି ଦିନ ମଧରାତ୍ରିରେ ଦୋଳ ମେଳଣ ଜମାଣ ଜମିଥିଲା। ଗୁରୁବାର ଭୋର ସମୟରେ ଝିଣ୍ଟି ଗ୍ରାମ ଭାର୍ଗବୀ ନଦୀକୂଳ ମେଳଣ ପଡିଆରେ ବାଜା ବାଣ ରୋଶଣି କରି ବିମାନଗୁଡ଼ିକ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ମେଳଣରେ ଆଖପାଖ ଅଞ୍ଚଳର ୨୦ଟି ଦୋଳ ବିମାନରେ ଆସି ଅଂଶ ଗ୍ରହଣ କରିଥିଲେ। ସାଗରସ୍ନାନ ପରେ ଠାକୁରମାନେ ଗୁରୁବାର ରାତିରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ମେଳଣର ଏକ ସ୍ୱତନ୍ତ୍ରତା ହେଉଛି ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିରକୁ ଏକକାଳୀନ ଏକ ପାଲିଙ୍କି ସହିତ ଚାରି ଦୋଳ ଜମାଣରେ ଭାଗ ନେଇଥାନ୍ତି। ସ୍ଥାନୀୟ ଅଞ୍ଚଳର ଏହା ପ୍ରଥମ ମେଳଣ ହେତୁ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

## ଯକୃତ ପ୍ରତିରୋପଣ ସଫଳତାରେ କିମ୍‌ସର ରେକର୍ଡ

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)



ଭାରତରେ ଯକୃତ ରୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ପାଲଟିଛି। ଲିଭର ସିରୋସିସ୍, ଯକୃତ ଠିକ୍ ଭାବେ କାମ ନ କରିବା ଓ ଯକୃତ ରୋଗର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ରୋଗୀଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ସେଭଳି କ୍ଷେତ୍ରରେ ଅଧିକାଂଶ ରୋଗୀଙ୍କ ପାଇଁ ଯକୃତ ପ୍ରତିରୋପଣ ଏକମାତ୍ର ବିକଳ୍ପ ଓ ଜୀବନ ରକ୍ଷାକାରୀ ଚିକିତ୍ସା ଭାବେ ଉଭା ହୋଇଛି। ଏଭଳି ପରିସ୍ଥିତିରେ ଓ ସର୍ବାଧିକ ସଂଖ୍ୟକ ସଫଳ ଯକୃତ ପ୍ରତିରୋପଣ କରି କିମସ୍ ରେକର୍ଡ କରିଛି। ହାଇଦ୍ରାବାଦର ପ୍ରସିଦ୍ଧ ଏଆଇଜି ହସ୍‌ପିଟାଲ ସହଯୋଗରେ କିମ୍‌ସ ଲିଭର ଟ୍ରାନ୍ସପ୍ଲାଣ୍ଟେଶନ ୟୁନିଟ କ୍ଲିନିକାଲ ଦକ୍ଷତା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ପ୍ରମାଣ ଭିତ୍ତିକ ପ୍ରୋଟୋକଲଗୁଡ଼ିକୁ ସମନ୍ୱିତ କରି ସାମଗ୍ରିକ ଏବଂ ରୋଗୀ–କୈନ୍ଦ୍ରିକ ସେବା ପ୍ରଦାନ କରିଥାଏ। ଫଳରେ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ରୋଗୀମାନେ ଦୂରଦୂରାନ୍ତକୁ ନ ଯାଇ ଅତି ନିକଟରେ ଉନ୍ନତ ସେବା ପାଇ ପାରୁଛନ୍ତି। ଏ ନେଇ ବରିଷ୍ଠ ସର୍ଜନ ଡା. ସତ୍ୟ ପ୍ରକାଶ ରାୟ ଚୌଧୁରୀ କହିଛନ୍ତି, କିମ୍‌ସରେ ସର୍ବାଧିକ ଯକୃତ ପ୍ରତିରୋପଣ ସହ ପ୍ରଥମ କାଡାଭେରିକ ଯକୃତ ପ୍ରତିରୋପଣ, ପ୍ରଥମ ଶିଶୁ ଯକୃତ ପ୍ରତିରୋପଣ ଓ ପ୍ରଥମ ଲାପାରୋସ୍କୋପିକ ଡୋନର ହେପାଟେକ୍ଟୋମି କରି କିମ୍‌ସ ରେକର୍ଡ କରିଥିବା ଡା. ରାୟ ପ୍ରକାଶ କରିଛନ୍ତି। ଏହି ସଫଳତାଗୁଡ଼ିକ କେବଳ ଶଲ୍ୟ ଚିକିତ୍ସାର ଉତ୍କର୍ଷତାକୁ ପ୍ରତିଫଳିତ କରେ ନାହିଁ ବରଂ ନବସର୍ଜନା, ଅଙ୍ଗଦାତା ସୁରକ୍ଷା ଏବଂ ନୀତିଗତ ପ୍ରତିରୋପଣ ଅନୁଶୀଳନ ପ୍ରତି ମଧ ପ୍ରତିଫଳିତ କରେ। ପୂର୍ବରୁ ଉନ୍ନତ ଯକୃତ ପ୍ରତିରୋପଣ ପାଇଁ ରୋଗୀଙ୍କୁ ଦିଲ୍ଲୀ, ମୁମ୍ବାଇ ଆଦି ସହରକୁ ଯିବାକୁ ପଡେ। ଏବେ କିମ୍‌ସରେ ଉନ୍ନତ ଯନ୍ତ୍ରପାତି ସୁବିଧା, ଅନୁଭୂତିସମ୍ପନ୍ନ ଦକ୍ଷ ବିଶେଷଜ୍ଞ ଓ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ପାଇଁ କିମ୍‌ସରେ ସଫଳ ଯକୃତ ପ୍ରତିରୋପଣ ହୋଇପାରୁଛି। କିମ୍‌ସ ଯକୃତ ପ୍ରତିରୋପଣ ଦଳରେ ଅଭିଜ୍ଞ ହେପାଟୋଲୋଜିଷ୍ଟ, ପ୍ରତିରୋପଣ ସର୍ଜନ, ଆନାସ୍ଥେସିଓଲୋଜିଷ୍ଟ, ଇଣ୍ଟେନ୍ସିଭିଷ୍ଟ, ରେଡିଓଲୋଜିଷ୍ଟ, ପାଥୋଲୋଜିଷ୍ଟ, ପ୍ରତିରୋପଣ ସଂଯୋଜକ ଓ ଉତ୍ସର୍ଗୀକୃତ ନର୍ସିଂ କର୍ମଚାରୀ ଅଛନ୍ତି। ଏହା ସହ ଏହି ବ୍ୟବସ୍ଥାରେ ଉନ୍ନତ ଇଣ୍ଟେନ୍ସିଭ କେୟାର ୟୁନିଟ, ଆଧୁନିକ ଅସ୍ତ୍ରୋପଚାର ଥିଏଟର ଓ ବ୍ୟାପକ ଡାଇଗ୍ନୋଷ୍ଟିକ ସୁବିଧା ରହିଛି।

## ଯାତ୍ରା ପେଣ୍ଡାଲରେ ଖଣ୍ଡା ବୁଲାଇ ଆତଙ୍କ, ୪ ଗିରଫ

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)

ଲିଙ୍ଗିପୁରରେ ଚାଲିଥିବା ଯାତ୍ରା ପାର୍ଟି ଭିତରକୁ ପଶି ଖଣ୍ଡା ବୁଲାଇ ଆତଙ୍କ ରଚିବା ସହ କମିଟି ସଦସ୍ୟଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଧଉଳି ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୀଲ କୁମାର ସୁନ୍ଦରାୟ, ସ୍ୱସ୍ତିକ ନାୟକ, ଆଶୁତୋଷ ଜେନା ଏବଂ ଦେବେନ୍ଦ୍ର ନାଥ ଗୌଡ଼।

ସୂଚନାଯୋଗ୍ୟ, ବୁଧବାର ଲିଙ୍ଗିପୁର ଗ୍ରାମରେ ଏକ ଅପେରା ଯାତ୍ରା ଚାଲିଥିଲା। ବିଳମ୍ବିତ ରାତ୍ରି ପ୍ରାୟ ୧ଟା ୩୦ମିନିଟରେ ଶିଶୁପାଳଗଡ଼ ପାର୍ଶ୍ୱରୁ ପ୍ରାୟ ୮ ରୁ ୧୦ ଜଣ ଅସାମାଜିକ ଯୁବକ ଏକ ଜିପ୍ ଓ ମୋଟର ସାଇକେଲରେ ସଭାସ୍ଥଳରେ ପହଞ୍ଚିଥିଲେ। ସେମାନେ ଯାତ୍ରା କମିଟି ଦ୍ୱାରା ଲଗାଯାଇଥିବା ବ୍ୟାରିକେଡ୍ ଭାଙ୍ଗି ଗାଡ଼ି ସହିତ ଜୋରଜବରଦସ୍ତ ପ୍ରବେଶ କରିଥିଲେ। ଏଥିରେ କମିଟି ସଦସ୍ୟମାନେ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ପରେ ସେଠାରେ ଖଣ୍ଡା ବୁଲାଇ ଆତଙ୍କ ରଚିଥିଲେ। ସେମାନଙ୍କର ଆକ୍ରମଣାତ୍ମକ ଆଚରଣ ଯୋଗୁ ସମବେତ ଜନସାଧାରଣଙ୍କ ମଧରେ ଆତଙ୍କ ଓ ଭୟଭୀତ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

## ପୋଲିସ ସାମ୍ନାରେ ଇଟାରେ ଆକ୍ରମଣ, ୨ଗିରଫ

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)

ଧଉଳି ଥାନା ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ହୋଲିଖେଳ ସମୟରେ ପୋଲିସ ସମ୍ମୁଖରେ ଆକ୍ରମଣ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ଅଭିଯୁକ୍ତ ଶୁଣି ନ ଥିଲେ। ଶେଷରେ ପୋଲିସ ୨ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ନେଇଥିଲା। ଏନେଇ ଧଉଳି ଥାନାରେ ଗଣେଶ ପ୍ରସାଦ ମୁଖୀଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁକରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲିଟନ ଜେନା ଏବଂ ଚନ୍ଦନ ଜେନା। ଉଭୟଙ୍କ ଘର ଶିଶୁପାଳଗଡ଼ ଜେନା ସାହିରେ। ସୂଚନାଯୋଗ୍ୟ, ବୁଧବାର ଗଣେଶ ପ୍ରସାଦ ସ୍କୁଟିରେ ତାଙ୍କ ଘରୁ ବାହାରି ଧଉଳି ଅଞ୍ଚଳ ଅଭିମୁଖେ ଯାଉଥିବା ସମୟରେ ନୂଆଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଜଣା କାର ଦ୍ରୁତ୍‌ଗତିରେ ତାଙ୍କୁ ଅତିକ୍ରମ କରିଥିଲା, ଯାହାକୁ ନେଇ ଉଭୟପକ୍ଷଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ବଚସା ସମୟରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟ ଅଭିଯୁକ୍ତ ଦୁହେଁ ହତ୍ୟା ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କ ମୁଣ୍ଡରେ ସିମେଣ୍ଟ ଇଟା ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ସେ ରକ୍ତାକ୍ତ ହୋଇଥିଲେ। ଆହତ ଅଭିଯୋଗକାରୀଙ୍କୁ ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା।

## ଅତିଥିଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)



ପ୍ରତିବର୍ଷ ପରି ଚଳିତବର୍ଷ କିସ୍‌ରେ ହୋଲି ପାଳିତ ହୋଇଯାଇଛି। ମଙ୍ଗଳବାର କିସ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଥମେ ଗୀତିକାର ଅଭିଜିତ ମଜୁମଦାର ଓ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ କିସ୍ ଛାତ୍ରୀଛାତ୍ରମାନେ ବିଶିଷ୍ଟ ଓ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ରାଭିନେତାଙ୍କ ସହ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା କିସ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ଅବିର ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ କିସ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଂଗୀତ, ସଂଳାପ ଓ ହାସ୍ୟରସରେ ମନୋରଞ୍ଜନ କରିଥିଲେ। କିଟ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି କିଟରେ ହେବାକୁ ଥିବା ବିଶ୍ୱ ବିଚ୍ ଭଲିବଲ ଚାମ୍ପିଅନସିପରେ ଅଂଶ ଗ୍ରହଣ କରିବାକୁ ଆସିଥିବା ୫୨ ଦେଶର ଖେଳାଳି ଓ ଅଫିସିଆଲ ଓ ଜାପାନ ଦୋସିସା ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ କିସ୍ ପିଲାଙ୍କ ସହ ହୋଲି ଖେଳିଥିଲେ। ଏହି ହୋଲି ଉତ୍ସବରେ ସିନେ ସମୀକ୍ଷକ ଦିଲୀପ ହାଲି, ଅଭିନେତା ସବ୍ୟସାଚୀ, ଦେବାଶିଷ, ଅଭିନେତ୍ରୀ ଏଲିନା, ପିହୁ ମହାପାତ୍ର, ମେଘନା ମିଶ୍ର, ଅଙ୍କିତା ମହାନ୍ତି, ଦିବ୍ୟା, ହାସ୍ୟ ଅଭିନେତା ଜ୍ଞାନ ହୋତା, ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ ଓରଫ ହାଡୁ, କଣ୍ଠଶିଳ୍ପୀ ଗୀତା ଦାସ, ବିଭୁ କିଶୋର, ସୋହିନୀ, ଅନ୍ତରା ଚକ୍ରବର୍ତ୍ତୀ, ବର୍ଣ୍ଣାଳୀ ହୋତା, ଜୟଶ୍ରୀ ଧଳ, ଗୁରୁ ଶରତ ଦାସ, ଓ ନୃତ୍ୟଶିଳ୍ପୀ ଇଲିଆନା ସିତାରିଷ୍ଟି, ଗୁରୁ ଶାଶ୍ୱତ ଯୋଶୀ ପ୍ରମୁଖ ଯୋଗଦେଇଥିଲେ।

## ଦୋଳ ମେଳଣ: ଯୋଗଦେଲେ ୧୧ ବିମାନଆରୋହୀ ଠାକୁର

ବାଲିଅନ୍ତା,୫।୩ (ନୀଳମାଧବ ସାହୁ)



ରାଜଧାନୀ ଉପକଣ୍ଠ ବାଲିଅନ୍ତାର ବାଲିକୁଦା ଗାଦିଗୋସାଇଁ ଓ ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ଦୋଳ ମେଳଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମେଳଣରେ ୧୧ଟି ଦୋଳ ବିମାନ ଯୋଗ ଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ମେଳଣର ରୋଶଣି ଉତ୍ସବରେ ସମସ୍ତ ଦୋଳ ବିମାନ ମହାତ୍ମା ସେତୁ ନିକଟରେ ଏକତ୍ରିତ ହୋଇଥିଲେ। ମେଳଣର ଥାନପତି ମଞ୍ଚେଶ୍ୱର ଗ୍ରାମର ପ୍ରଭୁ ଶ୍ରୀ ମଞ୍ଚନାଥ ଦେବଙ୍କ ସୁସଜ୍ଜିତ ଦୋଳ ବିମାନ ପ୍ରଥମେ ରୋଶଣି ଶୋଭାଯାତ୍ରାରେ ବାହାରିଥିଲେ। ପରେ ରସୁଲଗଡ଼ର ପ୍ରଭୁ ଶ୍ରୀ ଗୋପୀନାଥ ଦେବ, ଜୟପୁରର ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀ ଗୋପୀନାଥ ଦେବ, ଶ୍ରୀ ମଦନମୋହନ ଦେବ, ନୂଆଗାଁର ରାଧାମାଧବ ଓ ଶ୍ରୀ ଗୋପୀନାଥ ଦେବ, ଭୁବନପୁର ଗ୍ରାମର ପ୍ରଭୁ ଶ୍ରୀ ନୃସିଂହନାଥ ଦେବ, ହଂସପାଳର ପ୍ରଭୁ ଶ୍ରୀ ରାଧାମାଧବ, ହରିଦାସପୁରର ପ୍ରଭୁ ଶ୍ରୀ ସ୍ୱପ୍ନେଶ୍ୱର ଦେବ ଓ ନହରକଣ୍ଟାର ପ୍ରଭୁ ଶ୍ରୀ ଗୋପୀନାଥ ଦେବଙ୍କ ଦୋଳ ବିମାନ ରୋଶଣି ହୋଇ ବିରାଟ ଶୋଭାଯାତ୍ରାରେ ମହାତ୍ମା ସେତୁ ନିକଟରୁ ବାହାରି ବାଲିଅନ୍ତା ହାଟ ପଡ଼ିଆସ୍ଥିତ ମେଳନ ପଡିଆରେ ପହଞ୍ଚିଥିଲା। ସେଠାରେ ଥିବା ସ୍ଥାୟୀ ମଣ୍ଡପରେ ବିଭିନ୍ନ ଦୋଳବିମାନ ବିଜେ କରିଥିଲେ। ପରେ ଠାକୁରଙ୍କ ପାଖରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ବିଭିନ୍ନ ପ୍ରକାରର ମିଠାଭୋଗ ଲାଗି କରାଯାଇଥିଲା। ଅପରାହ୍ନରେ ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପାରମ୍ପରିକ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଅଣ୍ଡିଲୋ, ଡିହ–ବାଲିଅନ୍ତା ଓ ପାଣ୍ଡରା ଗ୍ରାମର ଗୋପାଳ ଭାଇମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଲଉଡି ଖେଳ ପ୍ରଦର୍ଶିତ ହୋଇଥିଲା। ରାତି ୯ଟାରେ ବାଲିଅନ୍ତା ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆତସବାଜି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସରପଞ୍ଚ କୃଷ୍ଣ କେଶବ ଆପଟ, ମନ୍ଦିର କମିଟି, ମେଳଣ ଓ ପାଞ୍ଚ ଦେଶ କମିଟିର କର୍ମକର୍ତ୍ତାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ରୋଶଣି ଓ ମେଳଣକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ଦିଗରେ ଦୃଷ୍ଟି ଦେଇଥିଲେ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଖୁଣ୍ଟକୁ ପିଟିଲା ବାଇକ୍, ୧ ଗୁରୁତର

ବାରଙ୍ଗ,୫।୩(ଲିଙ୍ଗରାଜ ରାଉତ): ଗୋଡିସାହି ଫାଣ୍ଡି ଅନ୍ତର୍ଗତ କାଳିଆଶୁଣି ମନ୍ଦିର ନିକଟରେ ଏକ ଦ୍ରୁତଗାମୀ ବାଇକ ରାସ୍ତା କଡ଼ରେ ଥିବା ଖୁଣ୍ଟକୁ ଧକ୍କା ଦେବା ଫଳରେ ୩ ଜଣ ଯୁବକ ଆହତ ହୋଇଛନ୍ତି। ଆହତ ଯୁବକମାନଙ୍କର ପରିଚୟ ମିଳି ନ ଥିବା ବେଳେ ସ୍ଥାନୀୟ ଲୋକମାନେ ସମସ୍ତଙ୍କୁ ରାସ୍ତା କଡ଼ ଖାଲ ଭିତରୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

ଗୁରୁବାର ଅପରାହ୍ଣରେ ୩ ଜଣ ଯୁବକ ଏକ ବାଇକରେ ଦ୍ରୁତ ଗତିରେ ସିଆଇଏସଏଫ ପଟୁ ଗୋଡ଼ିସାହି ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଇକଟି କାଳିଆଶୁଣି ମନ୍ଦିର ସମ୍ମୁଖରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଖୁଣ୍ଟକୁ ଧକ୍କାଦେଇ ଖାଲକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଯୁବକ ଆହତ ହୋଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ତାଳବସ୍ତ,୫।୩(ସୁବ୍ରତକୁମାରନାୟକ): ତାଳବସ୍ତ ଅଗ୍ରଣୀ ସାମାଜିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀରାମ କମିଟି ତରଫରୁ ପଞ୍ଚମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ରଘୁନାଥଙ୍କ ପୀଠରେ ମାର୍ଚ୍ଚ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଗ୍ରାମବାସୀ ଏବଂ ସୁ ବିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ଅଙ୍କୁରାପଣ, ମଣ୍ଡଳକରଣ, କଳସାଧିବାସ, ଯଜ୍ଞ ଅଗ୍ନିସ୍ଥାପନା, ମଣ୍ଡଳର୍ଜନା, ଇଷ୍ଟଦେବଙ୍କ ଷୋଡ଼ାଶପୂଜା ଏବଂ ପୂର୍ଣ୍ଣାହୁତୀ ସହିତ ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଧେନୁପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଗୀତାପାଠ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଥିଲା। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପ୍ରଭାତ କୁମାର ତ୍ରିପାଠୀ, ନଳିନ କୁମାର ରାୟ, ତୁଷାର କାନ୍ତ ଚକ୍ରବର୍ତ୍ତୀ ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ସଭାପତି ବିଶ୍ୱ ରଞ୍ଜନ ସ୍ୱାଇଁଙ୍କ ଦିଗ ଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହ ସମାପ୍ତ ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଖଣ୍ଡଗିରି ମହା ଅନନ୍ତ ଆଶ୍ରାମର ବାବା ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ, ପଣ୍ଡିତ ଯୋଗେଶ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ପୂର୍ଣ୍ଣଅର୍ଘ୍ୟ ଆଳତିବନ୍ଦନା କରିଥିଲେ। ୧୦ ହଜାର ଶ୍ରଦ୍ଧାଳୁମାନଙ୍କୁ ପାଇଁ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ମଧ୍ୟାହ୍ନଭୋଜନ ପାଇଁ କାମ କରୁଛନ୍ତି ଛାତ୍ର

**ଛାତ୍ର ଖାଦ୍ୟ ସାମଗ୍ରୀ ବୋହିବା ଫଟୋ ଭାଇରାଲ**

ବାରଙ୍ଗ,୫।୩(ଲିଙ୍ଗରାଜ ରାଉତ): ସରକାରୀ ବିଦ୍ୟାଳୟର ପାଠ ପଢ଼ିବାକୁ ପିଲାମାନଙ୍କ ମଧ୍ୟରେ ଆଗ୍ରହ ବଢ଼ାଇବା ପାଇ ସରକାର ବହୁବିଧ ଯୋଜନା କରିଛନ୍ତି। ଏଥିସହ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ମଧ୍ୟାହ୍ନ ଭୋଜନର ମଧ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରୋଷେଇ ସାମଗ୍ରୀ କିଣିବା, ମଧ୍ୟାହ୍ନ ଭୋଜନ ତିଆରି କରିବା, ଠିକ ସମୟରେ ପରଷିବା, ସଫା କରିବା ଓ ଏହାକୁ ପରିଚାଳନା କରିବା ପାଇଁ ସରକାର ମହିଳାମାନଙ୍କୁ ନିୟୋଜିତ କରିଛନ୍ତି। ଆବଶ୍ୟକତାକୁ ଦେଖି ସତନ୍ତ୍ର ଭାବେ ଯୋଗାଣକାରୀ ସଂସ୍ଥାଠାରୁ ମଧ୍ୟାହ୍ନ ଭୋଜନ ଆଣିବାର ବ୍ୟବସ୍ଥା ମଧ


୨ ଛାତ୍ର ମଧ୍ୟାହ୍ନଭୋଜନ ବିଦ୍ୟାଳୟକୁ ଆଣୁଛନ୍ତି।

କରାଯାଇଛି। ଏହାସତ୍ତ୍ୱେ ପିଲାମାନଙ୍କୁ କାମରେ ଲଗାଯାଉଛି। ଏହାର ଉଦାହରଣ ଗୁରୁବାର ଫୁଲପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟର ୨ଜଣ ଛାତ୍ର ବିଦ୍ୟାଳୟ ଫାଟକ ବାହାରୁ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଆଣିଥିବା ଖାଦ୍ୟକୁ ବୋହି ବିଦ୍ୟାଳୟ ପରିସରକୁ ନେଉଥିବା ଦେଖିବାକୁ ମିଳିଛି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରଲ ହୋଇଛି।

ଗୁରୁବାର ପୂର୍ବାହ୍ଣ ପ୍ରାୟ ୧୧ଟା ୧୫ରେ ବିଦ୍ୟାଳୟକୁ ଖାଦ୍ୟ ଯୋଗାଉଥିବା ଗାଡ଼ି ଖାଦ୍ୟ ଆଣି ପହଞ୍ଚିଥିଲା। ଏହି ଖାଦ୍ୟ ସାମଗ୍ରୀକୁ ବିଦ୍ୟାଳୟ ପରିସରକୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ୫ଜଣ ମହିଳା କିମ୍ବା ଖାଦ୍ୟ ଆଣିଥିବା ଗାଡ଼ିର କର୍ମଚାରୀ ଆଣିବା କଥା। ମାତ୍ର ଏପରି କରା ନ ଯାଇ ଏହି କାର୍ଯ୍ୟରେ ୨ଜଣ ଛାତ୍ରଙ୍କୁ ନିୟୋଜିତ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ଏବିଇଓ ପ୍ରଫୁଲ୍ଲ ରଥଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ସେ କହିଛନ୍ତି। ତେବେ ଏହି ଘଟଣା ଉପରେ ସେ ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି।

# ନିଆରା ଢଙ୍ଗରେ ହୋଲି ପାଳିଲେ ଖବରଦାତା


ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବାଙ୍କୀ,୫।୩(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଦୁଲଣାପୁର ଗ୍ରାମରେ ଖବରଦାତା ଏବଂ ସାମାଜିକ କର୍ମୀଙ୍କ ପକ୍ଷରୁ ନିଆରା ଢଙ୍ଗରେ ରଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବିଶିଷ୍ଟ ଅତିଥିଭାବେ ପାଲା ଗାୟକ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାପାତ୍ର, ଶିକ୍ଷାବିତ୍ ବିପିନ ବିହାରୀ ମହାପାତ୍ର, ରାଜ୍ୟ ସାମ୍ବାଦିକ ସଂଘ କଟକ ଜିଲା ସଂଗଠନ ସମ୍ପାଦକ ଶୁଭେନ୍ଦୁ ମହାପାତ୍ର, ଅନନ୍ତ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୂର୍ବର ଅବିର ହୋଲି ଖେଳିବା ଏବଂ ଆଜିକାଲିକା କଲରଯୁକ୍ତ କୃତ୍ରିମ ରଙ୍ଗଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଞ୍ଚଳର ଖବରଦାତା, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଗ୍ରାମର ବରିଷ୍ଠ ଓ ରକ୍ତଦାତା ସର୍ବେଶ୍ୱର ସାହୁ, ଯୁବ ଉଦ୍ୟୋଗୀ ଦିଲୀପ କୁମାର ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ପ୍ରଦାନ କରି ସମସ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ, ବାସବରାଜେଶ ରୁଦ୍ର ବଂଶୀ ମହାପାତ୍ର, ନିର୍ମଳ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସାମାଜିକ କର୍ମୀ ମୁକେଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ୮୦୬ ସଦସ୍ୟଙ୍କ ୭ କୋଟି ଋଣ

**ମିଳୁନି ୨.୯୮ ଲକ୍ଷ ଋଣ କାଗଜପତ୍ର**

ବାଙ୍କୀ, ୫।୩( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତସ୍ଥିତ ଓସ୍ତିଆ ସେବା ସମବାୟ ସମିତିରେ ଗୁରୁବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣା କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରଣବ ବେହେରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାଷ ଚନ୍ଦ୍ର ପାଢ଼ି, ଏଆରସିଏସ ସୁରେନ୍ଦ୍ର ଜେନା, ଆଇସିଏସ ଓମ୍ ପ୍ରକାଶ ଦାଶ, ବ୍ୟାଙ୍କ ଏଜିଏମ ଅକ୍ଷୟ ସାମଲ, ମ୍ୟାନେଜର ଚିତ ରଞ୍ଜନ ସାମନ୍ତରାୟଙ୍କ ସମେତ ପରିଚାଳନା ପରିଷଦ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ୮୦୬ ଜଣ ଋଣି ସଦସ୍ୟଙ୍କ ଋଣ ହିସାବ ୭ କୋଟି ଟଙ୍କାର ବିବରଣୀ ପାଠ କରାଯାଉଥିବା ବେଳେ ୨.୯୮ ଲକ୍ଷ ଟଙ୍କା ଋଣର କାଗଜପତ୍ର ପାଇ ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇଛନ୍ତି। ଉକ୍ତ ବୈଠକରେ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ନିମନ୍ତେ ବାଙ୍କୀ ଥାନା ଆଇଆଇସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଏବଂ ସୁବର୍ଣ୍ଣପୁର ବିଟ ହାଉସ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଉପଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

### ଧୁମଧାମରେ ଦୋଳ ଉତ୍ସବ, ବାଦୀପାଲା ପାଳିତ

ତାଳବସ୍ତ, ୫।୩(ସୁବ୍ରତ କୁମାର ନାୟକ): ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ବାଦୀପାଲା ଚଳିତବର୍ଷ ୩୩ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ବାଲୁଙ୍କେଶ୍ୱର ଦୋଳ ଉତ୍ସବ ଉପଲକ୍ଷେ ବହୁ ଧୁମ୍‌ଧାମରେ ବାଜା ରୋଶଣିରେ ଠାକୁରଙ୍କ ବିଜେ ଏବଂ ଚାଚେରି ଭୋଗ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୩ରୁ ୭ ତାରିଖ ପର୍ଯ୍ୟନ୍ତ ବାଦୀପାଲାରେ ଗାୟକ ଜ୍ଞାନସାଗର ଶ୍ୟାମସୁନ୍ଦର ତ୍ରିପାଠୀ ଏବଂ ତତ୍ତ୍ୱଦର୍ଶୀ ଗଣେଶ୍ୱର ମିଶ୍ର ପାଲା ପରିବେଷଣ କରୁଛନ୍ତି। ଏହି ଆଧ୍ୟାତ୍ମିକ କାର୍ଯ୍ୟ ଦ୍ୱାରା ଦୁଲଣାପୁର ଗାଁ ଏବଂ ପଡ଼ୋଶୀ ଆଖପାଖ ଗ୍ରାମରେ ଗୋଟେ ସୁସ୍ଥ ବାତାବରଣ ଏବଂ ସକାରାତ୍ମକ ଚଳଣି ତିଆରି କରୁଛି ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ ମହାପାତ୍ର କହିଛନ୍ତି। ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ହୋଲି ଉତ୍ସବ-୨୦୨୬ ପାଳନ କରାଯାଇଥିଲା। ଏଥିରେ ବାଙ୍କୀର ବହୁ ଖବରଦାତା, ସାମାଜିକ କର୍ମୀ ଯୋଗଦେଇ ହୋଲି ଖେଳିବା ସହିତ ଚାରାରୋପଣ କରିଥିଲେ। ଏହି ନିଆରା ହୋଲି ଉତ୍ସବ ଏବଂ ବାଦୀପାଲା କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଶାନ୍ତି କମିଟିର ଆବାହକ ପୂର୍ବତନ ସମିତି ସଭ୍ୟ ଜମ୍ବେଇ ନାୟକ, ଯୁବଗାଁ ସାଥୀ ଟୁଟୁ ନାୟକ, ପ୍ରଦୋଷ ନାୟକ, ସରପଞ୍ଚ ପ୍ରତିନିଧି ଚିତ୍ତ ସାହୁ, ମକରା ଜେନା, ପୂର୍ବତନ ସରପଞ୍ଚ ଗଦାଧର ରାଉତ ପ୍ରମୁଖଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟ କରାଯାଉଛି।

# ମା'ବଡ଼ ରାଉଳାଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଟିଗିରିଆ,୫।୩ (ଜାଫର ଖାଁ) : ଟିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ଟିଗିରିଆ ପଞ୍ଚାୟତସ୍ଥିତ ପାଇକିଆଁରା ଗ୍ରାମର ଆରାଧ୍ୟ ଠାକୁରାଣୀ ମା'ବଡ଼ ରାଉଳାଣୀଙ୍କ ପୀଠରେ ୫ ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଫାଲଗୁନ ମାସ ଦାଦ୍ୱଶୀ ତିଥିଠାରୁ ୪ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯଜ୍ଞ ଚଳିତ ବର୍ଷ ପୂର୍ଣ୍ଣିମା ଲାଗିଥିବାରୁ ଦିନେ ବଢ଼ାଇ ୫ ଦିନ କରାଯାଇଥିଲା। ୨୮ ତାରିଖ ଯଜ୍ଞର



ପ୍ରଥମ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଓ ସହଯୋଗୀଙ୍କ ପକ୍ଷରୁ ଅଙ୍କୁରାରୋପଣ ନୀତି ଶେଷ କରାଯାଇଥିଲା। ୧ ତାରିଖରେ କଳସ ଯାତ୍ରା, ଅଗ୍ନିସ୍ଥାପନ ନୀତି ଅନୁଷ୍ଠିତ ହୋଇଥିଲା।୨ ତାରିଖରେ ସୂର୍ଯ୍ୟ ପୂଜା,ଆହୁତି ପ୍ରଦାନ ନୀତି ସମ୍ପନ୍ନ ହୋଇଥିବା ବେଳେ ୩ ତାରିଖରେ ବେଦ ପାଠ କରାଯାଇଥିଲା। ବୁଧବାର ଅନ୍ତିମ ଦିବସ ରେ ପୂର୍ଣ୍ଣାହୁତି ସହ ଚଳିତବର୍ଷର ଯଜ୍ଞ ଶେଷ ହୋଇଛି। ଯଜ୍ଞର ପ୍ରତି ସନ୍ଧ୍ୟାରେ ମା'ଙ୍କ ନାମ ସଂକୀର୍ତ୍ତନ ସହ ରାମ ଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଯଜ୍ଞ ପରିଚାଳନାରେ ପାଇକିଆଁରା ଗ୍ରାମ୍ୟ କମିଟି ସଭାପତି ପରେଶ କୁମାର ନାୟକ, ଉପ ସଭାପତି ଦିବାକର ପ୍ରଧାନ, ସହସମ୍ପାଦକ ରଶ୍ମିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### କ୍ରୀଡ଼ା ଶିକ୍ଷକ ଓସିଏ ଅମ୍ପାୟର ମନୋନୀତ

ଟିଗିରିଆ,୫।୩(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡା ପଞ୍ଚାୟତସ୍ଥିତ ମହୁଲ ଡ଼ିପ ଗ୍ରାମର ଯୁବକ ତଥା ଜୋରନ୍ଦା ମାଧବ ସାମନ୍ତ ସିଂହାର ବିଦ୍ୟାପୀଠର କ୍ରୀଡା ଶିକ୍ଷକ ସୁରେଶ୍ୱର ପ୍ରଧାନ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଦ୍ୱାରା ଆୟୋଜିତ ଅମ୍ପାୟର ଚୟନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ ଜଣ ଆଶାୟୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ପିଲାଦିନରୁ ଜଣେ କ୍ରୀଡ଼ାବିତ ଭାବେ ଓ ପରେ ବିଭିନ୍ନ ଜିଲାସ୍ତରୀୟ, ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଅମ୍ପାୟାର ଭାବେ ଦକ୍ଷତାର ସହ ନିଜ କାର୍ଯ୍ୟ ସମ୍ପାଦନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ନିଜ ବିଦ୍ୟାଳୟ ସହ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ଗଣଦୌଡ଼ରେ ସାମିଲ ହେଲେ ଶତାଧିକ ଛାତ୍ରୀଛାତ୍ର

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ) ବିଜୁ ଜୟନ୍ତୀ ଅବସରରେ ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସପର୍ସନ ଆସୋସିଏଶନ ଆନୁକୂଲ୍ୟରେ ଗଣଦୌଡ଼ ଓ ୱାକାଥନ୍ ବିଜୁ ପଟ୍ଟନାୟକ ଛକଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଗଣଦୌଡ଼, ମହିଳା ଓ ପୁରୁଷଙ୍କୁ ନେଇ ୱାକାଥନ ଅନୁଷ୍ଠିତ ହୋଇଥିଲା। ପରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ କ୍ରୀଡା ପ୍ରଶିକ୍ଷକ ଯୁଗଳ କିଶୋର ଦାସ, ଫୁଟବଲ ଖେଳାଳି ଭାରତୀ ମିଶ୍ର, ଇଂ. ପ୍ରଭାକର ସ୍ୱାଇଁ, ଜିମ୍ନାଷ୍ଟ ଶୟଦ୍ ଜବିଉଲ୍ଲା, ଶିଳ୍ପ ଉଦ୍ୟୋଗୀ ସୁନିଲ ମୁରାର୍କା, ଭାରଉତ୍ତୋଳନକାରୀ ଏସ ରାମାରାଓ ଏବଂ ପୂର୍ବତନ କ୍ରୀଡା ପ୍ରଶିକ୍ଷକ ସୁବାସ ଚନ୍ଦ୍ର ଦାସମହାପାତ୍ର ଯୋଗଦେଇଥିଲେ। ଆୟୋଜିତ ପ୍ରତିଯୋଗିତାରେ ବାଳିକା ବିଭାଗରେ କାଜିବଜାର ବାଳିକା ବିଦ୍ୟାଳୟର ଛାତ୍ରୀ ଶିବାନୀ ବାରିକ୍, ବାଳକ ବିଭାଗରେ ତରଳ ୟୁପି ସ୍କୁଲର ଛାତ୍ର ସୁରଜ୍ ଚୌହ୍ୱାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବିଭାଗରେ ତରଳ ୟୁପି ସ୍କୁଲର ଛାତ୍ରୀ ଶାନ୍ତି ପୂର୍ତ୍ତି ଦ୍ୱିତୀୟ ଏବଂ ରେଭେନ୍‌ଶା କଲେଜିଏଟ୍ ସ୍କୁଲର ଛାତ୍ରୀ ଆସ୍କା ଆଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳକ ବିଭାଗରେ ତରଳ ୟୁପି ସ୍କୁଲର ଛାତ୍ର ତାରକ୍ ଟୁଡୁ ଏବଂ କାହ୍ନୁ ହାଁସଦା ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୱାକାଥନ୍‌ରେ ପୁରୁଷ ଓ ମହିଳା ବିଭାଗରେ ପ୍ରଥମ, ଦ୍ୱିତୀୟ, ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ କର୍ମକର୍ତ୍ତା ସରୋଜ ସିଂ, ରବି ପଟ୍ଟନାୟକ, ଖିତିସ ପାତ୍ର, ସମୀର ପରିଜା, ଶ୍ରୀଧର ଦାସ, ବିଷ୍ଣୁ ଦାସ, ସୁଘୋସ ଦାସ, ଅମୂଲ୍ୟ ବେହେରା, ସୌଦାମିନୀ ଦାସ, ଲକ୍ଷ୍ମୀପ୍ରିୟା ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ଗଣଦୌଡ଼ରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ଓଡ଼ିଶାରେ ଶିଳ୍ପାୟନର ଭିତ୍ତିଭୂମି ସ୍ଥାପନ କରିଥିଲେ ବିଜୁବାବୁ

ଆଠଗଡ଼/ସାଲେପୁର/ବାଙ୍କୀ,୫।୩ (ସତ୍ୟ ପ୍ରସାଦ ରଥ/ ଅରବିନ୍ଦ ଭୂୟାଁ/ ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର): ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଆଠଗଡ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ କାର୍ଯ୍ୟାଳୟ ସୂର୍ଯ୍ୟଭବନ, ଖୁଣ୍ଟୁଣୀସ୍ଥିତ ଦଳୀୟକାର୍ଯ୍ୟାଳୟଠାରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ଥାନୀୟ ପୂଜ୍ୟପୂଜା ପୀଠ ଓ ବିଜୁ ପଟ୍ଟନାୟକଙ୍କ ଶିଶୁ ଉଦ୍ୟାନ ଓ ଇଚ୍ଛାପୁର ଛକସ୍ଥିତ ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତିରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ଜିଲା ବିଜେଡି ଉପ ସଭାପତି ନୃସିଂହ ମହାପାତ୍ର, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଉପାଧ୍ୟକ୍ଷ ବିଶୁଭ୍ର ଶଙ୍କର ଜ୍ୟୋତି ଯୁବ ବିଜେଡି ସଭାପତି ବିନୋଦ ମାଝି ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ପୁରୁଣା ବସଷ୍ଟାଣ୍ଡ ସପନେଶ୍ୱର ବଜାରଠାରେ ଏକ ପ୍ରଥପ୍ରାନ୍ତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଆଠଗଡ଼ ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ସୁରେନ୍ଦ୍ର କୁମାର ପେଙ୍କୋଇ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ଅଦ୍ୟମ ସାହାସ, ଭାରତଛାଡ ଆନ୍ଦୋଳନରେ ଭୂମିକା, ଇଣ୍ଡୋନେସିଆର ମୁକ୍ତି ଆନ୍ଦୋଳନରେ



ବାଙ୍କୀ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ବିଜୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃମଣ୍ଡଳୀ।

ବିଚକ୍ଷଣ ବିମାନ ଚାଳନା ଆଦି ବର୍ଣ୍ଣନା କରିବା ସହିତ ନିଜକୁ କଳିଙ୍ଗ ପୁତ୍ର ହିସାବରେ, କଳିଙ୍ଗ ପୁରସ୍କାର, ଫାଉଣ୍ଡେସନ ଟ୍ରଷ୍ଟ, ପାରାଦୀପ ବନ୍ଦର ତଥା ଓଡ଼ିଶାରେ ଶିଳ୍ପାୟନ ଭିତ୍ତିଭୂମି ନିର୍ମାଣ ଓ ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ତାଙ୍କର ଅବଦାନ ଓ ପଦଚିହ୍ନକୁ ଉଜ୍ଜିବିତ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନଏସି ଛାତ୍ର ବିଜେଡ଼ି ସଭାପତି ମହମ୍ମଦ ଖାଲିଦ, ଜିଲା ଉପସଭାପତି ରିଙ୍କୁ ପତ୍ରୀ, ଯୁବନେତା ପ୍ରକାଶ ରାଉତ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସାଲେପୁର ବ୍ଲକ୍ ଅଧୀନ ମଧୁସୂଦନ ମଣ୍ଡପରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବରିଷ୍ଠ ବିଜେଡି ନେତା ତଥା କଟକ ଜିଲା ବିଜେଡି ଉପ-ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଜୟନ୍ତୀ ସଭାରେ ରାଜ୍ୟ ବିଜେଡି ନେତା ତଥା ରାଜ୍ୟସଭା ସାଂସଦ ପାର୍ଥୀ ଡ. ସମ୍ବୃକ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ବିଶିଷ୍ଟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା ଓ କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଯୋଗଦେଇ ଥିଲେ। ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ରାଜ୍ୟ ବିଜେଡି ମହିଳା ଉପ-ସଭାପତି ଜ୍ୟୋତିରେଖା ନାୟକ, ସାଲେପୁର ବିଜ୍ଞାପିତ ପରିଷଦ ବିଜେଡି ସଭାପତି ନବ କିଶୋର କର, ବରିଷ୍ଠ ବିଜେଡି ନେତା ଚିତ୍ତରଞ୍ଜନ ମହାନ୍ତି, ଯୁବନେତା ବିରଞ୍ଚି ନାରାୟଣ କର ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୁ ବାବୁଙ୍କ ବୀରତ୍ୱ, ରାଜନୈତିକ ଜୀବନୀ ଓ ରାଜ୍ୟ ଦେଶ ପାଇଁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାପିତ ପରିଷଦର ବିଜୁ ଜନତା ଦଳ ପକ୍ଷରୁ ନୂତନ ଭାବେ ଗଠନ କରାଯାଇଥିବା ବିଜେଡି କମିଟି, ବିଜେଡି ଯୁବ ସଭାପତି ଗୁଲରେଜ ଅଲ୍ଲୀ, ଛାତ୍ର ସଭାପତି କମଳାକାନ୍ତ ସେଠୀ, ବିଜେଡି ମହିଳା ସଭାନେତ୍ରୀ ସରସ୍ୱତୀ ବେହେରାଙ୍କ ସମେତ ସମସ୍ତ କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାଙ୍କୀ ବିଜୁ ଜନତା ଦଳ ପକ୍ଷରୁ ମହାଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କଚେରି ପଡ଼ିଆ ଏବଂ ରାଣୀ ଶୁକଦେଇ ମହିଳା କଲେଜ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ତତ୍ପରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ଏବଂ ଉପଖଣ୍ଡ କାରାଗାରରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୂର୍ବାହ୍ନରେ ଦଳ କାର୍ଯ୍ୟାଳୟଠାରେ ଏନ୍ଏସି ଉପନଗରପାଳ ସନ୍ତୋଷ କୁମାର ରଣାଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବରିଷ୍ଠ ବିଜେଡି ନେତା ସୁବାସ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥିଭାବେ ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ବିଜୁ ଜନତା ଦଳ ଜିଲା ସମ୍ପାଦକ ସନାତନ ବେହେରା, ନଗର ମହିଳା ବିଜେଡି ସଭାପତି ପ୍ରୀତିଲତା ଗିରି ପ୍ରମୁଖ ଯୋଗଦେଇଥିଲେ।

**ଗାଁ ବୁଲିଲେ ଠାକୁର**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦେବନୀତି ବନ୍ଦ ରହିଥିଲା। ସନ୍ଧ୍ୟା ୭ଟା ପରେ କଣାସ ଅଞ୍ଚଳର ବିଭିନ୍ନ ଗ୍ରାମରେ ଠାକୁରମାନଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସରିବା ପରେ ଠାକୁରମାନେ ସୁସଜ୍ଜିତ ବିମାନରେ ବସି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ହାର ଭୋଗ ଖାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୩।୨୦୨୬

| ୪,୬୧,୬୮୮ ଟଙ୍କା | |
|---|---|
| ସୁନା | ୩୦ ମିଲିଗ୍ରାମ୍ |
| ରୁପା | ୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରୀମନ୍ଦିର ପତିତପାବନ ବାନାରେ ବସିଲା ଚିଲ



ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

କିଛି ଦିନର ବ୍ୟବଧାନ ପରେ ଗୁରୁବାର ଶ୍ରୀମନ୍ଦିର ପତିତପାବନ ବାନା ଉପରେ ଏକ ଚିଲ ବସିଥିବା ଦେଖିବାକୁ ମିଳିଥିଲା। ଏନେଇ ବିଭିନ୍ନ ମହଲରେ ନାନା କଥା ଶୁଣିବାକୁ ମିଳୁଛି। ଏକ ଚିଲ ଶ୍ରୀମନ୍ଦିର ଉପରେ କିଛି ସମୟ ଉଡ଼ିବୁଲିବା ପରେ ପତିତପାବନ ବାନା ଉପରେ ବସିଥିଲା। ଦୀର୍ଘସମୟ ବସିବା ପରେ ପୁଣି ଉଡ଼ିଯାଇଥିଲା। ତେବେ ଏହି ଘଟଣାକୁ କେତେଜଣ ସେବାୟତ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ହୋଇଥାଏ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଏହା ଏକ ସାଧାରଣ କଥା ବୋଲି ଅନେକ ବ୍ୟକ୍ତିବିଶେଷ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଅନେକ ଥର ପତିତପାବନ ବାନାରେ ଚିଲ ବସିବାର ନଜିର ରହିଛି।

### ବଡାସ ଦଶଦୋଳ ପାଇଁ ପ୍ରସ୍ତୁତି

କଣାସ,୫।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବଡାସ ପଞ୍ଚାୟତର ବଡାସ ଗ୍ରାମରେ ବାବା ବୈଦ୍ୟନାଥ ଦେବଙ୍କ ଦଶଦୋଳ ମେଳଣ ଆସନ୍ତା ୧୩ ତାରିଖରେ ହେବ। ଶାନ୍ତି ଶୃଙ୍ଖଳାର ସହ ମେଳଣ ପରିଚାଳନା ପାଇଁ ଶୁକ୍ରବାର ଠାକୁରଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ହାଡିବନ୍ଧୁ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଣାସ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ମହାନ୍ତି, ଏସ୍‌ଆଇ ଦେବୀ ପ୍ରସାଦ ଲେଙ୍କା, ମେଳଣ କମିଟି ସଦସ୍ୟ ଶୁଭଦ ଦାସ, ସନ୍ତୋଷ କୁମାର ପଟ୍ଟନାୟକ, ଅଜୟ ପଟ୍ଟନାୟକ, ଟିକନ ସାମନ୍ତରାୟ, ମାନଗୋବିନ୍ଦ ପରିଡା ଓ ସାଧୁ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମେଳଣ କିପରି ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରାଯିବ ସେ ନେଇ ମୁଖ୍ୟତଃ ଆଲୋଚନା କରାଯାଇଥିଲା। କଣାସ ପଟୁ ଓ କଖାରୁବସ୍ତପଟୁ ଆସୁଥିବା ଯାନକୁ ଦୂରରେ ରଖିବା ପାଇଁ ଆଲୋଚନା ହେବା ସହ ପାନୀୟଜଳ ବ୍ୟବସ୍ଥା ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବାକୁ ସ୍ଥିର ହୋଇଛି। ଉପଜିଲାପାଳ ଓ ତହସିଲଦାରଙ୍କଠାରୁ ମେଳଣ ପାଇଁ ଅନୁମତି ଆଣିବା ସହ ପୋଲିସ ବ୍ୟବସ୍ଥା କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି।

### ଗୋପରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ

ଗୋପ,୫।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଅଞ୍ଚଳରେ ଶୁକ୍ରବାର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ସହ ବିଜୁବାବୁଙ୍କ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ପ୍ରସଙ୍ଗରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିକ୍ରମ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଦାସ, ଅପର୍ତ୍ତି ଦଳାଇ, ପ୍ରଦୀପ୍ତ ବିଶ୍ୱାଳ, ତୋଫାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଦୋଳବେଦିରେ ଭକ୍ତଙ୍କ ସହ ଫଗୁ ଖେଳିଲେ ଠାକୁର

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ପବିତ୍ର ଦୋଳପୂର୍ଣ୍ଣିମାରେ ମଙ୍ଗଳବାର ମହାପ୍ରଭୁଙ୍କ ଦୋଳଯାତ୍ରା ଓ ସୁନାବେଶ (ରାଜରାଜେଶ୍ୱର ବେଶ) ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ମଣିବିମାନରେ ଆସି ଦୋଳବେଦିରେ ହୋଲି ଖେଳିଥିଲେ। ସେହିପରି ଭକ୍ତମାନେ ଝିମିରି ଫଗୁ ଓ ଅବିର ଖେଳିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଚଳିତବର୍ଷ ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ନୀତି ସଅଳ ଅନୁଷ୍ଠିତ ହୋଇଥିଲା। ରାତ୍ରରୁ ଦ୍ୱାର ଫିଟାଯାଇ ନୀତି ଆରମ୍ଭ ହୋଇଥିଲା। ଖଇ, କୋରା, ଶୀତଳ ଭୋଗ ସରିବା ପରେ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ପୂଜାପଣ୍ଡା ପଞ୍ଚଉପଚାରରେ ଭୋଗ କରିଥିଲେ। ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ରତ୍ନସିଂହାସନ ଚତୁଃପାର୍ଶ୍ୱରେ ୭ଥର ପ୍ରଦକ୍ଷିଣ କରିଥିଲେ। ପରେ ଚଳନ୍ତି ପ୍ରତିମାମାନଙ୍କୁ ସେବକମାନେ ନାଭିକଟା ମଣ୍ଡପରେ ବିଜେ କରାଇଥିଲେ। ଠାକୁରମାନଙ୍କ ମହାସ୍ନାନ, ମାଜଣା, ବନକଲାଗି, ପାଟଯୋଡ଼ ଶାଢ଼ି ଲାଗିହୋଇ ବେଶ କରାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରିବା ପରେ ବନ୍ଦାପନା ହୋଇଥିଲା। ମହାଜନେ ତିନିଦିଅଁଙ୍କୁ ସାତପାହାଚ ଦ୍ୱାରଠାରେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡୁମାନେ ବିମାନ କାନ୍ଧେଇ, ଘଣ୍ଟ ଛତା କାହାଳୀ ସହ ଶ୍ରୀମନ୍ଦିର ଭିତରବେଢାରେ ବିମାନକୁ ସାତଘେରା ବୁଲାଇବା ପରେ ଦୋଳବେଦିକୁ ଯାତ୍ରା କରିଥିଲେ। ଦୋଳବେଦି ଚାରିପଟେ ସାତଘେରା ବିମାନ ବୁଲିଥିଲା। ମହାଜନ ସେବକମାନେ ଠାକୁରଙ୍କୁ ହାତରେ ଧରି ସାତଘେରା ବେଦି ଉପରେ ଚାରିପଟେ ଓ ବନ୍ଧା ହୋଇଥିବା ଦୋଳିର ଚାରିପଟେ ସାତଘେରା ବୁଲାଇ ଏହିପରି ସମୁଦାୟ ଦେଳବେଦିରେ ୨୧ ଘେରା ପରିକ୍ରମା କରିବା ପରେ ଦୋଳିରେ ବିଜେ କରାଇଥିଲେ। ତେବେ ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ନୀତି ବନ୍ଦ ରହିଥିଲା। ଭକ୍ତମାନେ ଦର୍ଶନ କରିଥିଲେ। ଗ୍ରହଣ ଶେଷ ପରେ ଅନ୍ୟାନ୍ୟ ନୀତି ହୋଇ ପାଣିପଡ଼ି ଧୋପଖାଳ ହୋଇ ଘଣ୍ଟ, ଛତା ଓ କାହାଳୀ, ତଳିଛ ପଟୁଆର ହୋଇ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାଧୂପ ଷୋଡ଼ଶ ଉପଚାରରେ ପୂଜା ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ଦୋଳବେଦିରେ ଠାକୁରଙ୍କ ଦର୍ଶନ କରିଥିଲେ। ବିଳମ୍ବିତ ରାତିରେ ମୁଦିରସ୍ତଙ୍କ ଦ୍ୱାରା ବେଦି ଉପରେ ନୀତି ପରେ ଛେରାପହଁରା କରାଯାଇଥିଲା। ଠାକୁର ଠାକୁରାଣୀଙ୍କୁ ବେଦି ଚାରପଟେ ୭ଘେରା ଓ ବେଦି ଉପରେ ୭ ଘେରା ପରିକ୍ରମା କରାଯିବା ପରେ ବନ୍ଦାପନା ହୋଇ ବିମାନରେ ଦିଅଁମାନେ ବିଜେ କରିଥିଲେ। ବିମାନ ବେଦି ଚାରିପଟେ ସାତଘେରା ବୁଲିବା ପରେ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଭିତରବେଢ଼ାରେ ବିମାନ ସାତଘେରା ବୁଲିବା ପରେ ସରସ୍ୱତୀ ମନ୍ଦିର ସମ୍ମୁଖରେ ଶୀତଳଭୋଗ ମଣୋହି ଓ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ବିମାନ ସାତପାହାଚ ଦେଇ ଭିତର କାଠ ପାଖରେ ଭଣ୍ଡାର ଦ୍ୱାରଠାରେ ବିଜେ କରାଯାଇଥିଲା। ସେଠାରେ ବନ୍ଦାପନା ଓ ଜଳଲାଗି ପରେ ଠାକୁରମାନେ ଦକ୍ଷିଣ ଘରକୁ ବିଜେ କରିଥିଲେ। ଅପରପକ୍ଷେ ସନ୍ଧ୍ୟାରେ ଗ୍ରହଣ ପରେ ଶ୍ରୀମନ୍ଦିରରେ ପୁଷ୍ପାଳକମାନେ ସିଂହାସନସ୍ଥ ଶ୍ରୀବିଗ୍ରହଙ୍କୁ ରାଜବେଶ (ସୁନାବେଶ)ରେ ସଜାଇଥିଲେ। ଠାକୁର ଦୋଳବେଦିରୁ ଫେରି ଅନ୍ୟାନ୍ୟ ନୀତି ହେବା ପରେ ସୁନାବେଶ ଓଲାଗି କରାଯାଇ ମହାସ୍ନାନ କରାଯିବା ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା।



ଦୋଳଗୋବିନ୍ଦଙ୍କ ସହ ଶ୍ରୀଦେବୀ ଓ ଭୂଦେବୀ ଦୋଳି ଖେଳିବାକୁ ଦୋଳବେଦିକୁ ବିମାନରେ ଯାଉଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ହୋଲି ଖେଳିଲେ ଜାପାନୀ ପର୍ଯ୍ୟଟକ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର୍ ପକ୍ଷରୁ ଚକ୍ରତୀର୍ଥ ରୋଡସ୍ଥିତ ସେଣ୍ଟର ପରିସରରେ ହୋଲି ପର୍ବ ପାଳନ କରାଯାଇଛି। ଜାପାନରୁ ଆସିଥିବା ବିଦେଶୀ ନାଗରିକମାନେ ଏହି ପର୍ବରେ ସାମିଲ ହୋଇ ହୋଲି ଖେଳିଥିଲେ। ନିଜ ନିଜ ଭିତରେ ଅବିର ଲଗାଇବା ସହ ରାସ୍ତାରେ ଯାଉଥିବା ଲୋକଙ୍କ ଦେହରେ ରଙ୍ଗ ବୋଳି ଖୁସି ହୋଇଥିଲେ। ଏହି ନିଆରା ହୋଲି ସେମାନଙ୍କ ପାଇଁ ଅଭୁଲା ହୋଇ ରହିବ ବୋଲି ଜାପାନ ପର୍ଯ୍ୟଟକ ନାଚୋସ ମିୟାହାରା କହିଛନ୍ତି। ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ହୋଲି ଏକ ଭାଇଚାରାର ପର୍ବ। କେତେଜଣ ଜାପାନୀ ପର୍ଯ୍ୟଟକଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲୁ। ସେମାନେ ପ୍ରାକୃତିକ ରଙ୍ଗରେ ହୋଲି ଖେଳିବା ଲାଗି ସମସ୍ତଙ୍କୁ ବାର୍ତ୍ତା ଦେବା ସହ ସମୁଦ୍ରସ୍ନାନର ମଜା ନେଇଥିଲେ।



ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର୍ ପକ୍ଷରୁ ଚକ୍ରତୀର୍ଥ ରୋଡଠାରେ ଆୟୋଜିତ ହୋଲି ପର୍ବରେ ସାମିଲ ହୋଇଥିବା ଜାପାନୀ ପର୍ଯ୍ୟଟକ ।

# ମହାପ୍ରଭୁଙ୍କ ହୋଲି ଉତ୍ସବ, ଚନ୍ଦନ ଅନୁକୂଳ ନୀତି

ପୁରୀ,୫।୩(ଅଜିତ୍ ମହାନ୍ତି)

ଚୈତ୍ର ମାସ କୃଷ୍ଣ ପ୍ରତିପଦା ତିଥି ଅବସରରେ ମହାପ୍ରଭୁଙ୍କ ହୋଲି ଉତ୍ସବ ଓ ଚନ୍ଦନ ଅନୁକୂଳ ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ଏହି ନୀତି ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ ବେଶରେ ତିନିଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କଠାରେ ଲାଗି କରାଯାଇଥିଲା। ଦକ୍ଷିଣୀଘର ଭୋଗ ସରିବା ପରେ ମହାଜନ ସେବକମାନେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକମାନେ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ଠାକୁର ଠାକୁରଣୀଙ୍କୁ ବିଜେ କରାଇଥିଲେ। ପରେ ଠାକୁର ଠାକୁରାଣୀଙ୍କୁ ଫୁଲମାଳ ଲାଗିକରାଯାଇଥିଲା। ଘଣ୍ଟ, ଛତା, କାହାଳୀ ଓ ପଟୁଆରରେ ବିମାନ ବଡୁମାନଙ୍କ ଦ୍ୱାରା ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ରାସ୍ତାରେ ନରେନ୍ଦ୍ର ଚକଡ଼ାକୁ ଠାକୁର ଠାକୁରାଣୀଙ୍କୁ ନିଆଯାଇ ଜଳଲାଗି କରାଯାଇଥିଲା। ମୁଦିରସ୍ତ ହଳଦୀ ପାଣିରେ ଠାକୁର ଠାକୁରାଣୀଙ୍କୁ ପିଚ୍‌କାରୀ ଓ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ସାମନ୍ତ ଶୀତଳ ଭୋଗ ମଣୋହୀ କରିଥିଲେ। ଭୋଗ ପରେ ମୁଦିରସ୍ତ ବନ୍ଦାପନା ଓ ରାଜନୀତି ନୀତି ସମ୍ପନ୍ନ କରିଥିଲେ। ପରେ ନରେନ୍ଦ୍ର ପୁଷ୍କରିଣୀଠାରେ ବେଣ୍ଟନୀତି ଅନୁଷ୍ଠିତ ହୋଇଥିଲା। ସମସ୍ତ ନୀତି ସରିବା ପରେ ଠାକୁର, ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ବିଶୃଙ୍ଖଳ ଆଚରଣ ପାଇଁ ୩ ସେବକଙ୍କୁ କୈଫିୟତ୍ ତଲବ

ପୁରୀ,୫।୩ (ଅଜିତ୍ କୁମାର ମହାନ୍ତି)

## ଜଣେ ସେବକଙ୍କୁ ଶାଢ଼ିବନ୍ଧା ଆଦେଶ ପ୍ରତ୍ୟାହାର ପାଇଁ ନୋଟିସ

ଗତ ୨୮ ତାରିଖରେ ସେବାପୂଜାରେ ବିଳମ୍ବ, କର୍ତ୍ତବ୍ୟରତ ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର ଓ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ୩ଜଣ ସେବକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କୈଫିୟତ୍ ତଲବ କରିଛନ୍ତି। ରାମକୃଷ୍ଣ ଖୁଣ୍ଟିଆ ଅନ୍ୟ ଜଣେ ପାଳିଆ ଖୁଣ୍ଟିଆ ସେବକଙ୍କ ଖଟଣିଆ ଭାବେ ପାଳି ଖଟିଥିବା ସତ୍ତ୍ୱେ ନିର୍ଦ୍ଦିଷ୍ଟ ନୀତି ସମ୍ପାଦନରେ ଅହେତୁକ ବିଳମ୍ବ କରିବା ସହ କର୍ତ୍ତବ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ସହ ଅଶୋଭନୀୟ ବ୍ୟବହାର କରିଥିବା ଅଭିଯୋଗ ରହିଛି। ସେହିପରି ମାଧବ ଖୁଣ୍ଟିଆ (ଅହାଡୀ) ଓ ମଧୁସୂଦନ ଖୁଣ୍ଟିଆ (ଅଷଣ୍ଠି) ମଧ ସେବା ସମ୍ପାଦନରେ ବାଧା ସୃଷ୍ଟି କରି ବିଶୃଙ୍ଖଳା ପ୍ରଦର୍ଶନ କରିଥିବା ଅଭିଯୋଗ ଆସିଛି। ଉକ୍ତ ୩ଜଣ ସେବକଙ୍କୁ ୭ଦିନ ମଧରେ ନିଜର ଲିଖିତ କୈଫିୟତ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାମକୃଷ୍ଣ ଖୁଣ୍ଟିଆଙ୍କ ବିରୋଧରେ ଜାରି ହୋଇଥିବା ଶାଢ଼ିବନ୍ଧା ଆଦେଶ କାହିଁକି ପ୍ରତ୍ୟାହାର କରାଯିବ ନାହିଁ, ସେ ବିଷୟରେ ସନ୍ତୋଷଜନକ ଉତ୍ତର ଦେବା ପାଇଁ ମଧ ନୋଟିସ୍ ଜାରି କରାଯାଇଛି। ଚଳିତ ବର୍ଷ ଦୋଳପୂର୍ଣ୍ଣିମା ସହ ଅନ୍ୟାନ୍ୟ ପର୍ବପର୍ବାଣିରେ ଅଧିକାଂଶ ସେବକଙ୍କ ସହଯୋଗ ଓ ସମନ୍ୱୟରେ ସେବାପୂଜା ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଆସୁଥିବାବେଳେ କେତେଜଣ ସେବକଙ୍କ ଏପରି ଆଚରଣ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଉଲ୍ଲେଖ କରିଛନ୍ତି। ବିଶୃଙ୍ଖଳ ଆଚରଣ ପ୍ରତି ଶ୍ରୀମନ୍ଦିର ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସଚେତନ କରାଇଛନ୍ତି। ଅପରପକ୍ଷରେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନରେ ସହଯୋଗ ଓ ସମନ୍ୱୟ ରକ୍ଷା କରୁଥିବା ସମସ୍ତ ସେବକଙ୍କ ପ୍ରତି ମୁଖ୍ୟ ପ୍ରଶାସକ କୃତଜ୍ଞତା ଜଣାଇଛନ୍ତି।

# ଜିଲାରେ ୧୫୩ ଚାଳକଙ୍କ ବିରୋଧରେ ମାମଲା

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

## ମଦ୍ୟପାନ କରି ଗାଡ଼ିଚାଳନା

ପୁରୀ ଜିଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ମଦ୍ୟପାନ କରି ଯାନଚାଳନା ଉପରେ ନିୟନ୍ତ୍ରଣ ଆଣିବା ପାଇଁ ପୁରୀ ପୋଲିସ ଫେବୃଆରୀରେ ବିଭିନ୍ନ ସ୍ଥାନରେ ବିଶେଷ ଅଭିଯାନ ଚଳାଇଥିଲା। ଏହି ଅଭିଯାନ ସମୟରେ ବିଭିନ୍ନ ଥାନା ଅଞ୍ଚଳରେ କଡ଼ାକଡ଼ି ଭାବେ ଗାଡ଼ି ଯାଞ୍ଚ କରାଯାଇଥିଲା। ଜିଲାର ୪ଟି ସବ୍‌ଡିଭିଜନ ଅଞ୍ଚଳରେ ମୋଟ ୧୫୩ ଜଣ ଚାଳକ ମଦ୍ୟପାନ କରି ଯାନ ଚାଳନା କରୁଥିବା ଚିହ୍ନଟ କରାଯାଇଥିଲା। ସିଟି ସବ୍‌ଡିଭିଜନରେ ୮୬, ସଦର ସବ୍‌ଡିଭିଜନରେ ୩୪, ନିମାପଡ଼ା ସବ୍‌ଡିଭିଜନରେ ୧୯ ଏବଂ ପିପିଲି ସବ୍‌ଡିଭିଜନରେ ୧୪ଟି ମାମଲା ଏହିପରି ମୋଟ ୧୫୩ ଯାନ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ସମସ୍ତ ଯାନ ଚାଳକଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ସଡ଼କ ସୁରକ୍ଷା ନିୟମକୁ ସମ୍ମାନ କରିବେ ଏବଂ ମଦ୍ୟପାନ କରି ଯାନ ଚାଳନା କରିବେ ନାହିଁ। ପୁରୀ ପୋଲିସ ଆଗାମୀ ଦିନରେ ମଧ ଏହିପରି ଅଭିଯାନକୁ ଜାରି ରଖିବ। ଯଦି କୌଣସି ସନ୍ଦେହଜନକ କାର୍ଯ୍ୟକଳାପ, ଅସୁବିଧା ବା ଆପତ୍‌କାଳୀନ ପରିସ୍ଥିତି ବିଷୟରେ ସୂଚନା ଥାଏ, ତେବେ ୧୧୨କୁ ସୂଚନା ଦେବାକୁ ପୁରୀ ପୋଲିସ ଲୋକଙ୍କୁ ଅନୁରୋଧ କରିଛି।

# ସାଇବର ଠକେଇ: ୩ ଗିରଫ

ପୁରୀ,୫।୩ (ଅଜିତ୍ କୁମାର ମହାନ୍ତି)

## ୧୫ ଏଟିଏମ୍ କାର୍ଡ, ୬ ସିମ୍ କାର୍ଡ, ୭ ମୋବାଇଲ୍ ଜବତ

ପୁରୀ ଜିଲାରେ ସାଇବର ଅପରାଧକୁ ରୋକିବା ଓ ଆର୍ଥିକ ଠକେଇ ବିରୋଧରେ କଡ଼ା ପଦକ୍ଷେପ ନେବା ପାଇଁ ପୁରୀ ପୋଲିସ ନିରନ୍ତର ଅଭିଯାନ ଚାଲୁ ରଖିଛି। ଏହି ପରିପ୍ରେକ୍ଷୀରେ ସାଇବର ଥାନା ପକ୍ଷରୁ ଏକ ବିଶେଷ 'ବେନାମୀ ଆକାଉଣ୍ଟ ଡ୍ରାଇଭ୍' ସଫଳତାର ସହ କରାଯାଇଛି। ଏହି ଅଭିଯାନ ସମୟରେ ତଦନ୍ତ କରି ପୋଲିସ୍ ୩ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁର ଅବଦୁଲ କଲାମ ଆଜାଦ୍, ପଶ୍ଚିମବଙ୍ଗର ଅବଦୁଲ ଆଜିଜ ଶେଖ ଏବଂ ବାଲେଶ୍ୱରର ସୁଶାନ୍ତ କୁମାର ପରିଡ଼ା। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ତିନିଜଣ ଅଭିଯୁକ୍ତ ସାଧାରଣ ଲୋକଙ୍କୁ କିଛି ଟଙ୍କାର ଲୋଭ ଦେଖାଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଏଟିଏମ୍ କାର୍ଡ ନେଇଥାନ୍ତି। ପରେ ସେହି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ସାଇବର ଠକେଇରୁ ଆସୁଥିବା ବେନାମୀ ଟଙ୍କାର ନେଣଦେଣ କରାଯାଉଥିଲା। ଏହି ଅଭିଯୁକ୍ତମାନେ ସ୍କିଡିଂ ଏକ୍ସିମ୍ ନାମରେ ଏକ କମ୍ପାନୀ ଖୋଲି ଏହି ଅବୈଧ କାର୍ଯ୍ୟକଳାପ ଚଳାଉଥିଲେ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୧୫ ଏଟିଏମ୍ କାର୍ଡ, ୬ ସିମ୍ କାର୍ଡ, ୭ଟି ମୋବାଇଲ୍ ଫୋନ୍ ଏବଂ ୭ଟି ଚେକ୍ ବୁକ ଜବତ କରିଛି। କମ୍ପାନୀ ମାଧ୍ୟମରେ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଏବଂ ପ୍ରାୟ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅବୈଧ ଆର୍ଥିକ ନେଣଦେଣ କରାଯାଇଥିବା ସନ୍ଦେହ କରାଯାଉଛି।

# ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଅନୁସରଣ ପାଇଁ ଆହ୍ୱାନ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)

ପୁରୀ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିଜେଡି ନେତା ଓ କର୍ମୀଙ୍କ ଦ୍ୱାରା ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜୁବାବୁ ଅମର ରହେ ସ୍ଲୋଗାନରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ସନ୍ଧ୍ୟାରେ ସଂସ୍କୃତି ଭବନରେ 'ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ' ଶୀର୍ଷକ ସଭା ଆୟୋଜିତ ହୋଇଥିଲା।



କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥିମାନେ ।

ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଜୀବନାଦର୍ଶ ସମସ୍ତେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, ସରପଞ୍ଚ ଧରିତ୍ରୀ ଜେନା, ହରିନାରାୟଣ ଖୁଣ୍ଟିଆ, ରବିଶଙ୍କର ପ୍ରତିହାରୀ, ରବି ସାମନ୍ତରାୟ, ବିଜୟ କୁମାର ମିଶ୍ର, ଭଗବାନ ପଡ଼ିଆରୀ, ସନ୍ଧ୍ୟାରାଣୀ ଭଞ୍ଜ ଏବଂ ରାଜେଶ ତ୍ରିପାଠୀ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସୌମ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।



ହୋଲି ଅବସରରେ ବୁଧବାର ଲୋକେ ପୁରୀ ସମୁଦ୍ରରେ ସ୍ନାନ କରୁଛନ୍ତି ।



ପୁରୀ ସହରର ଏକ ସ୍ଥାନରେ ପିଲାମାନେ ହୋଲି ଖେଳୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଭ୍ୟାନ୍ ଭଙ୍ଗାରୁଜା ସହ ପୋଲିସକୁ ଆକ୍ରମଣ: ୫ ଗିରଫ

## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ତାତିଲେ ଲୋକେ

ଭୁବନେଶ୍ୱର/ବାରଙ୍ଗ,୫।୩
(ତ୍ରିନାଥ ମହାନ୍ତି/ଲିଙ୍ଗରାଜ ରାଉତ)


ପୋଲିସକୁ ଆକ୍ରମଣ କରିଥିବା ଗିରଫ ଅଭିଯୁକ୍ତମାନେ।

ଚନ୍ଦକା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅତିଷ୍ଠ ହୋଇ କଣ୍ଟାବାଡ଼ ଏବଂ ଭଗବତୀପୁର ଗ୍ରାମବାସୀ ପିସିଆର୍ ଭ୍ୟାନ୍ ଭଙ୍ଗାରୁଜା ସହ ପୋଲିସକୁ ପିଟିବା ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟାବାଡ଼ର ଜ୍ୟୋତି ଶଙ୍କର ବିଶ୍ୱାଳ, ରବୀନ୍ଦ୍ର ଭୋଇ, ଗୋବିନ୍ଦ ବେହେରା, ବିଜୟ ପୂର୍ତ୍ତି ଏବଂ ବସନ୍ତ ଛତ୍ର।

ଗ୍ରାମଲୋକ କହିବା ଅନୁସାରେ, ବୁଧବାର ସବୁ ବର୍ଷ ପରି କଣ୍ଟାବାଡ଼ ଏବଂ ଭଗବତୀପୁର ଗ୍ରାମ ଲୋକେ ସ୍ଥାନୀୟ ନାଳରେ ଗାଧୋଉଥିଲେ। ହେଲେ ପୋଲିସ ଏହାକୁ ବିରୋଧ କରି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୋଲିସ ଜାଣିଶୁଣି ସମସ୍ତଙ୍କୁ ପାଣି ଉପରକୁ ଡାକି ବ୍ରେଥ୍ ଆନାଲାଇଜର ମାଧ୍ୟମରେ ନିଶା ମାପିଥିଲେ। ଏପରି କି ପୋଲିସ ସ୍ଥାନୀୟ ଗ୍ରାମବାସୀଙ୍କ ବାଇକ୍‌କୁ ଜବତ କରି ଥାନାକୁ ନେଇଥିଲା। ହୋଲି ଖୁସିର ପର୍ବ ହୋଇଥିବାରୁ ସ୍ଥାନୀୟ ଆଦିବାସୀ ଲୋକ ମଦ ପିଇଥିଲେ। କୌଣସି ବର୍ଷ ମଧ୍ୟ ଏଭଳି ଯାଞ୍ଚ କରାଯାଉ ନ ଥିଲା। କିନ୍ତୁ ବୁଧବାର ପୋଲିସ ଜାଣିଶୁଣି ଯାଞ୍ଚ କରି ଗ୍ରାମବାସୀଙ୍କ ବାଇକ୍‌କୁ ଜବତ କରି ନେଇଯାଇଥିଲା। ବାଇକ ଛାଡ଼ିବା ପାଇଁ ଲୋକେ ପିସିଆର୍ ଭ୍ୟାନ୍‌କୁ ଅଟକ ରଖିଥିଲେ। ଏହାପରେ ଥାନା ଅଧିକାରୀ ଏବଂ ଅନ୍ୟ ପୋଲିସ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ଲାଠି ଚାଳନା କରିବାରୁ ଉତ୍ତେଜନା ବଢିଥିଲା। ଯେଉଁଥିପାଇଁ ଗ୍ରାମବାସୀ ଉତ୍ତେଜିତ ହୋଇ ପୋଲିସ ଗାଡ଼ି ଏବଂ ପୋଲିସକୁ ପିଟିଥିବା କହିଛନ୍ତି। ଅନ୍ୟପଟରେ ପୋଲିସ କହିଛି,ହୋଲି ପର୍ବ ଅବସରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କୌଣସି ଅପ୍ରୀତିକର ଘଟଣା ନ ଘଟିବା ପାଇଁ ଚନ୍ଦକା ଥାନାର ପୋଲିସ କର୍ମଚାରୀମାନେ ଝୁମକା ଡ୍ୟାମ ନିକଟରେ ଡ୍ୟୁଟି କରୁଥିଲେ। ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା କିଛି ଯାନବାହନକୁ ପୋଲିସ ଜବତ କରିଥିଲା। ପରବର୍ତ୍ତୀ ସମୟରେ କଣ୍ଟାବାଡ ଓ ଭଗବତୀପୁର ଗ୍ରାମର କେତେଜଣ ଗ୍ରାମବାସୀ ଘଟଣାସ୍ଥଳରେ ଏକତ୍ରିତ ହୋଇ ପୋଲିସଙ୍କ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ଆରମ୍ଭ କରିଥିଲେ। ପିସିଆର୍ ଗାଡ଼ିକୁ ଭଙ୍ଗାରୁଜା ସହ ପଥର, ବିୟର ବୋତଲ, ଖଣ୍ଡା, ବାଉଁଶ ବାଡ଼ି ଓ ଲାଠି ଦ୍ୱାରା ପୋଲିସ ଦଳ ଉପରେ ଆକ୍ରମଣ କରିଥିଲେ। ଫଳରେ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପିସିଆର୍ ୪୧ର ହୋମ୍‌ଗାର୍ଡ ସୁଜିତ ପ୍ରତାପସିଂହଙ୍କୁ ଅପହରଣ କରି ନେଇ ବନ୍ଦୀ ଏବଂ ଆକ୍ରମଣ କରାଯାଇଥିଲା। ପରେ ପୋଲିସ ଦଳ ତାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଶେଷରେ ଚନ୍ଦକା ଥାନାର ଏସ୍‌ଆଇ ବିଜୟ କୁମାର ମାଝୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ୫ଜଣଙ୍କୁ ଗିରଫ କରିଛି।

# ଶ୍ରୀକାନ୍ତ ପାଇକରାୟଙ୍କ ୧୮ତମ ସ୍ମୃତି ସମାରୋହ

ଭୁବନେଶ୍ୱର,୫।୩(ବନ୍ଦନା ସେଠୀ): ବରିଷ୍ଠ ପ୍ରଶାସକ ଆଇଏଏସ୍ ଶ୍ରୀକାନ୍ତ ପାଇକରାୟଙ୍କ ୧୮ତମ ସ୍ମୃତି ସମାରୋହ ୟୁନିଟ୍-୩ ବାସଭବନରେ ସମାଜସେବୀ ଗୌରୀଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାଇକରାୟ ସ୍ୱଳ୍ପ ସମୟ ଭିତରେ ଜଣେ ଦକ୍ଷ ପ୍ରଶାସକ ଭାବେ ଜିଲାପାଳ, ସେସ୍ପୁର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗ ଦାୟିତ୍ୱରେ ରହି ସୁନାମ ଅର୍ଜନ କରିଥିଲେ। ଆହୁରି ୧୦ ବର୍ଷ କାର୍ଯ୍ୟକାଳ ଥିବା ଅବସ୍ଥାରେ ଅକାଳରେ ପରଲୋକ ହେଲା ବୋଲି ବକ୍ତାମାନେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ତ୍ରିପାଠୀ, ସୁଜାତା ପାଇକରାୟ, ପୂର୍ବତନ ଯନ୍ତ୍ରୀ ଅଶୋକ ପରିଡ଼ା, ଶୁଶ୍ରୀ ଦାସ, ସୁପ୍ରିୟା ପାଇକରାୟ, ଭରତ ସାହୁ, କୈଳାସ ପ୍ରଧାନ, ପ୍ରସନ୍ନ କୁମାର ଲେଙ୍କା, ପୀତାବାସ ମାନସିଂ ପ୍ରମୁଖ ଭାଷଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରଥିଲେ। ଶେଷରେ ତାଙ୍କର ପୁତ୍ର ଅମିତ ବିକ୍ରମ ପାଇକରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥକାଠ ଅନୁକୂଳ



ପୁରୁଣା ଭୁବନେଶ୍ୱର,୫।୩(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୬ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏନେଇ ଗୁରୁବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରଥଖଳାରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇ ରଥ କାଠ ଅନୁକୂଳ କରାଯାଇଛି। ପାଳିଆ ପୂଜାପଣ୍ଡା, ପତ୍ରୀ ଏବଂ ପର୍ବ ଯାତ୍ରା ବିଶୋଇ ସେବକ ମନ୍ଦିରରେ ଖଇଦହି ବଲ୍ଲଭ, ଠାକୁରାଣୀ ଖଇଦହି ବଲ୍ଲଭ ସରିବା ପରେ ଘଣ୍ଟ, ଘଣ୍ଟା, କାହାଳି ଶୋଭାଯାତ୍ରାରେ ରଥଖଳାରେ ପହଞ୍ଚିଥିଲେ। ସେଠାରେ ପତ୍ରୀ ସେବକ ଠା' କରି ସାରିବା ପରେ ପଦଯାତ୍ରା ବିଶୋଇ କଳସ ସ୍ଥାପନ କରି ରଥକାଠରେ ଚନ୍ଦନ ସିନ୍ଦୂର ଲଗାଇଥିଲେ। ଏହାପରେ ପୂଜାପଣ୍ଡା ସେବକ ପଞ୍ଚ ଉପଚାରରେ ରଥକାଠକୁ ପୂଜା କରି ସାରିବା ପରେ ମହାପ୍ରସାଦ ସମର୍ପଣ କରିଥିଲେ। ଏହା ପରେ ଆଳତି କରାଯାଇଥିଲା। ଆଳତି ସରିବା ପରେ ମହାରଣା ସେବକମାନେ ପୂଜା କରାଯାଇଥିବା କୁରାଢ଼ିରେ ଉକ୍ତ କାଠରେ ତିନି ଚୋଟ ଲେଖାଏ ମାରିଥିଲେ। ଏହାପରେ ଠାକୁରଙ୍କ ସକାଳ ଧୂପ ସହ ଅନ୍ୟାନ୍ୟ ନୀତି କରାଯାଇଥିଲା।

# ଭାରସାମ୍ୟ ହରାଇ ଖୁଣ୍ଟକୁ ପିଟିଲା ବାଇକ୍, ୧ ଗୁରୁତର

ବାରଙ୍ଗ,୫।୩(ଲିଙ୍ଗରାଜ ରାଉତ)

ଗାଡ଼ିସାହି ଫାଣ୍ଡି ଅନ୍ତର୍ଗତ କାଳିଆଶୁଣି ମନ୍ଦିର ନିକଟରେ ଏକ ଦ୍ରୁତଗାମୀ ବାଇକ୍ ରାସ୍ତା କଡ଼ରେ ଥିବା ଖୁଣ୍ଟକୁ ଧକ୍କା ଦେବା ଫଳରେ ୩ ଜଣ ଯୁବକ ଆହତ ହୋଇଛନ୍ତି। ଆହତ ଯୁବକମାନଙ୍କ ପରିଚୟ ମିଳି ନ ଥିବା ବେଳେ ସ୍ଥାନୀୟ ଲୋକମାନେ ସମସ୍ତଙ୍କୁ ରାସ୍ତାକଡ଼ ଖାଲ ଭିତରୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

ଗୁରୁବାର ଅପରାହ୍ନରେ ୩ଜଣ ଯୁବକ ଏକ ବାଇକ୍‌ରେ ଦ୍ରୁତ ଗତିରେ ସିଆଇଏସ୍‌ଏଫ୍ ପଟୁ ଗୋଡ଼ିସାହି ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଇକ୍‌ଟି କାଳିଆଶୁଣି ମନ୍ଦିର ସମ୍ମୁଖରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଖୁଣ୍ଟକୁ ଧକ୍କାଦେଇ ଖାଲକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି।

# 'ଚକ୍ରାନ୍ତ' ପାଇଁ ହଲ୍ ଫୁଲ୍

ଭୁବନେଶ୍ୱର,୫।୩ (ସୌମ୍ୟରଞ୍ଜନ ରାଉତ)

ଲକ୍ଷେଶ୍ୱର ପ୍ରଡକ୍ସନ ନିବେଦିତ ଓଡ଼ିଆ ସିନେମା 'ଚକ୍ରାନ୍ତ' ଦ୍ୱିତୀୟ ସପ୍ତାହରେ ବି ହଲ୍ ଫୁଲ୍ ରହିଛି। ରୂପେଲି ପରଦାରେ ପ୍ରଥମଥର ପାଇଁ ନାୟକ ଶୁଭାଶିଷ ଏବଂ ନାୟିକା ଭୂମିକାଙ୍କ ଅନସ୍କ୍ରିନ କେମେଷ୍ଟ୍ରିକୁ ଦର୍ଶକ ବେଶ ପସନ୍ଦ କରିଛନ୍ତି। ରାଜ୍ୟର ୨୫ଟି ପ୍ରେକ୍ଷାଳୟରେ 'ଚକ୍ରାନ୍ତ' ଶୁଭ ମୁକ୍ତିଲାଭ କରିବାଠାରୁ ଦର୍ଶକଙ୍କ ଭିତରେ ସିନେମାକୁ ନେଇ କ୍ରେଜ୍ ଦେଖିବାକୁ ମିଳୁଛି। ଫିଲ୍ମର କାହାଣୀ ଆଧୁନିକ ସମାଜର ଘଟଣାବଳୀ, ରହସ୍ୟ ଓ ରୋମାନ୍ସ ଦେଖିବାକୁ ମିଳିଛି। ଏହି କାହାଣୀଟି ସବୁ ବର୍ଗର ଦର୍ଶକଙ୍କ ମନକୁ ଛୁଇଁଛି। ସୌରଭ ପାଢୀଙ୍କ ପ୍ରଯୋଜିତ ସିନେମା ଚକ୍ରାନ୍ତରେ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ। ଦିଶା ପାଢୀଙ୍କ କାହାଣୀ ଓ ଜିତେନ୍ଦ୍ର କୁମାର ବରାଳଙ୍କ ସଂଳାପ ସିନେମାର ଦୃଶ୍ୟପଟ୍ଟକୁ ପୂର୍ଣ୍ଣାଙ୍ଗ କରିଛି। ଚଳଚ୍ଚିତ୍ରରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତିଙ୍କ ଅଭିନୟ ମନ ଜିଣୁଛି। ଏହାସହ ମେଲୋଡି କିଙ୍ଗ୍ ସ୍ୱର୍ଗତ ଅଭିଜିତ୍ ମଜୁମଦାରଙ୍କ ଶେଷ ସଙ୍ଗୀତ ନିର୍ଦ୍ଦେଶନାକୁ ଦର୍ଶକ ମାତ୍ରାଧିକ ଭଲପାଇବା ଦେଇଛନ୍ତି।



ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଶୁଭମୁକ୍ତିଲାଭ ଅବସରରେ ଏହାର ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଅଭିଜିତ୍ ମଜୁମଦାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ବିଜୁବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ


ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୫।୩
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଓ ବିକାଶ ପାଇଁ ବ୍ରତୀ ଥିଲେ। ସେ ଯେଉଁ କ୍ଷେତ୍ରରେ ହାତ ରଖୁଥିଲେ, ତାହା ସୁନା ପାଲଟି ଯାଉଥିଲା। ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସୂଚନା ଭବନଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା। ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା ବୋଲି ସେ କହିଥିଲେ। ସେ କହିଲେ, ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା। ଓଡ଼ିଶା ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବା। ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା। ସମୃଦ୍ଧ ଓଡ଼ିଶା ଗଠନ ହେଲେ ହିଁ ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ। ବିଜୁ ବାବୁଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ସମୃଦ୍ଧି ଓ ଓଡ଼ିଆ ଜାତିର ଗୌରବକୁ ଆହୁରି ଉଚ୍ଚତାକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂହ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଓ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଦିବସରେ ଗଣଦୌଡ଼ ସହ ସମ୍ବର୍ଦ୍ଧିତ ହେବେ ପ୍ରତିଭା

## 'ସମ୍ପୂର୍ଣ୍ଣା' ପାଇଁ ବିଏମ୍‌ସିର ପ୍ରସ୍ତୁତି

ଭୁବନେଶ୍ୱର, ୫।୩ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ହେଉଛି ଅନ୍ତର୍ଜାତୀୟ ମହିଳା ଦିବସ। ଏହି ଅବସରରେ ସ୍ୱଚ୍ଛ ସର୍ବେକ୍ଷଣ ସମ୍ପର୍କିତ ଶିକ୍ଷା, ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ଏକ ନିଆରା ଢଙ୍ଗରେ ପାଳନ କରିବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରୟାସ କରାଯାଇଛି। ସ୍ୱଚ୍ଛତାର ବାର୍ତ୍ତା ସହିତ ହସ୍ତତନ୍ତ ପରିପାଟିରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ ଶହ ଶହ ମହିଳା। ଗଣଦୌଡ଼ ସହ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଗୁରୁବାର ବିଏମ୍‌ସି ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ରବିବାର ସକାଳ ୬ଟାରୁ ମାଷ୍ଟରକ୍ୟାଣ୍ଟିନ ଛକରୁ ମହିଳା ଗଣଦୌଡ ଆରମ୍ଭ ହୋଇ ବିଏମସି ମୁଖ୍ୟାଳୟ ପର୍ଯ୍ୟନ୍ତ ଯିବ। ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ ବିଚିତ୍ରା 'ସମ୍ପୂର୍ଣ୍ଣା' ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ଗଣଦୌଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳାଙ୍କୁ ପୁରସ୍କୃତ କରାଯିବ। ସାଂସ୍କୃତିକ ବିଚିତ୍ରାରେ ଡ୍ୟାନ୍ସ ସହ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମୁଖ୍ୟ ଆକର୍ଷଣ ରହିବେ ବୋଲି ସୂଚନା ଦିଆଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ଜୋନାଲ କମିଶନର ଅଶନୀ ଏ.ଏଲ ପ୍ରମୁଖ ମଞ୍ଚାସୀନ ଥିଲେ।

# ରତିକାନ୍ତ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)



ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ପରୋପକାରୀ ଓ ମେଳାପୀ ରତିକାନ୍ତ ମହାନ୍ତିଙ୍କର ବୁଧବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ତ୍ରୀ ମନୋରମା ମହାନ୍ତି, ବଡ଼ ପୁଅ ତଥା କୃଷି ବିଜ୍ଞାନୀ ସୁବ୍ରତ କୁମାର ମହାନ୍ତି, ବୋହୂ ଓଡିଶା ରେରାର ସଚିବ ମାନସୀ ମାନ୍ଧାତା, ଝିଅ ଜ୍ୱାଇଁ ଓ ନାତୁଣୀନାତି ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଜଗନ୍ନାଥ ବିହାର ଓ ଲକ୍ଷ୍ମୀସାଗର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଲୋକ ଏବଂ ଓଡିଶା କୃଷି ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନୀଙ୍କ ସହ କର୍ମଚାରୀମାନେ ଜଗନ୍ନାଥ ବିହାରସ୍ଥିତ ନିବାସରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

# ହରିହରନଙ୍କ ଗଜଲରେ ଦର୍ଶକ ମନ୍ତ୍ରମୁଗ୍ଧ

ଭୁବନେଶ୍ୱର,୫।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ବୃନ୍ଦାବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନ ଗୁରୁକୁଳର ଶିଳ୍ପୀମାନେ ସାମୂହିକ ବଂଶୀବାଦନ କରିଥିଲେ। 'ବୈଷ୍ଣବ ଜନ ତୋ ତେନେ କହିୟେ' ଏବଂ 'ରଙ୍ଗ ବରସେ' ସଙ୍ଗୀତକୁ ବଂଶୀରେ ଉଜ୍ଜୀବିତ କରିଥିଲେ ଶିଳ୍ପୀବୃନ୍ଦ। ତବଲାରେ ବିଶ୍ୱ ରଞ୍ଜନ ନନ୍ଦ, ଢୋଲରେ ବୈଭବ ଦାସ, ଗିଟାରରେ ରୁପେଶ ଜୀବନ ବଂଶୀବାଦକମାନଙ୍କୁ ସହଯୋଗ କରିଥିଲେ। ସଙ୍ଗୀତଜ୍ଞ ପଦ୍ମଶ୍ରୀ ହରିହରନ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ହୋଲି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହାପରେ ହରିହରନ ସଙ୍ଗୀତ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପ୍ରଥମେ ଠୁମ୍ରୀ 'ତୁ ଆଜା କାହ୍ନା' ଏବଂ ପରେ 'ଏସି ହୋରି ନା ଖେଲୋ କହ୍ନାଇରେ' ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ 'ଲୋଗ୍ କେହେତେ ହେ ଅଜନବି ତୁମ୍ ହୋ', 'ଝୁମ୍ ଲେ ହସ୍ ବୋଲ୍ ଲେ', 'ନିଶାନ ୟୁଁ ତୋ ଥେ', ସେହେର ଦର ସେହେର', 'ରଞ୍ଜିସ ହି ସହି' ଭଳି ଗଜଲ୍‌କୁ ଖୁବ୍ ସୁନ୍ଦର ଭାବେ ପରିବେଷଣ କରିଥିଲେ। ସଙ୍ଗୀତଜ୍ଞ ପଦ୍ମ ବିଭୂଷଣ ହରିପ୍ରସାଦ ଚୌରସିଆ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ସ୍ୱାସ୍ଥ୍ୟ ବିଭାଗର କମିଶନର ଅଶ୍ୱଥୀ ଏସ୍, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଳବନ୍ତ ସିଂହ, ଆଇଜି ସାଇନି ଏସ୍, ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


ସୁଷମା ସଙ୍ଗୀତ ସଦନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ ଗୁରୁପ୍ରଣାମ ଉତ୍ସବରେ କୁନିଶିଳ୍ପୀମାନେ ନୃତ୍ୟନାଟିକା ପରିବେଷଣ କରୁଛନ୍ତି।

# ଔଷଧୀୟ, ସୁଗନ୍ଧିତ ଉଦ୍ଭିଦକୁ ନେଇ ଉଦ୍ୟୋଗ ସୃଷ୍ଟି ଆହ୍ୱାନ

## ଓୟୁଏଟିରେ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୫।୩(ସୁଚିସ୍ମିତା ସାହୁ)



ଚାଷୀଙ୍କ ବ୍ୟବହାର ପାଇଁ ପ୍ରକାଶିତ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଔଷଧୀୟ ବୃକ୍ଷର ରକ୍ଷଣାବେକ୍ଷଣ ସହ ମାନବ ସେବାରେ ବ୍ୟବହାର ଲାଗି 'ଜୀବିକା ଓ ଉଦ୍ୟୋଗୀ ସୃଷ୍ଟି ପାଇଁ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ' ଶୀର୍ଷକ ୨ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଗୁରୁବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଆୟୁଷ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦର ପୂର୍ବତନ ଉପମହାନିର୍ଦ୍ଦେଶକ ତଥା ନୂଆଦିଲ୍ଲୀସ୍ଥିତ ଆୟୁଷ ମନ୍ତ୍ରଣାଳୟର ଡ. ଏମ. ଏମ୍. ପାଢ଼ୀ ଯୋଗଦେଇ ଆୟୁର୍ବେଦ ଔଷଧର ବ୍ୟବହାର, ଚାହିଦା ଓ ବଜାର ନିବେଶ ଉପରେ କହିଥିଲେ। ଭାରତରୁ ଅନେକ ଆୟୁର୍ବେଦ ଔଷଧ ବିଦେଶକୁ ଯାଉଛି। ଆମେରିକାକୁ କେବଳ ଭାରତରୁ ୮୦ପ୍ରତିଶତ ଆୟୁର୍ବେଦ ଔଷଧ ରପ୍ତାନି ହେଉଥିବାରୁ ଚାଷୀମାନେ ଏ ଦିଗରେ ଅଧିକ ମନ ଦିଅନ୍ତୁ। ବହୁ ଔଷଧୀୟ ବୃକ୍ଷ ଲୋପ ପାଇଯାଉଥିବାରୁ ଏହାକୁ କିପରି ବଞ୍ଚାଇ ପାରିବା ସେ ଦିଗରେ କାର୍ଯ୍ୟ କରନ୍ତୁ। ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ ଏ ଦିଗରେ ବଡ ସମସ୍ୟା ହୋଇଥିବା ବେଳେ ଔଷଧୀୟ ବୃକ୍ଷର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ। ନୂତନ ବୈଷୟିକ ଜ୍ଞାନ କୌଶଳର ନିୟମାନୁଯାୟୀ ବ୍ୟବହାର ଦ୍ୱାରା ଔଷଧୀୟ ବୃକ୍ଷର ସଂଖ୍ୟା ବୃଦ୍ଧି କରାଯାଇପାରିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ଭୁବନେଶ୍ୱର ଶାଖାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକ ଭି. କହିଛନ୍ତି, ଉତ୍ତମ କୃଷି ପରିଚାଳନା, ନୂତନ ଉଦ୍ୟୋଗୀ ସୃଷ୍ଟି, ଜାତୀୟ କର୍ମଶାଳାର ଆୟୋଜନ ଚାଷୀଙ୍କୁ ଔଷଧୀୟ ଓ ସୁଗନ୍ଧିତ ବୃକ୍ଷକ୍ଷେତ୍ରରେ ସହାୟକ ହୋଇପାରିବ। ଚାଷୀମାନେ ପାରମ୍ପରିକ ଭାବେ ଚାଷ କରୁଥିବା ଔଷଧୀୟ ବୃକ୍ଷର ଗୁଣବତ୍ତା ଉପରେ ଧ୍ୟାନ ଦେବାକୁ ହେବ। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରି କହିଲେ, ମନୁଷ୍ୟ ଶରୀରର ସୁସ୍ଥତା ବଜାୟ ରଖିବାରେ ଆୟୁର୍ବେଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଚାଷୀଙ୍କ ବ୍ୟବହାର ପାଇଁ ପ୍ରକାଶିତ କେତେକ ପୁସ୍ତିକାକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ ଫଳ ବିଜ୍ଞାନ ଏବଂ ଉଦ୍ଭିଦ ବୈଷୟିକ ବିଭାଗର ମୁଖ୍ୟ ପ୍ରଫେସର ସୁଭାଷ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପିଏନ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ତେଜିଲା

ଖୋର୍ଦ୍ଧା,୫।୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶାର ଲବ୍ଧ ଶିକ୍ଷାନୁଷ୍ଠାନ ମଧ୍ୟରେ ଅନ୍ୟତମ ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ତେଜିଲା। ଏନେଇ ବିଭିନ୍ନ ମହଲରେ ଦାବି ଉଠିଛି। ଦୀର୍ଘ ବର୍ଷ ଧରି ଏହି ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ହୋଇ ଆସୁଥିବା ବେଳେ ଏବେ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ମହାବିଦ୍ୟାଳୟ ପରିଚାଳନା କମିଟି, ଆଲୁମ୍ନି କମିଟି ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ, ଜନପ୍ରତିନିଧି ସ୍ୱର ଉଠାଇଛନ୍ତି। ଏନେଇ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ କ୍ୟାମ୍ପସ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର ଏହି କଲେଜର ପୃଷ୍ଠଭୂମି, ଛାତ୍ରୀଛାତ୍ରଙ୍କ ସଫଳତା, ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଡ.ସୁଶୀଲ କୁମାର ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ଡ.ସୁବାସ କୁମାର, ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ପୌର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରସାଦ ମଜୁମଦାର, ବରିଷ୍ଠ ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ଡ.ଚୌଧୁରୀ ପି.କେ ଦାସ, ଗୋପାଳକୃଷ୍ଣ ଦାସ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, ପ୍ରାଧ୍ୟାପକଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ମହାବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସବୁବର୍ଗର ଲୋକଙ୍କୁ ନେଇ ଆଲୋଚନା କରାଯିବ। ଏଥିଲାଗି ମତାମତ ସଂଗ୍ରହ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ଖୋର୍ଦ୍ଧା ସହର ୬ ଘଣ୍ଟା ବନ୍ଦ ଡାକରା ଦିଆଯିବା ନେଇ ନିଷ୍ପତ୍ତି ନିଆଯାଇଛି।

ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଖୋର୍ଦ୍ଧାରେ ଶିକ୍ଷାର ପ୍ରଗତି ପାଇଁ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ଏହି ମହାବିଦ୍ୟାଳୟ ଗଢ଼ିଥିଲେ। ତାଙ୍କ ନାମ ଅନୁସାରେ ଏହି ମହାବିଦ୍ୟାଳୟର ନାମ ପ୍ରାଣନାଥ ନାମରେ ନାମକରଣ କରାଯାଇଛି। ୧୯୫୮ରେ ସ୍ଥାପିତ ଏହି ମହାବିଦ୍ୟାଳୟ ୨୦୦୬ ମସିହାରେ ସ୍ୱୟଂଶାସିତ ମାନ୍ୟତା ପାଇଥିଲା। ଜିଲା ଏବଂ ଜିଲା ବାହାରୁ ଏଠାରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଯୁକ୍ତ୨ ଏବଂ ୩ରେ ୭ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଏଠାରେ ବିଭିନ୍ନ ବିଭାଗରେ ସ୍ନାତକୋତର ମଧ୍ୟ ରହିଛି। ଏଥିସହିତ ସେଲ୍ଫ ଫାଇନାନ୍ସ କୋର୍ସ ମଧ୍ୟ ରହିଛି। କଲେଜ ୭୫ଏକର ପରିମିତ ଅଞ୍ଚଳ ରହିଛି। ରାଜ୍ୟ ତଥା ଜାତୀୟସ୍ତରୀୟ କ୍ରୀଡା ଏବଂ ଅନ୍ୟ ବିଷୟରେ ଏଠାକାର ଛାତ୍ରୀଛାତ୍ରମାନେ ସୁନାମ ଆଣିଛନ୍ତି। ଏହି ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛନ୍ତି। ତେବେ ଦୀପ ତଳ ଅନ୍ଧାର ଭଳି ରାଜଧାନୀଠାରୁ ମାତ୍ର ୨୫ କିମି ଦୂରତାରେ ଅବସ୍ଥିତ ଏହାର ବିକାଶ ପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଛି।

ମହାବିଦ୍ୟାଳୟ ଉପଦେଷ୍ଟା ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଛନ୍ତି ଯେ, ଏହି ମହାବିଦ୍ୟାଳୟ ଓଡ଼ିଶାରେ ଉଚ୍ଚଶିକ୍ଷା ଦିଗରେ ଏକ ମାଇଲଖୁଣ୍ଟ। ନାକ୍ ମାନ୍ୟତା ସହ ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ନିକଟରେ ସରକାର ଏକାଧିକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଛନ୍ତି। ତେବେ ପିଏନ୍ କଲେଜକୁ ବାଦ୍ ଦିଆଯାଇଛି। ସେହିପରି ବରିଷ୍ଠ ଖବରଦାତା ପଟ୍ଟନାୟକ କହିଛନ୍ତି ଯେ,୧୯୫୮ ମସିହା ଜାନୁଆରୀ ୨୮ରେ କଲେଜ ସ୍ଥାପନା ହୋଇଥିବା ବେଳେ ୧୯୬୯ରେ ପାଠପଢ଼ା ଆରମ୍ଭ ହୋଇଥିଲା। ଏହାର ଛାତ୍ରୀଛାତ୍ର ପ୍ରଶାସନ, ରାଜନୀତି, ବ୍ୟବସାୟିକ ପ୍ରତିଷ୍ଠାନ, ସାମ୍ବାଦିକତା, ଅଧ୍ୟାପନା ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ତେବେ ଏହି ଛାତ୍ରଗଢ଼ା ମହାବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ପୂର୍ବତନନ ପୋଲିସ ପ୍ରଶାସକ ମଜୁମଦାର କହିଥିଲେ ଯେ, ପ୍ରାଣନାଥ ପଟ୍ଟନାୟକ ଜଣେ ସ୍ୱାଧୀନତା ସଂଗ୍ରାମୀ ସହ ଦୂରଦୃଷ୍ଟି ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ। ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ସାକାର କରିବାକୁ ହେଲେ ଏହି ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଲୁମ୍ନିଙ୍କ ସହଭାଗିତା, ସମନ୍ୱୟତା ଆବଶ୍ୟକ ରହିଛି। ସେହିପରି ପୂର୍ବତନ ବିଧାୟକ ମିତ୍ର କହିଥିଲେ ଯେ, ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଏହି ଶିକ୍ଷାନୁଷ୍ଠାନ ସମସ୍ତ ମାନଦଣ୍ଡ ପୂରଣ କରୁଛି। ପୂର୍ବରୁ ମଧ୍ୟ ବିଭିନ୍ନ ଫୋରମ୍‌ରେ ଏଥିଲାଗି ଦାବି ହୋଇଥିବା ବେଳେ ସରକାରଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ଏବେ ସବୁସ୍ତରରେ ଏଥିଲାଗି ସ୍ୱର ଉଠିଛି, ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦିଆଯିବ। ପୌର ଉପାଧ୍ୟକ୍ଷ ମହାନ୍ତି କହିଥିଲେ ଯେ, ଶିକ୍ଷାର ପ୍ରଗତି ପାଇଁ ପ୍ରାଣନାଥ ଦେଖିଥିବା ସ୍ୱପ୍ନକୁ ସାକାର କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ। ଏହି ଐତିହ୍ୟ ସମ୍ପର୍ଣ୍ଣ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ରୂପ ଦେବା ପାଇଁ ସମୟ ଉପନୀତ ହୋଇଛି। ଏଥିଲାଗି ସମସ୍ତଙ୍କ ସହଯୋଗ ଜରୁରୀ।



ବୈଠକରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଅନ୍ୟ ଅତିଥି।

## ବସିବ ସର୍ବଦଳୀୟ ବୈଠକ, ୬ଘଣ୍ଟା ବନ୍ଦ ପାଳନ ନିଷ୍ପତ୍ତି



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ ଉପସ୍ଥିତ ଥିଲେ। (ଫଟୋ: ପ୍ରଭାତ ପାଣିଗ୍ରାହୀ)

# ବିଜୁବାବୁଙ୍କ ଅବଦାନ ଚିରସ୍ମରଣୀୟ

ବେଗୁନିଆ,୫।୩(ସନ୍ଧ୍ୟାରାଣୀ ମିଶ୍ର)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଗୁରୁବାର ବେଗୁନିଆସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ବୋଲଗଡ଼ ବିଜେଡି ସଭାପତି ବାନାମ୍ବର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେଗୁନିଆ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପ୍ରଦୀପ ସାହୁ, ଶିକ୍ଷାବିତ୍ ଭଗବାନ ପଣ୍ଡା, ଗୋବିନ୍ଦପୁରର ପୂର୍ବତନ ସରପଞ୍ଚ ଜାଗର ମାଝୀ, ଅରିକମାର ପୂର୍ବତନ ସରପଞ୍ଚ ରତ୍ନାକର ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଜୁ ବାବୁଙ୍କ ଅବଦାନ ଚିର ସ୍ମରଣୀୟ ବୋଲି ମତପ୍ରକାଶ ପାଇଥିଲା। ଦଳୀୟ କର୍ମୀମାନେ ଉପସ୍ଥିତ ରହି ବିଜୁ ପଟ୍ଟନାୟକ ଅମର ରହେ ନାରା ଦେଇଥିଲେ। ଶେଷରେ ବେଗୁନିଆ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋର୍ଦ୍ଧା ଜିଲା ଠିକାଦାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଖୋର୍ଦ୍ଧା,୫।୩(ପ୍ରଭାତ ପାଣିଗ୍ରାହୀ)

ଦୀର୍ଘ ୧୫ ଦିନ ଧରି ଭୁବନେଶ୍ୱର ଗାନ୍ଧୀମାର୍ଗରେ ରାଜ୍ୟ ଠିକାଦାର ସଂଘ ଅନଶନରେ ବସିଛନ୍ତି। ଫଳରେ ରାଜ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ରାସ୍ତାଘାଟ ଠାରୁ ଆରମ୍ଭ କରି ଡ୍ରେନ୍ ଓ ବିଲ୍ଡିଂ କାମ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାଜ୍ୟ ଠିକାଦାର ସଂଘର ନିଷ୍ପତ୍ତିକ୍ରମେ ଗୁରୁବାର ସମସ୍ତ ଜିଲାର ମୁଖ୍ୟ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଏନେଇ ଖୋର୍ଦ୍ଧା ଠିକାଦାର ସଂଘ ପକ୍ଷରୁ ଜିଲାର ଶତାଧିକ ଠିକାଦାର ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ନାରାବାଜି କରିଥିଲେ। ବିଶେଷକରି ସଂଘ ପକ୍ଷରୁ ନେଗେଟିଭ ବିଡ ସର୍କୁଲାରକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ସାହୁ, ପ୍ରଦୀପ ମିଶ୍ର, ପ୍ରକାଶ ରଣସିଂହ, ରବୀନ୍ଦ୍ର ରାଉତରାୟ, କରୁଣାକର ରାଉତଙ୍କ ଉପସ୍ଥିତିରେ ୮ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଠିକାଦାର ବିଜୟ ବିଶ୍ୱାଳ, ରଶ୍ମିରଞ୍ଜନ ବଳିୟାରସିଂ, ରାଜେଶ କୁମାର ପ୍ରଧାନ, ଶୁଭକାନ୍ତ ମହାପାତ୍ର, ଦୀପକ କୁମାର ମହାନ୍ତିଙ୍କ ସମେତ ଶତାଧିକ ଠିକାଦାର ଉପସ୍ଥିତ ଥିଲେ।

# ପରସ୍ପରକୁ ରଙ୍ଗ ଲଗାଇଲେ, ମିଠା ଖୁଆଇଲେ

ଖୋର୍ଦ୍ଧା,୫।୩(ପ୍ରଭାତ ପାଣିଗ୍ରାହୀ)

ହୋଲି ଅବସରରେ ବୁଧବାର ସବୁଠି ଜମିଥିଲା ରଙ୍ଗର ଆସର। ଲୋକେ ପରସ୍ପରକୁ ରଙ୍ଗ ଲଗାଇବା ସହ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଚଳିତ ବର୍ଷ ହର୍ବାଲ ରଙ୍ଗର ଚାହିଦା ରହିଥିଲା। ବିଭିନ୍ନ କଲୋନୀରେ ପରିବାର, ସାଙ୍ଗସାଥୀ ଏକାଠି ହୋଇ ହୋଲି ଗୀତର ତାଳେ ତାଳେ ରଙ୍ଗ ଖେଳି ଓ ନାଚି ମଜା ଉଠାଇଥିଲେ। ବିଭିନ୍ନ କଲୋନୀରେ ପରିବାର, ସାଙ୍ଗସାଥି ଏକାଠି ହୋଇ ଗୀତର ତାଳେ ତାଳେ ନାଚି ମଜା ଉଠାଇଥିଲେ। ଖୋର୍ଦ୍ଧା କ୍ଲବ ଇଗଲ କ୍ଲବ, କ୍ଲବ ମର୍ନିଂଷ୍ଟାର, ବିଡିଏ କଲୋନୀ, କୋଣାର୍କ ନଗର, ବିକାଶ ନଗର ନାଗରିକ ପରିଷଦ, ଶ୍ରୀରାମ ନଗର, ଗୁରୁଜଙ୍ଗ, ମୁକୁନ୍ଦପ୍ରସାଦ, ଭାଲିଆବାଡି, ପୁରୁଣା ବସଷ୍ଟାଣ୍ଡ ସମେତ ବିଭିନ୍ନ ସାହିରେ ସାମୂହିକ ଉତ୍ସବ ଆୟୋଜନ ହୋଇଥିଲା। ବିଭିନ୍ନ ରାଜନେତାଙ୍କ ଘରେ ସମର୍ଥକଙ୍କ ଭିଡ଼ ଜମିଥିବା ବେଳେ ଯୁବଗୋଷ୍ଠୀ ଏକାଠି ହୋଇ ହୋଲିର ମଜା ଉଠାଇଥିଲେ। ସାମ୍ବାଦିକ ଭବନରେ ଖବରଦାତାମାନେ ଏକାଠି ହୋଇ ଉତ୍ସବ ପାଳିଥିଲେ। ନାଚଗୀତର ଆସର ଜମିଥିଲା। ଆଇନଜୀବୀମାନେ କୋର୍ଟ ଛକରେ ଏକାଠି ହୋଇ ହୋଲି ଖେଳିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ବିଭିନ୍ନ ଛକରେ ପୋଲିସ ମୁତୟନ ରହିବା ସହ ପାଟ୍ରୋଲିଂ ଗାଡି ପଇଁତାରା ମାରୁଥିଲା। ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ଚଳିତ ବର୍ଷ ନିଶା ମୁକ୍ତ ହୋଲି ଆୟୋଜନ ବାର୍ତ୍ତା ଦେଇଥିଲେ। ନିଶା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି। ଯୁବକମାନେ ନିଶାଠାରୁ ଦୂରେଇ ରହି ହୋଲିର ମଜା ନେବା ପାଇଁ ସଚେତନତ କରିଥିଲେ।



ରଙ୍ଗର ଉତ୍ସବ ହୋଲିରେ ଏକତ୍ରିତ ହୋଇଥିବା ମହିଳାମାନେ।

# ୧୦ଗ୍ରାମ୍ ବ୍ରାଉନ୍‌ସୁଗାର ସହ କାର୍ ଜବତ, ବେପାରୀ ଗିରଫ

ଖୋର୍ଦ୍ଧା,୫।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡ଼ିସ୍ଥିତ ବିଡିଏ ପଡ଼ିଆରେ ପୋଲିସ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପୁରୁସାହି ଚାନ୍ଦପୁରର ପ୍ରଦୀପ୍ତ କୁମାର ରଥ (୩୪)। ତାଙ୍କ ନିକଟରୁ ୧୦ଗ୍ରାମ୍ ବ୍ରାଉନ୍‌ସୁଗାର, ଏକ କାର୍ ଏବଂ ମୋବାଇଲ ଫୋନ ଜବତ ହୋଇଛି। ସୂଚନା ମୁତାବକ, ବିଡିଏ ପଡ଼ିଆରେ ବ୍ରାଉନ୍‌ସୁଗାର କାରବାର ହେଉଥିବା ଖବରପାଇ ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପ୍ରଦୀପ୍ତଙ୍କଠାରୁ ବ୍ରାଉନ୍‌ସୁଗାର, ଏକ କାର୍ (ଓଡି ୩୩ୟୁ ୫୨୫୯) ଏବଂ ଫୋନ ଜବତ ହୋଇଥିଲା। ଏନେଇ ଥାନାରେ ଏନଡିପିଏସ୍ ଆକ୍ଟରେ ଏକ ମାମଲା(ନଂ.୧୨୭/୨୬) ରୁଜୁ ପରେ ପୋଲିସ ପ୍ରଦୀପ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ୨୬ ଲକ୍ଷ ଟଙ୍କା ହଡ଼ପ, ଫାଇନାନ୍ସ କର୍ମଚାରୀ ଗିରଫ

ବାଲୁଗାଁ,୫।୩(ସଂଗ୍ରାମ ପାଇକରାୟ)

ବାଲୁଗାଁସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ବକେୟା ଋଣ ଅର୍ଥ ୨୬ଲକ୍ଷ ଟଙ୍କା ହଡ଼ପ ହୋଇଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ଉକ୍ତ ସଂସ୍ଥାର କର୍ମଚାରୀ ସିଦ୍ଧାର୍ଥ ଦାସକୁ ଗିରଫ କରିଛି। ଅଭିଯୁକ୍ତଙ୍କ ଘର ନୟାଗଡ଼ ଜିଲା ସଦର ଥାନା ପେଟାପଲ୍ଲୀ ଗ୍ରାମରେ। ସୂଚନା ମୁତାବକ, ବାଲୁଗାଁ ସ୍ଥିତ ଭାରତ ଫାଇନାନ୍ସ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରୁଥିବା ବେଳେ ସିଦ୍ଧାର୍ଥ ଉକ୍ତ ସଂସ୍ଥାରେ କର୍ମଚାରୀ ଭାବେ ରହି ବକେୟା ଋଣ ଅର୍ଥ ସଂଗ୍ରହ କରିଥାନ୍ତି। ଏପରିସ୍ଥଳେ କିଛି ମାସ ପୂର୍ବେ ଅଡିଟ ବେଳେ ଆଦାୟ ହୋଇଥିବା ୨୬ଲକ୍ଷ ଟଙ୍କା ଋଣ ଅର୍ଥ ଗାଏବ ହୋଇଥିବା ଜଣାପଡ଼ିଥିଲା। ଘଟଣା ଜଣାପଡ଼ିବା ପରେ ସିଦ୍ଧାର୍ଥ ଫେରାର ହୋଇଯାଇଥିଲେ। ଏନେଇ ଉକ୍ତ ସଂସ୍ଥାର ପରିଚାଳକ ସୁଶାନ୍ତ ବେହେରା ଗତ ଜାନୁଆରୀ ୫ରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୪/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅନୁସନ୍ଧାନ ଜାରି ରହିଥିଲା। ତେବେ ଦୀର୍ଘ ୨ମାସ ପରେ ସିଦ୍ଧାର୍ଥଙ୍କୁ ତାଙ୍କ ଗ୍ରାମ ନୟାଗଡ଼ ଅଞ୍ଚଳରୁ ପୋଲିସ ଗିରଫ କରିଛି। ହଡ଼ପ ଟଙ୍କା ଆଦାୟ ପାଇଁ ପୋଲିସର ଉଦ୍ୟମ ଜାରି ରହିଛି। ଗତ ବୁଧବାର ଅଭିଯୁକ୍ତ ସିଦ୍ଧାର୍ଥଙ୍କ କୋର୍ଟଚାଲାଣ କରାଯାଇଥିଲା।

# ଟ୍ରେନ୍‌ରେ କଟି ଜୀବନ ଗଲା

ନିରାକାରପୁର,୫।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ହୋଲି ପାଇଁ ବୁଧବାର ସବୁଠି ଉତ୍ସାହର ମାହୋଲ ଥିବା ବେଳେ ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଥିଲା। ଟ୍ରେନ୍‌ରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିରାକାରପୁର ଥାନା ଅଧୀନ ରାମେଶ୍ୱର ପଞ୍ଚାୟତ ଖଜୁରିପଡ଼ା ଗ୍ରାମର ଦିବାକର ପାହାଡ଼ସିଂହ ଓରଫ ସୁକୁଟା(୪୧) ବୋଲି ନିରାକାରପୁର ରେଳବାଇ ଫାଣ୍ଡି ପୋଲିସ ଚିହ୍ନଟ କରିଛି। ସେ ସ୍ଥାନୀୟ ଷ୍ଟେଶନ ଦକ୍ଷିଣ ପାର୍ଶ୍ୱରେ ଥିବା କାଶୀପୁର କାଟେଣୀଠାରେ ରେଳଧାରଣା ଉପରେ ପଡିଥିବା ଖବରପାଇ ସ୍ଥାନୀୟ ରେଳୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏନେଇ ନିରାକାରପୁର ରେଳବାଇ ଫାଣ୍ଡି ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୬)ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି।

# ମନ୍ଦିର ପରିସରରୁ ଝୁଲନ୍ତା ମୃତଦେହ ଜବତ

ଟାଙ୍ଗୀ,୫।୩(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ବିରିବାଡ଼ି ସ୍ଥିତ ଶ୍ରୀଲୋକନାଥ ଦେବଙ୍କ ମନ୍ଦିର ପରିସରରୁ ଗୁରୁବାର ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଚିଲିକା ବ୍ଲକ ଅନ୍ତର୍ଗତ କୟଥପଲ୍ଲୀ ଗ୍ରାମର ମକଦମ ସେଣ। ସୂଚନା ମୁତାବକ, ଶାରୀରିକ ଅସୁସ୍ଥତା ପାଇଁ କିଛି ଦିନ ହେଲା ମକଦମ ଉକ୍ତ ମନ୍ଦିରରେ ଗୁହାରିଆ ପଡ଼ିଥିଲେ। ଗୁରୁବାର ସକାଳେ ମନ୍ଦିର ପରିସରରେ ସେ ଝୁଲୁଥିବା କେତେଜଣ ଶ୍ରଦ୍ଧାଳୁ ଦେଖିବାକୁ ପାଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଡକାୟତି ଯୋଜନାବେଳେ ୬ ଧରାପଡ଼ିଲେ

ଟାଙ୍ଗୀ,୫।୩(ରଘୁନାଥ ସାହୁ)

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଟାଙ୍ଗୀ ଥାନା ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନାଚୁଣି ଥାନା ଅଧୀନ କୁଲେଇ ଗ୍ରାମର କାଶି ସ୍ୱାଇଁ, ଘାସେଡିହ ଗ୍ରାମର ସେଖ ହାସିମ୍, ବାଣପୁର ଥାନା ଗାଲୁଆ ଗ୍ରାମର କୃଷ୍ଣ ସାହୁ, ବଡ଼ହନ୍ତୁଆଡ଼ର କାଲୁ ଦାସ, ବାଲୁଗାଁ ଥାନା କୁଲାକୁଣ୍ଡେଇ ନୂଆଗାଁର ଆଶିଷ କୁମାର ଜେନା ଏବଂ ଚିଲିକା ରୋଡର ଜିତେନ୍ଦ୍ର ପ୍ରଧାନ। ଏମାନଙ୍କ ନିକଟରୁ ଦୁଇଟି ବାଇକ୍, ଦୁଇଟି ଖଣ୍ଡା, ଗୋଟିଏ ପିସ୍ତଲ, ଗୋଟିଏ ଲୁହାରଡ୍ ଏବଂ ସାଇକେଲ କ୍ରାଙ୍କ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୭୨/୨୬) ରୁଜୁ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ସୂଚନା ମୁତାବକ, ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ବେଣିପଥର ରାସ୍ତାରେ ଡକାୟତି ପାଇଁ ଉପରୋକ୍ତ ଅଭିଯୁକ୍ତମାନେ ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହା ପରେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଥିଲା।



ଜବତ ହୋଇଥିବା ମାରଣାସ୍ତ୍ର।

# ମା'ମଙ୍ଗଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ବୋଲଗଡ଼,୫।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାସୋଳ ଗ୍ରାମର ମା'ବାଉତି ଖେଳପଡ଼ିଆରେ ଗୁରୁବାର ମା'ମଙ୍ଗଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ସାଆନ୍ତା ଏବଂ କାଳୁଟୁଆପାଟଣା ଫୁଟ୍‌ବଲ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୩-୧ ଗୋଲରେ କାଳୁଟୁଆପାଟଣା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ମନୋଜ କୁମାର ନିଶଙ୍କ, ଲକ୍ଷ୍ମୀଧର ଚୌଧୁରୀ, ବୈକୁଣ୍ଠ ମହାପାତ୍ର ଏବଂ ରବୀନ୍ଦ୍ର ଖଟୋଇ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ଐତିହାସିକ ଡ. ବିଭୂତି ଭୂଷଣ ଦଳାଇ, ସମିତିସଭ୍ୟ ଦିଲୀପ ମହାପାତ୍ର, ଗ୍ରାମ ସଭାପତି ପ୍ରଦୀପ ପାଲଟାସିଂହ, ପ୍ରଫୁଲ୍ଲ ମାନସିଂ, ଖବରଦାତା ସତ୍ୟନାରାୟଣ ବାରିକ, ଶିକ୍ଷକ ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ମାଧପୁର ଏବଂ ରାସୋଳ ଫୁଟ୍‌ବଲ ଟିମ୍ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ସେମିଫାଇନାଲରେ କାଳୁଟୁଆପାଟଣା

## ଏଜେ କ୍ଲବ ପାଇକତିଗିରିଆ ସେମିରେ

ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲି ପଞ୍ଚାୟତ ଶାମୁକାପାଟଣା ଖେଳପଡ଼ିଆରେ ଚାଲିଥିବା ୧୮ତମ ରାଜ୍ୟସ୍ତରୀୟ ଆଞ୍ଚଳିକ ମହାବୀର ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଏଜେ କ୍ଲବ ପାଇକତିଗିରିଆ ଏବଂ ଠଣାପଲ୍ଲୀର କ୍ଲବ ୭୨ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ଏଜେ କ୍ଲବ ପାଇକତିଗିରିଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ କମିଶନର ଦୟାନ ଖାଁଙ୍କ ସମେତ ମୁଖ୍ୟ ରେଫରି ଏମ୍.ଏସ୍. ବେଗ ଓ ଲାଇନମ୍ୟାନ ଭାବେ ରେଫରି ଶିବ ଦେହୁରି ଓ ପ୍ରକାଶ ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ଦାଶରଥି ନାହାକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଅତିଥିଭାବେ ସାମାଜିକ କର୍ମୀ ଭାଗବତ ମହାପାତ୍ର, ଶିକ୍ଷକ ଉପେନ୍ଦ୍ର ନାୟକ, ଫକିର ନାୟକ, ଯବାନ ଯୁଧିଷ୍ଠିର ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର କୁମ୍ପିଲୋ ବିବିଜି ଜୁନିୟର କ୍ଲବ ଓ ଭୁବନେଶ୍ୱର ବିଶ୍ୱଜିତ୍ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ହେବ ବୋଲି ସମ୍ପାଦକ ହେମନ୍ତ ନାହାକ କହିଛନ୍ତି।

**କୁକୁର ଆକ୍ରମଣରେ ଆହତ ହରିଣ ଉଦ୍ଧାର**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି) କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ମଲ୍ଲିପଡା ଗ୍ରାମରୁ ବୁଧବାର ବୁଲା କୁକୁର ଆକ୍ରମଣରେ ଆହତ ହରିଣକୁ କୋଣାର୍କ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଇଥିଲା। ସୂଚନା ଅନୁଯାୟୀ, କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର କୁରୁଜଙ୍ଗ ସଂରକ୍ଷିତ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏକ ହରିଣ ମଲ୍ଲିପଡା ଗ୍ରାମରେ ଏକ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲା। କୁରୁଜଙ୍ଗ ବିକାଶ ମଞ୍ଚର ସଦସ୍ୟ ଓ ମଲ୍ଲିପଡା ଗ୍ରାମବାସୀ ହରିଣଟିକୁ ଉଦ୍ଧାର କରି କୋଣାର୍କ ବନବିଭାଗକୁ ଖବର ଦେଇଥିଲେ। କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ବନବିଭାଗର କର୍ମଚାରୀ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରିଥିଲେ।

**ସଂକ୍ଷେପରେ**

## ମା, ନାବାଳକ ପୁଅଙ୍କୁ ମରଣାନ୍ତକ ଆକ୍ରମଣ

ବଳଙ୍ଗା,୫।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ କୋଠକୁସାଙ୍ଗ ଗ୍ରାମରେ ଜଣେ ନାବାଳକ ଓ ତାଙ୍କ ମାଆ ସତ୍ୟଭାମା ବିଶ୍ୱାଳଙ୍କୁ ଆକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ.୭୫/୨୬) ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରିଣୀ ସସ୍ମିତା ସାହୁ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଘର କଲିଂବେଲ୍ ଶୁଣି ସତ୍ୟଭାମା ତାଙ୍କ ନାବାଳକ ପୁଅଙ୍କୁ ଦୁଆର ଖୋଲି ଦେଖିବାକୁ କହିଥିଲେ। ପୁଅ ଦୁଆର ଖୋଲି ଦେଖିଲା ବେଳକୁ ପ୍ରଶାନ୍ତ ବେହେରା, ଅଶୋକ ବେହେରା, ଟୁଙ୍ଗି ବେହେରା, ଗୁଗୁଲ ବେହେରା ଓ ଜଗନ ବେହେରା କାଠ ଫାଳିଆ ଓ ଭଙ୍ଗା ମଦବୋତଲ ଧରି ଠିଆ ହୋଇଛନ୍ତି। ଦୁର୍ବୃତ୍ତମାନେ ନାବାଳକଙ୍କୁ ଧମକ ଦେଇ ତାଙ୍କ ବାପାଙ୍କୁ ଡାକିବାକୁ କହିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ନାବାଳକଙ୍କୁ ଜୀବନରୁ ମାରିଦେବା ପାଇଁ କାଠଫାଳିଆରେ ପିଟିବା ସହ ଭଙ୍ଗା କାଚ ବୋତଲରେ ଆକ୍ରମଣ କରିଥିଲେ। ପୁଅ ଚିତ୍କାର ଶୁଣି ସତ୍ୟଭାମା ଦୌଡ଼ି ଆସିବାରୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଧମକ ଦେଇ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି।

## ଅନନ୍ତ ବାସୁଦେବ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ଯୋଗେଶ୍ୱରପୁର,୫।୩ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ଶିଙ୍ଗପାନିଆ ଗ୍ରାମରେ ଅନନ୍ତ ବାସୁଦେବଙ୍କ ପୀଠରେ ଗୁରୁବାର ୨୦୦ତମ ଅଷ୍ଟପ୍ରହର ନମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତାଭାବେ ବସନ୍ତ ସାହୁ ଓ କର୍ତ୍ତ୍ରୀ ଭାବେ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ସାହୁ ଦାୟିତ୍ୱ ତୁଲାଇଥିଲେ। ମହିଳା ସଂକୀର୍ତ୍ତନମଣ୍ଡଳୀ ସହ ୧୪ଟି ମଣ୍ଡଳ ଯୋଗଦେଇଥିଲେ। ହରେକୃଷ୍ଣ ହରେରାମ ନାମ ଜପରେ ଅଞ୍ଚଳ କମ୍ପିଉଠିଥିବାବେଳେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ବୋଲି ଫକିର ଚରଣ ସାହୁ ପ୍ରକାଶ କରିଥିଲେ। ଶିଙ୍ଗପାନିଆ ଗ୍ରାମବାସୀ ଏହାକୁ ଆୟୋଜନ କରିଥିଲେ।

## ସଙ୍ଗୀତରେ ଝୁମିଲେ ଦର୍ଶକ

ଅସ୍ତରଙ୍ଗ/କାକଟପୁର,୫।୩ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ହୋଲି ଅବସରରେ ବୁଧବାର ସନ୍ଧ୍ୟାରେ ଅସ୍ତରଙ୍ଗ ବ୍ଲକ ନିକଟ ଅଣଚମ୍ପାରେ ବେଳାଭୂମି ଯଜ୍ଞ ମହୋତ୍ସବ ସମିତି ତରଫରୁ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବେଳାଭୂମି ଯଜ୍ଞ ମହୋତ୍ସବ ସମିତି ସଭାପତି ଅକ୍ଷୟ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଜିଲା ବିଶ୍ୱହିନ୍ଦୁ ପରିଷଦ ସଦସ୍ୟ ରଘୁନାଥ ମହାପାତ୍ର, ଆବାହକ ଶଙ୍କର ଜେନା, ବେଳାଭୂମି ଯଜ୍ଞ ମହୋତ୍ସବ ସମିତି ସାଂସ୍କୃତିକ ସମ୍ପାଦକ ସୁଦର୍ଶନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ହୋଲିରେ ଭେଦଭାବ ଭୁଲି ପରସ୍ପରକୁ ଆପଣାଇବା ଏବଂ ସମାଜରେ ପ୍ରେମ ଓ ଏକତାର ରଙ୍ଗ ଭରିଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଭଜନ ସନ୍ଧ୍ୟା ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମକୁ ଈଶ୍ୱର ବେହେରା, ପ୍ରସନ୍ନ ବେହେରା, ମନୋଜ ବିଶ୍ୱାଳ, କେଦାରନାଥ ନାୟକ, ପ୍ରଶାନ୍ତ ଭୋଳ, ନାରାୟଣ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ଘନଶ୍ୟାମ, ଶିବପ୍ରସାଦ, ମନୋରଞ୍ଜନଙ୍କୁ ସିଂହାରୀ ସମ୍ମାନ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)



ଅତିଥିମାନେ ଗୁରୁ ଘନଶ୍ୟାମ ପଣ୍ଡା, ଶିବପ୍ରସାଦ ରଥ ଓ ମନୋରଞ୍ଜନ ପ୍ରଧାନଙ୍କୁ ସିଂହାରୀ ସମ୍ମାନରେ ସମ୍ମାନିତ କରୁଛନ୍ତି ।

ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗାୟକରତ୍ନ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ଯୋଗଦେଇ ଓଡ଼ିଶୀ ସଙ୍ଗୀତ, ମର୍ଦ୍ଦଳ ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିକଶିତ କରିଥିବା ସିଂହାରୀ ଶ୍ୟାମସୁନ୍ଦରଙ୍କ ସ୍ମୃତିଚାରଣ କରିଥିଲେ। ଆଗାମୀ ବର୍ଷଠାରୁ ତାଙ୍କ ଜୟନ୍ତୀ ଉତ୍ସବ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରୀରେ ପାଳନ କରାଯିବ ବୋଲି ସେ ସୂଚନା ଦେଇଥିଲେ। କୁନାମଣି ଦେବୀଙ୍କ ସଭାପତିତ୍ୱ ଓ ସମ୍ପାଦକ ମହାବୀର ପ୍ରତିହାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଯୋଗଦେଇ ପୁରୀରେ ସିଂହାରୀଙ୍କ ନାମରେ ସଙ୍ଗୀତ ମହାବିଦ୍ୟାଳୟ ଖୋଲିବାକୁ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗାର୍ଜ୍ଜୁନ ଜମ୍ନେଶ୍ୱର ଖୁଣ୍ଟିଆ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ଗୁରୁ ଘନଶ୍ୟାମ ପଣ୍ଡା, ବର୍ଷିୟାନ ବାଦ୍ୟ ଗୁରୁ ଶିବପ୍ରସାଦ ରଥ ଓ ବିଶିଷ୍ଟ ନୃତ୍ୟଗୁରୁ ମନୋରଞ୍ଜନ ପ୍ରଧାନଙ୍କୁ ଅତିଥିମାନେ ସିଂହାରୀ ସମ୍ମାନ ପ୍ରଦାନ କରିଥିଲେ। ଗୁରୁ ମନୋଜ ମହାପାତ୍ର, ଗୁରୁ ଅଚ୍ୟୁତ ମହାରଣା, ଗୁରୁ ପ୍ରିୟବ୍ରତ ରାୟ ସଙ୍ଗୀତ ପରିବେଷଣ ଏବଂ ଗୁରୁ ମିନତୀ ପ୍ରଧାନ ଓ ଗୁରୁ ପ୍ରତିମା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଗୁରୁ ଲିଙ୍ଗରାଜ ମିଶ୍ରଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଗୀତଗୋବିନ୍ଦ ଗାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ପାଳ, କୋଷାଧ୍ୟକ୍ଷ ରଘୁନାଥ ଖୁଣ୍ଟିଆ, ଗୁରୁ ଅନୀଲ ଦାସ, ରବିନାରାୟଣ ଦାଶ ଓ ଜଗନ୍ନାଥ ଦେଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ବୀରବର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଐତିହ୍ୟ ଗ୍ରାମ ରଘୁରାଜପୁରରେ ଅଞ୍ଚଳବାସୀଙ୍କ ସହ ବିଦେଶୀ ଅତିଥି ପାରମ୍ପରିକ ରୀତିରେ ହୋଲି ପର୍ବ ପାଳନ କରୁଛନ୍ତି ।

# ଐତିହ୍ୟ ଗ୍ରାମରେ ହୋଲି ପାଳିଲେ ବିଦେଶୀ ଅତିଥି

ସାକ୍ଷୀଗୋପାଳ, ୫।୩ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଐତିହ୍ୟ ଗ୍ରାମ ରଘୁରାଜପୁର ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦରେ ପାରମ୍ପରିକ ରୀତିରେ ହୋଲି ପାଳିତ ହୋଇଯାଇଛି। ଏହି ଅବସରରେ ହୋଲି ଖେଳିବାକୁ ସୁଦୂର ଫ୍ରାନ୍ସରୁ ଆସିଥିବା ୧୨ ଜଣ ଅତିଥି ଯୋଗଦେଇଥିଲେ। ପ୍ରଥମେ ସେମାନଙ୍କୁ ଓଡ଼ିଆ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇ ନାଗା ନୃତ୍ୟ ଓ ଦୁର୍ଗା ମେଢ଼ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦେଶୀ ଅତିଥିମାନେ ଶ୍ରୀକପୋତେଶ୍ୱର ମହାଦେବଙ୍କ ମନ୍ଦିର ପରିକ୍ରମା କରିଥିଲେ। ବିଦେଶୀ ଅତିଥି ଓ ଗ୍ରାମବାସୀ ପରସ୍ପର ସହ ହୋଲି ଖେଳିଥିଲେ। ଓଡ଼ିଆ ଘରର ଅନ୍ନ, ଖେଚୁଡ଼ି, ଡାଲମା, ଶାଗମୁଗ, ଖଟା, ବଡ଼ିଚୁରା, ବାଇଗଣ ଚକଟା, ପାମ୍ପଡ଼, ଛେନାପୋଡ଼, ରସାବଳି ଇତ୍ୟାଦି ଭୋଜନରେ ସେମାନଙ୍କୁ ଆପ୍ୟାୟିତ କରାଯାଇଥିଲା। ଗୋଟିପୁଅ ନୃତ୍ୟ ଦେଖି ସେମାନେ ଆନନ୍ଦ ପ୍ରକାଶ କରିବା ସହ ପାରମ୍ପରିକ କଳାକୁ ଲୋକାଭିମୁଖୀ କରିଥିବାରୁ ଅନୁଷ୍ଠାନର ମୁଖ୍ୟ ଗୁରୁ ଲକ୍ଷ୍ମଣ ମହାରଣାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜକ ଗୁରୁ ବସନ୍ତ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

# ଅଦ୍ୱିତୀୟ ଜନନାୟକ ଥିଲେ ବିଜୁବାବୁ



କାର୍ଯ୍ୟକ୍ରମରେ ବିଧାୟକ ତୁଷାରକାନ୍ତି ବେହେରାଙ୍କ ସହ ଅନ୍ୟ ଅତିଥି ।

କାକଟପୁର/ଅସ୍ତରଙ୍ଗ,୫।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଗୁରୁବାର ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ପୀଠରେ ବିଜୁ ଜନତା ଦଳ ପକ୍ଷରୁ ପାଳନ କରାଯାଇଛି। ପ୍ରଭାତରେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବିଜୁ ବାବୁଙ୍କ ଦେଶ ଓ ଜାତି ପ୍ରତି ଅବଦାନ, ସମୃଦ୍ଧ ଓଡ଼ିଶା ଗଠନରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିଥି ଭାବେ ବିଧାୟକ ତୁଷାରକାନ୍ତି ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଭୀମସେନ ସ୍ୱାଇଁ, ରାମଚନ୍ଦ୍ର ନାୟକ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ପୂର୍ବତନ ସରପଞ୍ଚ ମାନସ ସାହୁ, ଲକ୍ଷ୍ମୀଧର ଜେନାଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ବିଜୁପ୍ରେମୀ ଓ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ୯୬ ଗ୍ରାମ୍ ବ୍ରାଉନସୁଗାର ସହ ଟଙ୍କା ଜବତ: ଜଣେ ଗିରଫ

ନିମାପଡ଼ା,୫।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ସ୍ଥାନୀୟ ଥାନା ଅନ୍ତର୍ଗତ ଶ୍ୟାମାସୁନ୍ଦରପୁର କୁଶଭଦ୍ରା ନଦୀବନ୍ଧ ରାସ୍ତାରେ ଚଢ଼ାଉ କରାଯାଇ ଜଣେଚୋରା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୯୬ ଗ୍ରାମ୍ ବ୍ରାଉନସୁଗାର, ନଗଦ ୨ହଜାର ୫ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି। ଗିରଫ ବ୍ରାଉନସୁଗାର ବ୍ୟବସାୟୀ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଶ୍ୟାମାସୁନ୍ଦରପୁର ଗ୍ରାମର ରାଜେଶ କୁମାର ସାହୁ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଏକ କେସ୍ (ନଂ. ୧୦୩/୨୫-୨୬) ରୁଜୁ କରାଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ, ଏଏସ୍ଆଇ ସନ୍ତୋଷ ମହାରଣା, ଫିରୋଜ ମହାନନ୍ଦିଆ, ତପନ ପ୍ରଧାନ, ଏସ୍. କେ. ୱାରିଶ ଓ ସ୍ୱାଗତିକା ଘଡ଼େଇ ପ୍ରମୁଖ ଏହି ଚଢ଼ାଉ କରିଥିଲେ।

# ନିମାପଡ଼ା ମେଡିକାଲରେ ୪ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତ

ନିମାପଡ଼ା,୫।୩(ବିଚିତ୍ରାନନ୍ଦ ସାହୁ)

**ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ଭେଟି**

ହୋଲି ପର୍ବ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ାକୁ ଏକ ବଡ଼ ଭେଟି ଦେଇଛନ୍ତି। ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ନିମାପଡ଼ା ମେଡିକାଲରେ ୪ଜଣ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ନିଯୁକ୍ତ କରିଛନ୍ତି। ନିଯୁକ୍ତି ପାଇଥିବା ଡାକ୍ତରମାନେ ହେଲେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଶୋଭନା ପ୍ରଧାନ, ଶିଶୁରୋଗ ବିଶେଷଜ୍ଞ ସୁଦୀପ୍ତା ପଣ୍ଡା, ସର୍ଜରି ତଥା ଅସ୍ତ୍ରୋପଚାର ବିଶେଷଜ୍ଞ ଦେବାଶିଷ ନନ୍ଦ ଏବଂ ଭେଷଜ ତଥା ମେଡିସିନ ବିଶେଷଜ୍ଞ ହୃଷିକେଶ ମହନ୍ତ। ଏହି ନୂତନ ଡାକ୍ତରଙ୍କ ନିଯୁକ୍ତି ଦ୍ୱାରା ନିମାପଡ଼ା ମେଡିକାଲରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଆସିବାସହ ରୋଗୀମାନେ ଅଧିକ ଉପକୃତ ହୋଇପାରିବେ। ରୋଗୀଙ୍କୁ ଆଉ ଅଯଥାରେ ଖର୍ଚ୍ଚାନ୍ତ ହୋଇ ଅନ୍ୟ ସ୍ଥାନକୁ ଯିବାକୁ ପଡ଼ିବନାହିଁ। ନିମାପଡ଼ା ମେଡିକାଲରେ ଡାକ୍ତର ନିଯୁକ୍ତି ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲା। ଏବେ ଦାବି ପୂରଣ ହୋଇଥିବାରୁ ନିମାପଡ଼ାରେ ଖୁସିର ଲହରି ଖେଳିଯାଇଛି। ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି। ନିମାପଡ଼ା ମେଡିକାଲର ସମସ୍ତ ସମସ୍ୟା ଦୂର କରାଯିବା ସହ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

# ମହିଳାଙ୍କ ବିକାଶରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ



ବିଜୁ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୫।୩(ବିଚିତ୍ରାନନ୍ଦ ସାହୁ)

ଓଡ଼ିଶାରେ ମହିଳାଙ୍କ ବିକାଶ କ୍ଷେତ୍ରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ଗୁରୁବାର ନିମାପଡ଼ା ବିଜେଡି ପକ୍ଷରୁ ଟାଉନ ହଲ ପଡ଼ିଆରେ ଆୟୋଜିତ ୧୧୦ତମ ବିଜୁ ଜୟନ୍ତୀ ସମାରୋହରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ଅତିଥିଭାବେ ବରିଷ୍ଠ ନେତା ସୁବ୍ରତ ଛାଟୋଇ, ଜିଲା ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଭାଗ୍ୟଧର ଖଟୋଇ, ନଗର ସଭାପତି ଧନୁର୍ଦ୍ଧର ଦାସ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମହେଶ୍ୱର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଜିଲାପରିଷଦ ସଭ୍ୟ କୁଞ୍ଜଲତା ସାମଲ, ସସ୍ମିତା ନାୟକ, ରବୀନ୍ଦ୍ର ମଲ୍ଲିକ, ନେତା ବିଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ନୀତି ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା, ଅତିଥି ଓ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳୀୟ କର୍ମୀମାନେ ବାଇକ ଶୋଭାଯାତ୍ରା ଓ ପଦଯାତ୍ରା କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବରିଷ୍ଠ ନେତା ଦିଲ୍ଲୀପ ନାୟକଙ୍କ କେହି ସମର୍ଥକଙ୍କୁ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା।

# ବିଜୁ ବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ


କାର୍ଯ୍ୟକ୍ରମରେ ବିଜେଡି କର୍ମୀ ଓ ନେତୃବୃନ୍ଦ ।

ପିପିଲି,୫।୩(ପ୍ରଭାତ କୁମାର ମହାପାତ୍ର)

ଡେଲାଙ୍ଗ-ପିପିଲି ବିଜେଡି ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ପିପିଲିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ତଥା ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏବଂ ଅବସରପ୍ରାପ୍ତ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ ଯୋଗଦେଇ ବିଜୁ ବାବୁଙ୍କ ତ୍ୟାଗ, ସଂଘର୍ଷ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନେତୃବୃନ୍ଦମାନେ ଏକାଠି ରହିବା ପାଇଁ ସଙ୍କଳ୍ପ ନେଇଥିଲେ। ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ମହିଳା ନେତ୍ରୀ ବାସନ୍ତୀ ସାହୁ, ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ଭାଗ୍ୟବତୀ ମହାରଣା, ଏନ୍ଏସି ସଭାପତି ଶରତ ବେହେରା, ଡେଲାଙ୍ଗ ବ୍ଲକ୍ ବିଜେଡି ସଭାପତି ବିପିନ ପଟ୍ଟନାୟକ, ପୂର୍ବତନ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ବୈରାଗୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଜୟ ମହାରଣା ଧନ୍ୟବାଦ ଦେଇଥିଲେ।

# ଏକତା, ଭାଇଚାରାର ମହାନ ପର୍ବ ହୋଲି

ଅସ୍ତରଙ୍ଗ/କାକଟପୁର,୫।୩ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ରଙ୍ଗର ପର୍ବ ହୋଲି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ହୋଲି ସମାଜରେ ଏକତା, ଭାଇଚାରା ଏବଂ ପ୍ରେମର ବାର୍ତ୍ତା ବାଣ୍ଟିଥାଏ। ଗୁରୁବାର ଅସ୍ତରଙ୍ଗ ନିକଟ ଆଳସାହି ଗାଦିବ୍ରହ୍ମ ମଠ ପରିସରରେ 'ମୋ ଗାଁ -ମୋ ଗର୍ବ' ଆବାହକ ଅରୁଣ କୁମାର ବିଶ୍ୱାଳ ଓ ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ହୋଲି ଉତ୍ସବ ଆୟୋଜିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ପରସ୍ପରକୁ ରଙ୍ଗ ମାରିବା ସହ ନୃତ୍ୟ,ଗୀତରେ ମଜ୍ଜି ଯାଇଥିଲେ। ଆଳଙ୍ଗପୁର ଓ ନଈଗୁଆଁର ସରପଞ୍ଚ, ସମିତି ସଭ୍ୟାସଭ୍ୟା ଉପସ୍ଥିତ ଥିଲେ। ସେହିପରି ଅସ୍ତରଙ୍ଗ ବ୍ଲକ ସବୁଜ ଶାଖା ତରଫରୁ ଉପଦେଷ୍ଟା ଦିବାକର ଛାଟୋଇଙ୍କ ନେତୃତ୍ୱରେ ହୋଲିପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଅସ୍ତରଙ୍ଗ ମୁଖ୍ୟ ବଜାର ପରିକ୍ରମା ସହ ପ୍ଲାଷ୍ଟିକ ଓ ନିଶାର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।



ଯୁବକମାନେ ହୋଲି ଉତ୍ସବ ପାଳନ କରୁଛନ୍ତି ।

# ବିଜୁବାବୁଙ୍କ ବିଚାରଧାରାକୁ ଆଗେଇନେବା ପାଇଁ ଆହ୍ୱାନ

ପୁରୀ,୫।୩(ଅଜିତ୍ କୁମାର ମହାନ୍ତି)


ଉତ୍ସବରେ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ଏବଂ ଅନ୍ୟ ଅତିଥି ବୃନ୍ଦ ।

ବ୍ରହ୍ମଗିରି ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳନ କରାଯାଇଛି। ମୋଟୋସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ସମିତି ସଭ୍ୟ ରାକେଶ ଭଞ୍ଜ ଏବଂ ବରିଷ୍ଠ ନେତା ପଞ୍ଚାନନ ପୂଜାରୀ ଉପସ୍ଥିତ ଥିଲେ। କୃଷ୍ଣପ୍ରସାଦ ବ୍ଲକ ସାତ ପଞ୍ଚାୟତ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ସନ୍ଦିପ କୁମାର ଜେନା, ପୂର୍ବତନ ସରପଞ୍ଚ ତ୍ରିନାଥ ସାମନ୍ତରାୟ, ଫାଲଗୁନି ଜାଲି, ନରେଶ ମାନସିଂହ, ବାବୁଲି ଜେନା ଓ ସୁବଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ପୁରୀ ସଦର ବ୍ଲକ ପ୍ରତାପ ରାମଚନ୍ଦ୍ରପୁର ପଞ୍ଚାୟତ ମାଳସାହି ମେଳଣ ପଡ଼ିଆରେ ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ତଥା ଗୌଡ଼ିକେରା ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ବିଶାଳ ସଭା ଅନୁଷ୍ଠିତ ହୋଇଥିଲା। ଦାସବର୍ମା କହିଛନ୍ତି, ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ପାଇଁ ବିଜୁ ବାବୁଙ୍କ ପ୍ରତିଟି କାମ ଉଦ୍ଦିଷ୍ଟ ଥିଲା। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରର ଅଗ୍ରଣୀ ହୋଇଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ଯୋଗଦାନକୁ ବିଜୁବାବୁ ଗୁରୁତ୍ୱ ଦେଇଥିଲେ। ତେବେ ଭାଜପା ସରକାର ଶାସନ କ୍ଷମତାକୁ ଆସିବା ପରେ ବିଜୁବାବୁଙ୍କ ଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ବନ୍ଦ କରିଦେଇଛି। ବିଜୁବାବୁଙ୍କ ବିଚାରଧାରାକୁ ଆଗେଇନେବା ପାଇଁ ସମସ୍ତେ ଶପଥ ନେବାକୁ ଦାସବର୍ମା ଆହ୍ୱାନ ଦେଇଥିଲେ। ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷ ମାଳିନୀ ଦଳାଇ, ଜିଲାପରିଷଦ ସଦସ୍ୟ ଜମ୍ନେଶ୍ୱର ସାହୁ, ଲକ୍ଷ୍ମୀଧର ସାହୁ, ମୋନାଲି ମିଶ୍ର, କୃଷ୍ଣପ୍ରସାଦ ବ୍ଲକ ବିଜେଡି ସଭାପତି ପଦ୍ମ ଚରଣ ଜେନା, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଭାଇଲପୁର ସମିତି ସଭ୍ୟ କାର୍ତ୍ତିବୀର୍ଯ୍ୟ ସ୍ୱାଇଁଙ୍କ ସମେତ ୩ହଜାରରୁ ଊର୍ଦ୍ଧ୍ୱ ବିଜୁପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ନିରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ମା'ଖରାଖାଇ ପୀଠରେ ନୂତନ ପଞ୍ଜିକାପାଠ**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): କଟକ ସଦର ଥାନା ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଖରାଖାଇଙ୍କ ପୀଠରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ନୂତନ ପଞ୍ଜିକା ପାଠ ହୋଇଥିଲା। ପଣ୍ଡିତ ବିନୋଦ କୁମାର ସେନାପତି (ଜ୍ଞାନ ଭାରତୀ) ପଞ୍ଜିକା ପାଠ କରିଥିଲେ। ପ୍ରସିଦ୍ଧ ମା' ଖରାଖାଇଙ୍କ ପୀଠରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପଣ୍ଡିତ ଓ ସାଧୁସନ୍ଥମାନଙ୍କ ଦ୍ୱାରା ଗୀତ, ଭାଗବତ, ପୁରାଣ ଶାସ୍ତ୍ର ଓ ପ୍ରବଚନ କାର୍ଯ୍ୟକ୍ରମ ଦୀର୍ଘବର୍ଷ ଧରି ପ୍ରତ୍ୟେହ ପରିବେଷଣ ହେଉଛି। କାର୍ଯ୍ୟକ୍ରମକୁ ନବକିଶୋର ଦଳାଇ ପରିଚାଳନା କରିଥିବା ବେଳେ ଧ୍ରୁବ ଚରଣ ଦଳାଇ, ପ୍ରଫୁଲ୍ଲ ଦଳାଇ, ତ୍ରୈଲୋକ୍ୟ କୁମାର ସ୍ୱାଇଁ, ନେତ୍ରାନନ୍ଦ ଦଳାଇ, ପ୍ରସନ୍ନ କୁମାର ବାରିକ, ମନ୍ଦିର ପୂଜକ ଗଜେନ୍ଦ୍ର ବାରିକ, ଅନ୍ନପୂର୍ଣ୍ଣା ଭୂୟାଁ ପ୍ରମୁଖ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

କଣ୍ଟାପଡା,୫।୩(ସୁରନାରାୟଣ ସାହୁ)

ଫୁଲନଖରା ନିଆଳି ରାସ୍ତାର ଇଚ୍ଛାପୁର ନିକଟରେ ଏକ ଜେସିବି ଧକ୍କାରେ ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ଓଲଟପୁର ଥାନାସ୍ଥିତ ବରାହୀପୁର ଗ୍ରାମର ଗଙ୍ଗାଧର ପ୍ରଧାନ (୩୦)। ମୃତକଙ୍କ ଭାଇ ଶ୍ରୀଧର ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଓଲଟପୁର ଥାନାରେ ଏକ ମାମଲା (ନଂ. ୪୩/୨୬) ରୁଜୁ କରି ଦୁର୍ଘଟଣା ଘଟାଇଥିବା ଜେସିବି (ନଂ. ଓଡି୩୩ଏପି୮୬୭୨) ଓ ବାଇକ୍ (ନଂ. ଓଡି୦୫ ବିବି୪୧୧୩) ଜବତ କରିଛି। ଅଭିଯୋଗରୁ ଜଣାପଡିଛି, ଗଙ୍ଗାଧର ବୁଧବାର ଅପରାହ୍ନରେ ଇଚ୍ଛାପୁର ନିକଟରେ ରାସ୍ତାକଡରେ ବାଇକ୍ ଉପରେ ବସିଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଜେସିବିର ବକେଟର ସମ୍ମୁଖ ଦାନ୍ତି ତାଙ୍କ ଛାତିରେ ପଶିଯାଇଥିଲା। ସେଠାରେ ଗଙ୍ଗାଧର ଅଚେତ ହୋଇପଡିବାରୁ ତାଙ୍କୁ ପ୍ରଥମେ ଅଡଶପୁର ଓ ପରେ ଫୁଲନଖରାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଲା।

### ବରିଷ୍ଠ ନାଗରିକ ସଂଘର ହୋଲି ଉତ୍ସବ, ବନ୍ଧୁ ମିଳନ

ଚୌଦ୍ୱାର,୫।୩(ଆଶୁତୋଷ ଦାସ)

ପୌରପାଳିକା ୧୭ ନମ୍ବର ୱାର୍ଡ ଅଧୀନ ନୂଆସାହିସ୍ଥିତ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହୋଲି ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଦିକନ୍ଦ ବିହାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସଦସ୍ୟବୃନ୍ଦ ଯୋଗଦେଇ ଭାବର ଆଦାନ ପ୍ରଦାନ କରିବା ସହିତ ପରିଣତ ବୟସର ଅନୁଭୂତି ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଅତିଥି ଭାବେ ଯୋଗଦେଇ ବରିଷ୍ଠମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନକୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରଙ୍ଗ ଖେଳର ଆୟୋଜନ କରାଯାଇଥିଲା। ସୁରେନ୍ଦ୍ର ବାରିକ, ପ୍ରଭାକର ନାୟକ, ଜଗତ କୁମାର ପରିଜା, ବିବେକାନନ୍ଦ ଛୋଟରାୟ, ଶିବ ପ୍ରସାଦ ପତି, ରଘୁନାଥ ସ୍ୱାଇଁ, ଏନ୍.ସି. ପଢ଼ିହାରି, ରାଜେନ୍ଦ୍ର କର, ଅଶୋକ ନାୟକ, ପ୍ରଫୁଲ୍ଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚୋରା ମଦ ସହ ଦେଶୀ ବନ୍ଧୁକ ଜବତ

କଟକ ସଦର,୫।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ପୋଲିସ ମଙ୍ଗଳବାର ଚଢାଉ କରି ୪୮ ବୋତଲ ଦେଶୀ ମଦ ସହ ଦେଶୀ ଚୋରା ବନ୍ଧୁକ ଜବତ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଦିଲ୍ଲୀପ ସାହାଣୀ। ଏନେଇ ଥାନାରେ ଏକ ମାମଲା (ନଂ. ୬୬/୨୬) ରୁଜୁ ହୋଇଛି।

### ହର୍ଷଉଲ୍ଲାସରେ ରଙ୍ଗର ପର୍ବ ପାଳିଲା ରାଷ୍ଟ୍ରବାଦୀ ସଂଘ

କଟକ ସଦର,୫।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ବୁଧବାର ହୋଲି ପର୍ବ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ରାଷ୍ଟ୍ରବାଦୀ ସଂଘର ପ୍ରତିଷ୍ଠାତା ସଭାପତି ଇଂ ଗିରିଜା ଶଙ୍କର ପତିଙ୍କ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ କଟକ ମହାନଗର ନିଗମ ୱାର୍ଡର ବହୁ ଉତ୍ସାହୀ ଯୁବତୀ, ଯୁବକ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ହିନ୍ଦୁ ସଂସ୍କୃତି ପରମ୍ପର ଅନୁଯାୟୀ ପରସ୍ପର ଦେହରେ ରଙ୍ଗବୋଳି ଏହି ପର୍ବକୁ ପାଳନ କରିଥିଲେ। ଶେଷରେ ସମସ୍ତଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହିଭଳି ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳନ ୪୨ ମୌଜା ଅଞ୍ଚଳରେ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଖୁସି ଅନୁଭବ କରିଥିଲେ। ସଂଘର ଦେବୀ ପ୍ରସାଦ ପତି, ପୀୟୂଷ ରଞ୍ଜନ ପରିଡା, ପ୍ରଭାତ ଦେବତା, ହୃଷୀକେଶ ଜେନା, ଶ୍ରୀକାନ୍ତ ବେଉରା, ଚିନ୍ମୟ ମହାପାତ୍ର, ରୁଦ୍ର ପ୍ରଧାନ, ବିପିନ ପଣ୍ଡା, ରୋହିତ ସ୍ୱାଇଁ, ସୁବାସ ଗୋଛାୟତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ପୋଲିସର ଥାର୍ଡ ଡିଗ୍ରୀ: ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ମଙ୍ଗୁଳି-ଜଗତପୁର,୫।୩(ମାନସ ସାମଲ)

ଚୌଦ୍ୱାର ଥାନାରେ ପୋଲିସର ମାତ୍ରାଧିକ ଥାର୍ଡ ଡିଗ୍ରୀ ବୁଧବାର ଦେଖିବାକୁ ମିଳିଛି। କୌଣସି ଏତଲା ନ ଥାଇ ଜଣେ ଯୁବକଙ୍କୁ ଚୌଦ୍ୱାର ପୋଲିସ ଘରୁ ଉଠାଇ ଆଣି ନିସ୍ତୁକ ମାଡ ମାରିଥିଲା। ନିଜ ଆତ୍ମସମ୍ମାନ ହାନି ପାଇଁ ଯୁବକ ଥାନା ପରିସରରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଘଟିଛି ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟ ପଞ୍ଚାୟତ ତାଳପଦା ଗ୍ରାମର ଅଜୟ ସାମଲ (ପବନା)ଙ୍କ କ୍ଷେତ୍ରରେ। ଅଜୟଙ୍କ ଅଭିଯୋଗ ମୁତାବକ, ଚୌଦ୍ୱାର ଅଞ୍ଚଳର ୧୦ରୁ ଅଧିକ ସେଣ୍ଟ୍ରିଂ କର୍ମଚାରୀ ହୋଲିରେ ଭୋଜି କରିବାକୁ ଡାଳିଯୋଡା ବ୍ରହ୍ମପୁର ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ନିଜ ଭିତରେ ପାଟିତୁଣ୍ଡ ହେବାରୁ ଭୋଜି ନ କରି ଘରକୁ ଫେରି ଆସିଥିଲେ। ସେହି ସମୟରେ ଗ୍ରାମର କେତେଜଣ ଯୁବକ ବାଡି ଧରି ତାଙ୍କୁ ମାରିବାକୁ ଘରକୁ ଆସିଥିଲେ। ନିଜକୁ ବଞ୍ଚାଇବାକୁ ଏକ କାଚ ବୋତଲ ଭାଙ୍ଗିବାରୁ ଜଣଙ୍କ ମୁଣ୍ଡରେ ତାହା ବାଜି ସାମାନ୍ୟ ଆହତ ହୋଇଥିଲେ। ଏହାପରେ ଘଟଣାସ୍ଥଳରେ ଚୌଦ୍ୱାର ଥାନା ଏସ୍ଆଇ ସମରଜ୍ୟୋତି ବିଶ୍ୱାଳ ଓ ୪ଜଣ କନଷ୍ଟେବଲ ପହଞ୍ଚି ଉଦ୍ଦେଶ୍ୟମୂଳକ ଭାବେ କେବଳ ମୋତେ ଉଠାଇ



ଯୁବକଙ୍କୁ କନଷ୍ଟେବଲ ଟାଣି ନେଉଥିବାର ଦୃଶ୍ୟ।

ଆଣିଥିଲେ। ମୁଁ ନିର୍ଦ୍ଦୋଷ ମୋତେ କାହିଁକି ଏକା ଆଣିଲ ବୋଲି କହିବାରୁ ରାସ୍ତାରେ ୩ଜଣ କନଷ୍ଟେବଲ ନିସ୍ତୁକ ମାଡ ମାରି ଦୋଷ ସ୍ୱୀକାର କରିବାକୁ ବାଧ କରିଥିଲେ। ଥାନା ଗେଟରେ ପ୍ରବେଶ କରିବା ମାତ୍ରେ ଏସ୍ଆଇ ସମରଜ୍ୟୋତି ବିଶ୍ୱାଳ ହଠାତ ପିସିଆର ଭିତରେ ମୋ ଛାତି ଉପରେ ଆଣ୍ଠୁ ମାଡ଼ି ମୋ ଗାଲ ଓ ମୁଣ୍ଡଙ୍କୁ ୧୦ରୁ ଅଧିକ ଥର ମୁଥ ମାରିଥିଲେ। ସେହି ସମୟରେ ଧରିତ୍ରୀ ପ୍ରତିନିଧି ପହଞ୍ଚି ଏସ୍ଆଇଙ୍କୁ ଯୁବକ କାହିଁକି ଅମାନୁଷିକ ଭାବେ ମାରୁଛ ବୋଲି ପଚାରିବାରୁ ସେ ମାଡ଼ ବନ୍ଦ କରିଥିଲେ। ତଥାପି ୩ଜଣ କନଷ୍ଟେବଲ ମୋ କଲରକୁ ଧରି ଟାଣି ଟାଣି ନେଇ ଯାଇଥିଲେ। ମୁଁ ମାନସିକ ଭାରସମ୍ୟା ଆତ୍ମହତ୍ୟା କରିବି ବୋଲି ଜିଦ କରିଥିଲି। ଯୁବକଙ୍କ ନାଁରେ କୌଣସି ଲିଖିତ ଅଭିଯୋଗ ହୋଇଛି କି ଏସ୍ଆଇ ସମରଜ୍ୟୋତିଙ୍କୁ ପଚାରିବାରୁ ତାଙ୍କ ପାଟି ଖନି ମରିଯାଇଥିଲା। ଯୁବକଙ୍କ ନାଁରେ ଏତଲା କେହି ଦେଇନାହାନ୍ତି।

**ଅଭିଯୋଗ ନ ଥାଇ ଥାନାରେ ୪ ଘଣ୍ଟା ଅଟକ ରହିଲେ ଯୁବକ**



ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକ।

ସ୍ଥାନୀୟ ସରପଞ୍ଚ ଫୋନ କରି ଅଭିଯୋଗ କରିବାରୁ ଯୁବକଙ୍କୁ ଥାନାକୁ ଆଣିଛୁ ବୋଲି ଏସ୍ଆଇ ବିଶ୍ୱାଳ କହିଥିଲେ। ପ୍ରାୟ ୪ ଘଣ୍ଟା ପରେ ଅପରପକ୍ଷକୁ ପୋଲିସ ଡକାଇ ଆପୋସ ସମାଧାନ କରି ଛାଡ଼ିଥିବା ଜଣାପଡ଼ିଛି। ଏ ନେଇ ଚୌଦ୍ୱାର ଥାନା ଅଧିକାରୀଙ୍କୁ ପଚାରିବାରୁ ମୁଁ ଥାନାରେ ଥିଲି, ପୋଲିସ ଏଭଳି କାର୍ଯ୍ୟ କରିବା ମୋର ଅବଗତ ନାହିଁ। ତଥାପି ମୁଁ ପଚାରିବୁଝୁଛି ବୋଲି କହିଥିଲେ।

# ନାମାଙ୍କନ ପରେ ସଂତୃପ୍ତ ମିଶ୍ରଙ୍କ କଟକ ଗସ୍ତ

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି ପକ୍ଷରୁ ରାଜ୍ୟ ସଭା ପାଇଁ ମନୋନୀତ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ପରେ ଗୁରୁବାର ସଂତୃପ୍ତ ମିଶ୍ର କଟକ ଗସ୍ତ କରିଛନ୍ତି। ବିଜୁ ଜୟନ୍ତୀ ଅବସରରେ ଦୋଳମୁଣ୍ଡାଇସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଡ. ମିଶ୍ର କହିଛନ୍ତି, ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ଓଡ଼ିଶାର ପ୍ରଗତି ଓ ବିକାଶ ପାଇଁ ସ୍ୱର ଦିଲ୍ଲୀରେ ନିଶ୍ଚିତ ଭାବେ ଶାଣିତ ହେବ। କଟକ ମୋର ଜନ୍ମ ମାଟି ହୋଇଥିବାରୁ ଋଣ ପରିଶୋଧ କରିବାକୁ ଜଗନ୍ନାଥ ମୋତେ ସୁଯୋଗ ଦେଇଛନ୍ତି। କଟକ ଜିଲାକୁ ଅଗ୍ରାଧିକାର ଭିତ୍ତିରେ ସର୍ବାଧିକ ଅନୁଦାନ ଆଣିବା ପାଇଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ଏହି ଗସ୍ତ ସମୟରେ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂ, ବରିଷ୍ଠ ନେତା ମହମ୍ମଦ ସକିଲ, ପ୍ରକାଶ ସିଂ, ଜିଲା ସାଧାରଣ ସମ୍ପାଦକ (ସଙ୍ଗଠନ) ତାପସ ମହାନ୍ତି, ଜିଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, କାର୍ଯ୍ୟକାରୀ ସଭାନେତ୍ରୀ ପୂର୍ଣ୍ଣିମା ସିଂ, କଟକ ଅର୍ବାନ ବ୍ୟାଙ୍କ ଡାଇରେକ୍ଟର ସଂଗୀତା ଦାସ, ସ୍ୱଦେଶ ଦାସ, ବିଷ୍ଣୁ ଚରଣ ସାହୁ, ସ୍ମୃତି ନାୟକ, ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଚୌଦ୍ୱାରରେ ବିଜୁ ଜୟନ୍ତୀ ପାଳିତ

ଚୌଦ୍ୱାର,୫।୩(ଆଶୁତୋଷ ଦାସ)

ଚୌଦ୍ୱାରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କଟକ ଡେପୁଟି ମେୟର ଦମୟନ୍ତୀ ମାଝୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ରୂପଯାତ୍ରା କମିଟି ସଭାପତି ସୁବୋଧ ନାୟକ ପ୍ରମୁଖ ବିରୂପା କୂଳରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାଉନସିଲର ଦିଲୀପ କୁମାର ସାହୁ, ସୁବ୍ରତ ସାମଲ, ଆଶୁତୋଷ ଦାସ, ଅଜୟ କୁମାର ବେହେରା, ଅଜିନୀ ବେହେରା, ରଞ୍ଜୁଲତା ଦାସ, ସବିତା ମାହାଳିଙ୍କ ସମେତ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ବିଜୁ ବାବୁଙ୍କପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଅଞ୍ଚଳର ବହୁ ସଂଖ୍ୟକ ନାଗରିକ ଓ ରାଜନେତା ବିରୂପା ନଦୀ କୂଳରେ ତିଳତର୍ପଣ କରିଥିଲେ। ପରେ ଓଟିଏମ୍ ପରିବା ମାର୍କେଟସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ଦୋଳୋତ୍ସବ ଓ ହୋଲି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସହ କର୍ମଚାରୀମାନେ ଖୁସି ମନାଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

### ଅଧ୍ୟକ୍ଷଙ୍କ ସହ ହୋଲି ମନେଇଲେ ଡ୍ରିମ୍ସ କର୍ମଚାରୀ

କଟକ,୫।୩(କାର୍ତ୍ତିକ ସାହୁ)

ଦୋଳୋତ୍ସବ ଓ ହୋଲି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସହ ଖୁସି ମନେଇଛନ୍ତି କର୍ମଚାରୀମାନେ। ଅଧ୍ୟକ୍ଷ ଡ. ରଥଙ୍କ ଟାଙ୍ଗୀ କଏରାପାରୀସ୍ଥିତ ବାସଭବନରେ ଆୟୋଜିତ ବନ୍ଧୁମିଳନରେ ସଭିଏଁ ଏକତ୍ରିତ ହୋଇଥିଲେ। ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ କ୍ଲବ ଟିଭି-୭୪ର ସଦସ୍ୟ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପଦାଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିମାନେ ଯୋଗଦେଇ ଡ. ରଥଙ୍କୁ ରଙ୍ଗ, ଅବିର ଲଗାଇ ହୋଲିର ଅଭିନନ୍ଦନ ଜଣାଇଥିଲେ। ଡ. ରଥ ମଧ୍ୟ ଅନୁରୂପ ଭାବେ ଶୁଭେଚ୍ଛା ଜ୍ଞାପନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। 'ଡ୍ରିମ୍ସ'ର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରମେଶ ବେହେରା, ଦୈତାରୀ ସାହୁ, ଶିବ ଚରଣ ଜେନା, ଜଗବନ୍ଧୁ ସାହୁ, ରବୀନ୍ଦ୍ର ଲେଙ୍କା, ଲିଙ୍ଗରାଜ ସାହୁ, ବିଜୟ ପୃଷ୍ଟି, ଶୈଳେନ୍ଦ୍ର ଷଡ଼ଙ୍ଗୀ, ଦେବ ନାୟକ, ଧୂଳମଣି ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁପ୍ରମୁଖ ଯୋଗ ଦେଇଥିଲେ।

# ନବେଢ଼ାର ପ୍ରସିଦ୍ଧ ରାଜଦୋଳ ମେଳଣ ଉଦ୍‌ଯାପିତ



ଖୁଣ୍ଟୁଣୀ,୫।୩(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆଠାରେ ୫ଦିନ ଧରି ଚାଲିଥିବା ନବେଢାର ପ୍ରସିଦ୍ଧ ରାଜଦୋଳ ମେଳଣ ଦୋଳ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି। ନବେଢ଼ା ଆଞ୍ଚଳିକ ରାଜଦୋଳ ସମନ୍ୱୟ କମିଟି ଦ୍ୱାରା ପରିଚାଳିତ ଏହି ମେଳଣ ଗତ ଫଗୁ ଦଶମୀରୁ ଖମାରନୁଆଗାଁଠାରୁ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଗୁରୁଡ଼ିଝାଟିଆ ଗ୍ରାମର ଆରାଧ୍ୟ ଇଷ୍ଟଦେବୀ ମା' ବାସନ୍ତୀ ଦୁର୍ଗାଙ୍କ ଯାତ୍ରା ପଡ଼ିଆରେ ସମସ୍ତ ୧୧ ବାଡ଼ିର ଠାକୁର ଏକତ୍ରିତ ହେବା ପରେ ମୁଖ୍ୟ ପୂଜକ ନିରଞ୍ଜନ ପତ୍ରି, ରଞ୍ଜନ କୁମାର ପଣ୍ଡା ଓ ଗଗନ ବିହାରୀ ପଣ୍ଡା ପ୍ରମୁଖ ମା' ବାସନ୍ତୀ ଦୁର୍ଗା ପୂଜା କମିଟି ଦ୍ୱାରା ପ୍ରସ୍ତୁତ ଭୋଗ ପ୍ରସାଦ ଲାଗି କରିଥିଲେ। ସେଠାରେ ଆଞ୍ଚଳିକ ରାଜଦୋଳ ସମନ୍ୱୟ କମିଟିର ସମସ୍ତ ସଦସ୍ୟ, ଗୁରୁଡ଼ିଝାଟିଆ ଓ କୋଉର ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ସଭାପତି ହୃଦାନନ୍ଦ ସାହାଣୀ, ସମ୍ପାଦକ ମାନସ କୁମାର ପଣ୍ଡା, ସରପଞ୍ଚ ପ୍ରତିନିଧି ସନାତନ ଦଳେଇ, ଯାତ୍ରା କମିଟି ସଭାପତି କୁମରମଣି ଷଣ୍ଢ, ରଶ୍ମିରଞ୍ଜନ ବିଶ୍ୱାଳ ଓ ଶିଶିର ଦଳେଇ ପ୍ରମୁଖ ଗ୍ରାମ ପରିକ୍ରମା କରାଇ ଭୋଗ ପଣାପ୍ରସାଦ ପୂଜାର୍ଚ୍ଚନା କରାଯାଇ ମଦନମୋହନଙ୍କ ମନ୍ଦିର ପ୍ରାଙ୍ଗଣରେ ସମସ୍ତ ବିମାନ ପହଞ୍ଚିଥିଲେ। ସେଠାରେ ମଦନମୋହନ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ରବୀନ୍ଦ୍ର ଦଳେଇ, ଜ୍ଞାନରଞ୍ଜନ ସାହାଣୀ, ଅନନ୍ତ ପଟ୍ଟନାୟକ ଓ ଦୀପକ ବେହେରା ପ୍ରମୁଖ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଡ୍ୟୁଟି ସମୟରେ ହୋଲି ଖେଳିଲେ କର୍ମଚାରୀ

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)

**ଭିଡିଓ ଭାଇରାଲ, ରୋଗୀସେବା ବାଧାପ୍ରାପ୍ତ**

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ(ସିଟି ହସ୍ପିଟାଲ) ପରିସରରେ ହୋଲି ସମୟରେ କର୍ମଚାରୀମାନେ ରଙ୍ଗ ଖେଳୁଥିବା ନଜରକୁ ଆସିଛି। ଡ୍ୟୁଟି ଛାଡ଼ି କେତେଜଣ କର୍ମଚାରୀ ମଉଜ ମଜଲିସ କରୁଥିବା ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି। କର୍ମଚାରୀମାନଙ୍କ ଏଭଳି ରଙ୍ଗ ଖେଳ ଯୋଗୁ ରୋଗୀ ଚିକିତ୍ସାରେ ବାଧା ଉପୁଜିଥିଲା। ଅନ୍ୟପଟେ ଡ୍ୟୁଟି ସମୟରେ କର୍ମଚାରୀମାନେ ରଙ୍ଗ ଖେଳିବା ଉପରେ କଟକଣା ରହିଥିବାବେଳେ ମେଡିକାଲ କର୍ତ୍ତୃପକ୍ଷ କିଭଳି ସଜାଗ ନ ରହିଥିଲେ ସେନେଇ ନାନା ପ୍ରଶ୍ନ ଉପୁଜିଛି।

ମିଳିଥିବା ସୂଚନା ଅନୁସାରେ, ସିଟି ହସ୍ପିଟାଲରେ ହୋଲି ସମୟରେ ରୋଗୀଙ୍କ ଭିଡ଼ ଜମିଥିଲା। ଚିକିତ୍ସା ପାଇଁ ରୋଗୀ ଧାଡ଼ି ଦେଇଥିବାବେଳେ ଟିକେଟ କାଉଣ୍ଟର ପରିସର ସମେତ ଅନ୍ୟାନ୍ୟ ସ୍ଥାନରେ କେତେଜଣ କର୍ମଚାରୀ ରଙ୍ଗ ଖେଳିଥିଲେ। ଏପରିକି ଟିକେଟ କାଉଣ୍ଟରରେ ରୋଗୀ ଓ ସମ୍ପର୍କୀୟ ଟିକେଟ ପାଇଁ ଛିଡ଼ା ହୋଇଥିବାବେଳେ ଭିତରେ କର୍ମଚାରୀ ରଙ୍ଗ ଖେଳିବାରେ ବ୍ୟସ୍ତ ରହିଥିଲେ। ଯାହାଦ୍ୱାରା ରୋଗୀ ଚିକିତ୍ସାରେ ବାଧା ସୃଷ୍ଟି ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏସମ୍ପର୍କରେ ମେଡିକାଲ ଅଧୀକ୍ଷକ ଡା. ଚନ୍ଦନ ଗଡ଼ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଏମ୍‌ପିଙ୍କ ହୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଚର୍ଚ୍ଚାରେ ମେୟର

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)

**କଟକ ରାଜନୀତି ସରଗରମ**

କଟକରେ ତିନି ରାଜନୈତିକ ଦଳର ନେତା ବେଶ୍ ଧୁମଧାମରେ ହୋଲି ପାଳନ କରିଛନ୍ତି। ଅପରପକ୍ଷରେ ଭାଜପା ଓ ବିଜେଡି ନେତାଙ୍କ ହୋଲି ପାଳନର ଦୃଶ୍ୟରୁ ରାଜନୀତି ବେଶ୍ ବାରି ହୋଇପଡ଼ିଥିଲା। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ବିହାରୀବାଗସ୍ଥିତ କାର୍ଯ୍ୟାଳୟଠାରେ ଦୋଳ ପୂର୍ଣ୍ଣିମା ସନ୍ଧ୍ୟାରେ ହୋଲି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସାରଦା ପ୍ରଧାନ, ମେୟର ସୁବାସ ସିଂଙ୍କ ସମେତ ଭାଜପାର ନେତୃବୃନ୍ଦ ଯୋଗଦେଇଥିଲେ। ତେବେ ମେୟର ଯୁବ ଛାତ୍ର ବିଜେଡି ପକ୍ଷରୁ ହୋଲି ବନ୍ଧୁମିଳନ ଆୟୋଜନ କରାଯାଇଥିଲା। ହେଲେ ସେଠାରେ ମେୟର ଉପସ୍ଥିତି ନ ଥିବାବେଳେ ଏମ୍‌ପିଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଚର୍ଚ୍ଚା ବଢ଼ିଛି। ଏପରିକି ମେୟର ବିଜେଡିରେ ଅଲୋଡ଼ା ହୋଇଥିବା ଲୋକେ ଫୁସୁରୁଫାସୁରୁ ହେବା ଆରମ୍ଭ କରିଛନ୍ତି। ବନ୍ଧୁମିଳନ ଅବସରରେ ଏମ୍‌ପି ଭର୍ତ୍ତୃହରି କହିଛନ୍ତି, ରଙ୍ଗର ପର୍ବ ହୋଲିକୁ ପାଳନ କରୁଛୁ। କଟକ ଭାଇଚାରାର ସହର ଏହି ସବୁ ଏକାଠି ରହିଆଉ ବୋଲି ସେ କହିଛନ୍ତି।

ଅନ୍ୟପଟେ ମେୟର ସୁବାସ ସିଂଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ସୂଚନାଥାଉ କି, ୨ ତାରିଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ହୋଲି ବନ୍ଧୁ ମିଳନ କାର୍ଯ୍ୟକ୍ରମ ମୋନାଲିସା ମଣ୍ଡପରେ ଆୟୋଜିତ ହୋଇଥିଲା। ଏଥିରେ ବାରାବଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦରରୁ ବିଜେଡି ନେତାମାନେ ଯୋଗଦେଇଥିଲେ। ହେଲେ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଓ କଟକ ମେୟର ସୁବାସ ସିଂଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ସୁବାସଙ୍କୁ କାର୍ଯ୍ୟକ୍ରମକୁ ଡକାଯାଇ ନ ଥିବା କୁହାଯାଉଛି।



ଏମ୍‌ପିଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି କଟକ ମେୟର ସୁବାସ ସିଂ।

# ବିଜୁ ଜୟନ୍ତୀରେ ଫାଳଫାଳ ବିଜେଡି



ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ସହ ବିଜେଡି ନେତୃମଣ୍ଡଳୀ।



ମେୟରଙ୍କ ସହ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ।

କଟକ,୫।୩(ଶିଳ୍ପା ପ୍ରିୟଦର୍ଶିନୀ)

**ନିଜ ସମର୍ଥକଙ୍କୁ ନେଇ ମାଲ୍ୟାର୍ପଣ କଲେ ରାଜନେତା**

କଟକ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ ହୋଇଯାଇଛି। ହେଲେ ଏହି ପାଳନ ଅବସରରେ କଟକ ବିଜେଡି ଫାଳଫାଳ ହୋଇଥିବା ନଜରକୁ ଆସିଛି। ବାରବାଟୀ-କଟକ ବିଜେଡି, ଚୌଦ୍ୱାର-କଟକ ବିଜେଡି, କଟକ ସଦର ବିଜେଡି ପକ୍ଷରୁ ନେତାମାନେ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନରେ ପହଞ୍ଚି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହେଲେ ଗୋଟିଏ ଦଳର ନେତାମାନେ ଅଲଗା ଅଲଗା ନିଜସ୍ୱ ଭାବେ ମାଲ୍ୟାର୍ପଣ କରିଥିବା ନଜରକୁ ଆସିଛି। ପ୍ରଥମେ କଟକ ମେୟର ସୁବାସ ସିଂ ସମର୍ଥକଙ୍କ ସହ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ଟାଉନ ହଲରେ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ସେହିପରି ବାରବାଟୀ-କଟକ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଶତାଧୀକ କର୍ମୀ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ପରେ ଉକ୍ତ ଭବନ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହାସହ ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ନିଜ ସମର୍ଥକଙ୍କ ସହ ମାଲ୍ୟାର୍ପଣ କରିଥିବାବେଳେ ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା ମଧ୍ୟ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ । ସେହିପରି ଦୋଳମୁଣ୍ଡାଇସ୍ଥିତ କଟକ ଜିଲା ବିଜେଡି କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ହେଲେ ସେଠାରେ ଜିଲା ସଭାପତି ପ୍ରଫୁଲ୍ଲ ସିଂ, ବିଧାୟକ ସୌଭିକ୍, ମେୟର ସୁବାସ ଉପସ୍ଥିତ ରହିଥିଲେ। କିନ୍ତୁ ଅନ୍ୟ ନେତାମାନଙ୍କୁ ଦେଖିବାକୁ ମିଳି ନ ଥିଲ। ତେବେ ସବୁଠୁ ବଡ଼ କଥା, ବିଜେଡିର ନେତାମାନେ ଏକ ହୋଇ କାର୍ଯ୍ୟ କରୁଥିବା ପ୍ରଚାର କରୁଥିବାବେଳେ କଟକରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଅନ୍ୟପଟେ ଗତ କିଛି ମାସ ହେବ କଟକରେ ଦଳୀୟ କାର୍ଯ୍ୟକ୍ରମରେ ଉଭୟ ଦେବାଶିଷ ଓ ସୁବାସଙ୍କୁ ଏକାଠି ଦେଖିବାକୁ ମିଳୁ ନ ଥିବାବେଳେ ଉଭୟଙ୍କ ମଧ୍ୟରେ କନ୍ଦଳ ଥିବା ସ୍ପଷ୍ଟ ହୋଇଛି। ମାଲ୍ୟାର୍ପଣ ପରେ ଦେବାଶିଷ କହିଛନ୍ତି, ବିଜୁ ବାବୁ ଦେଖିଥିବା ପ୍ରତ୍ୟେକଟି ସ୍ୱପ୍ନକୁ ନବୀନ ପଟ୍ଟନାୟକ ସାକାର କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏପରିକି ଏବେର ସରକାର ବିକାଶ ଦିଗରେ କାର୍ଯ୍ୟ କରିବା ପରିବର୍ତ୍ତେ କେବଳ ନାଁ ବଦଳାଇବାରେ ବ୍ୟସ୍ତ ରହିଛନ୍ତି। ଏପରିକି ରାଜ୍ୟରେ କେହି ସୁରକ୍ଷିତ ମଧ୍ୟ ରହିନାହାନ୍ତି। ତେଣୁ ଆଜିର ପ୍ରତ୍ୟେକ ଯୁବପିଢ଼ି ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରେରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି। ଜିଲା ସଭାପତି ପ୍ରଫୁଲ୍ଲ ସିଂ କହିଛନ୍ତି, ସମଗ୍ର ରାଜ୍ୟରେ ଏହି ଦିବସକୁ ମହାସମାରୋହରେ ପାଳନ କରାଯାଉଛି। ଆଜିର ଦିନରେ ବିଜୁ ବାବୁଙ୍କୁ ଛୋଟରୁ ଆରମ୍ଭ କରି ବୃଦ୍ଧା ଯାଏଁ ସଭିଏଁ ମନେ ପକାଉଛନ୍ତି। ଏପରିକି ସମଗ୍ର ଯୁବସମାଜ ବିଜୁ ବାବୁଙ୍କ ଆଦର୍ଶରେ କାର୍ଯ୍ୟ କଲେ ହିଁ ସମାଜର ହିତ ହୋଇପାରିବ ବୋଲି ସେ କହିଛନ୍ତି।

# ପାରାଦୀପରେ ପ୍ରତିଷ୍ଠା ହେବ ହାଇଜେନିକ ମାଛ ବଜାର

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

ପାରାଦୀପ ନିର୍ବାଚନମଣ୍ଡଳୀରେ ମାଛ ଚାଷୀ ଓ ଖାଉଟିଙ୍କ ସୁବିଧା ପାଇଁ ଏକ ଅତ୍ୟାଧୁନିକ ତଥା ହାଇଜେନିକ ମାଛ ବଜାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରକଳ୍ପ ପାଇଁ ହସ୍ତକ୍ଷେପ କରିବା ସହ ତୁରନ୍ତ ସମ୍ବଳ ଆବଣ୍ଟନ ପାଇଁ ସେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅନୁରୋଧ କରିଛନ୍ତି। ପାରାଦୀପ ନିର୍ବାଚନମଣ୍ଡଳୀରେ ବିଭିନ୍ନ ନଦୀ ରହିଥିବା ବେଳେ ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ। ତେଣୁ ଏଠାରେ ପ୍ରଚୁର ପରିମାଣରେ ସାମୁଦ୍ରିକ ମାଛ



ଉପଲବ୍ଧ ହୋଇଥାଏ। ଏହି ଅଞ୍ଚଳରେ ଜନସଂଖ୍ୟାର ଏକ ବଡ଼ ଭାଗ ମାଛ ଧରିବା ଓ ଏହାର ବ୍ୟବସାୟ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି ବୋଲି ସ୍ୱାଇଁ ଦର୍ଶାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ସ୍ଥାନୀୟ ଲୋକଙ୍କ ନିତିଦିନିଆ ଖାଦ୍ୟରେ ମାଛ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ତେବେ ବର୍ତ୍ତମାନ ପାରାଦୀପରେ ଥିବା ମାଛ ବଜାରଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ।

**ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ସମ୍ପଦ ସ୍ୱାଇଁ**

ସେଠାରେ ସ୍ୱଚ୍ଛତାର ଅଭାବ ରହିବା ସହ ଭିତ୍ତିଭୂମି ମଧ୍ୟ ଦୁର୍ବଳ ରହିଛି। ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ମାଛର ଗୁଣବତ୍ତା ହ୍ରାସ ପାଉଛି, ଯାହା ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏକ ଆଧୁନିକ ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବିତ ଆଧୁନିକ ମାଛ ବଜାରରେ ପରିମଳ ବ୍ୟବସ୍ଥା, ବରଫ ଭିତ୍ତିକ ସଂରକ୍ଷଣ, ଉନ୍ନତ ଭିତ୍ତିଭୂମି ଏବଂ ଶୀତଳଭଣ୍ଡାର ସୁବିଧା ଉପଲବ୍ଧ ରହିବ। ଏହିପରି ଆଧୁନିକ ବଜାର ପ୍ରତିଷ୍ଠା ହେଲେ ପରିବେଶ ଦୂଷିତ ହେବାର ଆଶଙ୍କା ହ୍ରାସ ପାଇବା ସହ ସତେଜ ମାଛ ଓ ସର୍ବୋଚ୍ଚ ସୁରକ୍ଷା ମାନ ସୁନିଶ୍ଚିତ କରାଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ପାରାଦୀପ ଅଞ୍ଚଳର ମାଛ ବ୍ୟବସାୟରେ ବଡ଼ ପରିବର୍ତ୍ତନ ଆସିପାରିବ। ଏହା କେବଳ ବ୍ୟବସାୟୀଙ୍କୁ ଲାଭବାନ କରିବ ନାହିଁ, ବରଂ ଗ୍ରାହକମାନେ ମଧ୍ୟ ଉଚ୍ଚମାନର ଓ ସ୍ୱାସ୍ଥ୍ୟକର ମାଛ ପାଇପାରିବେ। ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଏନେଇ ଦାବି କରୁଥିବା ବେଳେ ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ମନ୍ତ୍ରୀ ସ୍ୱାଇଁ ପତ୍ର ଲେଖିଛନ୍ତି।

# ସେନ୍‌କୋର 'ସେପ୍ ଅଫ୍ ୟୁ' ଏଆଇ ଆପ୍ଲିକେଶନ ଶୁଭାରମ୍ଭ

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)




ସେନ୍‌କୋ ଗୋଲ୍ଡ ଏବଂ ଡାଏମଣ୍ଡସ୍ ପକ୍ଷରୁ ମହିଳା ଦିବସ ଉପଲକ୍ଷେ 'ସେପ୍ ଅଫ୍ ୟୁ' ଏଆଇ ଆପ୍ଲିକେଶନ ଆରମ୍ଭ କରିଛନ୍ତି। ଏହି ଆପ୍ଲିକେଶନ ମୁହଁର ଆକାର ଓ ବ୍ୟକ୍ତିଗତ ବୈଶିଷ୍ଟ୍ୟକୁ ବିଶ୍ଳେଷଣକରି ମହିଳାମାନଙ୍କୁ ସେମାନଙ୍କ ସହିତ ପୂରା ମେଳ ହେଉଥିବା ଅଳଙ୍କାର ବାଛିବାରେ ସହାୟତା କରୁଛି। ଏହି ଏଆଇ ଆପ୍ଲିକେଶନ ହେଉଛି ସେନ୍‌କୋର ପ୍ରଥମ ବିଶେଷଜ୍ଞ ଆଧାରିତ ଷ୍ଟାଇଲିଂ ଉଦ୍ୟମ । ଏହି ଫିଚର ବର୍ତ୍ତମାନ ନିର୍ଦ୍ଦିଷ୍ଟ ସେନ୍‌କୋ ଶୋ'ରୁମ୍ ଏବଂ ସେନ୍‌କୋ ଆପ୍‌ରେ ଉପଲବ୍ଧ। ସେନ୍‌କୋ ଗୋଲ୍ଡ ଏବଂ ଡାଏମଣ୍ଡସର ନିର୍ଦ୍ଦେଶିକା ତଥା ମାର୍କେଟିଂ ଓ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଏହି ଆପ୍ ଏକ ସଶକ୍ତୀକରଣ ଓ ବ୍ୟକ୍ତିଗତକରଣ ଉପକରଣ। କମ୍ପାନୀର ପରିଚାଳକ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭଙ୍କର ସେନ କହିଛନ୍ତି, ମହିଳା ଦିବସ ଅବସରରେ ସେନ୍‌କୋ ବିଭିନ୍ନ ଆକର୍ଷଣୀୟ ଅଫର ଘୋଷଣା କରିଛି। ସମସ୍ତ ଶୋ'ରୁମ୍‌ରେ ଉପଲବ୍ଧ ଅଫର ମଧ୍ୟରେ ରହିଛି ପ୍ରତି ୧୦ ଗ୍ରାମ ସୁନା ଅଳଙ୍କାର କ୍ରୟରେ ଫ୍ଲାଟ ୩୦୦୦ ଟଙ୍କା ରିହାତି (ସହିତ ଅଧିକତମ ୧୫% ମେକିଂ ଚାର୍ଜ ରିହାତି), ଡାଏମଣ୍ଡ ମୂଲ୍ୟରେ ୧୫% ପର୍ଯ୍ୟନ୍ତ ରିହାତି ଏବଂ ସମସ୍ତ ଡାଏମଣ୍ଡ ଅଳଙ୍କାରରେ ୭୫% ପର୍ଯ୍ୟନ୍ତ ମେକିଂ ଚାର୍ଜ ରିହାତି, ରୁପା ସାମଗ୍ରୀରେ ୧୫% ରିହାତି (ମୁଦ୍ରା ବାଦ୍), ସେନ୍ସ ଲେଦର ସାମଗ୍ରୀରେ ୨୦% ପର୍ଯ୍ୟନ୍ତ ରିହାତି ଆଦି ଘୋଷଣା କରାଯାଇଛି। ଏହା ବ୍ୟତୀତ ସେନ୍‌କୋର ୱେବ୍‌ସାଇଟରେ ମାର୍ଚ୍ଚ ୮ ମହିଳା ଦିବସରେ ଦିନିକିଆ ଅଫର ରହିଛି । ସୁନା, ହୀରା ଓ ପ୍ଲାଟିନମ ଅଳଙ୍କାର କ୍ରୟରେ ୧୦୦% ପର୍ଯ୍ୟନ୍ତ ମେକିଂ ଚାର୍ଜ ରିହାତି ପ୍ରଦାନ କରାଯିବ।

# ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଶିକ୍ଷାକ୍ଷେତ୍ରରେ ନିବେଶ ସହ ଘର ନିକଟରେ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି କାର୍ଯ୍ୟ କରୁଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ଶିଳ୍ପ ଆବଶ୍ୟକତା ମୁତାବକ ଦକ୍ଷତା ବିକାଶ ରାସ୍ତା ଖୋଲିବା ଦ୍ୱାରା, କମ୍ପାନୀ ଏହି ଅଞ୍ଚଳର ଯୁବତୀମାନଙ୍କ ପାଇଁ କଷ୍ଟକର ବୋଲି କୁହାଯାଉଥିବା କ୍ୟାରିୟର ଗଠନରେ ସକ୍ଷମ କରୁଛି। ଲାଞ୍ଜିଗଡ଼ରେ ଜନ୍ମଗ୍ରହଣ କରି ବଢ଼ିଥିବା ପ୍ରିୟଙ୍କା ମହାକୁଡ ବେଦାନ୍ତ ଡିଏଭି ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନ କରିଥିଲେ, ଯାହା ଏହି ଅଞ୍ଚଳର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ।ପ୍ରିୟଙ୍କା ବିଏସ୍‌ସି ଶେଷକରିବା ପରେ ଭୁବନେଶ୍ୱରର ମହର୍ଷି ମହାବିଦ୍ୟାଳୟରୁ ପ୍ରାଣୀବିଜ୍ଞାନ (ସମ୍ମାନ)ରେ ତାଙ୍କ ଶିକ୍ଷାର ଯାତ୍ରା ଜାରି ରଖିଥିଲେ ଏବଂ ବର୍ତ୍ତମାନ ଦୂର ନିରନ୍ତର ଶିକ୍ଷାମାଧ୍ୟମରେ ବାୟୋଟେକ୍ନୋଲୋଜିରେ ସ୍ନାତକୋତ୍ତର କରୁଛନ୍ତି। ପ୍ରିୟଙ୍କାଙ୍କ ପାଇଁ ଏହା କେବଳ ଉଚ୍ଚଶିକ୍ଷା ନୁହେଁ ବରଂ ବୃତ୍ତିଗତ ମହତ୍ୱାକାଂକ୍ଷା ପାଇଁ ମଧ୍ୟ ମୂଳଦୁଆ ପକାଇଥିଲା। ସେ ବର୍ତ୍ତମାନ ବେଦାନ୍ତର ଆଲୁମିନା ରିଫାଇନେରିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ ସିଷ୍ଟମ (ଡିସିଏସ୍)ରେ କାର୍ଯ୍ୟ କରନ୍ତି, ଯାହାକୁ କାରଖାନାର ସ୍ନାୟୁ କେନ୍ଦ୍ର ଭାବରେ ବିବେଚନା କରାଯାଏ। ଜଣେ କଣ୍ଟ୍ରୋଲ ରୁମ୍‌ର ଅପରେଟର ଭାବରେ, ପ୍ରିୟଙ୍କା ରିଅଲ-ଟାଇମ ଡିଜିଟାଲ ସିଷ୍ଟମ ମାଧ୍ୟମରେ ତାପମାତ୍ରା, ଚାପ, ପ୍ରବାହ ଏବଂ ସ୍ତର ଭଳି ଗୁରୁତ୍ୱପୂର୍ଣ୍ଣ ପାରାମିଟରଗୁଡ଼ିକୁ ନିରନ୍ତର ନିରୀକ୍ଷଣ କରନ୍ତି। ସେ ସତର୍କ ସୂଚନା ଉପରେ ନଜର ରଖିବା ସହ ଶୂନ୍ୟ ଓଭର ଫ୍ଲୋ ଏବଂ ଶୂନ୍ୟ ଟ୍ରିପ୍ ଅବସ୍ଥା ବଜାୟ ରଖିବା ପାଇଁ କାର୍ଯ୍ୟ କରନ୍ତି ଏବଂ କୌଣସି ତ୍ରୁଟି ହେବା ପୂର୍ବରୁ ପ୍ରତିରୋଧକ ଏବଂ ସଂଶୋଧନାତ୍ମକ ପଦକ୍ଷେପ ଗ୍ରହଣ କରନ୍ତି। ଶିକ୍ଷାଏବଂ ସମାବେଶୀ ନିଯୁକ୍ତି ଉପରେ ନିରନ୍ତର ଧ୍ୟାନଦେଇ, ବେଦାନ୍ତ ଆଲୁମିନିୟମ ଏହା ସୁନିଶ୍ଚିତକରିବାରେ ସାହାଯ୍ୟ କରୁଛି ଯେ, ଲାଞ୍ଜିଗଡ଼ର ଯୁବତୀମାନେ କେବଳ ସୁଯୋଗର ସ୍ୱପ୍ନ ଦେଖନ୍ତି ନାହିଁ, ବରଂ ସେମାନେ ଏହାର ନେତୃତ୍ୱ ନେବାକୁ ପ୍ରସ୍ତୁତ।

# ସୋନାଲିକାର ୧୨,୮୯୦ ଟ୍ରାକ୍ଟର ବିକ୍ରି

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

ସୋନାଲିକା ଟ୍ରାକ୍ଟର ୨୦୨୫-୨୬ ଆର୍ଥିକ ବର୍ଷ ଫେବୃଆରୀ ମାସରେ କମ୍ପାନୀ ମୋଟ ୧୨୮୯୦ଟି ଟ୍ରାକ୍ଟର ବିକ୍ରି କରିଛି। ଏହା ସୋନାଲିକାର 'ଜିତ୍‌ନେ କା ଦମ୍' ପ୍ରଦାନ କରିବାର ମୂଳ ବିଶ୍ୱାସର ଏକ ପ୍ରତୀକ। ନିକଟରେ ଲଞ୍ଚ ହୋଇଥିବା ସୋନାଲିକା ଗୋଲ୍ଡ ସିରିଜ ଭଳି ଭବିଷ୍ୟତ ପ୍ରସ୍ତୁତ ଟ୍ରାକ୍ଟର ବିକଶିତ କରି ସୋନାଲିକା ଆନ୍ତର୍ଜାତୀୟ ନିର୍ମାଣ ଉତ୍କର୍ଷତାକୁ ନିରନ୍ତର ଭାବେ ପ୍ରୋତ୍ସାହିତ କରୁଛି। ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ଏହି ୩୦ତମ ବର୍ଷର ସ୍ୱତନ୍ତ୍ର ସଫଳତା କ୍ଷେତ୍ରରେ ୧୨୮୯୦ଟି ମୋଟ ଟ୍ରାକ୍ଟର ବିକ୍ରିର ଆମର ରେକର୍ଡ ଫେବୃଆରୀ ପ୍ରଦର୍ଶନ, ଆମ ପାଇଁ ସମାନ ରୂପେ ସ୍ୱତନ୍ତ୍ର ଅଟେ ଏବଂ ଏହା ଭାରତର କୃଷି ରୂପାନ୍ତରଣ ପାଇଁ ଏକ ଅଭିବୃଦ୍ଧି ଉତ୍ପ୍ରେରକ ଭାବେ ବ୍ରାଣ୍ଡର ସ୍ଥିତିକୁ ମଜବୁତ କରିଛି।

# ବିକଶିତ ଓଡ଼ିଶା ପାଇଁ ଦକ୍ଷ ଡାକ୍ତର ସୃଷ୍ଟିହେବା ଦରକାର




ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

**ଡ୍ରିମ୍‌ସ ମେଡିକାଲ କଲେଜର ବାର୍ଷିକ ଉତ୍ସବ 'ରୂପମ'**

ପୂର୍ବୋଦୟରୁ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହେବ । ଦେଶର ପ୍ରଧାନମନ୍ତ୍ରୀଙ୍କ ଏହି ସଂକଳ୍ପିତ ମାନ୍ୟତା ହାସଲ ଲାଗି କୁଶଳୀ ମାନବ ସମ୍ବଳ ବିଶେଷ କରି ଦକ୍ଷ ଡାକ୍ତର ସୃଷ୍ଟିହେବାର ଆବଶ୍ୟକତା ରହିଛି ବୋଲି 'ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ' (ଏଆଇସିଟିଇ)ର ସଦସ୍ୟ ସଚିବ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ଶ୍ୟାମା ରଥ ମତ ଦେଇଛନ୍ତି । 'ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଓ ହସ୍ପିଟାଲ'ର ଦ୍ୱିତୀୟ ବାର୍ଷିକ ଉତ୍ସବ 'ରୂପମ୍-୨୦୨୬'ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଡ. ରଥ ଏପରି କହିଛନ୍ତି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ କୋଭିଡ୍ ପରିସ୍ଥିତିରୁ ଜନ୍ମ ନେଇଥିବା 'ପଦ୍ମିନୀ କେୟାର' ହସ୍ପିଟାଲ ଓ ପରବର୍ତ୍ତୀ ସମୟରେ ମେଡିକାଲ କଲେଜ ପ୍ରତିଷ୍ଠା ଗ୍ରାମାଞ୍ଚଳରେ ଡାକ୍ତରୀ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା କହିଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶିକ୍ଷା ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଉତ୍କର୍ଷ ହାସଲ ଲାଗି କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଓ ଗବେଷଣା ଅନିବାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଚି ପ୍ରସାଦ ଦାସ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଅଭିଭାଷଣ ଓ ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖପତ୍ର 'ନବସୃଷ୍ଟି' ଉନ୍ମୋଚିତ ହେବା ସହ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ଅଧ୍ୟାପିକା ରଶ୍ମିପ୍ରଭା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡା. ପ୍ରଜ୍ଞଦା ରୀଚା ଜୋଷୀ, ଡା. ସରିତା ଦେବୀ, ଡା. ବୁଲୁ ମହାନ୍ତି ଏବଂ ପ୍ରଦ୍ୟୁତ୍ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ମାୟା ପାଢ଼ୀ, ପ୍ରଫେସର ଡା. ନିରୁପମା ଚୟନୀ, 'ପଦ୍ମିନୀ କେୟାର'ର ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିନ୍ଦ୍ରା ଏକ୍ସଇଭି ୯ଇ ସିନେଲ୍ୟୁକ୍ସ ଏଡିଶନର ଶୁଭାରମ୍ଭ

ଭୁବନେଶ୍ୱର,୫।୩(ଅନୁରାଧା ମହାରଣା)

ମହିନ୍ଦ୍ରା ପକ୍ଷରୁ ଏହାର ପ୍ରମୁଖ ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ଏକ୍ସଇଭି ୯ଇ ସିନେଲ୍ୟୁକ୍ସ ଏଡିଶନର ଶୁଭାରମ୍ଭ କରାଯାଇଛି। ୨୦୨୪ରେ ବିଶ୍ୱସ୍ତରୀୟ ଉନ୍ମୋଚନ ପରଠାରୁ ଏକ୍ସଇଭି ୯ଇ ଭାରତରେ ବିଳାସପୂର୍ଣ୍ଣ ଏସ୍ୟୁଭିକୁ ନେଇ ଗ୍ରାହକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଛି। ଏହାକୁ ଆଇସିଓଟିୱାଇ ୨୦୨୬ରେ ସମ୍ମାନଜନକ ଗ୍ରିନ୍ କାର୍ ଅଫ୍ ଦି ଇୟର୍ ପୁରସ୍କାର ମିଳିଥିଲା। ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି କ୍ରୀଡ଼ାବିତ ଓ ବିଜନେସ୍ ଲିଡର୍ ଆଦି ଏହାକୁ ପସନ୍ଦ କରୁଛନ୍ତି। ଏକ୍ସଇଭି ୯ଇ ସିନେଲ୍ୟୁକ୍ସ ଏଡିଶନରେ ନୂଆ ବାହ୍ୟ ରଙ୍ଗ ସାଟିନ୍ ବ୍ଲାକ୍ କିମ୍ବା ସାଟିନ୍ ହ୍ୱାଇଟ୍ ରଙ୍ଗକୁ ଚେଷ୍ଟ ନଟ୍ ବ୍ରାଉନ୍ କିମ୍ବା ନକ୍ଟର୍ନ ବ୍ଲାକ୍ ରଙ୍ଗରେ ସମ୍ମିଶ୍ରଣ କରାଯାଇଛି। ଭିତର ପାର୍ଶ୍ୱ ମଧ୍ୟ ଚମତ୍କାରରେ ପ୍ରସ୍ତୁତ ହୋଇଛି। ଏଥିରେ ଏକ ଟ୍ରିପଲ ଏଚ୍‌ଡି ଡିସ୍‌ପ୍ଲେ ଓ ୧୬ ସ୍ପିକର୍ ହର୍ମାନ କର୍ଡନ ଅଡିଓ ସିଷ୍ଟମ୍ ସହିତ ଡଲବ୍ବି ଆଟମସ୍ ସରାଉଣ୍ଡ ଗ୍ରାହକମାନଙ୍କୁ ଷ୍ଟୁଡିଓ ଭଳି ଅନୁଭୂତି ପ୍ରଦାନ କରୁଛି। ଟପ୍ ଅଫ୍ ଦି ଲାଇନ୍ ପ୍ୟାକ୍ ଥ୍ରି ଭାରିଆଣ୍ଟରେ ପ୍ରସ୍ତୁତ ଏକ୍ସଇଭି ୯ଇ ସିନେଲ୍ୟୁକ୍ସ ଏଡିଶନରେ ୭୯ କେଡବ୍ଲ୍ୟୁଏଚ୍ ବ୍ୟାଟେରି ରହିଛି, ଯାହା ୫୦୦ କିମିରୁ ଅଧିକ ବାସ୍ତବ କେରଞ୍ଜ ପ୍ରଦାନ କରୁଛି। ଏହି ଏଡିଶନରେ ଷ୍ଟ୍ରେଟ୍‌ଆହେଡ୍ ଭିଜନଏକ୍ସ ଏଆର୍ ହେଡ୍ସ-ଅପ୍ ଡିସ୍ପ୍ଲେ, ଆଇ-ଡେଣ୍ଟିଟ ଡ୍ରାଇଭର ଓ ଅକୁପାଣ୍ଟ ମନିଟର, ଅଟୋ ପାର୍କ ଆସିଷ୍ଟ, ସିକ୍ୟୁର ୩୬୦ ଭଳି ସୁବିଧା ରହିଛି। ଏଥିରେ କ୍ୟାମ୍ପ, କିପ ଆଣ୍ଡ ପପଲ ଏଚଭିଏସି ମୋଡ, କଷ୍ଟମ ଡ୍ରାଇଭ ମୋଡ,ଡିଜିଟାଲ କି, ସିକ୍ୟୁର ୩୬୦ ପ୍ରୋ ଆଦି ସୁବିଧା ମଧ୍ୟ ରହିଛି।


ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
BALIMELA HYDRO ELECTRIC PROJECT, POST : BALIMELA, DIST. : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022, Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963
ISO 9001-14001 18001 Certified

**TENDER CALL NOTICE**
**NOTICE INVITING TENDER NO. BHEP/69/2025-26/DATED 27.02.2026**

No.4001/46/2526 : Sealed tenders are invited in single part bid (i.e. Techno-Commercial bid) basis for "Procurement of Safety Materials for BHEP, Balimela for the year 2025-26" from Firms/Authorized dealers/Channel partners/Reputed Suppliers for the following.

| Sl. No. | Description of materials | Estimated Cost | Cost of tender paper (Non-refundable in Rs.) | EMD in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Procurement of Safety Materials for BHEP, Balimela for the year 2025-26 | Rs.50,967/- | 472/- (400/- GST@18%) | 440/- | 05.03.2026 to 10:30 Hrs. of 16.03.2026 | Up to 11:30 Hrs. of dated 16.03.2026 | 12:00 Hrs. on Dated 16.03.2026 |

For details of the tender documents, terms & conditions please visit our website *www.ohpcltd.com*
OIPR-4001/4019/1/25-26/0004 Sd./- C&P Head, BHEP, Balimela

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL), BHEP**
AT/POST: BALIMELA, DIST.: MALKANGIRI (ODISHA), PIN:764051
Phones:06861-232581(O)/232641(R), Fax-06861-232541, E-mail: unit.head_balimela@yahoo.com/bhep.balimela@gmail.com

**TENDER CALL NOTICE**
**NOTICE INVITING TENDER NO: BHEP/67/2025-26, DTD. 26.02.2026**

**No.4001/49/2526:** The Sealed tenders are invited in single part bid basis (i.e. Techno-commercial bid) in percentage wise basis from the Electrical Contractors/ Firms/Agencies having experience in the execution of any electrical works under State/Central Govt./PSU of Govt. of India/PSU of Govt. of Odisha & having valid Electrical Contractor License (MV) & fulfilling the eligibility criteria as per the tender specification for the work as mentioned below.

| Sl. No. | Name of the Work | Estimated Cost in Rs. | E.M.D. (Refunded) in Rs. | Cost of Bid documents in Rs. |
|---|---|---|---|---|
| 1 | Supply, Installation, Testing & Commissioning of Lawn Lights at BPR Club Children's Park, BHEP, Balimela. | 5,71,328.00 | 5,800.00 | Rs.4,000.00+ (GST@18%) Rs.720.00 = Rs.4,720.00 |

Availability of bid document: **From 10.00 Hrs. of 06.03.2026 to 12.00 Hrs. of 16.03.2026**
Last date & time of submission of bid: **Upto 12.00 Hrs. of 16.03.2026**
The date & time of opening of the bid : **12.30 Hrs. onwards of 16.03.2026**
For details of the tender documents, terms & conditions, please visit our website www.ohpcltd.com
OIPR-4001/4019/1/25-26/0007 **Sd./- C & P Head, BHEP, Balimela**

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL), BHEP**
AT/POST: BALIMELA, DIST.: MALKANGIRI (ODISHA), PIN:764051,
Phones:06861-232581(O)/232641(R), Fax-06861-232541, E-mail: unit.head_balimela@yahoo.com/bhep.balimela@gmail.com

**TENDER CALL NOTICE**
**NOTICE INVITING TENDER NO: BHEP/68/2025-26, DTD. 27.02.2026**

**No.4001/48/2526:** The Sealed tenders are invited in single part bid basis (i.e. Techno-commercial bid) & in itemwise basis from the Reputed Firms/ Agencies & fulfilling the eligibility criteria as per the tender specification for the supply as mentioned below.

| Sl. No. | Name of the Supply | E.M.D. (Refunded) | Cost of bid documents in Rs. |
|---|---|---|---|
| 1 | Procurement of Laboratory Technical Equipments, Kit, Chemicals and Apparatus for OHPC Health Centre, BHEP, Balimela | 1% of the Quoted Value exclusive of GST | Rs.600.00+ (GST @ 18%) Rs.108.00 = Rs.708.00 |

Availability of bid document: **From 10.00 Hrs. of 02.03.2026 to 12.00 Hrs of 11.03.2026**
Last date & time of submission of bid: **Upto 12.00 Hrs. of 11.03.2026**
The date & time of opening of the bid : **12.30 Hrs. onwards of 11.03.2026**
For details of the tender documents, terms & conditions, please visit our website www.ohpcltd.com
OIPR-4001/4019/1/25-26/0006 **Sd./- C&P Head, BHEP, Balimela**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**
No.25001/282/2526
E-mail : rwdmohana@gmail.com
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 11/MOHANA/2025-26**

1. Name of the work : Building works, 2. Total No. of work : 02 (Two) Nos., 3. Estimated cost : 8.40 Lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 13/MOHANA/ 2025-26 | 02 (Two) Nos. | 02.03.2026 from 11.00 A.M. | 11.03.2026 upto 5.00 P.M. | 10.03.2026 upto 5.00 P.M. | 12.03.2026 at 11.00 A.M. |

Further details can be seen from the Website www.tenderodisha.gov.in
OIPR-25001/25148/1/25-26/0001 Sd./- Executive Engineer R.W. Division, Mohana

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION : KORAPUT**
No.25001/285/2526
PHONE : OFF : (06852)251263, email : eerwkoraput@yahoo.com
**Bid Identification No. : SERWKPT-ONLINE-12/2025-26**
Letter No.934 Dtd. : 02.03.2026

1. Name of the Work : Repair & Renovation of Building Works for the Year 2025-26., 2. Total Numbers of Works : 06 Nos., 3. Approximate Estimate Cost : Rs.2.54 to Rs.8.47 Lakhs (Approximately), 4. Class of Contractor : "D" & "C" Class, 5. Period of Completion : 1 Month, 6. Detail Projects : As per Annexure attached, Other Details as follows :

| Procurement Officer | Bid Identification No. | No. of Works | Availability of Tender online Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-12/2025-26 | 06 (Six) Nos | 06.03.2026 at 11.00 A.M. | 13.03.2026 upto 3.30 P.M. | 13.03.2026 at 5.30 A.M. |

Further details can be seen from the website : www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.
Sd./- Executive Engineer, Rural Works Division, Koraput
OIPR-25001/25088/1/25-26/0038

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୨୦୫୪ ତାରିଖ: ୨୪।୦୨।୨୦୨୬

**ସନ୍ଦର୍ଭ:**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୪)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୨୧୫୬୯୧୪ | ୟୁ୨୮୯୯୦ଓଆର୍୨୦୧୭ପିଟିସି୦୨୬୬୭୮ | ସୋଫିଷ୍ଟିକେଟେଡ୍ ମେଟାଲ୍ ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୨୧୮୮୪୯୯ | ୟୁ୭୦୧୦୨ଓଆର୍୨୦୧୨ପିଟିସି୦୧୪୮୬୯ | ପ୍ରାଇଡ୍‌ମାର୍କ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏସି୨୨୪୯୪୧୫ | ୟୁ୧୦୬୧୨ଓଡି୨୦୨୫ପିଟିସି୦୫୧୩୬୦ | ଶ୍ୟାମକାଞ୍ଚନ ଫୁଡ୍ ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏସି୨୩୦୪୫୯୬ | ୟୁ୧୩୧୦୦ଓଆର୍୨୦୧୪ପିଟିସି୦୧୮୧୩୫ | ଗ୍ରେୱାଲ ପାୱାର ଆଣ୍ଡ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।
ଇର୍କନ ତିର୍କୀ, ଉପ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0746/2526

**OFFICE OF THE MUNICIPAL COUNCIL, BALASORE**
BALASORE (ODISHA), PIN-756003
Tel. No. 06782-251267(O), Fax No.06782-251267
e-mail : balasoremunicipality@rediffmail.com
**Notification No.1238/Dt.26.02.2026**
**No.13001/466/2526** : The details can be downloaded from official website of Balasore District, http://balasore.odisha.gov.in.
Sd./- Executive Officer, Balasore Municipality
OIPR-13001/13154/1/25-26/0017

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**
PLOT NO- 493(P), PALASPALI, KHURDA, BHUBANESWAR-751020
**Tender Call NOTICE NO. 349/CDA/2026, DT. 23.02.2026**
**No.8001/118/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of Surface Velocity Radar. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.
Sd./- Addl. Chief Executive, Chilika Development Authority
OIPR-8001/8138/1/25-26/0012

**OFFICE OF THE MUNICIPAL COUNCIL, BARBIL**
No.13001/482/2526 **"e"-Procurement Notice**
**BID REFERENCE MUNICIPALITY (BBLM-7/2025-26)**
**TENDER CALL NOTICE NO.809/BBL MPLTY DATE.26.02.2026**

| | | |
|---|---|---|
| 1. | Name of the work | : Civil construction works as mentioned in website |
| 2. | No. of work | : 23 (Twenty three) |
| 3. | Bid value | : Rs.5,75,000/- to Rs.45,32,000/- |
| 4. | Period of completion | : 90 days |
| 5. | Period of availability of tenders online | : From 10.00 A.M. of 09.03.2026 to 5.00 P.M. of 19.03.2026 |
| 6. | Last Date & time of bidding online | : 5.00 P.M. of 19.03.2026 |
| 7. | Date & time of opening of Technical Bid | : 11.00 A.M. of dt.20.03.2026 |
| 8. | Name and address of the officer inviting bid | : EXECUTIVE OFFICER, BARBIL MUNICIPALITY |

Further details can be seen from the procurement portal : www.tendersorissa.gov.in
Sd./- Executive Officer, Barbil Municipality
OIPR-13001/13108/1/25-26/0014

**Office of District Manager**
**Odisha State Civil Supplies Corporation Ltd.**
**(OSCSC Ltd.), Sambalpur**
Phone :9438200058, District Website : http://sambalpur.odisha.gov.in
Tender No. : 900 Dt. : 24.02.2026
**No.7001/30/2526** : District Manager, Odisha State Civil Supplies Corporation Ltd., Sambalpur District invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Labour Works) for Handling of Foodgrains (Rice, Wheat etc.) at the RRCs in the district of the State of Odisha |
| 2 | Availability of bid document in the portal | From **26.02.2026** |
| 3 | Last Date / Time for receipt of bids in the portal | Dt.**12.03.2026** up to **6.00 P.M.** |
| 4 | Date/Time of Opening of Technical Bid | Dt.**13.03.2026** at **10.30 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., Sambalpur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager, OSCSC Ltd. Angul
OIPR-7001/7086/1/25-26/0002

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨ ବାଇକ୍ ମୁହାଁମୁହିଁ, ଶିଶୁ ସମେତ ୪ ମୃତ

**ଫୁଲବାଣୀ,୫।୩(ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୁଧବାର ହୋଲିରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଏକ ଶିଶୁ ସମେତ ୪ ଜଣଙ୍କ ଜୀବନ ଯାଇଛି। ଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଫିରିଙ୍ଗିଆ ବ୍ଲକ ପାଙ୍ଗା ପଞ୍ଚାୟତ ପଲିପିଡିଆ ଗ୍ରାମର ବାବୁଲା କହଁର(୩୮), ବାମନ କହଁର(୩୫), କାର୍ତ୍ତିକ କହଁର(୩) ଓ ସଲାଗୁଡା ପଞ୍ଚାୟତ ଟକେରିଗୁଡା ଗ୍ରାମର ଚିଲୁ ଦିଗାଲ(୩୦)। ଗୁରୁତର ଅବସ୍ଥାରେ ବନୀତା କହଁରଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ତାଙ୍କ ଆଖି ଆଗରେ ନିଜ କୁନିପୁଅର ମୃତ୍ୟୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ବାବୁଲା, ବାମନ ଓ ଶିଶୁପୁତ୍ରକୁ ଧରି ବନୀତା ଗୋଟିଏ ବାଇକ୍‌ରେ ଗୋଚ୍ଛାପଡା ଅଞ୍ଚଳରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଅପରାହ୍ଣ ପ୍ରାୟ ୩ଟାରେ ବନ୍ଧୁଲି ଛକ ନିକଟରେ ବାଲନ୍ଦାପଡା ଆଡକୁ ବାଇକ୍‌ରେ ଯାଉଥିବା ଚିଲୁଙ୍କ ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ଗାଡିର ସମସ୍ତ ଆରୋହୀ ରାସ୍ତାକୁ ଛିଟିକି ପଡିଥିଲେ। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାବୁଲା କହଁର ନାମକ ଜଣେ ଯୁବକ ନିଜ ବୋଲେରୋରେ ଗୋଚ୍ଛାପଡା ମେଡିକାଲ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ଶିଶୁପୁତ୍ର ସହ ୪ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ବହିଷ୍କାର ପ୍ରସ୍ତାବ: ଏମ୍‌ପି ଆସନରେ ବସିବେ ଓମ୍ ବିର୍ଲା

**ନୂଆଦିଲ୍ଲୀ,୫।୩(ପି.ଟି.)**

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିପକ୍ଷ ଏମ୍‌ପିମାନେ ପକ୍ଷପାତ ଅଭିଯୋଗ ଆଣି ତାଙ୍କ ବହିଷ୍କାର ଦାବିରେ ନୋଟିସ ଦେଇଥିବାରୁ ଆସନ୍ତା ସୋମବାର ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଏକ ବିରଳ ମୁହୂର୍ତ୍ତ ଦେଖିବାକୁ ମିଳିବ। ବାଚସ୍ପତି ବିର୍ଲା ଗୃହ ପରିଚାଳନା ନ କରି ଏମ୍‌ପିମାନଙ୍କ ଗହଣରେ ବସିବେ। ଆସନ୍ତା ୯ରେ ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରେ ବିର୍ଲାଙ୍କ ବହିଷ୍କାର ପ୍ରସ୍ତାବ ଉପରେ ଲୋକ ସଭାରେ ଆଲୋଚନା ହୋଇପାରେ। ନିୟମ ଅନୁଯାୟୀ ବିର୍ଲା ନିଜ ସପକ୍ଷରେ ଯୁକ୍ତି ରଖିବା ଏବଂ ପ୍ରସ୍ତାବ ବିରୋଧରେ ଭୋଟ ଦେବା ଅଧିକାର ପାଇବେ ବୋଲି ସମ୍ବିଧାନ ବିଶେଷଜ୍ଞ ପି.ଡି.ଟି. ଆଚାରୀ କହିଛନ୍ତି। ବିରୋଧୀ ଦଳ ବହିଷ୍କାର ନୋଟିସ୍ ଦାଖଲ କରିବା ଦିନ ବିର୍ଲା ଗୃହରେ ଅଧ୍ୟକ୍ଷତା କରିବା ବନ୍ଦ କରିଦେଇଥିଲେ।

# ବିଧାୟକଙ୍କ ଗାଡ଼ି ଧକ୍କାରେ ଶିକ୍ଷକଙ୍କ ଗୋଡ଼ ଭାଙ୍ଗିଲା


ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତ ଶିକ୍ଷକଙ୍କୁ ଚିକିତ୍ସା କରାଉଛନ୍ତି ବିଧାୟକ ଅଗସ୍ତି ବେହେରା।

**ଢେଙ୍କାନାଳ,୫।୩(ରତନ ନାୟାର)**

ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ମହିଷାପାଟ ଛକଠାରେ ଗୁରୁବାର ପୂର୍ବାହ୍ଣ ପ୍ରାୟ ସାଢେ ୧୧ଟା ସମୟରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଫର୍ଚୁନର ଗାଡ଼ି ଧକ୍କାରେ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ବାମ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ବିଧାୟକ ବେହେରା ନିଜ ଗାଡ଼ିରେ ଭୁବନେଶ୍ୱର ଯାଉଥିବା ବେଳେ ୫୫ନଂ ଜାତୀୟ ରାଜପଥର ମହିଷାପାଟ ଛକଠାରେ ଗାଡ଼ିଟି ଶିକ୍ଷକ ସାହୁଙ୍କୁ ଧକ୍କା ଦେଇଥିଲା। ସଦର ବ୍ଲକ ସପ୍ତଶଯ୍ୟା ଗ୍ରାମପଞ୍ଚାୟତ ପାତ୍ରଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସାହୁ ପରୀକ୍ଷା ପ୍ରଶ୍ନପତ୍ର ଆଣିବା ପାଇଁ ନିଜ ମୋଟର ସାଇକେଲ ଯୋଗେ ଢେଙ୍କାନାଳ ଆସୁଥିଲେ। ସେ ରାଜପଥ ଅତିକ୍ରମ କରୁଥିବା ବେଳେ ବିଧାୟକଙ୍କ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିଲା। ବିଧାୟକ ବେହେରା ଆହତ ଶିକ୍ଷକଙ୍କୁ ନିଜ ଗାଡ଼ିରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇ ସହରସ୍ଥିତ ଦକ୍ଷିଣକାଳୀ ଅଞ୍ଚଳରେ ଥିବା ତାଙ୍କ ବାସଭବନରେ ଛାଡିଥିଲେ।




# ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୧୫ ମାଓବାଦୀ


ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

**ମାଲକାନଗିରି,୫।୩(ଗୌରୀଶଙ୍କର ପଣ୍ଡା)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ମହାସମୁନ୍ଦ ଜିଲାରେ ଓଡ଼ିଶା ରାଜ୍ୟ ମାଓବାଦୀ କମିଟିର ସଚିବ ବିକାଶଙ୍କ ସମେତ ୧୫ ଜଣ ମାଓବାଦୀ ଗୁରୁବାର ଅସ୍ତ୍ରଶସ୍ତ୍ର ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ବର୍ଷ ବର୍ଷ ଧରି ସଙ୍ଗଠନରେ ରହି ଅନେକ ବଡ଼ ବଡ଼ ହିଂସାକାଣ୍ଡରେ ସାମିଲଥିଲେ। ବର୍ତ୍ତମାନ ମାଓବାଦୀ ସଙ୍ଗଠନ ନିଜର ଅସ୍ତିତ୍ୱ ହରାଇ ପଥଭ୍ରଷ୍ଟ ହୋଇଥିବାବେଳେ ଏମାନେ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତ ଆତ୍ମସମର୍ପଣକାରୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ମାଓବାଦୀମାନେ ୩ଟି ଏକେ-୪୭ ବନ୍ଧୁକ, ଏସ୍‌ଏଲ୍‌ଆର, ଇନ୍‌ସାସ୍, ୩୦୩ ବନ୍ଧୁକ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଅସ୍ତ୍ରଶସ୍ତ୍ରଗୁଡିକ ବାବଦକୁ ସମସ୍ତ ଆତ୍ମସମର୍ପଣକାରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ରାଶି ପ୍ରଦାନ କରାଯିବ ବୋଲି ମହାସମୁନ୍ଦ ଜିଲା ପୋଲିସ ପକ୍ଷରୁ କୁହାଯାଇଛି।

# ଆସାମରେ ସୁଖୋଇ-୩୦ ଯୁଦ୍ଧବିମାନ ନିଖୋଜ

**ଗୁଆହାଟୀ,୫।୩(ପି.ଟି.)**

ଭାରତୀୟ ବାୟୁସେନାର ଲଢୁଆ ବିମାନ ସୁଖୋଇ-୩୦ ଗୁରୁବାର ସନ୍ଧ୍ୟାରେ ଆସାମର କାର୍ବି ଆଙ୍ଗଲଙ୍ଗ ଜିଲା ଉପର ଦେଇ ଉଡୁଥିବାବେଳେ ରାଡାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଉକ୍ତ ଯୁଦ୍ଧବିମାନର ସମୟସୀମା ଶେଷ ହୋଇଯାଇଥିଲା ବୋଲି କୁହାଯାଉଛି। ଆସାମର ଜୋରହାଟ ଏୟାରବେସ୍‌ରୁ ଏହା ଉଡ଼ାଣ ଆରମ୍ଭ କରିଥିବାବେଳେ ରାତି ୭ଟା ୪୨ ମିନିଟରେ ଶେଷ ଯୋଗାଯୋଗ ହୋଇଥିଲା ବୋଲି ପ୍ରତିରକ୍ଷା ପିଆର୍‌ଓ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ମହେନ୍ଦ୍ର ରାୱତ୍ କହିଛନ୍ତି। ଯୁଦ୍ଧବିମାନର ଅବସ୍ଥିତି ଜାଣିବା ପାଇଁ ତଲାସି ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ପାଇଲଟ୍‌ଙ୍କ ସମ୍ପର୍କରେ ଖୋଜଖବର ମିଳିନାହିଁ। ଅନ୍ୟପକ୍ଷରେ ବିମାନଟି ଜଙ୍ଗଲ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ ବୋଲି ବୋକାଜାନ୍ ସବ୍‌ଡିଭିଜନ ଅନ୍ତର୍ଗତ ଚୋକିହୋଲା ଅଞ୍ଚଳର କେତେଜଣ କହିଛନ୍ତି। ତାହାର ଯାଞ୍ଚ ପାଇଁ ଏକ ଟିମ୍ ପଠାଇବାକୁ ପ୍ରଶାସନ ପ୍ରସ୍ତୁତି ଚଳାଇଛି।

# ଆମେରିକା ବଜାରକୁ ୧,୦୦୦ କେ.ଜି. ସୁନା ବିକିବ ଭେନେଜୁଏଲା

**ୱାଶିଂଟନ,୫।୩**

ଭେନେଜୁଏଲା ମାଲିକାନାରେ ଥିବା ଖଣି କମ୍ପାନୀ ମିନରଭେନ୍ ଆମେରିକୀୟ ବଜାର ପାଇଁ ୬୫୦ରୁ ୧,୦୦୦ କେ.ଜି. ସୁନା ବିକ୍ରି କରିବ। ଏନେଇ ସୋମବାର ମିନରଭେନ୍ ଏବଂ ପଣ୍ୟ ବ୍ୟବସାୟୀ ଟ୍ରାଫିଗୁରା ମଧ୍ୟରେ ବହୁ କୋଟି ଡଲାର ମୂଲ୍ୟର ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୧ କିଲୋଗ୍ରାମ ଖାଣ୍ଟି ସୁନା ଦାମ୍ ୧,୬୬,୦୦୦ ଡଲାର ହୋଇଥିବାବେଳେ ଏଥିରେ ପରିବର୍ତ୍ତନ ବଜାର ଉପରେ ନିର୍ଭର କରିଥାଏ। ବିଶ୍ୱରେ ଆର୍ଥିକ ଅନିଶ୍ଚିତତା ଲାଗି ରହିଥିବାରୁ ସୁନା ଦର ବଢ଼ିଚାଲିଛି।

**ଓଟିଇଟି ପ୍ରଶ୍ନପତ୍ର ଜାଲିଆତି**

# ନୀହାର ମହାନ୍ତିଙ୍କ ସମେତ ୮ ଜଣଙ୍କୁ ଜାମିନ

**କଟକ,୫।୩(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଜାଲିଆତି ମାମଲାରେ ଗିରଫ ୮ ଅଭିଯୁକ୍ତଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଗୌରୀଶଙ୍କର ଶତପଥୀ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ ବେଳେ ଅଭିଯୁକ୍ତମାନେ ତଦନ୍ତକାରୀ ସଂସ୍ଥାକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ଏବଂ କୋର୍ଟଙ୍କ ବିନା ଅନୁମତିରେ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ ଆଦି ସର୍ତ୍ତ ରଖିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୋର୍ଡର ପୂର୍ବତନ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଜିତନ ମହାରଣା, ରାମଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ ଓ ସନାତନ ବିଷୋୟୀ। ହାଇକୋର୍ଟ ଅଭିଯୁକ୍ତମାନଙ୍କ ପକ୍ଷରୁ ଆଗତ ପୃଥକ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ଶୁକ୍ରବାର ସୁଦ୍ଧା ଲିଖିତ ଯୁକ୍ତି ଦାଖଲ କରିବାକୁ ପୂର୍ବ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତ୍ୟେକ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ପୃଥକ ଭାବେ ଲିଖିତ ତଥ୍ୟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଥିଲା।

ସୂଚନାଯୋଗ୍ୟ ଯେ, ବୋର୍ଡ ପକ୍ଷରୁ ହେବାକୁ ଥିବା ସ୍ପେଶାଲ ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଭାଇରାଲ କରିବା ଘଟଣା ସଂକ୍ରାନ୍ତରେ ୨୦୨୫ ଜୁଲାଇ ୨୦ରେ ସାରା ଓଡ଼ିଶାରେ ହଇଚଇ ସୃଷ୍ଟି ହୋଇଥିଲା। ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବା ପୂର୍ବରୁ ପ୍ରଶ୍ନପତ୍ରର ହାତଲେଖା କପି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବୋର୍ଡ ପକ୍ଷରୁ ଘଟଣାର ତଦନ୍ତ କରିବା ପାଇଁ କ୍ରାଇମବ୍ରାଞ୍ଚରେ ଏତଲା ଦାଏର ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ବୋର୍ଡର ତତ୍କାଳୀନ ଉପସଭାପତି ନିହାର ରଞ୍ଜନ ମହାନ୍ତି ନିଜ ଲାପଟପ୍‌ରେ ଥିବା ପ୍ରଶ୍ନପତ୍ରର ପାସୱାର୍ଡ ଦେଇ ଜଣେ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କୁ ପ୍ରଶ୍ନପତ୍ର ଚୋରି କରିବାରେ ସାହାଯ୍ୟ କରିଥିବା ଜଣାପଡ଼ିଥିଲା। ଜିତନ ମହାରଣା ପ୍ରଶ୍ନପତ୍ରକୁ ପାଖାପାଖି ଅଢ଼େଇ ଲକ୍ଷ ଟଙ୍କା ବିନିମୟରେ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ କରି କ୍ରମାନ୍ୱୟରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ପଠାଇଥିଲା। ଏଭଳି ଘଟଣା ପରେ ସ୍ପେଶାଲ ଓଟିଇଟି ଦେବାକୁ ଥିବା ପ୍ରାୟ ୭୫,୦୦୦ରୁ ଅଧିକ ପରୀକ୍ଷାର୍ଥୀ ପ୍ରଭାବିତ ହୋଇଥିଲେ।

# ୩ ଜଙ୍ଗଲରେ ନିଆଁ



**ଭଞ୍ଜନଗର,୫।୩(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡର ୩ ଟି ଜଙ୍ଗଲରେ ଗୁରୁବାର ନିଆଁ ଲାଗିଛି। ସେଗୁଡିକ ହେଲା ଭଞ୍ଜନଗର ସହର ଗାନ୍ଧୀ କୈଳାସ ପାହାଡ, କୁଲାଡ ଉପର ବାଗଦେବୀ ପାହାଡ ଏବଂ ଘୋଗଡ ଜଙ୍ଗଲ। ସେଥିମଧ୍ୟରୁ ଘୋଗଡ଼ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇଥିବା ବେଳେ ସନ୍ଧ୍ୟାରେ ଗାନ୍ଧୀ କୈଳାସ ପାହାଡ଼ ନିଆଁକୁ ଭଞ୍ଜନଗର ଦମକଳବାହିନୀ ନିୟନ୍ତ୍ରଣ କରିଛି। କୁଲାଡ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ବିଭାଗୀୟ କର୍ମଚାରୀ ଉଦ୍ୟମ ଚଳାଇଛନ୍ତି। ଏହି ଜଙ୍ଗଲ ନିଆଁ ଚିନ୍ତା ବଢ଼ାଇଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି ଜଙ୍ଗଲ ନିଆଁ ଉପରେ ସମୀକ୍ଷା କରୁଛନ୍ତି। ନିଆଁ ଯେଭଳି ଅଧିକ ଅଞ୍ଚଳରେ ନ ଲାଗିବ ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

# ବରଯାତ୍ରୀ ଗାଡ଼ି-ହାଇୱା ମୁହାଁମୁହିଁ, ୧୨ ଗୁରୁତର

**ହରଭଙ୍ଗା,୫।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବଜାରରେ ଥିବା ଟିଭିଏସ୍ ଶୋରୁମ୍ ନିକଟରେ ଗୁରୁବାର ଏକ ବରଯାତ୍ରୀ ଗାଡି ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୧୨ଜଣ ବରଯାତ୍ରୀ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ଅଛନ୍ତି। ସୋନପୁର ଜିଲା ବୀରମହାରାଜପୁର ଦୁମୁରିରୁ ପୁରୁଣାକଟକ ନିକଟ ସାଲକଟା ଗ୍ରାମକୁ ଏକ ବୋଲେରୋରେ ବରଯାତ୍ରୀ ଦଳ ଆସି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

**Classified Everyday**
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

30500sqft.Commercial Plot, Pipili Konark main road side Gharabari Boundary wall. ROR Ok. Mob- 9439583949. D-3543

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

Ekatali residential BRAHMIN land near bypass rd., Jharsuguda new town SALE 1.38acre govt. rate 96000/decimal, opp. govt. Sarasmal primary school. Contact owner Mishra 9810740005, NO BROKER. D-3546

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495




All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**
I, Mr. Srimay Kumar Panda, S/o.- Shyam Narayan Panda, R/o.- Bagurai, P.O.- Madhabnagar, Bhadrak-756181 lost my two documents (Sale Deed). 1st Deed No.- 10131600592, Dtd.- 06th June 2016, Khata No.- 595/269, Plot No.- 1107 and 2nd Deed No.- 195, Dtd.- 09 Feb. 2000, Khata No.- 272, Plot No.- 1106 of Mouza Dakhin Ada, Tahasil- Simulia, Dist.- Balasore. D-3545

**AFFIDAVIT**
I, Sri Siba Burudi declared that as per affidavit No. 1765 Dtd.- 02.03.2026 before the Notary Public, Koraput, my son's old name Kiran Burudi has been changed to Kabiraj Burudi. Henceforth, he will be known as Kabiraj Burudi son of Siba Burudi, At- Bailiguda, P.O.- Golur, Block- Nandapur, Dist.- Koraput for all purposes. D-3547

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By affidavit before the Executive Magistrate, Dhenkanal, We, Binaya Kumar Panigrahi and Rojalini Panigrahi declare that Laxmipriya Panigrahi, earlier recorded as daughter of her adopted parents is our biological daughter. Henceforth, her parents' names shall be Binaya Kumar Panigrahi and Rojalini Panigrahi in all records and documents. D-3548

By virtue of an affidavit sworn before Notary Public, Angul, 31.10.2025, I, Laxmipriya Tripathy, W/o.- Dilip Kumar Tripathy, Resident of Village Nuasahi, P.O.- Kangula, P.S.- Angul Sadar, Dist.- Angul, Odisha, PIN- 759132 declare that I have changed my name from Anju Pani to Laxmipriya Tripathy. Henceforth, I shall be known as Laxmipriya Tripathy for all purposes. D-3549

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**ଦ୍ୱାଦଶାହ ଉପଲକ୍ଷେ**

**ସ୍ୱର୍ଗତ ରାଜ କିଶୋର ମିଶ୍ର**
ଅରୁଣଦୟ ନଗର, କଟକ
ଆବିର୍ଭାବ : ୧୮।୦୩।୧୯୪୪
ତିରୋଧାନ : ୨୧।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶ୍ରଦ୍ଧାସୁମନ ସହ:-
ପୁତ୍ର- ଲକ୍ଷ୍ମୀ ନାରାୟଣ, ପୁତ୍ରବଧୂ- ମମତା, କନ୍ୟା- ଦେବଯାନୀ, ଶିବାନୀ, ଜ୍ୱାଇଁ- ସୁରେଶଚନ୍ଦ୍ର, ଜ୍ୟୋତି ରଞ୍ଜନ, ନାତିନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୫୦

**୨୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

**✓ ଦୁର୍ଯ୍ୟୋଧନ ବେହେରା**
ଭୂତପୂର୍ବ ଶାଖା ପରିଚାଳକ, ଏସ୍‌ବିଆଇ, ବଇଣ୍ଡା ଶାଖା
ଲକ୍ଷ୍ମୀ ବଜାର, ଢେଙ୍କାନାଳ
ଆବିର୍ଭାବ: ୧୬।୦୪।୧୯୪୫, ତିରୋଧାନ: ୦୬।୦୩।୨୦୦୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ-ଇଲା, ପରିବାର ଓ ଆତ୍ମୀୟସ୍ୱଜନ
ଧ-୩୫୫୧





ମୁମ୍ବାଇସ୍ଥିତ ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଟି୨୦ କ୍ରିକେଟ ବିଶ୍ୱକପ୍‌ର ଏକ ସେମିଫାଇନାଲ ମ୍ୟାଚରେ ଇଂଲଣ୍ଡର ଟପ୍ ସ୍କୋରର ଜାକବ ବେଥେଲଙ୍କ ରନ ଆଉଟ ପରେ ଖୁସି ମୁହୂର୍ତ୍ତରେ ଭାରତର ଯଶପ୍ରୀତ ବୁମ୍‌ରା ଓ ଅନ୍ୟ ଖେଳାଳିମାନେ। ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି ବଲିଉଡ ଅଭିନେତା ଅନିଲ କପୁର, ବରୁଣ ଧାୱନ (ବାମ) ଏବଂ ରିଲାଏନ୍ସ ଫାଉଣ୍ଡେଶନ ଚେୟାରପର୍ସନ ନୀତା ଅମ୍ବାନୀ (ଡାହାଣ)।

## ସର୍ବାଧିକ ଥର ୨୫୦ରୁ ଉର୍ଦ୍ଧ୍ୱ

ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ଭାରତ ୭ ଉଇକେଟ ହରାଇ ୨୫୩ ରନ କରିଥିଲା। ଏହାକୁ ମିଶାଇ ଭାରତ ଟି୨୦ କ୍ରିକେଟରେ ରେକର୍ଡ ଷଷ୍ଠ ଥର ପାଇଁ ୨୫୦ରୁ ଉର୍ଦ୍ଧ୍ୱ ସ୍କୋର ଥିଲା। ଏହି ତାଲିକାରେ ୫ ଥର ୨୫୦ରୁ ଉର୍ଦ୍ଧ୍ୱ ସ୍କୋର ସହ ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ୱେଷ୍ଟଇଣ୍ଡିଜ, ଜିମ୍ବାୱେ ଓ ସରେ ଦଳ ୩ ଥର ଲେଖାଏ ୨୫୦ରୁ ଅଧିକ ସ୍କୋର କରିଛନ୍ତି।

## କୋହଲିଙ୍କ ସମକକ୍ଷ ସାମସନ

ସଞ୍ଜୁ ସାମସନ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ୪୨ ବଲରେ ୮୯ ରନ କରିଥିଲେ। ଟି୨୦ ବିଶ୍ୱକପ୍ ନକ୍‌ଆଉଟ୍ ମ୍ୟାଚ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାରେ ସେ ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। କୋହଲି ୨୦୧୬ ଟି୨୦ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସେମିଫାଇନାଲରେ ଅପରାଜିତ ୮୯ ରନ କରିଥିଲେ। ତେବେ ଟି୨୦ ବିଶ୍ୱକପ୍ ନକ୍‌ଆଉଟ୍ ଇତିହାସରେ ସର୍ବାଧିକ ବ୍ୟକ୍ତିଗତ ରନ କରିବାର ରେକର୍ଡ ଫିନ ଆଲେନଙ୍କ ନାମରେ ରହିଛି। ସେ ଦକ୍ଷିଣ ଅଫ୍ରିକା ବିପକ୍ଷ ସେମିଫାଇନାଲରେ ଅପରାଜିତ ୧୦୦ ରନ କରିଥିଲେ। ଏହି ତାଲିକାରେ ସାମସନ ଚତୁର୍ଥ ସ୍ଥାନରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ସଞ୍ଜୁ ତାଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଇଶାନ କିଶନଙ୍କ ସହ ଦ୍ୱିତୀୟ ଉଇକେଟରେ ୭.୩ ଓଭରରେ ୯୭ ରନ କରିଥିଲେ। ଏହା ଟି୨୦ ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟ ଇତିହାସରେ ଭାରତ ପାଇଁ ଏକ ରେକର୍ଡ। ଏଥିପୂର୍ବରୁ ଏହି ରେକର୍ଡ ପୂର୍ବରୁ ଯୁବରାଜ ସିଂ ଓ ରବିନ ଉଥପ୍ପାଙ୍କ ନାମରେ ଥିଲା।

# ବୁମରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଉତ୍ସର୍ଗ କଲେ ସାମସନ

**ମୁମ୍ବାଇ, ୫।୩**

ମ୍ୟାଚ୍‌ରେ ଠିକଣା ସମୟରେ ଘାତକ ବୋଲିଂ କରି ପ୍ରତିପକ୍ଷ ବ୍ୟାଟରଙ୍କୁ ବଡ଼ ଶଟ୍ ଖେଳିବାରୁ ରୋକିଥିବା ଯଶପ୍ରୀତ ବୁମରାଙ୍କ ଲାଗି ସଞ୍ଜୁ ସାମସନ ତାଙ୍କ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଉତ୍ସର୍ଗ କରିଛନ୍ତି।

'ବୁମରା ସମସ୍ତ ଶ୍ରେୟର ଅଧିକାରୀ। ମୋ ମତରେ ସେ ଜଣେ ବିଶ୍ୱ ସ୍ତରୀୟ ବୋଲର ଓ ଏକ ପିଢ଼ିରେ ଥରେ ସୃଷ୍ଟି ହେଉଥିବା ଜଣେ ଅସଲ ଖେଳାଳି। ସେ ମ୍ୟାଚ୍‌ରେ ଯେଉଁଭଳି ବୋଲିଂ କରିଥିଲେ, ସେଥିଲାଗି ସେ ଏହି ପୁରସ୍କାରର ହକ୍‌ଦାର। ଯଦି ଡେଥ୍ ଓଭରରେ ସେ ଉଚିତ ଲାଇନରେ ବୋଲିଂ କରି ନ ଥାନ୍ତେ, ମୁଁ ଏଠାରେ ନ ଥାନ୍ତି। ଏଣୁ ସମସ୍ତ ଶ୍ରେୟ ବୋଲରଙ୍କୁ ଦିଆଯିବା ଦରକାର' ବୋଲି ସାମସନ କହିଛନ୍ତି। ଏହାବାଦ ସେ ତାଙ୍କ ବ୍ୟାଟିଂ ସମ୍ପର୍କରେ କହିଛନ୍ତି, ଅବିଶ୍ୱସନୀୟ ଅନୁଭବ ହେଉଛି। ଆମେ ଏଠାରେ ଜିତିବାକୁ ଚାହୁଁଥିଲୁ। ଗତ ମ୍ୟାଚ୍‌ରେ ମୁଁ ମୋ ଫର୍ମ ଫେରିପାଇଥିଲି। ନିଜ ଫର୍ମର ଅଧିକରୁ ଅଧିକ ଫାଇଦା ଉଠାଇବାକୁ ଚାହୁଁଥିଲି। ଏଥିଯୋଗୁ ନିଜକୁ ଅତିରିକ୍ତ ସମୟ ଦେଇଥିଲି। ମୁଁ କାଲକ୍ୟୁଲେଟ ଇନିଂସ ଗଢ଼ିଥିଲି। ଇନିଂସ ଆରମ୍ଭରୁ ମୋତେ ଭାଗ୍ୟ ସାଥ ଦେଇଥିଲା। ଆମକୁ ଜଣାଥିଲା ଯେ, ଏଠାରେ କୌଣସି ସ୍କୋର ସୁରକ୍ଷିତ ନୁହେଁ। ଏଣୁ ଆମେ ଯଥା ସମ୍ଭବ ଅଧିକରୁ ଅଧିକ ସ୍କୋର କରିବାକୁ ଚାହୁଁଥିଲୁ। ଏପରିକି ଏଠାରେ ୨୫୦ ଟାର୍ଗେଟ ମଧ୍ୟ ହାସଲ କରି ହେବ। ଇଂଲଣ୍ଡ ଖୁବ ଭଲ ଖେଳିଲା।

## ମ୍ୟାଚ୍‌ରେ ସର୍ବାଧିକ ମୋଟ ସ୍କୋର

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ଅନେକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଏହି ମ୍ୟାଚ୍‌ରେ ଭାରତ ୨୫୩/୭ ସ୍କୋର କରିଥିବା ବେଳେ ଇଂଲଣ୍ଡ ୨୪୬/୭ ସ୍କୋର କରିଥିଲା। ଫଳରେ ଏହି ମ୍ୟାଚ୍‌ରେ ମୋଟ ଉପରେ ୪୯୯ ରନ ହୋଇଥିଲା, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ। କିନ୍ତୁ ପୁରୁଷ ଟି୨୦ ଅନ୍ତର୍ଜାତୀୟରେ ଏହା ଦ୍ୱିତୀୟ ସର୍ବାଧିକ। ୨୦୨୩ରେ ସେଞ୍ଚୁରିଅନଠାରେ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ୫୧୭ ରନ ହୋଇଥିଲା, ଯାହାକି ସର୍ବାଧିକ।

ଏହି ମ୍ୟାଚ୍‌ରେ ଉଭୟ ଦଳର ବ୍ୟାଟରମାନେ ମୋଟ ୩୪ ଛକା ମାରିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ। ଭାରତୀୟ ବ୍ୟାଟରମାନେ ୧୯ ଓ ଇଂଲଣ୍ଡ ବ୍ୟାଟରମାନେ ୧୫ ଛକା ମାରିଥିଲେ। ମ୍ୟାଚ୍‌ରେ ମୋଟ ଉପରେ ୭୩ଟି (୩୯ ଚୌକା ଓ ୩୪ ଛକା) ବାଉଣ୍ଡ୍ରୀ ହୋଇଥିଲା, ଯାହାକି ଟି୨୦ ବିଶ୍ୱକପ୍‌ର ଯେକୌଣସି ମ୍ୟାଚ୍ ତୁଳନାରେ ଅଧିକ।



ପ୍ରଭାବୀ ବୋଲିଂ କରିଥିବା ଯଶପ୍ରୀତ୍ ବୁମ୍‌ରା।

## କ୍ରମାଗତ ଫାଇନାଲ ଖେଳିବାରେ ଭାରତ ତୃତୀୟ

ଇଂଲଣ୍ଡକୁ ୭ ରନରେ ହରାଇ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଫାଇନାଲରେ ପ୍ରବେଶ କରିଛି। ଭାରତ ତୃତୀୟ ଦଳ ଭାବେ ଏଭଳି ସଫଳତା ପାଇଛି। ପୂର୍ବରୁ ପାକିସ୍ତାନ ୨୦୦୭ ଓ ୨୦୦୯ରେ ଏବଂ ଶ୍ରୀଲଙ୍କା ୨୦୧୨ ଓ ୨୦୧୪ରେ ଲଗାତର ଦୁଇ ଥର ଫାଇନାଲ ଖେଳିଥିଲା।

## ଗୋଟିଏ ଇନିଂସରେ ସର୍ବାଧିକ ଛକା

ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଭାରତୀୟ ବ୍ୟାଟରମାନେ ୧୯ ଛକା ମାରିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଯୁଗ୍ମ ସର୍ବାଧିକ। ୨୦୧୪ ଟି୨୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ନେଦରଲାଣ୍ଡ ଓ ଚଳିତ ବିଶ୍ୱକପ୍‌ରେ ଜିମ୍ବାୱେ ବିପକ୍ଷରେ ୱେଷ୍ଟଇଣ୍ଡିଜ ସମାନ ୧୯ଟି ଲେଖାଏ ଛକା ମାରିଥିଲେ।

## ଭାରତ-ଇଂଲଣ୍ଡ ସେମିଫାଇନାଲ ସ୍କୋର ବୋର୍ଡ

**ଭାରତ ଇନିଂସ**

ସଞ୍ଜୁ ସାମ୍‌ସନ-କ-ଫିଲ୍ ସଲ୍ଟ-ବୋ-ୱିଲ ଜ୍ୟାକ୍ସ-୮୯
ଅଭିଷେକ ଶର୍ମା-କ-ଫିଲ୍ ସଲ୍ଟ-ବୋ- ୱିଲ୍ ଜ୍ୟାକ୍ସ-୯
ଇଶାନ କିଶନ-କ- ୱିଲ୍ ଜ୍ୟାକ୍ସ-ବୋ-ଆଦିଲ ରଶିଦ-୩୯
ଶିବମ ଦୁବେ-ରନ ଆଉଟ-୨୩
ସୂର୍ଯ୍ୟକୁମାର ଯାଦବ-ଷ୍ଟମ୍ପ-ବଟଲର-ବୋ-ଆଦିଲ ରଶିଦ-୧୧
ହାର୍ଦ୍ଦିକ ପାଣ୍ଡ୍ୟା-ରନଆଉଟ-୨୭
ତିଳକ ବର୍ମା-ବୋ-ଜୋଫ୍ରା ଆର୍ଚର-୨୧
ଅକ୍ଷର ପଟେଲ-ନଟ ଆଉଟ-୨
ବରୁଣ ଚକ୍ରବର୍ତ୍ତୀ-ନଟ ଆଉଟ-୦
**ଅତିରିକ୍ତ:**-୧୨
**ମୋଟ :** (୨୦ ଓଭର/୭ଉଇକେଟ) ୨୫୩।
**ଉଇକେଟ ପତନ:** ୧/୨୦, ୨/୧୧୭, ୩/୧୬୦, ୪/୧୯୦, ୫/୨୧୨, ୬/୨୩୬, ୭/୨୫୧।
**ବୋଲିଂ (ଇଂଲଣ୍ଡ)**
ଜୋଫ୍ରା ଆର୍ଚର ୪-୦-୬୧-୧
ୱିଲ୍ ଜ୍ୟାକ୍ସ ୪-୦-୪୦-୨
ଜେମି ଓଭରଟନ ୩-୦-୩୬-୦
ସାମ କୁରାନ ୪-୦-୫୩-୦
ଆଦିଲ ରଶିଦ ୪-୦-୪୧-୨
ଲିଆମ ଡସନ ୧-୦-୧୯-୦।

**ଇଂଲଣ୍ଡ ଇନିଂସ**

ଫିଲିପ୍ ସଲ୍ଟ-କ-ଅକ୍ଷର ପଟେଲ-ବୋ-ହାର୍ଦ୍ଦିକ-୫
ଜୋସ ବଟଲର-ବୋ-ବରୁଣ ଚକ୍ରବର୍ତ୍ତୀ-୨୫
ହ୍ୟାରୀ ବ୍ରୁକ୍-କ-ଅକ୍ଷର-ବୋ-ବୁମ୍‌ରା-୭
ଜାକବ ବେଥେଲ-ରନ ଆଉଟ-୧୦୫
ଟମ୍ ବାଣ୍ଟନ-ବୋ-ଅକ୍ଷର-୧୭
ୱିଲ୍ ଜ୍ୟାକ୍ସ-କ-ଦୁବେ-ବୋ-ଅର୍ଶଦୀପ-୩୫
ସାମ୍ କୁରାନ-କ-ତିଲକ ବର୍ମା-ବୋ-ପାଣ୍ଡ୍ୟା-୧୮
ଜେମି ଓଭରଟନ-ନଟ ଆଉଟ-୨
ଜୋଫ୍ରା ଆର୍ଚର-ନଟଆଉଟ-୧୯
ଅତିରିକ୍ତ:୧୩
ମୋଟ : (୨୦ ଓଭର/୭ଉଇକେଟ) ୨୪୬।
ଉଇକେଟ ପତନ: ୧/୧୩, ୨/୩୮, ୩/୬୪, ୪/୯୫, ୫/୧୭୨, ୬/୨୨୨, ୭/୨୨୫।
**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୪-୦-୫୧-୧
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୩୮-୨
ଯଶପ୍ରୀତ ବୁମ୍‌ରା ୪-୦-୩୩-୧
ବରୁଣ ଚକ୍ରବର୍ତ୍ତୀ ୪-୦-୬୪-୧
ଅକ୍ଷର ପଟେଲ ୩-୦-୩୫-୧
ଶିବମ ଦୁବେ ୧-୦-୨୨-୦।



ଜାକବ ବେଥେଲ

## ଆଲେନଙ୍କ ରେକର୍ଡ ଭାଙ୍ଗିଲେ ବେଥେଲ

ଭାରତ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ବ୍ୟାଟର ଜାକବ ବେଥେଲ ୪୮ବଲରେ ୧୦୫ ରନର ଇନିଂସ ଖେଳିଥିଲେ। ଏହା ଟି୨୦ ବିଶ୍ୱକପ୍ ନକ୍‌ଆଉଟ୍ ମ୍ୟାଚ୍ ଇତିହାସରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏଥିପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର ଫିନ ଆଲେନଙ୍କ ନାମରେ ଥିଲା। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ସେମିଫାଇନାଲରେ ଅପରାଜିତ ୧୦୦ ରନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବେଥେଲ ଚଳିତ ଟୁର୍ନାମେଣ୍ଟରେ ସପ୍ତମ ବ୍ୟାଟର ଭାବେ ଶତକ ପୂରଣ କରିଛନ୍ତି, ଯାହାକି ଯେକୌଣସି ସଂସ୍କରଣ ଅପେକ୍ଷା ସର୍ବାଧିକ।

## ନକଆଉଟ୍‌ରେ ଭାରତର ସବୁଠୁ ବଡ଼ ସ୍କୋର

ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୩ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ନକ୍‌ଆଉଟ୍ ମ୍ୟାଚ୍ ଇତିହାସରେ ସବୁଠୁ ବଡ଼ ସ୍କୋର। ଏହି ରେକର୍ଡ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ନାମରେ ଥିଲା। ୨୦୧୨ ସଂସ୍କରଣରେ ଅଷ୍ଟ୍ରେଲିଆ ବିପକ୍ଷ ସେମିରେ ୱେଷ୍ଟଇଣ୍ଡିଜ୍ ୨୦୫/୪ ସ୍କୋର କରିଥିଲା। ତେବେ ଟି୨୦ ବିଶ୍ୱକପ୍ ଇତିହାସରେ ଏହା ଚତୁର୍ଥ ସର୍ବାଧିକ ଦଳଗତ ସ୍କୋର। ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସ୍କୋର କରିବାର ରେକର୍ଡ ଶ୍ରୀଲଙ୍କା ନାମରେ ରହିଛି।

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଆଲେନ

**କୋଲକାତା, ୫।୩**

ବଳରେ ନ୍ୟୁଜିଲାଣ୍ଡ ଏଠାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଏକତରଫା ଭାବେ ୯ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୧୭୦ ରନର ଟାର୍ଗେଟକୁ ନ୍ୟୁଜିଲାଣ୍ଡ ମାତ୍ର ୧୨.୫ ଓଭରରେ ୧ ଉଇକେଟରେ ହାସଲ କରି ନେଇଥିଲା। ଟି୨୦ ବିଶ୍ୱକପ୍ ଇତିହାସରେ ଏହା ନ୍ୟୁଜିଲାଣ୍ଡ ପାଇଁ ଦ. ଆଫ୍ରିକା ବିପକ୍ଷରେ ପ୍ରଥମ ବିଜୟ। ଏହି ମ୍ୟାଚ୍ ଜରିଆରେ ଆଲେନ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ କ୍ୱିଣ୍ଟନ ଡି କକ୍ (୧୦) ଓ ରିୟାନ ରିକଲଟନ (୦)ଙ୍କ ଉଇକେଟ ହରାଇଥିଲା। ଦୁହିଁଙ୍କୁ କୋଲ ମ୍ୟାକୋଞ୍ଚି ଲଗାତର ବଲରେ ଆଉଟ୍ କରିଥିଲେ। ଡେୱାଲ୍ଡ ବ୍ରେଭିସଙ୍କ ସହ ଅଧିନାୟକ ଏଡେନ ମାରକ୍ରମ ମିଶି ଦଳୀୟ ସ୍କୋରକୁ ୫୦ ଅତିକ୍ରମ କରାଇବା ପରେ ଦଳ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ହରାଇଥିଲା। ମାରକ୍ରମ (୧୮), ବ୍ରେଭିସ (୩୪ ରନ, ୩ ଚୌକା ଓ ୨ ଛକା) ଓ ଡେଭିଡ୍ ମିଲର (୬) ପାଭିଲିଅନ ଫେରିଥିଲେ। ଦଳ ମାତ୍ର ୧୦.୨ ଓଭରରେ ୭୭ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଟ୍ରିଷ୍ଟାନ ଷ୍ଟବ୍ସ (୨୯ ରନ, ୨ ଚୌକା ଓ ୧ ଛକା) ଓ ମାର୍କୋ ଜାନସେନ ଷଷ୍ଠ ଉଇକେଟରେ ୭୩ ରନ ଯୋଡ଼ିଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫିନ୍ ଆଲେନ।

ଷ୍ଟବ୍ସ ଆଉଟ୍ ହେବା ପରେ ଜାନସେନ ଏକାକୀ ଦଳୀୟ ସ୍କୋରକୁ ୧୬୯/୮ରେ ପହଞ୍ଚାଇଥିଲେ। ଜାନସେନ ୩୦ ବଲରେ ୫୫ (୨ ଚୌକା ଓ ୫ ଛକା) ରନ କରି ଅପରାଜିତ ଥିଲେ। ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନରୀ, ମ୍ୟାକୋଞ୍ଚି ଓ ରାଚିନ ରବୀନ୍ଦ୍ର ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟିମ ସିଫର୍ଟ ଓ ଆଲେନ ନ୍ୟୁଜିଲାଣ୍ଡକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଦକ୍ଷିଣ ଆଫ୍ରିକାର କୌଣସି ବୋଲରଙ୍କୁ ଛାଡ଼ି ନ ଥିଲେ। ପାୱରପ୍ଲେରେ ୮୪ ରନ କରି ନେଇଥିଲେ। ଉଭୟ ବ୍ୟାଟର ୯.୧ ଓଭରରେ ପ୍ରଥମ ଉଇକେଟରେ ୧୧୭ ରନର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରିଥିଲେ। ସିଫର୍ଟ ୩୩ ବଲରେ ୭ ଚୌକା ଓ ୨ ଛକା ବଳରେ ୫୮ ରନ କରିବା ପରେ କାଗିସୋ ରାବାଡାଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଏହାପରେ ରାଚିନ (୧୩ ରନ, ୨ ଚୌକା)ଙ୍କ ସହ ମିଶି ଆଲେନ ଦଳକୁ ଜିତାଇଥିଲେ। ଆଲେନ ୩୩ ବଲରେ ୧୦ ଚୌକା ଓ ୮ ଛକା ବଳରେ ୧୦୦ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୯/୮(ମାର୍କୋ ଜାନସେନ-୫୫*, ଡେୱାଲ୍ଡ ବ୍ରେଭିସ-୩୪, ଟ୍ରିଷ୍ଟାନ ଷ୍ଟବ୍ସ-୨୯; କୋଲ ମ୍ୟାକୋଞ୍ଚି-୨/୯, ରାଚିନ ରବୀନ୍ଦ୍ର-୨/୨୯)। ନ୍ୟୁଜିଲାଣ୍ଡ: ୧୨.୫ ଓଭରରେ ୧୭୩/୧(ଫିନ ଆଲେନ-୧୦୦*, ଟିମ ସିଫର୍ଟ-୫୮; କାଗିସୋ ରାବାଡା-୨୮/୧)।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ